# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୦/୨୦୨୩ (୨୦ ପୃଷ୍ଠା) | Bhubaneswar, Friday, March 10/2023 | Page 20 | ₹ 7.00

୪୯ଶ ଭାଗ ୧୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 104 | ମୂଲ୍ୟ ₹୭/-




ପୁରୀ ବଡ଼ଦାଣ୍ଡର ମରିଚିକୋଟ ଛକ ନିକଟସ୍ଥ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ବୁଧବାର ଲାଗିଥିବା ନିଆଁକୁ ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ଲିଭାଉଛନ୍ତି।

# ଜଳିଗଲା ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ

## ଛାରଖାର ୪୩ ଦୋକାନ, ହୋଟେଲ, ବ୍ୟାଙ୍କ

**ପୁରୀ ଅଫିସ, ୯।୩**

ଶ୍ରୀମନ୍ଦିରଠାରୁ ମାତ୍ର ୨୦୦ ମିଟର ଦୂର ବଡ଼ଦାଣ୍ଡର ମରୀଚିକୋଟ ଛକ ନିକଟରେ ଥିବା ତିନି ମହଲା ବିଶିଷ୍ଟ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ଫଳରେ ପ୍ରାୟ ୨୫ ବର୍ଷର ଏହି ପୁରୁଣା ମାର୍କେଟ କମ୍ପ୍ଲେକ୍ସରେ ଥିବା ଏକ ବ୍ୟାଙ୍କ ଶାଖା ସହ ୪୩ଟି ବ୍ୟବସାୟ ପ୍ରତିଷ୍ଠାନର କୋଟି କୋଟି ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ତେବେ ଏଥିରେ କୌଣସି ଜୀବନ ହାନି ହୋଇନାହିଁ। ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ପରିସରସ୍ଥ ଏକ ଲଜ୍ ଓ ହୋଟେଲରେ ରହୁଥିବା ୧୪୦ ଜଣ ପର୍ଯ୍ୟଟକଙ୍କ ସମେତ ସମସ୍ତ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଗୁରୁବାର ରାତି ୧୦ଟା ସୁଦ୍ଧା ଅଗ୍ନିକାଣ୍ଡକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇପାରିନାହିଁ। ୧୨ଟି ଦମକଳ, ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ନବଗଠିତ ଷ୍ଟ୍ରାଇକିଂ ଫୋର୍ସ ସମେତ ମହାରାଷ୍ଟ୍ରର ନ୍ୟାଶନାଲ ଫାୟାର ସର୍ଭିସ୍ କଲେଜର ଟିମ୍‌କୁ ନିଆଁଲିଭା କାର୍ଯ୍ୟରେ ନିୟୋଜିତ କରାଯାଇଛି। ଉଦ୍ଧାର କାର୍ଯ୍ୟବେଳେ ୧୫ରୁ ଊର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ ଅଣନିଃଶ୍ୱାସୀ ହୋଇ ଅସୁସ୍ଥ ହୋଇପଡ଼ିଥିବାବେଳେ ଜଣଙ୍କ ବାମହାତ ସାମାନ୍ୟ ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ବିଦ୍ୟୁତ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସେହିପରି ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | କୃତ୍ରିମ ବୁଦ୍ଧିମତ୍ତା ଦୌଡ଼

# ଭାରତ ସହ ପାକ୍, ଚାଇନାର ସଶସ୍ତ୍ର ସଂଘର୍ଷ ହୋଇପାରେ

## ଆମେରିକୀୟ ଗୋଇନ୍ଦା ଅଧିକାରୀଙ୍କ ଆଶଙ୍କା

**ୱାଶିଂଟନ, ୯।୩**

ଭାରତ-ପାକିସ୍ତାନ ଓ ଭାରତ-ଚାଇନା ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଆଗକୁ ଏହା ସଶସ୍ତ୍ର ସଂଘର୍ଷର ରୂପ ନେଇପାରେ। ଏପରି କି ପାକିସ୍ତାନ କୌଣସି ଉତ୍ତେଜନାମୂଳକ ପଦକ୍ଷେପ ନେଲେ ଭାରତ ଏହାର ମୁହଁତୋଡ଼ ଜବାବ ଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ପୂର୍ବାପେକ୍ଷା ଅଧିକ ପ୍ରଭାବଶାଳୀ ହେବ ବୋଲି ବୁଧବାର ଆମେରିକୀୟ ଗୋଇନ୍ଦା ଅଧିକାରୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଆମେରିକାର ଇଣ୍ଟେଲିଜେନ୍ସ କମ୍ୟୁନିଟି ପକ୍ଷରୁ କରାଯାଇଥିବା ବାର୍ଷିକ ବିପଦ ସମୀକ୍ଷା ସମ୍ପର୍କିତ ଉକ୍ତ ରିପୋର୍ଟକୁ ୟୁଏସ୍ କଂଗ୍ରେସରେ ଶୁଣାଣି ବେଳେ ଅଫିସ୍ ଅଫ୍ ଡାଇରେକ୍ଟର ଅଫ୍ ନ୍ୟାଶନାଲ ଇଣ୍ଟେଲିଜେନସରେ ଦାଖଲ କରାଯାଇଛି। ରିପୋର୍ଟ ଅନୁସାରେ ଭାରତ ଓ ଚାଇନା ସୀମା ବିବାଦର ସମାଧାନ ପାଇଁ ଦ୍ୱିପାକ୍ଷିକ ଆଲୋଚନାରେ ବ୍ୟସ୍ତ ଥିବାବେଳେ ପୂର୍ବ ଲଦାଖରେ ୨୦୨୦ ମେ'ର ରକ୍ତାକ୍ତ ସଂଘର୍ଷ ପରିପ୍ରେକ୍ଷୀରେ ସମ୍ପର୍କ ଉତ୍ତେଜନାପୂର୍ଣ୍ଣ ରହିପାରେ। ☞ ପୃଷ୍ଠା-୨

# ଆଜିଠୁ ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷା

**କଟକ ଅଫିସ, ୯।୩**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ) ଦ୍ୱାରା ପରିଚାଳିତ ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବ। ଏହି ପରୀକ୍ଷା ମାର୍ଚ୍ଚ ୨୦ ତାରିଖରେ ସରିବ। ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ଏହି ସମୟ ମଧ୍ୟରେ କରାଯିବ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ମୋଟ ୫ଲକ୍ଷ ୪୧ହଜାର ୨୪୭ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବାବେଳେ ୩,୨୧୮ଟି କେନ୍ଦ୍ରରେ ଏହି ପରୀକ୍ଷା କରାଯିବ। ସେହିପରି ୩୧୬ଟି ନୋଡାଲ ସେଣ୍ଟର କରାଯାଇଛି। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ୨୨ଟି ଥାନାରେ ନୋଡାଲ ସେଣ୍ଟର କରାଯାଇଛି। ସେଥିମଧ୍ୟରେ କନ୍ଧମାଳରେ ୭, କୋରାପୁଟରେ ୫, ମାଲକାନଗିରିରେ ୧୦ଟି ଥାନା ରହିଥିବା ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ☞ ପୃଷ୍ଠା-୨

# ପରଲୋକରେ ସତୀଶ କୌଶିକ



**ନୂଆଦିଲ୍ଲୀ/ମୁମ୍ବାଇ ୯।୩**

ବର୍ଷିଆନ୍ ଅଭିନେତା ତଥା ନିର୍ଦ୍ଦେଶକ ସତୀଶ କୌଶିକଙ୍କ ଜୀବନ୍ତ ଅଭିନୟ ଦର୍ଶକେ ଆଉ ବଡ଼ ପରଦାରେ ଦେଖିପାରିବେ ନାହିଁ। ତାଙ୍କ ବ୍ୟଙ୍ଗାତ୍ମକ ଶୈଳୀକୁ ଏଣିକି ଖୁବ୍ ଝୁରିବେ ସିନେପ୍ରେମୀ। ହିନ୍ଦୀ ଚଳଚ୍ଚିତ୍ର ଜଗତର ଏହି ଖ୍ୟାତନାମା କଳାକାରଙ୍କ ଗୁରୁବାର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କୁ ୬୬ ବର୍ଷ ହୋଇଥିଲା। ସତୀଶଙ୍କ ବିୟୋଗରେ ବଲିଉଡ୍‌ରେ ଶୋକର ଛାୟା ଖେଳିଯାଇଛି। ☞ ପୃଷ୍ଠା-୨
















# ସମୁଦ୍ରରୁ ଗୁପ୍ତଚର ପାରା ଉଦ୍ଧାର

- ଗୋଡ଼ରେ ବନ୍ଧା ହୋଇଛି କ୍ୟାମେରା, ଚିପ୍
- ପରୀକ୍ଷା ପାଇଁ ଏସ୍ଏଫ୍ଏସ୍ଏଲ୍ ନେଲା ପୋଲିସ
- ବିଦେଶୀ ଗୋଇନ୍ଦା ବିଭାଗ ପକ୍ଷରୁ ଛଡା ଯାଇଥିବା ସନ୍ଦେହ

**ଜଗତ୍‌ସିଂହପୁର ଅଫିସ, ୯।୩**

କୋଣାର୍କ ବେଳାଭୂମି ସିଧା ସମୁଦ୍ରରୁ ସନ୍ଦେହଜନକଭାବେ ଏକ ଧଳା ପାରା ଉଦ୍ଧାର ହୋଇଛି। ଏହି ପାରାର ବାମଗୋଡ଼ରେ ଏକ କ୍ୟାମେରା ଭଳି ଲେନ୍ସ ଓ ଡାହାଣ ପଟ ଗୋଡ଼ରେ ଏକ ଚିପ୍ ଭଳି ଜିପିଏସ୍‌ଥିବା ଦେଖିବାକୁ ମିଳିଛି। ପାରାଦୀପ ଭିଏଏସ୍( ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ)ଙ୍କ ଦ୍ୱାରା ଉଦ୍ଧାର ପାରାର ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ଗୁରୁବାର ତାକୁ ଭୁବନେଶ୍ୱରସ୍ଥିତ ଏସ୍ଏଫ୍ଏସ୍ଏଲ୍ (ଷ୍ଟେଟ ଫୋରେନ୍ସିକ ସାଇନ୍ସ ଲାବୋରେଟୋରି)କୁ ନିଆଯାଇଛି। ସେଠାରେ ପାରାର ୨ ଗୋଡ଼ରୁ ସନ୍ଦିଗ୍ଧ ଯନ୍ତ୍ରାଂଶ ପରୀକ୍ଷା ପାଇଁ କଢ଼ାଯାଇଛି।

ପାରାଟି କେଉଁଠୁ, କିଏ ଏବଂ କେଉଁ ପରିପ୍ରେକ୍ଷୀରେ ଛାଡ଼ିଛି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହା କୌଣସି ଦେଶର ଗୋଇନ୍ଦା ବିଭାଗ ଦ୍ୱାରା ପ୍ରେରିତ ପାରା ବୋଲି ସନ୍ଦେହ କରାଯାଉଛି। ବିଶେଷ କରି ପାକିସ୍ତାନ ଓ ଚାଇନା ସହ ଭାରତର ସମ୍ପର୍କ ଭଲ ନ ଥିବାରୁ ସେଠାରୁ କିମ୍ବା ଆତଙ୍କବାଦୀ ଅବା ଆଉ କାହାଦ୍ୱାରା ଏହି ଗୁପ୍ତଚର ପାରା ପଠାଯାଇଛି ସେନେଇ ତଦନ୍ତ ଆରମ୍ଭ ହୋଇଛି। ଭାରତର ସମୁଦ୍ର ଓ ଏହାର ତଟବର୍ତ୍ତୀ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ ପାଇଁ ପାରାଟିକୁ ପ୍ରେରଣ କରାଯାଇଥିବା ଚର୍ଚ୍ଚା ହେଉଛି। ପାରାଦୀପ ମାଛଧରା ବନ୍ଦର ଅଞ୍ଚଳରେ ଏହା ପ୍ରଥମ ଘଟଣା ହୋଇଥିବାରୁ ଏନେଇ ଜୋରଦାର ତନାଘନା ଚାଲିଛି। ଉଦ୍ଧାର କ୍ୟାମେରା ଓ ଚିପ୍ ଯାଞ୍ଚ ପାଇଁ ସାଇବର ବିଶେଷଜ୍ଞଙ୍କ ସହାୟତା ନିଆଯାଇଛି। ଏଥିସହ ପାରାଟିର ସ୍ୱାସ୍ଥ୍ୟ ସମେତ ଅନ୍ୟାନ୍ୟ ପରୀକ୍ଷା ନିମନ୍ତେ ଆନିମଲ ଓ ବାର୍ଡ ବିଶେଷଜ୍ଞଙ୍କ ସହାୟତା ନିଆଯାଇଥିବା ପାରାଦୀପ ଅତିରିକ୍ତ ଏସ୍‌ପି (ଏଏସ୍‌ପି) ନିମାଇଁ ଚରଣ ସେଠୀ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଗତ ୪ ତାରିଖରେ ପାରାଦୀପ ମାଛଧରା ବନ୍ଦରରୁ ସାରଥି ନାମଧାରୀ ଏକ ମାଛଧରା ବୋଟ ମାଛ ଧରିବାକୁ ସମୁଦ୍ର ଭିତରକୁ ଯାଇଥିଲା। ଏହି ବୋଟର ମାଷ୍ଟର ଥିଲେ ଶଙ୍କର ବେହେରା। ତାଙ୍କ ସମେତ ଅନ୍ୟ ୮ ଜଣ କୋଣାର୍କ ବେଳାଭୂମି ସିଧା ବେ ଅଫ ବେଙ୍ଗଲର ହାରାହାରି ୧୦ ରୁ ୧୫ କିଲୋମିଟର ଭିତରେ ମାଛ ଧରୁଥିଲେ। ଗତ ୬ ତାରିଖ ଅପରାହ୍ନ ପ୍ରାୟ ୪ଟାବେଳେ ଏକ ଧଳା ପାରା ଉଡି ଆସି ବୋଟ ଉପରେ ବସିଥିଲା। ସେତେବେଳେ ବୋଟ୍‌ଟି ପାରାଦୀପରୁ ୪୦ ନଟିକାଲ ମାଇଲ୍ସ ଅର୍ଥାତ୍ ୭୨ କିଲୋମିଟର ଦୂରରେ ଥିଲା। ପାରାଟି ହାଲିଆ ହୋଇଯାଇଥିବାରୁ ଉଡ଼ିପାରି ନ ଥିଲା। ପ୍ରଥମେ ମାଛ ଧରାଳିମାନେ ପାରାଟିର ଗୋଡରେ କିଛି ବନ୍ଧା ହୋଇଥିବା ଦେଖି ଡରିଯାଇଥିଲେ। ପରବର୍ତ୍ତୀ ସମୟରେ ତାକୁ ଧରିବାକୁ ଚେଷ୍ଟା କରି ସଫଳ ହୋଇଥିଲେ। ପାରାର ଦୁଇ ଗୋଡ଼ରେ ଜିପିଏସ୍ ଓ କ୍ୟାମେରା ଭଳି ଜିନିଷ ଦେଖି ସେମାନଙ୍କ ସନ୍ଦେହ ଘନୀଭୂତ ହୋଇଥିଲା। ଏନେଇ ସେମାନେ ପାରାକୁ ନେଇ ପାରାଦୀପ ମାଛଧରା ବନ୍ଦରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଗତ ୮ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ସେମାନେ ପାରାଦୀପ ମାଛଧରା ବନ୍ଦରରେ ପହଞ୍ଚି ମେରାଇନ ଥାନା ଆଇଆଇସିଙ୍କୁ ସୂଚନା ଦେଇଥିଲେ। ତା'ପରେ ପୋଲିସ ତୁରନ୍ତ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରି ସାଇବର ଏକ୍ସପର୍ଟଙ୍କ ସହାୟତା ନେବାକୁ ନିଷ୍ପତ୍ତି ନେଇଥିଲା। ଏସମ୍ପର୍କରେ ପାରାଦୀପ ମେରାଇନ୍ ଥାନା ଆଇଆଇସି ଲିଜାରାଣୀ ବିଶ୍ୱାଳ କହିଛନ୍ତି, ପାରାକୁ ପ୍ରଥମେ କଟକ ବକ୍ସିବଜାରସ୍ଥିତ ଓଡିଶା ପୋଲିସର ଡଗ୍ ଆଣ୍ଡ ପ୍ରିଜନ ସ୍କ୍ୱାର୍ଡକୁ ନିଆଯାଇଥିଲା। ସେଠାରୁ ବିଭାଗୀୟ ଅଧିକାରୀଙ୍କ ସହ ପାରାଟିକୁ ଧରି ଭୁବନେଶ୍ୱରସ୍ଥିତ ଏସ୍ଏଫଏସ୍ଏଲ୍ ନିଆଯାଇଥିଲା। ସନ୍ଦିଗ୍ଧ ଯନ୍ତ୍ରାଂଶ କଢ଼ାଗଲା ପରେ କିଛି ଜାଣିବା ସମ୍ଭବ ହୋଇ ନ ଥିଲା। ଏନେଇ ଉକ୍ତ ଯନ୍ତ୍ରଂଶ ସହ ପାରାକୁ ନନ୍ଦନକାନନର ପକ୍ଷୀ ବିଶେଷଜ୍ଞଙ୍କ ନିକଟକୁ ନିଆଯାଇଥିଲା। ସେଠାରେ ବିଶେଷଜ୍ଞମାନେ ଉକ୍ତ ଯନ୍ତ୍ରାଂଶକୁ ଜିପିଏସ୍ ଓ କ୍ୟାମେରା ବୋଲି କହିଥିଲେ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ଦେଇ ନ ଥିଲେ। ଅଧିକ ସୂଚନା ନିମନ୍ତେ ଦିଲ୍ଲୀ କିମ୍ବା ହାଇଦ୍ରାବାଦସ୍ଥିତ ସେଣ୍ଟ୍ରାଲ ଫୋରେନ୍ସିକ ଲାବୋରେଟୋରିକୁ ପଠାଯିବା ପାଇଁ ଯୋଜନା ଚାଲିଛି। ଏସ୍‌ପିଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଆଇଆଇସି ବିଶ୍ୱାଳ କହିଛନ୍ତି।


ସମଦ୍ରରୁ ଉଦ୍ଧାର ହୋଇଥିବା ପାରା।

## ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ରକୁ ଟାର୍ଗେଟ | ଗରିବଙ୍କ ଚାଉଳରୁ ୫ କେ.ଜି. କାଟିଛନ୍ତି: ନବୀନ

**ଭୁବନେଶ୍ୱର, ୯।୩(ବ୍ୟୁରୋ)**

ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ୫ କେ.ଜି. ଚାଉଳ ବନ୍ଦ କରିବା ଏବଂ ଏଲ୍‌ପିଜି ଦରବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ସିଧାସଳଖ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ବିଜେଡି ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟଠାରେ ବିଶ୍ୱ ମହିଳା ଦିବସ ଉପଲକ୍ଷେ ବୁଧବାର ଅନୁଷ୍ଠିତ ସମାବେଶରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଛନ୍ତି, ସମସ୍ତଙ୍କୁ ଏବଂ ବିଜେଡିର ଲକ୍ଷ ଲକ୍ଷ ମହିଳାମାନଙ୍କୁ ଶୁଭେଚ୍ଛା ଜଣାଉଛି। ରାଜ୍ୟ ସରକାର ଲୋକଙ୍କୁ ଦେଇଥିବା କିଛି ବି ସୁବିଧା ଏ ପର୍ଯ୍ୟନ୍ତ ବନ୍ଦ କରିନାହାନ୍ତି। ହେଲେ ସମସ୍ତେ ଜାଣନ୍ତି କେନ୍ଦ୍ର ସରକାର ଗରିବ ଲୋକଙ୍କ ଚାଉଳରୁ ୫ କେ.ଜି. କାଟି ଦେଇଛନ୍ତି। ସେହିପରି ଏଲ୍‌ପିଜି ଦର ଏବେ ଆକାଶଛୁଆଁ ହେଲାଣି। ଚାଉଳ କାଟିବା ଓ ଏଲ୍‌ପିଜି ଦର ବୃଦ୍ଧି ଯୋଗୁ ମହିଳାମାନେ ସବୁଠାରୁ ଅଧିକ ହଇରାଣ ହେଉଛନ୍ତି। କେନ୍ଦ୍ରର ଏଭଳି ମହିଳା ବିରୋଧୀ ପଦକ୍ଷେପକୁ ସେ କଡ଼ା ନିନ୍ଦା କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ମହିଳା ସଶକ୍ତୀକରଣ ବିଜେଡିର ମୁଖ୍ୟ ଲକ୍ଷ୍ୟ। ସମସ୍ତଙ୍କ ପ୍ରିୟନେତା ବିଜୁବାବୁ କେବଳ ଓଡ଼ିଶା ନୁହେଁ, ସାରା ଭାରତରେ ମହିଳା ସଶକ୍ତୀକରଣ ପାଇଁ ନୂଆ ରାସ୍ତା ଦେଖାଇଛନ୍ତି। ମହିଳା ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶା ଏକ ଆଗୁଆ ରାଜ୍ୟ ହୋଇପାରିଛି। ପଞ୍ଚାୟତ ଓ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ମହିଳାଙ୍କ ସଂଖ୍ୟାକୁ ୩୩%ରୁ ୫୦%କୁ ବୃଦ୍ଧି କରାଯାଇଛି। ପାର୍ଲାମେଣ୍ଟ ଏବଂ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ଦେବା ଲାଗି ବିଜେଡି ପକ୍ଷରୁ ଲଢ଼େଇ ଜାରି ରହିବ। ରାଜ୍ୟ ସରକାରଙ୍କ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ସମସ୍ତଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ନିଷ୍ପତ୍ତି ନେବା କ୍ଷେତ୍ରରେ ମହିଳାଙ୍କ ଗୁରୁତ୍ୱ ବଢ଼ିଛି। ମିଶନ ଶକ୍ତି କାର୍ଯ୍ୟକ୍ରମକୁ ମହିଳାମାନେ ଏକ ସଫଳ କାର୍ଯ୍ୟକ୍ରମ ଭାବେ ଗଢ଼ିଛନ୍ତି। ଏସ୍‌ଏଚ୍‌ଜିରୁ ସେମାନେ ଏବେ ଉଦ୍ୟୋଗୀ ହେବାର ନୂଆ ଯାତ୍ରା ଆରମ୍ଭ କରିଛନ୍ତି। ମୁଁ ଚାହେଁ ରାଜ୍ୟର ମହିଳାମାନେ ସଶକ୍ତ ଏବଂ ସଫଳ ହୁଅନ୍ତୁ। ମହିଳାମାନଙ୍କ ଦକ୍ଷତା ନୂଆ ଓଡ଼ିଶାର ପରିଚୟ ହେଉ। ବିଜେଡି ସବୁବେଳେ ମହିଳାଙ୍କ ପାଇଁ କାମ କରୁଛି , ଆଗକୁ ମଧ୍ୟ କରି ଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ସେ ବନ୍ଦେ ଉତ୍କଳ ଜନନୀ କହି ତାଙ୍କ ଅଭିଭାଷଣ ଶେଷ କରିଥିଲେ।





NATIONAL HEALTH MISSION
DSPL-484

## ଏଚ୍୩ଏନ୍୨ ଇନ୍‌ଫ୍ଲୁଏନ୍‌ଜା

**ଏଚ୍୩ଏନ୍୨ ଇନ୍‌ଫ୍ଲୁଏନ୍‌ଜା କ'ଣ ?**
- ଅନ୍ୟାନ୍ୟ ଭୂତାଣୁ ଜନିତ 'ଫ୍ଲୁ' ଭଳି ଏକ 'ଫ୍ଲୁ' ରୋଗ
- ମୁଖ୍ୟତଃ କାଶ ଛିଙ୍କରେ ବାହାରୁଥିବା ସୁକ୍ଷ୍ମ ଜଳକଣିକା ଦ୍ୱାରା ବାୟୁ ମାଧ୍ୟମରେ ବ୍ୟାପେ
- ରୋଗୀର ଲାଳ, ସିଙ୍ଘାଣି, ଛେପ ଖଙ୍କାର ଆଦି ସଂସ୍ପର୍ଶରେ ଆସିଲେ ମଧ୍ୟ ଏହା ସଂକ୍ରମିତ ହୁଏ

ଏଥିପାଇଁ ଅଯଥା ଭୟଭୀତ ହୁଅନ୍ତୁ ନାହିଁ କି ଗୁଜବ ଶୁଣନ୍ତୁ ନାହିଁ।

**ଏହାର ଲକ୍ଷଣ କ'ଣ ?**
- ଜ୍ୱର, କାଶ, ଅଣନିଶ୍ୱାସୀ ଲାଗିବା ଓ ପେଲି ହେବା ଏହାର ମୁଖ୍ୟ ଲକ୍ଷଣ
- କିଛି କ୍ଷେତ୍ରରେ ନିମୋନିଆ ହୋଇପାରେ
- କୋଭିଡ୍ ଯୋଗୁ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥିବା ବ୍ୟକ୍ତି ଏଥିରେ ସହଜରେ ଆକ୍ରାନ୍ତ ହେବା ସମ୍ଭାବନା ଅଛି

**କ'ଣ କରିବେ ?**
- ମାସ୍କ ବ୍ୟବହାର କରନ୍ତୁ (ଥଣ୍ଡା, କାଶରେ ପୀଡିତ ବ୍ୟକ୍ତିଙ୍କ ପାଇଁ ନିହାତି ଜରୁରୀ)
- କାଶିବା, ଛିଙ୍କିବା ସମୟରେ ମୁହଁରେ ରୁମାଲ / ଟିସୁ ପେପର ଦିଅନ୍ତୁ (ଯଦି ମାସ୍କ ନପିନ୍ଧିଥାନ୍ତି)
- ପ୍ରଚୁର ପାଣି ପିଅନ୍ତୁ
- ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ / ଡାକ୍ତରଙ୍କୁ ପରାମର୍ଶ କରନ୍ତୁ

**କ'ଣ କରିବେ ନାହିଁ ?**
- କର ମର୍ଦ୍ଦନ କରନ୍ତୁ ନାହିଁ
- ନାକ/ପାଟିରେ ଅପରିଷ୍କାର ହାତ ଲଗାନ୍ତୁ ନାହିଁ
- ନିଜ ମନକୁ ଔଷଧ କିଣି ଖାଆନ୍ତୁ ନାହିଁ
- ସର୍ବସାଧାରଣ ସ୍ଥାନରେ ଛେପ ପକାନ୍ତୁ ନାହିଁ
- ଲକ୍ଷଣ ଥିବା ବ୍ୟକ୍ତିଙ୍କ ସହ ଏକତ୍ର ବସି ଖାଆନ୍ତୁ ନାହିଁ

OIPR-10003/13/0165/2223
facebook.com/HFWOdisha
http://www.health.odisha.gov.in/
@HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

TORQUE
Since 1985
“ ଗାଆ ମିଆଁ ମହ୍ଲାର ବା ଭୀମପଲାସୀ TOREX କଫ୍ ସିରପ୍ ଅଛି ତ ବିଦାୟ କାଶ ”


TOREX®
COUGH SYRUP HAI TO ALVIDA KHANSI
Follow us on: /TorexSyrup /TorexSyrup /TorexSyrup
For more information, please call or WhatsApp us: +91 977 921 4455 / care@torquepharma.com

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୦/୨୦୨୩ Bhubaneswar, Friday, March 10/2023 | ପୃଷ୍ଠା-୧

# ପୁଣି ୬ ମାସ ବଢ଼ିପାରେ ଘରୋଇ ଡିଲରଙ୍କ କାର୍ଯ୍ୟକାଳ

ଭୁବନେଶ୍ୱର, ୯।୩(ବ୍ୟୁରୋ)

## ୧୨ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ସୂଚନା

ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରାୟ ୧୨ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ଜଣାପଡ଼ିଛି। ବିଧାନସଭା ଅଧିବେଶନ ଚାଲିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ କିଛି ସୂଚନା ଦିଆଯାଇନାହିଁ। ଶୁକ୍ରବାର ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ଆରମ୍ଭ ହେବ। ତେଣୁ ବିଧାନସଭା ଅଧିବେଶନରେ ସରକାର କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇବେ ବୋଲି ସୂଚନା ମିଳିଛି।

ଘରୋଇ ଡିଲରଙ୍କ କାର୍ଯ୍ୟକାଳ ପୁଣି ଥରେ ୬ ମାସ ବୃଦ୍ଧି କରାଯିବ। ଡିଲରଙ୍କ କାର୍ଯ୍ୟକାଳ ୨୦୨୩ ମାର୍ଚ୍ଚ ୩୧ରେ ଶେଷ ହେଉଥିବାବେଳେ ଏହି କାର୍ଯ୍ୟକାଳ ବଢ଼ିପାରେ। ଏହାଦ୍ୱାରା ରାଜ୍ୟରେ ପ୍ରାୟ ୭ ହଜାର ଘରୋଇ ଡିଲର ଉପକୃତ ହେବେ। ଏନେଇ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଥିବା ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି। ରାଜ୍ୟ ସରକାର ଶେଷଥର ଲାଗି ୨୦୨୨ ଅକ୍ଟୋବର ୧ରୁ ଘରୋଇ ଡିଲରଙ୍କ କାର୍ଯ୍ୟକାଳକୁ ୬ ମାସ ପାଇଁ ବୃଦ୍ଧି କରିଥିଲେ। ୨୦୧୬ ମାର୍ଚ୍ଚ ୧୬ରେ ରାଜ୍ୟ ସରକାର ଓଡ଼ିଶା ପିଡିଏସ୍ କଣ୍ଟ୍ରୋଲ ବିଜ୍ଞପ୍ତି ଜାରି କରି ୨ବର୍ଷ ମଧ୍ୟରେ ଘରୋଇ ଡିଲର ବ୍ୟବସ୍ଥାର ଉଚ୍ଛେଦ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ହେଲେ ଗତ ୭ବର୍ଷ ଧରି ସେମାନଙ୍କ କାର୍ଯ୍ୟକାଳକୁ ରାଜ୍ୟ ସରକାର ଲଗାତର ଭାବେ ବଢ଼ାଇ ଚାଲିଛନ୍ତି। ସେହିପରି କ୍ୟାବିନେଟ୍‌ରେ ଆପାର୍ଟମେଣ୍ଟ ଓନରଶିପ୍ ସଂଶୋଧନ ବିଲ୍‌କୁ ମଞ୍ଜୁରୀ ମିଳିଥିବା ସୂଚନା ମିଳିଛି। ଓଡ଼ିଶା ହାଇକୋର୍ଟ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ରେରା ଆକ୍ଟ -୨୦୧୬ର ପ୍ରାବଧାନ ଓ ଓଡ଼ିଶା ଆପାର୍ଟମେଣ୍ଟ ଓନରଶିପ୍ (ସଂଶୋଧନ) ରୁଲ୍‌ସ-୨୦୨୧ର ପ୍ରାବଧାନ ପରସ୍ପର ବିରୋଧୀ ହୋଇଥିବାରୁ ସେନେଇ ସରକାରଙ୍କଠାରୁ ଜବାବ ଲୋଡ଼ିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଏହି ଆପାର୍ଟମେଣ୍ଟ ଓନରଶିପ୍ ଆଇନରେ ସଂଶୋଧନ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲାରେ ଏକ ଗୋଶାଳା ନିର୍ମାଣ ପାଇଁ ରାଜ୍ୟ ସରକାର ମାଗଣା ଜମି ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ସମବାୟ ନିବନ୍ଧକ କ୍ୟାଡର ପୁନର୍ଗଠନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିବା ସୂଚନା ମିଳିଛି। ଏହା ବ୍ୟତୀତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କ୍ୟାଡର ରୁଲ୍‌ସ ସଂକ୍ରାନ୍ତ ପ୍ରସ୍ତାବକୁ ମଧ୍ୟ ଆଜିର ବୈଠକରେ ଅନୁମୋଦନ ମିଳିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ରାଜ୍ୟ କୃଷି ମନ୍ତ୍ରୀଙ୍କୁ ଭେଟିଲେ କିଷାନ ଯାତ୍ରା ସଦସ୍ୟ



କୃଷକଙ୍କ ବିଭିନ୍ନ ଦାବି ନେଇ ତାମିଲନାଡୁ ଅଲ୍ ଫାର୍ମର୍ସ ଅର୍ଗାନାଇଜେଶନ କୋଅର୍ଡ଼ିନେଶନ କମିଟି ପକ୍ଷରୁ ମାର୍ଚ୍ଚ ୨ରୁ କନ୍ୟାକୁମାରୀରୁ ବାହାରିଥିବା କିଷାନ ଯାତ୍ରା ଗୁରୁବାର ଓଡ଼ିଶାରେ ପହଞ୍ଚିବା ପରେ ଏହାର ସଦସ୍ୟମାନେ କୃଷକ ଭବନଠାରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭେଟୁଛନ୍ତି।

ଭୁବନେଶ୍ୱର, ୯।୩(ବ୍ୟୁରୋ)

କୃଷକଙ୍କ ବିଭିନ୍ନ ଦାବି ନେଇ ତାମିଲନାଡୁ ଅଲ୍ ଫାର୍ମର୍ସ ଅର୍ଗାନାଇଜେଶନ କୋଅର୍ଡ଼ିନେଶନ କମିଟି ପକ୍ଷରୁ ଜାରି ରହିଥିବା କିଷାନ ଯାତ୍ରା ଗୁରୁବାର ଓଡ଼ିଶାରେ ପହଞ୍ଚିଥିଲା। ଏହାର ସଦସ୍ୟମାନେ କୃଷକ ଭବନରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭେଟି କୃଷକଙ୍କ ୯ ଦଫା ଦାବି ନେଇ ଆଲୋଚନା କରିଥିଲେ। ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ମାନ୍ୟତା ପ୍ରଦାନ, ସମ୍ପୂର୍ଣ୍ଣ କୃଷି ଋଣ ଛାଡ଼, କୃଷକର ବିନା ଅନୁମତିରେ କୃଷି ଉତ୍ପାଦିତ ଜମିକୁ ହଡ଼ପ ନ କରିବା, କୃଷି ଜମି ଉପରେ ବିଦ୍ୟୁତ୍ ବିଲ୍ ଛାଡ଼, କୃଷି ଉତ୍ପାଦନ ଓ ବିକ୍ରୟ କ୍ଷେତ୍ରରେ ବୃହତ୍ ପୁଞ୍ଜିପତିଙ୍କ ପ୍ରବେଶ ନିଷେଧ କରିବା, ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ବିଧିବଦ୍ଧ ବ୍ୟବସ୍ଥା କରାଯାଉ, ଦିଲ୍ଲୀ କୃଷକ ଆନ୍ଦୋଳନରେ ଭାଗନେଇଥିବା କୃଷକଙ୍କ ବିରୋଧରେ ଥିବା ମକଦ୍ଦମାକୁ ଖାରଜ କରାଯାଉ, ସାର, ବିହନ କୀଟନାଶକ ଓ କୃଷି ଯନ୍ତ୍ରପାତିରେ ଥିବା ରିହାତି ପରିମାଣକୁ ପୂର୍ବ ନିର୍ଦ୍ଧାରିତ ମୂଲ୍ୟ ସ୍ଥିର କରାଯିବା ଆଦି ଦାବି ଉପରେ କମିଟିର ରାଜ୍ୟ ସଭାପତି ସଚିନ ମହାପାତ୍ର ଓ ଅନ୍ୟମାନେ କୃଷି ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଯାତ୍ରାର ମୁଖ୍ୟ ସଂଯୋଜକ ପିଆର୍ ପାଣ୍ଡିଆନଙ୍କ ସମେତ ବିଭିନ୍ନ ରାଜ୍ୟର କୃଷକ ନେତୃତ୍ୱଙ୍କୁ ନେଇ ମାର୍ଚ୍ଚ ୨ରୁ କନ୍ୟାକୁମାରୀରୁ ଆରମ୍ଭ ହୋଇଥିବା ଏହି ଯାତ୍ରା କେରଳ, ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼, ଓଡ଼ିଶା ଯାତ୍ରା କରି ଉପରୋକ୍ତ ଦାବି ନେଇ ସଂପୃକ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ କୃଷି ମନ୍ତ୍ରୀଙ୍କ ସମର୍ଥନ ଲୋଡ଼ିଛନ୍ତି। ପଶ୍ଚିମବଙ୍ଗ ଅଭିମୁଖେ ବାହାରିଥିବା ଏହି ଯାତ୍ରା ପରବର୍ତ୍ତୀ ପର୍ଯ୍ୟାୟରେ ବିହାର, ରାଜସ୍ଥାନ, ପଞ୍ଜାବ ଓ ଦିଲ୍ଲୀ ଯାତ୍ରା କରିବ ବୋଲି ସୂଚନା ଦିଆଯାଇଛି।

# ମଦୁଆଙ୍କ ଗାଡ଼ି ୟୁକ୍ରେନ୍‌କୁ ଦାନ କରୁଛି ଲାଟ୍‌ଭିଆ

ରିଗା,୯।୩

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ଗୋଟିଏ ବର୍ଷ ବିତିଯାଇଛି। ଯୁଦ୍ଧ ଯୋଗୁ ଉଭୟ ଦେଶର ବ୍ୟାପକ କ୍ଷତି ହୋଇଛି। ତେବେ ଏହି ଦୁଇ ଦେଶକୁ ସେମାନଙ୍କ ମିତ୍ରରାଷ୍ଟ୍ରଗୁଡ଼ିକ ଯଥାସମ୍ଭବ ସାହାଯ୍ୟ କରିବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ଲାଟ୍‌ଭିଆ ମଧ୍ୟ ୟୁକ୍ରେନ୍‌କୁ ସହଯୋଗର ହାତ ବଢ଼ାଇଛି। ମଦୁଆ ଡ୍ରାଇଭରଙ୍କଠାରୁ ଜବତ କାର୍‌ଗୁଡ଼ିକୁ ଲାଟ୍‌ଭିଆ ୟୁକ୍ରେନ୍‌କୁ ସହାୟତା ସ୍ୱରୂପ ଦେଉଥିବା ଜଣାପଡ଼ିଛି। ଲାଟ୍‌ଭିଆ ସରକାରଙ୍କ ପକ୍ଷରୁ ଏପ୍ରକାର ନିଷ୍ପତ୍ତି ନିଆଯିବା ପରେ ବୁଧବାର ୭ଟି ଜବତ କାର୍ ଟ୍ରେଲର୍ ଯୋଗେ ୟୁକ୍ରେନ୍‌କୁ ପଠାଯାଇଛି।



ଜବତ ଗାଡ଼ିକୁ ଟ୍ରେଲର୍‌ରେ ଲଦି ୟୁକ୍ରେନ୍ ପଠାଯାଉଛି।

ବ୍ଲଡ୍ ଆଲ୍‌କୋହଲ ସ୍ତର ୦.୧୫%ରୁ ଅଧିକ ରହୁଥିବା ଡ୍ରାଇଭରମାନଙ୍କ ଗାଡ଼ିକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜବତ କରାଯାଉଛି। ଗତ ୨ ମାସରେ ମୋଟ ୨୦୦ ଗାଡ଼ି ଜବତ କରାଯାଇଛି। ତେବେ ଲାଟ୍‌ଭିଆର ଏକ ଅଣସରକାରୀ ସଂଗଠନ (ଏନ୍‌ଜିଓ) ‘ଟୁଇଟର କନ୍‌ଭଏ’ ଦ୍ୱାରା ଜବତ କାରଗୁଡ଼ିକୁ ୟୁକ୍ରେନ୍‌କୁ ପଠାଯାଉଛି। ଏନ୍‌ଜିଓର ପ୍ରତିଷ୍ଠାତା ରେନିସ୍ ପୋଜନାକ୍ସ କହିଛନ୍ତି, ଦେଶରେ ବହୁ ସଂଖ୍ୟାରେ ଲୋକ ମଦ ପିଇ ଗାଡ଼ି ଚଳାଉଛନ୍ତି, ଯାହା ଅତ୍ୟନ୍ତ ଭୟଙ୍କର ପରିସ୍ଥିତି। ତେବେ ପ୍ରତି ସପ୍ତାହରେ ୟୁକ୍ରେନ୍ ପଠାଇବା ଲାଗି ୨୪ଟି ଏନ୍‌ଜିଓକୁ ହସ୍ତାନ୍ତର କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିବା ପୋଜନାକ୍ସ କହିଛନ୍ତି। ଜବତ ଗାଡ଼ିକୁ ସରକାରଙ୍କ ପକ୍ଷରୁ ନିଲାମ କରିବା ପ୍ରକ୍ରିୟା ବିଳମ୍ବ ହେଉଥିବାବେଳେ ତା’ଠାରୁ ଦ୍ରୁତବେଗରେ ସେମାନେ ଗାଡ଼ିଗୁଡ଼ିକୁ ସହାୟତା ସ୍ୱରୂପ ଦାନ କରାଯାଇପାରିବ। ଜବତ ଗାଡ଼ିର ନିଲାମ ନ ଡାକି ସେଗୁଡ଼ିକୁ ୟୁକ୍ରେନ୍ ପଠାଯିବା ନେଇ ଏନ୍‌ଜିଓ ପକ୍ଷରୁ ଅଣାଯାଇଥିବା ପ୍ରସ୍ତାବ ଖୁବ୍ ଉତ୍ସାହପ୍ରଦ ଥିବା ଲାଟଭିଆନ ଅର୍ଥମନ୍ତ୍ରୀ ଅରଭିଲ୍ସ ଅସେରାଡେନ୍ସ କହିଛନ୍ତି।



**ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ପାଇଁ କାଠ ପଠାଗଲା**

ଖଣ୍ଡପଡ଼ା,୯।୩(ସ୍ୱ.ପ୍ର): ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଭୁବନେଶ୍ୱରରେ ଚଳିତ ମାସ ୨୯ରେ ଅନୁଷ୍ଠିତ ହେବା ରୁକୁଣା ରଥ ନିର୍ମାଣ ନିମନ୍ତେ ଖଣ୍ଡପଡ଼ା ଅଞ୍ଚଳରୁ ୯ଟି ଆମ୍ବଗଛ ଗଣ୍ଡି ଭୁବନେଶ୍ୱର ପଠାଯାଇଛି। ଖଣ୍ଡପଡ଼ା ବନ ବିଭାଗ ପକ୍ଷରୁ କିଆଅଁର ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ ପରିସର ଏବଂ ଖଣ୍ଡପଡା ଏନଏସି ଅଞ୍ଚଳରୁ ଚିହ୍ନଟ ହୋଇଥିବା ଆମ୍ବଗଛଗୁଡିକ କଟାଯିବା ପରେ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଏକ ଟ୍ରକ୍ ଯୋଗେ କାଠଗଣ୍ଡିଗୁଡ଼ିକୁ ଭୁବନେଶ୍ୱରସ୍ଥିତ ପ୍ରଭୁ ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥଖଳାକୁ ପଠାଯାଇଥିଲା। ଲିଙ୍ଗରାଜ ମନ୍ଦିର ପ୍ରଶାସନର କର୍ମକର୍ତ୍ତା ହେମନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ଶେଷ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ସୁନ୍ଦରୀଲୋ ଚହଟ ଗୋରୀ**
**ଆଗେ ତୋତେ ହେଲି ବିଭା**
**ଏବେ ଯହୁଁ ଧନ ବୟସ ସରିଲା**
**ଦାଣ୍ଡେ ବସାଉଛୁ ସଭା।**

ଅନେକ କ୍ଷେତ୍ରରେ ଧନ ଏବଂ ଯୌବନ ସରି ଆସୁଥିବାବେଳେ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେଉଥିବାର ଦେଖିବାକୁ ମିଳିଥାଏ। ନାରୀର ସ୍ୱାର୍ଥପର ମନୋଭାବର ଚିତ୍ର ଉକ୍ତ ବୟସରେ ଏହିଭଳି ପ୍ରକଟିତ ହୋଇଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଅଦା ଘେନି ଖାଇବି ଓଉ ଫେଡା ଖାଇବି**
**ଏତେ ବଡ଼ ମହାକାର୍ତ୍ତିକ ଆଉ କାହୁଁ ପାଇବି?**

କାର୍ତ୍ତିକ ମାସ ହେଉଛି ପୁଣ୍ୟର ମାସ, ଧର୍ମର ମାସ। ଏହି ମାସରେ ବ୍ୟକ୍ତି ନିରାମିଷ ଖାଦ୍ୟ ଗ୍ରହଣ କରିଥାନ୍ତି। ଶୁଦ୍ଧପୂତ ଜୀବନ ଯାପନ କରିବା ସହ ଭଜନ କୀର୍ତ୍ତନ କରି ବହୁ ପୁଣ୍ୟ ଅର୍ଜନ କରିଥାନ୍ତି। କାର୍ତ୍ତିକ ମାସରେ ବିଧବାମାନେ ହବିଷ ପାଳନ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆୟତ୍ତରେ ନାହିଁ ଜଙ୍ଗଲ ନିଆଁ

■ ୫ ବର୍ଷରେ ଘଟିଲାଣି ୧,୫୩,୫୫୯ ବନାଗ୍ନି
■ ଧ୍ୱଂସ ହେଲାଣି ୬୧,୫୩୧ ହେକ୍ଟର ଜଙ୍ଗଲ

ଭୁବନେଶ୍ୱର,୯।୩(ବ୍ୟୁରୋ)

ରାଜ୍ୟରେ ଜଙ୍ଗଲ ନିଆଁ ଆୟତ୍ତରେ ନାହିଁ। କେବଳ ବର୍ଷା ହି ଭରସା। ଗତ ନଭେମ୍ବରରୁ ରାଜ୍ୟରେ ବର୍ଷା ହୋଇନାହିଁ। ଅନ୍ୟପଟେ ତାପମାତ୍ରା ମଧ୍ୟ ବଢ଼ିଚାଲିଛି। ଗତ କିଛି ସପ୍ତାହ ହେବ ରାଜ୍ୟର ଅଧିକାଂଶ ଜଙ୍ଗଲରେ ନିଆଁ ଲାଗିଛି। କୋରାପୁଟରୁ କନ୍ଧମାଳ, ଗଞ୍ଜାମରୁ ରାୟଗଡ଼ା ସବୁଠି ଜଙ୍ଗଲ ନିଆଁ ବ୍ୟାପୁଛି। ସମଗ୍ର ଦେଶର ୫୭୦ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ଓଡ଼ିଶାରେ କେବଳ ୧୪୨ ସ୍ଥାନରେ ନିଆଁ ଲାଗିଛି। ଓଡ଼ିଶାରେ ଲାଗିଥିବା ନିଆଁକୁ ଆୟତ୍ତ କରିବାରେ ରାଜ୍ୟ ବନ ବିଭାଗ ବିଫଳ ହୋଇଛି। କେବଳ ଚଳିତ ବର୍ଷ ନୁହେଁ, ରାଜ୍ୟରେ ଲଗାତର ନିଆଁ ଲାଗି ଅନେକ ଜଙ୍ଗଲ ସମ୍ପଦ ନଷ୍ଟ ହୋଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ୨୦୧୮ରୁ ଏ ପର୍ଯ୍ୟନ୍ତ ମୋଟ ୧,୫୩,୫୫୯ ବନାଗ୍ନି ବ୍ୟାପି ୬୧,୫୩୧ ହେକ୍ଟର ଜଙ୍ଗଲ ଧ୍ୱଂସ ହୋଇଛି। ୨୦୧୮ରେ ୩୧,୬୮୦ଟି ଜଙ୍ଗଲ ନିଆଁରେ ୯୭୩୦.୦୭ ହେକ୍ଟର ଜଙ୍ଗଲ ଜଳିପୋଡି ଯାଇଥିବା ବେଳେ ୨୦୧୯ରେ ୧୯୭୮୭ଟି ଜଙ୍ଗଲ ନିଆଁରେ ୭୧୭୪.୯୫ ହେକ୍ଟର, ୨୦୨୦ରେ ୧୧୦୮୮ଟି ନିଆଁରେ ୬୦୭୦.୨୫ ହେକ୍ଟର, ୧୦୨୧ରେ ୫୭୩୩୯ଟି ଜଙ୍ଗଲ ନିଆଁରେ ୨୮୬୫୩. ୧୭ ହେକ୍ଟର,୨୦୨୨ରେ ୨୯,୧୯୯ଟି ଜଙ୍ଗଲ ନିଆଁରେ ୮୪୫୦. ୩୯ ହେକ୍ଟର ଏବଂ ୨୦୨୩ ଫେବୃୟାରୀ ଶେଷ ବେଳକୁ ରାଜ୍ୟରେ ୧୪୪୫.୧୧ ହେକ୍ଟର ଜଙ୍ଗଲ ନିଆଁ ଯୋଗୁ ନଷ୍ଟ ହୋଇଛି। ତେବେ ଚଳିତ ବର୍ଷ ରାଜ୍ୟର ବିଭିନ୍ନ ବନଖଣ୍ଡରେ ଲାଗିଥିବା ଜଙ୍ଗଲ ନିଆଁର ୯୩ ପ୍ରତିଶତ ଆୟତ୍ତ କରାଯାଇଛି। ବର୍ଷା ହେଲେ ହିଁ ଜଙ୍ଗଲ ନିଆଁକୁ ଆୟତ୍ତ କରାଯାଇ ପାରିବ ବୋଲି ଜଙ୍ଗଲ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ୨୦ରେ କୃଷକ ଆନ୍ଦୋଳନ




ଭୁବନେଶ୍ୱର,୯।୩(ବ୍ୟୁରୋ)

ମିଲରଙ୍କ ଅଘୋଷିତ କଟ୍‌ନି ଛଟନିର ପ୍ରତିବାଦ ସହ ପେନ୍‌ସନ ବାବଦରେ ଚାଷୀଙ୍କୁ ୫ହଜାର ଟଙ୍କା ପ୍ରଦାନ ଓ ଅନ୍ୟାନ୍ୟ ଦାବି ନେଇ କୃଷକମାନେ ଆସନ୍ତା ୨୦ ତାରିଖରେ ବିଧାନସଭା ଘେରାଉ କରିବେ। ଏ ସମ୍ପର୍କରେ ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଓ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଗୁରୁବାର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ରାଜ୍ୟ ସରକାରଙ୍କ ବଜେଟରେ ଚାଷୀଙ୍କ ପାଇଁ କିଛି ନାହିଁ। ଧାନ ଉପରେ ବୋନସ୍ କିମ୍ବା ଚାଷୀଙ୍କ ପାଇଁ ପେନସନ୍ ନାହିଁ। ଅନ୍ୟପଟେ ଟାଟା ପାୱାର ବିଦ୍ୟୁତ୍ ଦର ବୃଦ୍ଧି କରି ଲୋକଙ୍କ ଉପରେ ଅତ୍ୟାଚାର ବଢ଼ୁଛି। ଏହାର ପ୍ରତିବାଦରେ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବ। ସରକାରଙ୍କ ଏତେ ବଡ଼ ପ୍ରଶାସନ ଓ ବିଶ୍ୱସ୍ତରୀୟ ଯୋଜନା ଚାଲୁଥିବାବେଳେ ବିଦ୍ୟୁତ୍‌କୁ କାହିଁକି ଟାଟା ହାତକୁ ଟେକି ଦିଆଗଲା ବୋଲି ସଂଗଠନର ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭାରତ, ନିମାଇଁ ରାୟ, ରଶ୍ମୀ ରଞ୍ଜନ ସ୍ୱାଇଁ, ନବ ନିର୍ମାଣ ଯୁବ ଛାତ୍ର ରାଜ୍ୟ ସଂଯୋଜକ ଏମ୍‌ଡି ମନୱାର ଅଲ୍ଲୀ ପ୍ରମୁଖ ପ୍ରଶ୍ନ କରିଛନ୍ତି।

# ରାଜଧାନୀରେ ନବବଧୂଙ୍କୁ ତଣ୍ଟିଚିପି ହତ୍ୟା

## ଯୌତୁକ ପାଇଁ ପୂର୍ବରୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ

ଭୁବନେଶ୍ୱର,୯।୩(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜରିପାଟଣା ଗାଁରେ ଜଣେ ନବବଧୂଙ୍କୁ ତଣ୍ଟି ଚିପି ହତ୍ୟା ଅଭିଯୋଗ ହୋଇଛି। ମୃତା ମହିଳା ଜଣକ ହେଲେ ଉକ୍ତ ଗାଁର ପ୍ରଭାତ ପରିଡ଼ାଙ୍କ ସ୍ତ୍ରୀ ତଥା ଜଗତ୍‌ସିଂହପୁର ଜିଲା ଡିହସାହିର ଲକ୍ଷ୍ମୀପ୍ରିୟା ମହାନ୍ତି। ଯୌତୁକ ପାଇଁ ସ୍ୱାମୀ ଓ ଶାଶୁ ଘର ଲୋକେ ମିଳିମିଶି ଲକ୍ଷ୍ମିପ୍ରିୟାଙ୍କୁ ହତ୍ୟା କରିଥିବା ନେଇ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୩୦୨, ୩୦୪ (ଖ), ୪୯୮ (କ)ରେ ମାମଲା (ନଂ.୧୦୮/୨୩) ରୁଜୁ କରି ଘଟଣାର ଅଧିକ ଖୋଳତାଡ ଚଳାଇଛି। ଅନ୍ୟପଟେ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ଫେରାର ଥିବାରୁ ସେମାନଙ୍କୁ ଧରିବା ଲାଗି ପୋଲିସ ଚଢାଉ ଜାରି ରଖିଛି। ଏହାସହ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି।



ଅଭିଯୋଗ ଓ ପୋଲିସ ସୂଚନାନୁସାରେ, ଲକ୍ଷ୍ମୀପ୍ରିୟା ୨୦୨୦ରେ ଜରିପାଟଣାର ପ୍ରଭାତଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ପ୍ରଭାତଙ୍କ ପରିବାର ଲୋକେ ଲକ୍ଷ୍ମୀପ୍ରିୟାଙ୍କୁ ଯୌତୁକ ମାଗିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ବୁଧବାର ରାତି ୧୧ଟା ୩୦ରେ ପ୍ରଭାତ ତାଙ୍କ ଶାଳକ ତଥା ମୃତା ଲକ୍ଷ୍ମୀଙ୍କ ଭାଇଙ୍କୁ ଫୋନ କରି ଭଉଣୀଙ୍କ ଦେହ ଅସୁସ୍ଥ ଥିବା ଜଣାଇ କ୍ୟାପିଟାଲ ହସ୍ପିଟାଲ ନେଉଥିବା କଥା ଜଣାଇଥିଲେ। ହେଲେ ହସ୍ପିଟାଲରେ ଡାକ୍ତର ରିସିଭ୍ ଡେଥ୍ ଘୋଷଣା କରିବା ସହ ଫେରାଇ ଦେଇଥିଲେ। ଏହାପରେ ଶାଶୁଘର ଲୋକେ ମୃତଦେହକୁ ଜରିପାଟଣାସ୍ଥିତ ଘରକୁ ନେଇ ଆସିଥିଲେ। ସେଠାରେ ଲକ୍ଷ୍ମୀପ୍ରିୟାଙ୍କ ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ଦୁଆର ବନ୍ଦ ଆଗରେ ପଡିଥିବା ଦେଖିବାକୁ ପାଇଥିଲେ। ଗୁରୁବାର ସକାଳେ ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତରେ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ଭାରତ ସହ ପାକ୍...

ବିବାଦୀୟ ସୀମାରେ ଉଭୟ ଭାରତ ଓ ଚାଇନାର ବର୍ଦ୍ଧିତ ସାମରିକ ଅବସ୍ଥିତି ଦୁଇ ଆଣବିକ ଶକ୍ତିସମ୍ପନ୍ନ ପଡ଼ୋଶୀ ମଧ୍ୟରେ ସଶସ୍ତ୍ର ସଂଘର୍ଷକୁ ଜନ୍ମ ଦେଇପାରେ। ଏଥିଯୋଗୁ ଆମେରିକୀୟ ବ୍ୟକ୍ତିବିଶେଷ ଓ ସ୍ୱାର୍ଥ ପ୍ରତି ବିପଦ ଦେଖାଦେଇପାରେ। ଫଳରେ ଆମେରିକା ବାଧ୍ୟହୋଇ ଏଥିରେ ହସ୍ତକ୍ଷେପ କରିପାରେ। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ବର୍ତ୍ତମାନ ଜାରି ରହିଥିବା ଛୋଟକାଟିଆ ମୁହାଁମୁହିଁ ସ୍ଥିତି ହଠାତ୍ ଉଗ୍ରରୂପ ନେଇପାରେ ବୋଲି ପୂର୍ବ ଘଟଣାବଳୀରୁ ସ୍ପଷ୍ଟ ହୋଇଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ଏଥିରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଭାରତ ଓ ପାକିସ୍ତାନ ମଧ୍ୟରେ ସଙ୍କଟ ବିଶେଷ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। କାରଣ ଦୁଇ ଦେଶ ନ୍ୟୁକ୍ଲିୟର ଅସ୍ତ୍ରସମ୍ପନ୍ନ। ନୂଆଦିଲ୍ଲୀ ଓ ଇସ୍‌ଲାମାବାଦ୍ ୨୦୨୧ରେ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଅସ୍ତ୍ରବିରତି ଉପରେ ଉଭୟ ପକ୍ଷ ପୁନଃ ସମୀକ୍ଷା କରିପାରନ୍ତି। ତେବେ ଭାରତ ବିରୋଧୀ ଆତଙ୍କବାଦୀ ସଙ୍ଗଠନଗୁଡ଼ିକୁ ସମର୍ଥନ କରିବା ନେଇ ପାକିସ୍ତାନର ଲମ୍ବା ଇତିହାସ ରହିଥିବାରୁ ଇସ୍‌ଲାମାବାଦ୍ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟିକଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତୀୟ ସେନା ପୂର୍ବ ତୁଳନାରେ ଅଧିକ ତତ୍ପରତା ସହ କଡ଼ା ଜବାବ ଦେବ। କଶ୍ମୀରରେ ହିଂସ୍ର ଅଶାନ୍ତି କିମ୍ବା ଭାରତର ଅନ୍ୟ କୌଣସି ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ଏଭଳି ଆଶଙ୍କାକୁ ଦୃଢ଼ୀଭୂତ କରିବ ବୋଲି ରିପୋର୍ଟରେ କୁହାଯାଇଛି।

ପରରାଷ୍ଟ୍ର ବିଭାଗ ମୁଖପାତ୍ର ନେଡ୍ ପ୍ରାଇସ୍ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି, ଆମେରିକା-ପାକିସ୍ତାନ ଆତଙ୍କବାଦ ନିରୋଧୀ ଆଲୋଚନା ଆତଙ୍କବାଦ ଓ କଠୋରପନ୍ଥୀ ବିରୋଧରେ ଇସ୍‌ଲାମାବାଦ୍ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ୱାଶିଂଟନ ପାଇଁ ଏକ ସୁଯୋଗ ସୃଷ୍ଟି କରିଛି। ଦକ୍ଷିଣ ଓ କେନ୍ଦ୍ରୀୟ ଏସିଆକୁ ଆତଙ୍କବାଦରୁ ମୁକ୍ତ କରି ସମ୍ପୃକ୍ତ ଅଞ୍ଚଳରେ ସ୍ଥିରତା ତଥା ସୁରକ୍ଷା ବଜାୟ ରଖିବା ପାକିସ୍ତାନ ସହିତ ଆମେରିକାର ସହଭାଗିତା ଉପରେ ନିର୍ଭରକରେ। ଏହି ସମାଧାନମୂଳକ ପଦକ୍ଷେପ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟିକାରୀ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ସାରା ବିଶ୍ୱର ସ୍ଥିରତା ପ୍ରତି ବିପଦ ବୋଲି ପ୍ରାଇସ୍ କହିଛନ୍ତି। ଆମେରିକା ଓ ପାକିସ୍ତାନ ମଧ୍ୟରେ ଦୁଇଦିନ ଧରି ଚାଲିଥିବା ଆତଙ୍କବାଦ ନିରୋଧୀ ଆଲୋଚନା ବେଳେ ଏହା ବ୍ୟତୀତ ସାଇବର ସିକ୍ୟୁରିଟି ଏବଂ କଠୋରପନ୍ଥୀଙ୍କୁ ଦମନ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଛି।

## ପରଲୋକରେ ସତୀଶ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନେକ ରାଜନେତା ଓ ସିନେ ବ୍ୟକ୍ତିତ୍ୱ ଶୋକବ୍ୟକ୍ତ କରିଛନ୍ତି। ବୁଧବାର ହୋଲି ପାଇଁ ସଙ୍ଗୀତକାର ଜାଭେଦ ଅଖତର ଓ ଅଭିନେତ୍ରୀ ଶବାନା ଆଜ୍‌ମିଙ୍କ ମୁମ୍ବାଇସ୍ଥିତ ବାସଭବନରେ 'ହୋଲି ବାସ୍' ଅନୁଷ୍ଠିତ ହୋଇଥିଲା। ସତୀଶ ଯୋଗଦେଇ ମଧ୍ୟାହ୍ନ ପର୍ଯ୍ୟନ୍ତ ରହିଥିଲେ। ହୋଲିର କିଛି ଫଟୋ ମଧ୍ୟ ସେ ସୋସିଆଲ ମିଡିଆରେ ଶେୟାର କରିଥିଲେ। ଦିଲ୍ଲୀରେ ଅନ୍ୟ ଜଣେ ବନ୍ଧୁଙ୍କ ଘରେ ହୋଲି କାର୍ଯ୍ୟକ୍ରମରେ ଯୋଗ ଦେବାଲାଗି ସତୀଶ ସେଠାରୁ ବାହାରିଥିଲେ। ପୂଜା ସାରି ସତୀଶ ବିଜୱାସନସ୍ଥିତ ନିଜ ଫାର୍ମହାଉସ୍‌କୁ ଯାଇଥିଲେ। ରାତି ପ୍ରାୟ ୧୦ଟା ୩୦ ମିନିଟରେ ସେ ନିଜ ରୁମ୍‌ରେ ଶୋଇଥିବାବେଳେ ୧୨ଟା ୧୦ରେ ଶ୍ୱାସକ୍ରିୟାରେ ଅସୁବିଧା ହୋଇଥିଲା। ସତୀଶ ତାଙ୍କ ସହ ଥିବା ମ୍ୟାନେଜର ସନ୍ତୋଷ ରାଇଙ୍କୁ ଡାକିଥିଲେ। ସତୀଶଙ୍କୁ ଗୁରୁଗ୍ରାମର ଫୋର୍ଟିସ୍ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଫାର୍ମହାଉସ୍‌ରୁ ଡାକ୍ତରଖାନା ଯିବା ବାଟରେ ସତୀଶଙ୍କ ହୃଦ୍‌ଘାତ ହୋଇଥିବା ସନ୍ତୋଷ କହିଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇ ଦିଲ୍ଲୀ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଦୀନଦୟାଲ ଉପାଧ୍ୟାୟ ହସ୍ପିଟାଲ ନେଇଥିଲା। ଗୁରୁବାର ସକାଳେ ସତୀଶଙ୍କ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ପରିବାର ଓ ପ୍ରିୟଜନଙ୍କ ଉପସ୍ଥିତିରେ ଭରସୋଭାରେ ସତୀଶଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଅଭିନେତା ଅନୁପମ ଖେର୍ କହିଛନ୍ତି, ମୃତ୍ୟୁ ଚିରନ୍ତନ ସତ୍ୟ। କିନ୍ତୁ ମୋର ସର୍ବୋତ୍ତମ ବନ୍ଧୁ ଏମିତି ଚାଲିଯିବେ ସ୍ୱପ୍ନରେ ବି ଭାବି ନ ଥିଲି। 'ଦିୱାନା ମସ୍ତାନା'ର ପପୁ ପେଜର ଆଉ ନାହାନ୍ତି ବୋଲି ଗୋବିନ୍ଦା ମଧ୍ୟ ଶୋକବ୍ୟକ୍ତ କରିଛନ୍ତି। ଅନୀଲ କପୁର ନିଜ ସାନ ଭାଇକୁ ହରାଇ ମର୍ମାହତ ହୋଇଥିବା ଟୁଇଟ୍ କରିଛନ୍ତି।

ହରିୟାଣାର ମହିନ୍ଦ୍ରଗଡ଼ରେ ଜନ୍ମିତ ସତୀଶଙ୍କ ପଢ଼ାପଢ଼ି କରୋଲବାଗରେ ହୋଇଥିଲା। ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାରେ ଶିକ୍ଷାଗ୍ରହଣ କରିଥିବା ସତୀଶ ଏକାଧାରରେ ଜଣେ ସଂଳାପ ଲେଖକ, ହାସ୍ୟ ଅଭିନେତା ଓ ଫିଲ୍ମ ପ୍ରଯୋଜକ। ସେ ମୁମ୍ବାଇ ଅନ୍ଧେରିରେ ସ୍ତ୍ରୀ ଶଶୀ ଏବଂ ଝିଅ ବଂଶିକା (୧୧)ଙ୍କ ସହ ରହୁଥିଲେ। ଅନୀଲ କପୁରଙ୍କ ଅଭିନୀତ ଫିଲ୍ମ 'ମିଷ୍ଟର ଇଣ୍ଡିଆ'(୧୯୮୭)ରେ ସତୀଶ କ୍ୟାଲେଣ୍ଡର ଚରିତ୍ରରେ ଅଭିନୟ କରିଥିଲେ। ଏହି ଚରିତ୍ର ଚଳଚ୍ଚିତ୍ରପ୍ରେମୀଙ୍କୁ ଖୁବ୍ ପସନ୍ଦ ଆସିଥିଲା। ସେହିପରି ଫିଲ୍ମ 'ଦିୱାନା ମସ୍ତାନା' (୧୯୯୭) ଏବଂ ବ୍ରିଟିଶ ଡ୍ରାମା ଫିଲ୍ମ 'ବ୍ରିକ୍ ଲେନ୍' (୨୦୦୭)ରେ ମଧ୍ୟ ତାଙ୍କ ଅଭିନୟ ଉଚ୍ଚ ପ୍ରଶଂସିତ ହୋଇଥିଲା। ଫିଲ୍ମ ରାମ ଲଖନ ଏବଂ ସାଜନ ଚଲେ ଶଶୁରାଲ ପାଇଁ ସତୀଶଙ୍କୁ ବେଷ୍ଟ କମେଡିଆନ୍ ଆୱାର୍ଡ ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷେ କୁନ୍ଦନ ଶାହଙ୍କ ଫିଲ୍ମ 'ଜାନେ ଭି ଦୋ ୟାରୋ'ର ଡାଇଲଗ୍ ସତୀଶ ଲେଖିଥିଲେ। କଙ୍ଗନା ରଣାୱତଙ୍କ ନିର୍ଦ୍ଦେଶିତ 'ଏମର୍ଜେନ୍ସି' ସତୀଶଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର, ଯାହାକି ମୁକ୍ତିଲାଭ ଅପେକ୍ଷାରେ।

## ଆଜିଠୁ ମାଟ୍ରିକ...

ଶୁକ୍ରବାର ପ୍ରଥମ ଭାଷା ପରୀକ୍ଷା ଅର୍ଥାତ୍ ଓଡ଼ିଆ ପରୀକ୍ଷା ହେବ। ପ୍ରଥମ ଦିନର ପରୀକ୍ଷା ପାଇଁ ସମସ୍ତ ପରୀକ୍ଷାର୍ଥୀମାନେ ୧ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ ବୋଲି ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତି କହିଛନ୍ତି। ସକାଳ ୮ଟାରୁ ପରୀକ୍ଷା ଆରମ୍ଭ ହୋଇ ପୂର୍ବାହ୍ନ୧୦ଟା ପର୍ଯ୍ୟନ୍ତ ଚାଲିବ। ସମ୍ମେଟିଭ ୧ରେ ପରୀକ୍ଷା କେନ୍ଦ୍ର ଯେଉଁଠି ହୋଇଥିଲା ସମ୍ମେଟିଭ ୨ ପରୀକ୍ଷା ସେହି କେନ୍ଦ୍ରରେ ଆୟୋଜନ କରାଯିବ ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି।

ସେହିପରି ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଯେପରି ପ୍ରଶ୍ନପତ୍ର ଲିକ୍ ନ ହୁଏ ସେଥିପାଇଁ ରାଜ୍ୟ ସରକାର ଏବଂ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ଯେପରି ପହଞ୍ଚିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି। ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯିବା ସମୟରେ ପୋଲିସର କଡ଼ା ସୁରକ୍ଷା ସହ ଜିଲା ପ୍ରଶାସନର ଏକ ଟିମ୍ ମଧ୍ୟ ସାଙ୍ଗରେ ରହିବ। ପ୍ରଶ୍ନପତ୍ର ଓ ଉତ୍ତରଖାତା ରହୁଥିବା ଷ୍ଟ୍ରଙ୍ଗ୍ ରୁମରେ ୨୪ଘଣ୍ଟିଆ କଡ଼ା ନିରାପତ୍ତା, ପରୀକ୍ଷା କେନ୍ଦ୍ରରେ ସୁରକ୍ଷା କର୍ମୀ ମୁତୟନ, ବିଦ୍ୟୁତ୍ ଏବଂ ପିଇବା ପାଣି ବ୍ୟବସ୍ଥା କରାଯିବ। ଏଥିନିମନ୍ତେ ଗତ ସପ୍ତାହରେ ମୁଖ୍ୟଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଆଭାସି ଜରିଆରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଫଳତାର ସହ ତ୍ରୁଟିଶୂନ୍ୟ ଭାବେ ପରୀକ୍ଷା ପରିଚାଳନା ନିମନ୍ତେ ମୁଖ୍ୟ ସଚିବ ଗୁରୁତ୍ୱାରୋପ କରିଥିଲେ। ପରୀକ୍ଷା ହଲ୍‌କୁ ଯାଉଥିବା ଛାତ୍ରୀଛାତ୍ର ଏବଂ ପରୀକ୍ଷା ପରିଚାଳନା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଭଲଭାବେ ଯାଞ୍ଚ କରି କେନ୍ଦ୍ର ମଧ୍ୟକୁ ଛାଡ଼ିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ପରୀକ୍ଷା କେନ୍ଦ୍ର ନିମନ୍ତେ ଆବଶ୍ୟକୀୟ ପର୍ଯ୍ୟବେକ୍ଷକ ଓ ଫ୍ଲାଇଂ ସ୍କ୍ୱାଡ୍ ମୁତୟନ ଉପରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ।

ମଧ୍ୟମା ପରୀକ୍ଷା ପାଇଁ ୨,୯୧୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ସେମାନଙ୍କ ପାଇଁ ୧୦୮ଟି କେନ୍ଦ୍ରରେ ପରୀକ୍ଷା ଦେବାକୁ ବ୍ୟବସ୍ଥା ହୋଇଛି। ସେହିପରି ଓପନ ସ୍କୁଲ ପରୀକ୍ଷାରେ ୭,୧୮୧ ଜଣ ପରୀକ୍ଷାର୍ଥୀ ୧୪୬ଟି ସେଣ୍ଟରରେ ପରୀକ୍ଷା ଦେବେ ବୋଲି ବୋର୍ଡ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କପି ରୋକିବା ପାଇଁ ମଧ୍ୟ ସ୍କ୍ୱାଡ୍ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କପି ରୋକିବାକୁ ସମୁଦାୟ ୭୪ଟି ସ୍କ୍ୱାଡ୍ ଗଠନ କରାଯାଇଛି। ସେଥିମଧ୍ୟରୁ ବୋର୍ଡ଼ ପକ୍ଷରୁ ୩୬ଟି ସ୍କ୍ୱାଡ୍ ଗଠନ କରାଯାଇଥିବା ବୋର୍ଡ ସଭାପତି ସୂଚନା ଦେଇଛନ୍ତି। ତେବେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ଶେଷ ହେବ ବୋଲି ସେ ଆଶାବାଦୀ ଅଛନ୍ତି।

## ଜଳିଗଲା ଲକ୍ଷ୍ମୀ ମାର୍କେଟ...

ଉକ୍ତ କମ୍ପ୍ଲେକ୍ସରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ବେଳେ ସଂକୀର୍ଣ୍ଣ ରାସ୍ତା ଯୋଗୁ ନିଆଁକୁ ସହଜରେ ଆୟତ୍ତ କରାଯାଇପାରି ନ ଥିଲା ବୋଲି କୁହାଯାଉଛି। ଖବର ଲେଖା ହେବା ପର୍ଯ୍ୟନ୍ତ ନିଆଁ ସମ୍ପୂର୍ଣ୍ଣ ଲିଭି ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୮ଟାରେ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ପରିସରସ୍ଥ ତଳ ମହଲାରେ ଥିବା ଅମ୍ବିକା ଲୁଗା ଦୋକାନରେ ପ୍ରଥମେ ନିଆଁ ଲାଗିଥିଲା। ସଙ୍ଗେସଙ୍ଗେ ତାହା ପ୍ରଥମ ଓ ଦ୍ୱିତୀୟ ମହଲାକୁ ବ୍ୟାପିଯାଇଥିଲା। ହୁତୁହୁତୁ ହୋଇ ନିଆଁ ଜଳିବା ସହ ଚାରିଆଡ଼େ ଧୂଆଁମୟ ହୋଇଯାଇଥିଲା। କିଛି ଦେଖାଯାଇ ନ ଥିଲା। ଏପରିକି ଶ୍ରୀମନ୍ଦିରକୁ ଦୂରରୁ ଦେଖିବା କଷ୍ଟକର ହୋଇପଡ଼ିଥିଲା। ଖବର ପାଇ ପୋଲିସ, ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ନିଆଁ ସାମାନ୍ୟ ପ୍ରଶମିତ ହୋଇଥିଲେ ମଧ୍ୟ ପରେ କୁହୁଳି ବ୍ୟାପିଥିଲା। ଫଳରେ ଗୁରୁବାର ସକାଳୁ ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍ କୋଠରିଗୁଡ଼ିକର କାନ୍ଥ ଭାଙ୍ଗି ଓ ଶଟର କାଟି ପାଣି ପକାଇବା ସହ କେତେକ ଜିନିଷପତ୍ର ଉଦ୍ଧାର କରିଥିଲେ। ରାତି ୧୦ଟା ପର୍ଯ୍ୟନ୍ତ ନିଆଁଲିଭା କାର୍ଯ୍ୟ ଜାରି ରହିଥିଲେ ବି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ ହୋଇ ନ ଥିଲା। ଏହି ମାର୍କେଟ କମ୍ପ୍ଲେକ୍ସର ସମ୍ରାଟ ହୋଟେଲରେ ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳର ଏକ ପରିବାର ତାଙ୍କ ପୁଅ ବ୍ରତଘର ପାଇଁ ଆସି ବନ୍ଧୁବାନ୍ଧବଙ୍କ ସହ ରହିଥିଲେ। ସେହିପରି ମହାରାଷ୍ଟ୍ର ନାସିକର କେତେଜଣ ପର୍ଯ୍ୟଟକ ଅବସ୍ଥାନ କରୁଥିଲେ। ପ୍ରବଳ ଧୂଆଁ ଯୋଗୁ ସମସ୍ତେ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ପର୍ଯ୍ୟଟକ, ବ୍ୟବସାୟୀ ଓ କର୍ମଚାରୀମାନେ ଜୀବନ ବିକଳରେ ଦୌଡ଼ି ବାହାରକୁ ଚାଲି ଆସିଥିଲେ। ଫଳରେ ସେମାନେ ରକ୍ଷା ପାଇଯାଇଥିଲେ। ତେବେ ଦୌଡ଼ାଦୌଡ଼ି ବେଳେ ଜଣେ ଦିବ୍ୟାଙ୍ଗଙ୍କ ସମେତ ୩ଜଣ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉଦ୍ଧାର ପର୍ଯ୍ୟଟକ ଓ ଭକ୍ତଙ୍କୁ ପ୍ରଶାସନ ପକ୍ଷରୁ ଆଶ୍ରୟସ୍ଥଳୀରେ ରଖାଯାଇଛି। ତଳ ମହଲାରେ ଥିବା ଦୋକାନୀମାନେ ସେମାନଙ୍କ ଆସବାବପତ୍ର ଖାଲି କରିଦେଇଛନ୍ତି। ତେବେ ଗହଣା ଗାଣ୍ଠି ଉଦ୍ଧାର କାର୍ଯ୍ୟରେ ବାଧା ଦେବା ଅଭିଯୋଗରେ ୪ଜଣଙ୍କୁ ପୋଲିସ ଉଠାଇ ନେଇଛି। ବୁଧବାର ୮ଟି ଓ ଗୁରୁବାର ଆଉ ୪ଟି ଦମକଳ ଏହିପରି ମୋଟ ୧୨ଟି ଦମକଳକୁ ନିୟୋଜିତ କରାଯିବା ସହ ପର୍ଯ୍ୟାପ୍ତ ଅକ୍ସିଜେନ ସିଲିଣ୍ଡର କିଟ୍ ଯୋଗାଇ ଦିଆଯାଇଥିଲା। ଗୁରୁବାର ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ, ଏସ୍‌ପି କନୱର ବିଶାଲ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀ ବେହେରା କହିଛନ୍ତି, କମ୍ପ୍ଲେକ୍ସ ପରିସରରେ ପ୍ରାୟ ୪୩ଟି ଦୋକାନ ଥିବା ବେଳେ ହୋଟେଲ ରହିଛି। ମାତ୍ର କମ୍ପ୍ଲେକ୍ସକୁ ଯାତାୟାତ ରାସ୍ତା ସଂକୀର୍ଣ୍ଣ। ତେଣୁ ନିଆଁ ଲିଭାଇବାରେ ସମସ୍ୟା ଦେଖାଯାଇଥିଲା। ତେବେ ହୋଟେଲରେ ଥିବା ପର୍ଯ୍ୟଟକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ରହଣି ଓ ଖାଇବା ପିଇବାକୁ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ଧନ ଜୀବନ ରକ୍ଷା କରିବା ହେଉଛି ପ୍ରାଥମିକତା। ପରେ ଉକ୍ତ କମ୍ପ୍ଲେକ୍ସରେ ଅଗ୍ନିନିର୍ବାପକ ନିୟମ ଉଲ୍ଲଂଘନ ନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁମାନଙ୍କର ଦୋକାନ ପୋଡ଼ିଯାଇଛି ସେମାନଙ୍କୁ କିପରି ଥଇଥାନ କରାଯିବ ସେ ସମ୍ପର୍କରେ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ସେହିପରି ଅଗ୍ନିଶମ ଡିଜି ଉପାଧ୍ୟାୟ କହିଛନ୍ତି, ପାରିପାର୍ଶ୍ୱିକ ପରିସ୍ଥିତି କାରଣରୁ ନିଆଁ ଲିଭିବାରେ ବିଳମ୍ବ ହେଉଛି। ତେବେ ପ୍ରଶାସନ ପକ୍ଷରୁ ସମସ୍ତ ଉଦ୍ୟମ ଜାରି ରହିଛି। ନିଆଁ ଲିଭାଇବାରେ ୧୯୦ କର୍ମଚାରୀ ନିୟୋଜିତ ରହିଛନ୍ତି। ଏଭଳି ଭୟାବହ ଅଗ୍ନିକାଣ୍ଡରେ କୌଣସି ବ୍ୟକ୍ତି ବା ଷ୍ଟାଫ ଆହତ ହୋଇନାହାନ୍ତି। କମ୍ପ୍ଲେକ୍ସ ଭିତରକୁ ପ୍ରବେଶ କରିବା ଓ ବାହାରିବା ପାଇଁ ଗୋଟିଏ ପାର୍ଶ୍ୱରେ ସଂକୀର୍ଣ୍ଣ ରାସ୍ତା ରହିଛି। ଅନ୍ୟ ରାସ୍ତା ନାହିଁ। ତେଣୁ କମ୍ପ୍ଲେକ୍ସ ପଛପଟ କାନ୍ଥ କଟାଯାଇ ପାଣି ପକାଯାଉଛି। ଦୋକାନୀମାନେ ଫାୟାର ବଲ ରଖିବା ଦରକାର। ଯଦି ରୁମ୍ ଲକ୍ ଥାଏ ଓ ନିଆଁ ଲାଗେ ତେବେ ଫାୟାର ବଲ୍ ବ୍ଲାଷ୍ଟ ହୋଇ ନିଆଁ ଲିଭିଯାଇଥାଏ। ନିଆଁ କାରଣରୁ କାନ୍ଥରେ କିଛି ଫାଟ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏହି ଘଟଣା ପାଇଁ ସ୍ଥାନୀୟ ଲୋକେ ପ୍ରଶାସନର ଅବହେଳାକୁ ଦାୟୀ କରିଛନ୍ତି। ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରତି ପ୍ରଶାସନ ପୂର୍ବରୁ ଗୁରୁତ୍ୱ ଦେଇ ନ ଥିବାରୁ ନିଆଁକୁ ଶୀଘ୍ର ଓ ସହଜରେ ଆୟତ୍ତ କରାଯାଇପାରିଲା ନାହିଁ ବୋଲି ସେମାନେ କହିଛନ୍ତି।

### ପର୍ଯ୍ୟଟକ ଫେରିପାଇଲେ ଟଙ୍କା, ସୁନାଗହଣା

ନିଆଁର ଆଁରୁ ସେମାନେ ସିନା ସୌଭାଗ୍ୟବଶତଃ ବର୍ତ୍ତିଗଲେ, ହେଲେ ସେମାନଙ୍କ ଟଙ୍କା ଓ ସୁନାଗହଣା ଯେ ମିଳିଯିବ ସେକଥା କେବେ ଭାବି ନ ଥିଲେ। ତେବେ ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ନିଆଁ ଲିଭାଉଥିବାବେଳେ ହୋଟେଲରେ ରହିଯାଇଥିବା କେତେଜଣ ପର୍ଯ୍ୟଟକଙ୍କର ନଗଦ ୨ଲକ୍ଷ ଟଙ୍କା ଓ ପ୍ରାୟ ୧୧ ଲକ୍ଷ ଟଙ୍କାର ସୁନାଗହଣାକୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଏହାକୁ ସେମାନେ ସମ୍ପୃକ୍ତ ପର୍ଯ୍ୟଟକମାନଙ୍କୁ ଫେରାଇଛନ୍ତି। ଫଳରେ ସେମାନଙ୍କ ମୁହଁରେ ଟେନାଏ ହସ ଫୁଟିଉଠିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କୃତ୍ତିକା ନକ୍ଷତ୍ରର କାମ ହାସଲ ପରିପ୍ରେକ୍ଷୀରେ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ସାମାଜିକ ସ୍ତରରେ ବନ୍ଧୁଙ୍କ ମହଲରେ ପ୍ରଶଂସାର ପାତ୍ର ହେବେ। ପାରିବାରିକ ସ୍ତରରେ ସାଧାରଣ କଥାକୁ ନେଇ ଭାବାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଜିର ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତା କ୍ଷେତ୍ରରେ ଉଚ୍ଚ ପ୍ରଶଂସିତ ହେବେ।

**ବୃଷ**
ଦୁଃସାହସିକ କାମରେ ପ୍ରବେଶ କରି ଅନୁତାପ କରିବାକୁ ପଡ଼ିପାରେ। ଏଣେ ଘରୋଇ କ୍ଷେତ୍ରରେ ପରକଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ସନ୍ଦେହ କରିବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ସାଧାରଣ କଥାରେ ଟେନ୍‌ସନ ବଢ଼ିଯିବ। ରୋହିଣୀ ନକ୍ଷତ୍ରର ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ସମସ୍ୟାବହୁଳ ରହିବ।

**ମିଥୁନ**
ଆଜି ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଖୁସି ଅନୁଭବ କରିବେ। ଗଣ ଯୋଗାଯୋଗ, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇ ପାରନ୍ତି। ପୁନର୍ବସୁ ନକ୍ଷତ୍ରର କିଛିଟା ସମସ୍ୟା ଅବଶ୍ୟ ଆସିଲେ ମଧ୍ୟ କିଛି ଅସୁବିଧା ହେବନି।

**କର୍କଟ**
କର୍ମକ୍ଷେତ୍ରରେ ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଦୀର୍ଘ ସମସ୍ୟାର ଅନ୍ତ ଘଟାଇ କର୍ମକ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ପାରିବାରିକ, ପ୍ରଶାସନ, ପ୍ରକାଶନ ଓ ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପୁଷ୍ୟା ନକ୍ଷତ୍ର ପିଲାଙ୍କ ଉଚ୍ଛୃଙ୍ଖଳ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ସିଂହ**
ଦୃଢ଼ ପଦକ୍ଷେପ ନେବା ହେତୁ କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ମଘା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ, ନୂତନ ଗୃହ ପ୍ରବେଶ ସକାଶେ ପୂର୍ବାଲୋଚନା କରିପାରନ୍ତି। ଋଣ ପରିଶୋଧ କରିବା ସକାଶେ କରଜଦାତାଙ୍କ ଚାପର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା**
ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି, ସେଥିରେ ଅବଶ୍ୟ ଶୁଭଫଳ ପାଇବେ। ଅଫିସ୍‌ରେ ଥିବା ସମୟରେ କୌଣସି ବ୍ୟକ୍ତିଙ୍କଠାରୁ ଶୁଭଖବର ପାଇ ଉଲ୍ଲସିତ ହେବେ। ବନ୍ଧୁ ଗହଣରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ହସ୍ତା ନକ୍ଷତ୍ରର ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ସ୍ଥାପନ କରିବେ।

**ତୁଳା**
ବିଶାଖା ନକ୍ଷତ୍ର ପରିବାରରେ ନିଜ ଲୋକମାନଙ୍କ ସାଧାରଣ କଥାରେ ଉତ୍କ୍ଷିପ୍ତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ନିକଟସ୍ଥ ବ୍ୟକ୍ତି ବିଶେଷଙ୍କଠାରୁ ଶ୍ରଦ୍ଧା, ଆଦର ପାଇ ନିଜକୁ ଗର୍ବିତ ମନେକରିବେ। ଭଲ ସମ୍ପର୍କ ନଥିବା ବ୍ୟକ୍ତି ମାନଙ୍କ ଅପପ୍ରଚାର ସମ୍ବନ୍ଧୀୟ ଶୁଣା କଥାକୁ ଆଦୌ ବିଶ୍ୱାସ କରନ୍ତୁ ନାହିଁ।

**ବିଛା**
ଭଲ କାମ କରି ମଧ୍ୟ ନିଜର କେତେକ ସମସ୍ୟା ହେତୁ ମନଟା ଚହଲି ଯାଇପାରେ। ପାରିବାରିକ ଦୁଶ୍ଚିନ୍ତା ବୃଦ୍ଧି ପାଇବା କାରଣରୁ ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବ। ବନ୍ଧୁମାନଙ୍କ ସାହାଯ୍ୟ ନେଇ ଆଶା କରୁଥିବା ସ୍ଥାନରୁ ସହସା ଧନପ୍ରାପ୍ତି ହୋଇପାରେ। ଜ୍ୟେଷ୍ଠା ନକ୍ଷତ୍ର ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ।

**ଧନୁ**
ପାରିବାରିକ କ୍ଷେତ୍ରରେ ବିଶେଷ ଉନ୍ନତି ଦେଖାନଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। କର୍ମକ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହେବେ। ଆଲୋଚନା ପରିସରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇ ପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ରର ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ।

**ମକର**
ଶ୍ରବଣା ନକ୍ଷତ୍ରର ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଘର ଲୋକମାନଙ୍କ ଅନୁରୋଧରେ ମନୋରଞ୍ଜନ ଜିନିଷ କ୍ରୟ କରିବେ। ଧାତୁ ଅଳଙ୍କାର ସମ୍ବନ୍ଧୀୟ ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁଁ ମନ ପ୍ରଫୁଲ୍ଲ ରହିବ। ନିର୍ମାଣ, ମାଲିମକଦ୍ଦମା, ଜମିଜମା କାରବାର ଧିମେଇ ଯିବାର ସମ୍ଭାବନା ରହିଛି।

**କୁମ୍ଭ**
ଆଜି ସାମଗ୍ରିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ଭାବେ ସନ୍ତୋଷ ଆସିବ ନାହିଁ। ଶତଭିଷା ନକ୍ଷତ୍ର ନିଜ ପରିସରର ବ୍ୟକ୍ତିବିଶେଷଙ୍କ ଦ୍ୱାରା ଆଦୃତି ଲାଭ କରିବେ। ସାମୟିକ ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବ୍ୟବସାୟ, ବାଣିଜ୍ୟ, ପ୍ରଶାସନ, ପ୍ରଶାସନିକ ସ୍ତରରେ ସଫଳତା ହାସଲ କରି ଖୁସି ଅନୁଭବ କରିବେ।

**ମୀନ**
ଅଧିକାଂଶ ସମୟ ଜାଣିଶୁଣି କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟିର ସହାୟକ ହୋଇପାରନ୍ତି। ଅଫିସ୍‌ର ଗୋପନୀୟ ବିଷୟ ବନ୍ଧୁଙ୍କୁ କହିଦେବା ଫଳରେ କିଛି ସମସ୍ୟା ଆସିପାରେ। କଠୋର ମାନସିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ଉତ୍ତରଭାଦ୍ରବ ନକ୍ଷତ୍ର ନିଜ ମନ ପସନ୍ଦର ଜିନିଷ ଲାଭ କରିବେ। କୋର୍ଟ ମାମଲା ଫଳ ଫଳପ୍ରଦ।

ଆଜି ଚୈତ୍ର କୃଷ୍ଣ ତୃତୀୟା ଶୁକ୍ରବାର, ମାର୍ଚ୍ଚ ୧୦ ତାରିଖ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଗୃହାରମ୍ଭ, ଗୃହପ୍ରବେଶ, ବିଦ୍ୟାରମ୍ଭ ଓ ଦେବତା ଗଠନ ପାଇଁ ଶୁଭଦିନ। ଦିବା ଘ.୦୬।୦୩ ଗତେ ଘ.୦୬।୫୦ ମଧ୍ୟେ, ଘ.୦୭।୩୭ ଗତେ ଘ.୦୯।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୨୮ ଗତେ ଘ.୧୧।୫୭ ମଧ୍ୟେ ରାହୁକାଳ।

# ବିପର୍ଯ୍ୟୟ ପରିଚାଳନାରେ ଉତ୍କର୍ଷ ପାଇଁ ପୁରସ୍କୃତ ହେବ ଓସ୍‌ଡମା

**ନୂଆଦିଲ୍ଲୀ, ୯।୩**

ବିପର୍ଯ୍ୟୟ ପରିଚାଳନାରେ ଉତ୍କର୍ଷତା ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା)କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁଭାଷ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ ପୁରସ୍କାର, ୨୦୨୩ରେ ସମ୍ମାନିତ କରିବେ। ଶୁକ୍ରବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ ପ୍ରଧାନମନ୍ତ୍ରୀ ନ୍ୟାଶନାଲ ପ୍ଲାଟଫର୍ମ ଫର୍ ଡିଜାଷ୍ଟର ରିସ୍କ ରିଡକ୍ସନ୍ (ଏନ୍‌ପିଡିଆର୍‌ଆର୍)ର ତୃତୀୟ ଅଧିବେଶନକୁ ଉଦ୍‌ଘାଟନ କରିବେ। ଏହି ଅବସରରେ ସେ ଓସ୍‌ଡମା ସମେତ ମିଜୋରାମର ଲୁଙ୍ଗଲେଇ ଫାୟାର ଷ୍ଟେଶନକୁ ମଧ୍ୟ ସୁଭାଷ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ ପୁରସ୍କାରରେ ପୁରସ୍କୃତ କରିବେ। ଏହି ସମ୍ମାନଜନକ ପୁରସ୍କାର ପାଇବା ପାଇଁ ଅନୁଷ୍ଠାନ ବର୍ଗରେ ଓସ୍‌ଡମାକୁ କେନ୍ଦ୍ର ସରକାର ଚୟନ କରିଥିଲେ। ଭାରତରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମୂଲ୍ୟବାନ ଅବଦାନ ଏବଂ ନିଃସ୍ୱାର୍ଥପର ସେବା ଯୋଗାଉଥିବା ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକୁ ସ୍ୱୀକୃତି ଓ ସମ୍ମାନ ପ୍ରଦାନ ସ୍ୱରୂପ କେନ୍ଦ୍ର ସରକାର ସୁଭାଷ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ ପୁରସ୍କାର ପ୍ରତିଷ୍ଠା କରିଥିଲେ। ପ୍ରତିବର୍ଷ ଜାନୁୟାରୀ ୨୩ ସୁଭାଷ ବୋଷଙ୍କ ଜନ୍ମବାର୍ଷିକୀରେ ଏହି ପୁରସ୍କାର ଘୋଷଣା କରାଯାଇଥାଏ। ପୁରସ୍କାର ବାବଦରେ ଅନୁଷ୍ଠାନକୁ ନଗଦ ୫୧ ଲକ୍ଷ ଟଙ୍କା ଓ ସାର୍ଟିଫିକେଟ ମିଳୁଥିବାବେଳେ ବ୍ୟକ୍ତିବିଶେଷଙ୍କୁ ୫ ଲକ୍ଷ ଟଙ୍କା ଓ ପ୍ରମାଣପତ୍ର ମିଳିଥାଏ। ୧୯୯୯ ମହାବାତ୍ୟା ପରେ ଓସ୍‌ଡମା ପ୍ରତିଷ୍ଠା ହୋଇଥିଲା। ହୁଡ୍‌ହୁଡ୍ (୨୦୧୪), ଫନି(୨୦୧୯), ଅମ୍ଫନ(୨୦୨୦) ବାତ୍ୟା ସମେତ ୨୦୨୦ ବନ୍ୟା ମୁକାବିଲାରେ ଏହା ଉଲ୍ଲେଖନୀୟ ଭୂମିକା ନିର୍ବାହ କରି ବହୁ ଧନଜୀବନର ସୁରକ୍ଷା କରିପାରିଛି।

# ଯବାନ-ମାଓବାଦୀ ଗୁଳି ବିନିମୟ: ୨ ଯବାନ, ୬ ମାଓବାଦୀ ଆହତ

**ମାଲକାନଗିରି, ୯।୩(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଯବାନ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ୨ଯବାନ ଓ ୬ ମାଓବାଦୀ ଆହତ ହୋଇଛନ୍ତି। ବହୁ ମାଓବାଦୀ ସାମଗ୍ରୀ ଜବତ ହୋଇଛି। ଗୁରୁବାର ସୁକ୍‌ମା ଜିଲାର ଡାବାମାର୍କ କ୍ୟାମ୍ପରୁ କୋବ୍ରା ଏବଂ ଏସ୍‌ଟିଏଫ୍ ଯବାନମାନେ କୋମ୍ବିଂ ଅପରେଶନ କରିବାକୁ ସାକଲେଟ ଜଙ୍ଗଲ ଅଭିମୁଖେ ଯାଇଥିଲେ। ଏହି ସମୟରେ ଯବାନଙ୍କୁ ଦେଖି ମାଓବାଦୀମାନେ ଗୁଳି ଚଳାଇବା ଆରମ୍ଭ କରିଥିଲେ। ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇ ଗୁଳି ଚାଳନା କରିଥିଲେ। ଯବାନଙ୍କ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏହି ଗୁଳି ବିନିମୟରେ ଯବାନଙ୍କ ଗୁଳିରେ ୬ ଜଣ ମାଓବାଦୀ ଆହତ ହୋଇଥିବା ବେଳେ ମାଓବାଦୀଙ୍କ ଗୁଳିରେ ୨ ଜଣ ଯବାନ ଆହତ ହୋଇଥିବା ଜଣାପଡ଼ିଛି।










> ଯଦି କେବଳ ଜୀବନ ଥାନ୍ତା– ମୃତ୍ୟୁ ନ ଥାନ୍ତା –ତେବେ ଅମରତ୍ୱ ମଧ ନ ଥାନ୍ତା। ଯଦି କେବଳ ପ୍ରେମ ଥାନ୍ତା– ହିଂସ୍ରତା ନ ଥାନ୍ତା ତେବେ ଆନନ୍ଦ ହୋଇଥାନ୍ତା କ୍ଷଣିକ କ୍ଷୀଣ ପୁଲକ ମାତ୍ର ! ଯଦି କେବଳ ସୁଯୁକ୍ତିଥାନ୍ତା– ଅଜ୍ଞାନ ନ ଥାନ୍ତା– ତେବେ ଆମର ଚରମ ସିଦ୍ଧି ଏକ ସୀମାବଦ୍ଧ ଯୌକ୍ତିକତା ଓ ବ୍ୟାବହାରିକ ବିଜ୍ଞତା ଛାଡି ଆଗକୁ ଯାଇ ପାରନ୍ତା ନାହିଁ। –ଶ୍ରୀଅରବିନ୍ଦ

# କୃତ୍ରିମ ବୁଦ୍ଧିମତ୍ତା ଦୌଡ଼





ରବର୍ଟ ମୁଗାହ
ସହ ପ୍ରତିଷ୍ଠାତା, ଇଗାରେପ ଇନଷ୍ଟିଚ୍ୟୁଟ ଆଣ୍ଡ ସେକଦେବ୍ ଗ୍ରୁପ୍

ଗାବ୍ରିଏଲା ସିଲେର
କନ୍‌ସଲଟାଣ୍ଟ, ଇଗାରେପ ଇନଷ୍ଟିଚ୍ୟୁଟ


ବହୁ ଦଶନ୍ଧି ହେଲା ଭବିଷ୍ୟତ ଆକଳନ କରିବାର ଗାଣିତିକ ପ୍ରକ୍ରିୟା(ପ୍ରେଡିକ୍‌ଟିଭ ଆଲଗୋରିଦିମ୍) ପ୍ରଚଳିତ ହୋଇଆସିଥିବାବେଳେ ନିକଟରେ ଓପନ ଏଆଇ ପକ୍ଷରୁ ଆରମ୍ଭ କରାଯାଇଥିବା ଚାଟ୍‌ଜିପିଟି –୩ (ପ୍ରେଡିକ୍‌ଟିଭ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଭବିଷ୍ୟସୂଚକ କୃତ୍ରିମ ବୁଦ୍ଧିମତ୍ତା) ଅତ୍ୟଧିକ ୟୁଜରଙ୍କୁ ଆକର୍ଷିତ କରିପାରିଥିଲା। ଫଳରେ ଏହାକୁ ନେଇ ଗତ ମାସେରୁ ୩ ମାସ ସମୟକୁ ଏକ ସ୍ମରଣୀୟ କ୍ଷଣ କୁହାଯାଇପାରେ। ଚାଟ୍‌ଜିପିଟି–୩ ଆରମ୍ଭ ହେବା ମାତ୍ର କିଛି ସପ୍ତାହ ମଧ୍ୟରେ ଏହା ମାସକୁ ପ୍ରାୟ ୧୦୦ ମିଲିୟନ ୟୁଜରଙ୍କୁ ଆକର୍ଷିତ କରିଥିଲା। ନିଃସନ୍ଦେହ ଯେ, ସେମାନଙ୍କ ମଧ୍ୟରୁ ଅନେକେ ଏହାର ଖରାପ ପରିଣାମକୁ ଅନୁଭବ କରିଛନ୍ତି। ଏବେ ଲେଖା, ବକ୍ତବ୍ୟ, ଆର୍ଟ ଏବଂ ଭିଡିଓ ସୃଷ୍ଟି କରିବା ଲାଗି ଆର୍ଟିଫିସିଆଲ ଇଣ୍ଟେଲିଜେନ ବା କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ଗୁଡ଼ିକର ଦ୍ରୁତ ଅଗ୍ରଗତି ହେଉଛି। ଶାସନ, ବାଣିଜ୍ୟ ଏବଂ ସାମାଜିକ ଜୀବନରେ ଏହାର ଦୀର୍ଘମିଆଦୀ ଉପଯୋଗ ହେଉଛି। ଉକ୍ତ କ୍ଷେତ୍ରକୁ ବି ଅତ୍ୟଧିକ ପୁଞ୍ଜି ପ୍ରବାହ ହେବାରେ ଲାଗିଛି। ସଦ୍ୟ ବିକଶିତ ମେଶିନ ଲର୍ନିଂ ସାଧନଗୁଡ଼ିକର ବିନିଯୋଗ ଓ ବିକାଶ ପାଇଁ ଷ୍ଟାର୍ଟଅପ୍‌ଗୁଡ଼ିକରେ ସରକାର ଓ କମ୍ପାନୀଗୁଡ଼ିକ ନିବେଶ କରୁଛନ୍ତି।

ଗୁରୁତ୍ୱପୂର୍ଣ୍ଣ ଯେ, ପ୍ରେଡିକ୍‌ଟିଭ ଆନାଲେଟିକ୍ସ ପ୍ରଯୁକ୍ତିର ଗ୍ରହଣୀୟତା କେବଳ ଧନୀ ଦେଶ ଏବଂ ଗୁଗଲ, ମେଟା ଓ ମାଇକ୍ରୋସଫ୍ଟ ଭଳି କମ୍ପାନୀଗୁଡ଼ିକରେ ସୀମିତ ନ ରହି ନିମ୍ନ ତଥା ମଧ୍ୟମ ଆୟ ବର୍ଗର ଅର୍ଥ ବ୍ୟବସ୍ଥାଗୁଡ଼ିକରେ ପ୍ରସାରିତ ହେବାରେ ଲାଗିଛି। ଏହିସବୁ ଦେଶରେ ସହରୀ ଅସମାନତା କମ୍ ହେବାଠାରୁ ଆରମ୍ଭ କରି ଖାଦ୍ୟ ସୁରକ୍ଷାର ସମାଧାନ ଯାଏ ସବୁଥିରେ ପ୍ରଭାବୀ ମନେହେଉଛି। ଏହା ଦକ୍ଷତା ବୃଦ୍ଧିକରିବା ସହ ସାମାଜିକ ଓ ଅର୍ଥନୈତିକ ଲାଭର ପଥ ଉନ୍ମୁକ୍ତ କରିଛି। ତେବେ ସମସ୍ୟା ହେଉଛି, ଏହାର ଅତ୍ୟଧିକ ନକାରାତ୍ମକ ପ୍ରଭାବ ଦୃଷ୍ଟି ଆକର୍ଷଣ କରିପାରିନାହିଁ। ଅଭୂତପୂର୍ବ କ୍ଷମତାସମ୍ପନ୍ନ ଏଆଇ ସାଧନଗୁଡ଼ିକ ବିପଜ୍ଜନକ ଭାବେ କେବଳ ଏକଛତ୍ରବାଦୀ ଶାସନଗୁଡ଼ିକର ନିରୀକ୍ଷଣ କ୍ଷମତାକୁ ମଜଭୁତ କରିବ। ଏହାର ଏକ ଦୃଷ୍ଟାନ୍ତ ହେଉଛି ଚାଇନାର ସୋସିଆଲ କ୍ରେଡିଟ ସିଷ୍ଟମ।

ତେବେ ଉତ୍ତମ ଲକ୍ଷ୍ୟ ନେଇ ଆଗଉଥିବା ଗଣତାନ୍ତ୍ରିକ ଦେଶ, ସାମାଜିକ ପ୍ରଭାବ ଉପରେ ଗୁରୁତ୍ୱ ଦେଉଥିବା କମ୍ପାନୀ ଏବଂ ପ୍ରଗତିଶୀଳ ଏନ୍‌ଜିଓଗୁଡ଼ିକରେ ଆକଳନକାରୀ ସାଧନଗୁଡ଼ିକ ସବୁଠୁ ଭଲ ନୁହେଁ ବରଂ ତା'ଠାରୁ କମ୍ ପରିଣାମ ସୃଷ୍ଟି କରିପାରେ। ମହତ୍ତ୍ୱପୂର୍ଣ୍ଣ ତଥା ଗୁପ୍ତ ଆଲଗୋରିଦିମର ଡିଜାଇନଗତ ତ୍ରୁଟି ଏବଂ ପକ୍ଷପାତି ଡାଟାସେଟ୍‌ଗୁଡ଼ିକ ଗୋପନୀୟତା ଭଙ୍ଗ କରିବା ସହ ପରିଚୟଭିତ୍ତିକ ବାଛବିଚାର ଆଣିପାରେ। ଏହା ଏବେ ଅପରାଧିକ ନ୍ୟାୟରେ ଏକ ବଡ଼ ସମସ୍ୟା ହୋଇଯାଇଛି, ଯେଉଁଠି ପ୍ରେଡିକ୍‌ଟିଭ ଆନାଲେଟିକ୍ସ ଜାତିଗତ ଏବଂ ସାମାଜିକ–ଅର୍ଥନୈତିକ ବିଭେଦର କାରଣ ହୋଇଛି। କୃତ୍ରିମ ବୁଦ୍ଧିମତ୍ତା କର୍ମସ୍ଥଳୀରେ ଅସମାନତା ବୃଦ୍ଧି କରୁଛି; ଯାହା ଚିନ୍ତାଜନକ।



ଏବେ ସୁଦ୍ଧା ପ୍ରେଡିକ୍‌ଟିଭ ଆଲଗୋରିଦିମ୍ ବୃଦ୍ଧି କରୁଥିବା ଦକ୍ଷତା ଓ ଲାଭ ସାଧାରଣ କର୍ମଚାରୀଙ୍କ ବଦଳରେ ପରିଚାଳକ ଏବଂ ଅଂଶୀଦାରମାନଙ୍କୁ ହିଁ ଅଧିକ ଲାଭଦେଉଛି। ଏହିସବୁ ଉଦାହରଣକୁ ଲକ୍ଷ୍ୟ କଲେ ଜଣାଯାଏ, ଏଆଇ ସମାଜ ପାଇଁ ଏକ ବିକୃତ ସଂସ୍କରଣ ଏବଂ ଏହା ଆମ ବିଭେଦତା ଓ ଅସମାନତା ବଢ଼ାଉଛି। ଟେକ୍‌ନୋଲୋଜି ବିଶେଷଜ୍ଞ ନାନଜିରା ସାମ୍‌ବୁଲି ଉଲ୍ଲେଖ କରିଛନ୍ତି ଯେ, ପୂର୍ବରୁ ଥିବା ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସମସ୍ୟାଗୁଡ଼ିକୁ ସୁଧାରିବା ପରିବର୍ତ୍ତେ ଡିଜିଟାଇଜେଶନ ତାହାକୁ ଖରାପ କରୁଛି। ତେବେ ଆକଳନକାରୀ ସାଧନଗୁଡ଼ିକୁ ଗ୍ରହଣ କରିବାରେ ଯେଉଁ ଆଗ୍ରହ ପ୍ରକାଶ ପାଉଛି ତାହା ଉପରେ ବିଚାରକରିବା ଉଚିତ। ଶକ୍ତିଶାଳୀ ଆଲଗୋରିଦିମ୍‌ର ପ୍ରଭାବ ବିବାଦୀୟ କିମ୍ବା ଅଜଣା ରହିଛି। ତେବେ ପ୍ରତିରକ୍ଷାତ୍ମକ ସିଦ୍ଧାନ୍ତ ବା ନୀତିଗୁଡ଼ିକ ତାହାର ବ୍ୟବହାରକୁ ସୀମିତ ରଖିବାକୁ ବାଟ ଦେଖାଇବ।

ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ନୀତି ନିର୍ଦ୍ଧାରକମାନେ ଏଆଇକୁ ଅନୁମତି ଦେବା ଉଚିତ ନୁହେଁ। ସେଥିପାଇଁ ଜାତିସଂଘ ମାନବ ଅଧିକାର ହାଇକମିଶନର ଏବଂ ଅନ୍ୟମାନେ ଏଆଇ ସିଷ୍ଟମକୁ ନେଇ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ରୋକିବାକୁ ଆହ୍ୱାନ ଦେଇଛନ୍ତି। ଯେ ପର୍ଯ୍ୟନ୍ତ ସେଗୁଡ଼ିକର କ୍ଷତିକୁ ବିଚାରକୁ ନେଇ ନୈତିକ ଏବଂ ମାନବ ଅଧିକାର ଢାଞ୍ଚାଗୁଡ଼ିକର ନବୀକରଣ ନ ହୋଇଛି ସେଯାଏ ଏହାକୁ ରୋକାଯିବା ଦରକାର ବୋଲି କହିଛନ୍ତି। ଉପଯୁକ୍ତ ଢାଞ୍ଚା ଗଠନ କରିବା ସକାଶେ ପ୍ରେଡିକ୍‌ଟିଭ ଏଆଇ ସାଧନର ବ୍ୟବହାର ଓ ଡିଜାଇନ ସମ୍ପର୍କରେ ସୂଚିତ କରୁଥିବା ମୌଳିକ ସିଦ୍ଧାନ୍ତଗୁଡ଼ିକ ଉପରେ ଏକମତ ପ୍ରକାଶ ପାଇବା ଦରକାର। ସୌଭାଗ୍ୟବଶତଃ, କୃତ୍ରିମ ବୁଦ୍ଧିମତ୍ତା ପାଇଁ ଆରମ୍ଭ ହୋଇଥିବା ଦୌଡ଼ ଗବେଷଣା, ଯୋଜନା, ସଂସ୍ଥା ଓ ନୀତିଗତ ନେଟ୍‌ୱର୍କକୁ ସମାନ୍ତରାଳ ଭାବେ ଚଳଚଞ୍ଚଳ କରିଛି। ଓଇସିଡି ଏବଂ ୟୁନେସ୍କୋ ଏଥିରେ ସାମିଲ ହୋଇଛନ୍ତି। ୨୦୨୧ରୁ ନୀତିଗତ ନିୟମଗୁଡ଼ିକୁ ମାନୁଥିବା କୃତ୍ରିମ ବୁଦ୍ଧିମତ୍ତା ପାଇଁ ଏକ ବୈଶ୍ୱିକ ମାନକ ଗଢିବା ଲାଗି ଜାତିସଂଘ କାର୍ଯ୍ୟ କରିଆସୁଛି। ତେବେ ୟୁରୋପୀୟ ସଂଘ ପ୍ରଥମେ ଏକ ଏଆଇ ଆକ୍ଟ ପ୍ରସ୍ତାବ ଦେଇଛି। ଏହି ଆଇନ ଏଆଇ ନିର୍ଦ୍ଦିଷ୍ଟ ବ୍ୟବହାର (ଚାଇନାର ସୋସିଆଲ କ୍ରେଡିଟ ସିଷ୍ଟମ)କୁ ବନ୍ଦ କରିବ ଓ ଅଧିକ ବିପଜ୍ଜନକ ଆପ୍ଲିକେଶନ ଉପରେ ନିରୀକ୍ଷଣ କରିବ। ଏବେସୁଦ୍ଧା ଉତ୍ତର ଆମେରିକା ଓ ପଶ୍ଚିମ ୟୁରୋପରେ ଏହି ବିତର୍କ ଅତ୍ୟଧିକ କେନ୍ଦ୍ରିତ ହୋଇଛି। କିନ୍ତୁ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକ ନିଜର ମୌଳିକ ଆବଶ୍ୟକତା, ସମସ୍ୟା ଏବଂ ସାମାଜିକ ଅସମାନତା ଉପରେ ବିଚାର କରିବାକୁ ପଡ଼ିବ। ଅନେକ ଗବେଷଣାରୁ ଜଣାପଡ଼ିଛି ଯେ, ଉନ୍ନତ ଅର୍ଥ ବ୍ୟବସ୍ଥାଗୁଡ଼ିକର ମାର୍କେଟ ପାଇଁ ସେମାନଙ୍କ ଦ୍ୱାରା ବିକଶିତ ଟେକ୍‌ନୋଲୋଜିଗୁଡ଼ିକ ବହୁ ସମୟରେ ଅନୁନ୍ନତ ଅର୍ଥ ବ୍ୟବସ୍ଥାଗୁଡ଼ିକ ପାଇଁ ଅନୁପଯୁକ୍ତ ହେଉଛି।

ଯଦି ନୂତନ ଏଆଇ ସାଧନସବୁ ଆମଦାନୀ କରି ଆବଶ୍ୟକ ଶାସକୀୟ ବ୍ୟବସ୍ଥା ଆପଣାଇବା ପୂର୍ବରୁ ବ୍ୟାପକ ଭାବେ ବ୍ୟବହାର କରାଯାଏ, ତେବେ ଭଲ ବଦଳରେ ଅଧିକ ଖରାପ ପରିଣାମ ମିଳିବ। ବାସ୍ତବରେ ଏଆଇ ପରିଚାଳନା ପାଇଁ ଯଦି ଆମେ ଏକ ବୈଶ୍ୱିକ ନୀତି ଗଢ଼ିବାକୁ ଯାଉଛେ ତେବେ ଏହିସବୁ ସମସ୍ୟା ଉପରେ ବିଚାର କରିବା ଉଚିତ। ତେବେ ପ୍ରେଡିକ୍‌ଟିଭ ଆନାଲେଟିକ୍ସ ସୁରକ୍ଷା ଓ ବିକାଶ ପାଇଁ ସମସ୍ୟାଗୁଡ଼ିକୁ ଚିହ୍ନଟ କରି ଇଗାରେପ ଇନ୍‌ଷ୍ଟିଚ୍ୟୁଟ ଏବଂ ନ୍ୟୁ ଆମେରିକା ନିକଟରେ ଏକ ନୂଆ ଗ୍ଲୋବାଲ ଟାସ୍କ ଫୋର୍ସ ଆରମ୍ଭ କରିଛନ୍ତି। ଏହା ପ୍ରଥମ ନୀତି ନିର୍ଦ୍ଧାରଣ କରିବା ଲକ୍ଷ୍ୟରେ ଡିଜିଟାଲ ଅଧିକାର ଅଧିଭୋକ୍ତା, ପବ୍ଲିକ ସେକ୍ଟର ସହଭାଗୀ, ଟେକ୍ ଏଣ୍ଟରପ୍ରିନ୍ୟୁର ଏବଂ ଆମେରିକା, ଆଫ୍ରିକା, ଏସିଆ ଓ ୟୁରୋପରୁ ସାମାଜିକ ବିଜ୍ଞାନୀଙ୍କ ବୈଠକକୁ ଆମନ୍ତ୍ରଣ କରିବ। ସାଧାରଣଙ୍କ ସୁରକ୍ଷା ଏବଂ ଗ୍ଲୋବାଲ ସାଉଥ୍ ବା ଆର୍ଥିକ ଓ ଶିଳ୍ପ କ୍ଷେତ୍ରରେ ଦୁର୍ବଳ ଦେଶଗୁଡ଼ିକରେ ପରିବେଶ ଉପଯୋଗୀ ବିକାଶ କ୍ଷେତ୍ରରେ ଆକଳନକାରୀ ଟେକ୍‌ନୋଲୋଜିର ବ୍ୟବହାର ପାଇଁ ଏହା କରାଯିବ। ନୀତି ଓ ମାନକ ସବୁ ଗଢ଼ିବା ହେଉଛି ପ୍ରଥମ ପଦକ୍ଷେପ। କିନ୍ତୁ ସେଗୁଡ଼ିକୁ ଆଇନରେ ଲାଗୁ କରିବା ଏବଂ ପାଳନ କରିବା ପାଇଁ ଅନ୍ତର୍ଜାତୀୟ, ଜାତୀୟ ଏବଂ ଆଞ୍ଚଳିକ ସ୍ତରୀୟ ସହଯୋଗ ଓ ସମନ୍ୱୟ ଆବଶ୍ୟକ। କିନ୍ତୁ ଏହା ଏକ ବଡ଼ ଆହ୍ୱନ ହେବ। ନୂଆ ପ୍ରେଡିକ୍‌ଟିଭ ଏଆଇ ସାଧନଗୁଡ଼ିକୁ ନେଇ ଦେଖାଯାଇଥିବା ବୈଶ୍ୱିକ ଦୌଡ଼ରେ ସମ୍ଭାବ୍ୟ କ୍ଷତି ରୋକିବା ଲାଗି ଉନ୍ନତ ଢାଞ୍ଚା ଦରକାର; ଯାହା ସୁରକ୍ଷା, ସମୃଦ୍ଧି, ପରିବେଶ ଉପଯୋଗୀ ତଥା ମାନବ କୈନ୍ଦ୍ରିକ ଭବିଷ୍ୟତ ସୁନିଶ୍ଚିତ କରିବ।

# ଟପ୍ପରଙ୍କ ଗତି ଓ ସ୍ଥିତି




ରବିନାରାୟଣ ସାମଲ


ମାଟ୍ରିକ୍, ଯୁକ୍ତଦୁଇ, ଯୁକ୍ତ ତିନି, ପିଜି, ମେଡିକାଲ, ଇଞ୍ଜିନିୟରିଂ, ଓପିଏସ୍‌ସି ଓ ୟୁପିଏସ୍‌ସି ଫଳ ପ୍ରକାଶନ ସଙ୍ଗେ ସଙ୍ଗେ ବେଷ୍ଟ ଟେନ୍‌ଥ ବା ଟପ୍ପରଙ୍କ ତାଲିକା ପ୍ରକାଶ ପାଇଥାଏ। ଗଣମାଧ୍ୟମରେ ସେମାନଙ୍କ ସାକ୍ଷାତ୍‌କାର ପ୍ରକାଶ ପାଏ। ସେମାନେ ନିଜ ସଫଳତା ପାଇଁ ମାତାପିତାଙ୍କ ସମେତ ଶିକ୍ଷକ–ଶିକ୍ଷିକା, ଜ୍ଞାତିକୁଟୁମ୍ବ ଏବଂ ସର୍ବଶେଷରେ କେହି କେହି ଭଗବାନଙ୍କୁ ଶ୍ରେୟ ଦେଇଥାନ୍ତି। ସମସ୍ତଙ୍କ ମୁହଁରୁ ଗୋଟିଏ କଥା ଶୁଣିବାକୁ ମିଳେ 'ମୁଁ ସମାଜର ସେବା କରିବି'।

ମାଟ୍ରିକ୍, ଯୁକ୍ତ ଦୁଇ ଓ ଯୁକ୍ତ ତିନିରେ ଟପ୍ପର ହୋଇ ଯେଉଁମାନେ ଉଚ୍ଚତର ଶ୍ରେଣୀରେ ଅଧ୍ୟୟନ କରିବାକୁ ଯାଆନ୍ତି, ସେମାନଙ୍କୁ ଉଚ୍ଚତର ଶ୍ରେଣୀ ପରୀକ୍ଷାର ଟପ୍ପର ତାଲିକାରେ ଆଉ ପ୍ରାୟ ଦେଖିବାକୁ ମିଳେନାହିଁ। ସେମାନେ ବାଟରେ କେଉଁଠି ହଜିଯାଆନ୍ତି ତାହାକୁ ମଧ୍ୟ କେହି କେବେ ଖୋଜି ନ ଥାନ୍ତି। ହୁଏତ ପରିବର୍ତ୍ତିତ ପରିସ୍ଥିତିରେ ସେମାନେ ନିଜକୁ ପୂର୍ବବତ୍ ଅବସ୍ଥାପିତ କରିପାରନ୍ତି ନାହିଁ କିମ୍ବା ନିଜର ଲକ୍ଷ୍ୟ ସ୍ଥଳ ବଦଳାଇ ଅନ୍ୟ କୌଣସି ବୈଷୟିକ ଅନୁଷ୍ଠାନ ବା ପ୍ରତିଷ୍ଠାନରେ ସଂଯୁକ୍ତ ହୋଇଯାଇଥାନ୍ତି।

ଏଥର ଓପିଏସ୍‌ସି ପରୀକ୍ଷା ଫଳ ବାହାରିଲା। କୃତକାର୍ଯ୍ୟ ହୋଇଥିବା ୩୯୨ ଜଣଙ୍କ ମଧ୍ୟରେ ସର୍ବାଧିକ ୬୯ ପ୍ରତିଶତ ମାର୍କ ରଖିଥିଲେ ଟପ୍ପର। ସର୍ବନିମ୍ନ ୧୫ କିମ୍ବା ୧୬ ହୋଇପାରିଥାଏ। ୟୁପିଏସ୍‌ସି ପରୀକ୍ଷାରେ ଟପ୍ପରଙ୍କ ମାର୍କ ଥିଲା ୫୪ ପ୍ରତିଶତ। ଜେଇଇ (ଆଡ୍‌ଭାନ୍ସଡ୍) ପରୀକ୍ଷାରେ ଖୁବ୍ କମ୍ ପ୍ରତିଶତ ମାର୍କ ରଖି ଆଇଆଇଟି ଓ ମେଡିକାଲ କଲେଜରେ ନାମ ଲେଖାଇବାକୁ ସୁଯୋଗ ପାଇଛନ୍ତି ପରୀକ୍ଷାର୍ଥୀ। ଉଲ୍ଲେଖଯୋଗ୍ୟ ଯେ ଦିନକୁ ଦିନ ପରୀକ୍ଷାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ସ୍ଥଳେ କୃତିତ୍ୱ ଅର୍ଜନ କରୁଥିବା ପରୀକ୍ଷାର୍ଥୀଙ୍କ ମାର୍କ ହ୍ରାସ ପାଇବାରେ ଲାଗିଛି। ଏହା ଏକ ଶୁଭ ସଙ୍କେତ ନୁହେଁ ବୋଲି କୁହାଯାଇପାରେ।

ସାଧାରଣତଃ ଯେତେବେଳେ ଆଇଏଏସ୍ ପରୀକ୍ଷା ଫଳ ପ୍ରକାଶ ପାଏ ଆମ ରାଜ୍ୟର ଭାଗ କମ୍ ହୋଇଯାଉଥିବାରୁ ଆମେ ବ୍ୟସ୍ତ ହୋଇ ପଡ଼ନ୍ତି। ଟପ୍ପର ତାଲିକାରେ ଓଡ଼ିଆମାନଙ୍କୁ ଦେଖିଲେ ଆମ ଛାତି କୁଣ୍ଢେ ମୋଟ ହୋଇଯାଏ। ମାତ୍ର ଆମ ରାଜ୍ୟରେ ପୂର୍ବରୁ ଆଇଏଏସ୍ ପାଇଥିବା ସେହି ଧୀସମ୍ପନ୍ନ ବ୍ୟକ୍ତିମାନେ ଯାଆନ୍ତି କୁଆଡ଼େ? ଦିନେ ସମାଜର ସେବା କରିବାର ପ୍ରତିଶ୍ରୁତି ଦେଇଥିବା ସେହି ବ୍ୟକ୍ତିମାନେ ଏବେ କରୁଛନ୍ତି କ'ଣ? ଉଚ୍ଚ ପଦପଦବୀରେ ଅବସ୍ଥାପିତ ହେବା ପରେ ସେମାନେ ଭୁଲିଯାଆନ୍ତି ସମାଜକୁ ଏବଂ ସମାଜରେ ବାସ କରୁଥିବା ସାଧାରଣ ଲୋକଙ୍କୁ। ସରକାରଙ୍କ ଏକାନ୍ତ ଅନୁଗତ ଭୃତ୍ୟ ହୋଇ ସେମାନେ ସାଧାରଣ ଜନତାଙ୍କ ବିରୋଧରେ ଯିବାକୁ ବି ତିଳେ ମାତ୍ର କୁଣ୍ଠାବୋଧ କରନ୍ତି ନାହିଁ। ବର୍ତ୍ତମାନ ଦେଶରେ ଥିବା ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଅଧିକାରୀଙ୍କ ଭୂମିକା ବି ତଦ୍ରୂପ। ଆମ ରାଜ୍ୟରେ ଥିବା ଓଏଏସ୍ ଅଧିକାରୀଙ୍କ ଆନୁଗତ୍ୟ କହିଲେ ନ ସରେ। ସେମାନେ ଶାସକ ଦଳର ହାତବାରିସି ହୋଇ କାର୍ଯ୍ୟ କରିଥାନ୍ତି। ଗଣତନ୍ତ୍ରର ଗଣ୍ଡି ଭିତରେ ସ୍ୱସକ୍ରିୟ ଅମଲାତନ୍ତ୍ର ଦେଶଟାକୁ କେଉଁ ଅବସ୍ଥାକୁ ନେଇଗଲେଣି, ତାହା ଭାବିଲେ ମୁଣ୍ଡ ଘୂରେଇ ଯାଏ।

ମେଡିକାଲ ଏଣ୍ଟ୍ରାନ୍ସରେ କୃତିତ୍ୱ ଅର୍ଜନ କରିଥିବା ପରୀକ୍ଷାର୍ଥୀ ମେଡିକାଲ ପାଠ ପଢ଼ି ସାରିଲା ପରେ ପ୍ରାୟ ନିଯୁକ୍ତି ପାଆନ୍ତି ସରକାରୀ ହସ୍ପିଟାଲରେ। ମାତ୍ର ସେମାନେ ପ୍ରାକ୍ଟିସ୍ କରନ୍ତି ଘରୋଇ ଭାବେ କିମ୍ବା ଘରୋଇ ନର୍ସିଂ ହୋମ୍‌ରେ। ଡାକ୍ତରମାନଙ୍କର ଏତାଦୃଶ କାର୍ଯ୍ୟକୁ କ'ଣ ରୋଗୀ ସେବା କୁହାଯିବ ନା ସମାଜସେବା କୁହାଯିବ? ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍, ଆଇଇଏସ୍, ଓଏଏସ୍ ଓ ଇଞ୍ଜିନିୟର୍‌ମାନେ କେତେବେଳେ ଭିଜିଲାନ୍ସ ଜାଲରେ ପଡୁଛନ୍ତି ତ ଆଉ କେତେବେଳେ ଇଡି ଜାଲରେ। କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି! ମଜାର କଥା ହେଉଛି ଏହି ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କୁ ଧରିବାକୁ ଯେଉଁ ଭିଜିଲାନ୍ସ, ଇଡି, ସିବିଆଇ ଅଧିକାରୀଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି ସେମାନେ ବି ବେଳେ ବେଳେ ନିଜ ଜାଲରେ ପଡ଼ିଯାଉଛନ୍ତି। ମନ୍ତ୍ରୀ, ଯନ୍ତ୍ରୀ ଓ ତନ୍ତ୍ରୀଙ୍କ ଭିତରେ ସତେ ଯେପରି ଏକ ଅଭେଦ୍ୟ ସମ୍ପର୍କ ବଳବତ୍ତର ରହିଛି। ଦେଶର ଆର୍ଥିକ ଶୃଙ୍ଖଳାକୁ ସେମାନେ ଦଳି ମଚକି ଧୂଳିସାତ୍ କରିଦେଉଛନ୍ତି।

ଏହା ନିର୍ଦ୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଯେ ଟପ୍ପର ହେଉଥିବା ଛାତ୍ରୀଛାତ୍ରମାନେ ସମସ୍ତେ ମେଧାବୀ। ସେମାନଙ୍କ ଲାଗି ଉଦ୍ଦିଷ୍ଟ ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ ନିମିତ୍ତ ଦେଶର ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୁଏ। ବିନିମୟରେ ଦେଶ ମଧ୍ୟ ସେମାନଙ୍କଠାରୁ ବହୁତ କିଛି ଆଶା କରେ। ମାତ୍ର ହୁଏ କ'ଣ? ସେଦିନର ମେଧାବୀମାନଙ୍କ ମଧ୍ୟରୁ ଅଧିକାଂଶ ଦୁର୍ନୀତିର ପଙ୍କରେ ଉବୁଟୁବୁ ହୋଇଯାଆନ୍ତି। ବିଚରା ସାଧାରଣ ଜନତା ସେ ସବୁକୁ ମୁଣ୍ଡପାତି ସହି ନିଅନ୍ତି।


ମୋ–୭୯୭୫୦୪୬୪୮୬


## ଏଇ ଭାରତରେ

ପ୍ଲାଷ୍ଟିକ ଓ ରବର ବର୍ଜ୍ୟରୁ ଜୋତା ତିଆରି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଅକ୍ଷୟ ଭାବେ । ପ୍ଲାଷ୍ଟିକ ଓ ରବର ବର୍ଜ୍ୟରୁ ସେ ଏକ ପ୍ରକାର ମଜଭୁତ କନା ତିଆରି କରି ସେଥିରେ ଜୋତା କରୁଛନ୍ତି। ଅକ୍ଷୟଙ୍କ ବୟସ ଏବେ ୨୪। ସେ ଏମ୍‌ବିଏ ଡିଗ୍ରୀ କରୁଥିବାବେଳେ ତାଙ୍କ ମନରେ ଏଭଳି ଭାବନା ଆସିଥିଲା। ଏହା ପରେ ଦୁଇ ବର୍ଷ ସେ ବର୍ଜ୍ୟ ପ୍ଲାଷ୍ଟିକ୍‌ରୁ ମଜଭୁତ କନା ତିଆରି କରିବାର ଟେକ୍‌ନିକ ପାଇବା ଲାଗି ଲାଗିପଡ଼ିଥିଲେ। ଏଭଳି କନାରୁ କିଭଳି ଜୋତା ପ୍ରସ୍ତୁତ କରାଯାଇପାରିବ ସେ ସମ୍ପର୍କରେ ମୁମ୍ବାଇ ଯାଇ ସେଠାକାର ଜୋତା ତିଆରି କରୁଥିବା କାରିଗରଙ୍କ ସାହାଯ୍ୟ ନେଇଥିଲେ। ପାରମ୍ପରିକ ଚମଡ଼ା ପରିବର୍ତ୍ତେ ଜୋତା ତିଆରି କରିବାରେ ସେ ସଫଳ ହେବାପରେ ୨୦୨୧ରେ ଏହାକୁ 'ଥାଏଲେ' ଅର୍ଥାତ୍ ପ୍ଲାଷ୍ଟିକ ବ୍ୟାଗ୍ ବ୍ରାଣ୍ଡରେ ଉତ୍ପାଦନ ଆରମ୍ଭ କଲେ। ଅକ୍ଷୟ ବର୍ଜ୍ୟ ମ୍ୟାନେଜମେଣ୍ଟ ପ୍ଲାଣ୍ଟରୁ ପ୍ଲାଷ୍ଟିକ ଓ ରବର ସଂଗ୍ରହ କରୁଛନ୍ତି। ହଳେ ଜୋତା ଲାଗି ୧୦ଟି ପ୍ଲାଷ୍ଟିକ ବ୍ୟାଗ, ୧୫ ପ୍ଲାଷ୍ଟିକ ବୋତଲ ଦରାକର ହେଉଛି। ଏବେ ସୁଦ୍ଧା ସେ ୫୦,୦୦୦ ପ୍ଲାଷ୍ଟିକ ବ୍ୟାଗ ଓ ୪୮,୦୦୦ ଅଦରକାରୀ ପ୍ଲାଷ୍ଟିକ ବୋତଲ ଅପ୍‌ସାଇକେଲ କରିସାରିଲେଣି। ଭାରତ ବ୍ୟତୀତ ଦୁବାଇ, ୟୁରୋପ, ଆମେରିକା ଏବଂ ଅଷ୍ଟ୍ରେଲିଆରେ ଏହାର ମାର୍କେଟିଂ ପାଇଁ ସେ ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ
DHARITRI

୧୦ ମାର୍ଚ୍ଚ ୧୯୯୮

- ଏଲ୍‌ଟିଟିଇ ଗେରିଲାମାନେ ତ୍ରିଙ୍କୋମାଳି ଜିଲାର ଉତ୍ତର ପୂର୍ବାଞ୍ଚଳରେ ଥିବା ଏକ ପୋଲିସ ଥାନା ଉପରେ ଆକ୍ରମଣ କରିବା ଫଳରେ ୩ ପୋଲିସ କର୍ମଚାରୀଙ୍କ ସମେତ ୧୧ ନିହତ।
- ପ୍ରଖ୍ୟାତ ହଲିଉଡ୍ ଅଭିନେତା ରିଚାର୍ଡ ଗେରେ ମହାବୋଧି ମନ୍ଦିର ଉନ୍ନୟନ ସବ୍‌କମିଟିର ଅଧ୍ୟକ୍ଷ ଭାବେ ମନୋନିତ।
- ଜର୍ଜ ଫର୍ଣ୍ଣାଣ୍ଡିଜ୍ ପାର୍ଲାମେଣ୍ଟରେ ସମତା ପାର୍ଟିର ନେତା ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ।
- ବିହାରର ଶକ୍ତିମନ୍ତ୍ରୀ ବ୍ରଜବିହାରୀ ପ୍ରସାଦଙ୍କ ରାବ୍ରୀ ଦେବୀ ମନ୍ତ୍ରିମଣ୍ଡଳରୁ ଇସ୍ତଫା।

# ବଣୁଆ ମନ ଓ ଶୃଙ୍ଖଳିତ ଆଖି




ଡ. ଶରତ ଚନ୍ଦ୍ର ପରିଡ଼ା


ସୃଜନଶୀଳ ପ୍ରତିଭା ଜନ୍ମିତ ନୁହେଁ, ଅର୍ଜିତ। ଏହା କେବଳ ବୈଜ୍ଞାନିକ ଉଦ୍ଭାବନ ବା ଛାତ୍ର ଜୀବନରେ ଲୋଡ଼ା ହୋଇ ନ ଥାଏ, ପ୍ରତି ମଣିଷ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଏହାର ଗୁରୁତ୍ୱ ଉପଲବ୍ଧି କରାଯାଏ। ଯେ କୌଣସି ବୃତ୍ତି ଓ କାର୍ଯ୍ୟ କ୍ଷେତ୍ରରେ ଆମେ ସୃଜନଶୀଳ ମନନେଇ କାମ କରିପାରିବା। ସାକ୍ଷରତା ପରି ଏହା ଏକ ସାର୍ବଜନୀନ ବିଶ୍ୱୀୟ ଆବଶ୍ୟକତା। ଡିଜିଟାଲ ଇଣ୍ଡିଆର ଶ୍ରମଶକ୍ତି ପାଇଁ ସୃଜନଶକ୍ତି ଅପରିହାର୍ଯ୍ୟ। ଶିକ୍ଷାମନସ୍ତତ୍ତ୍ୱବିତ୍ ଏଡ୍.ୱାର୍ଡ.ଡ଼ି.ବୋନୋ କହନ୍ତି, ''ଏଥିରେ ସନ୍ଦେହ ନାହିଁ ଯେ ସୃଜନଶୀଳତା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାନବସମ୍ବଳ। ସୃଜନଶୀଳତା ବିନା ପ୍ରଗତି ନାହିଁ, ଆମେ ସବୁଦିନେ କେବଳ ଏକା ପଦ୍ଧତି(ପାରମ୍ପରିକ ବଳଦିଆ)ର ପୁନରାବୃତ୍ତି କରି ଚାଲିଥିବୁ।''ଏକବିଂଶ ଶତାବ୍ଦୀରେ ବିଜ୍ଞାନର ପ୍ରଯୁକ୍ତି ବିଦ୍ୟା ସହିତ ସୃଜନଶୀଳତାକୁ ସଂଯୋଗ କଲେ ସର୍ବଶ୍ରେଷ୍ଠ ମୂଲ୍ୟବୋଧ ସୃଷ୍ଟି ହୋଇପାରିବ। ସୃଜନଶୀଳତା ମୂଳରେ ଶିକ୍ଷାର ଦର୍ଶନ ଅପେକ୍ଷା ଉପାର୍ଜନ କ୍ଷମତା ଭଳି ଆର୍ଥନୀତିକ ପ୍ରସଙ୍ଗ ଅଗ୍ରାଧିକାର ଲାଭ କରିଛି। ଶିକ୍ଷା ଉଦ୍ଦେଶ୍ୟମୂଳକ ହେଲେ ସୃଜନଶୀଳ ହୁଏ। ସୃଜନଶୀଳତା ଫୁଟିଲେ ଚିନ୍ତାର ଉଦ୍ରେକ ଘଟେ। ଚିନ୍ତାର ଉଦ୍ରେକ ଘଟିଲେ ଜ୍ଞାନ ପ୍ରଜ୍ୱଳିତ ହୁଏ। ଜ୍ଞାନ ପ୍ରଜ୍ୱଳିତ ହେଲେ ଆର୍ଥିକ ଅବସ୍ଥାରେ ଉନ୍ନତି ଘଟେ। ସୃଜନ ଏକ ମନସ୍ତାତ୍ତ୍ୱିକ କୌଶଳ ଯାହା ଶିକ୍ଷାକୁ ଅଭିବୃଦ୍ଧ କରେ। ଶ୍ରେଣୀରେ ଏହା ଗୋଟିଏ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟର ରୂପାୟନ ହୋଇ ପାରେ। ସୃଜନଶୀଳ ହେବା ପାଇଁ ଗୋଟିଏ ଉପାୟ ନାହିଁ, ଏକାଧିକ ଉପାୟ ଅଛି। ଡ. ଏ.ପି.ଜେ. ଅବ୍‌ଦୁଲ କଲାମଙ୍କ ମତ–'ଭବିଷ୍ୟତର ସଫଳତା ନିମନ୍ତେ ସୃଜନଶୀଳତା ଏକ ଚାବି।'

ସୃଜନଶୀଳତାର ପରିଭାଷା ନୂତନ ଚିନ୍ତାର ଉଦ୍ରେକ। ନୂତନ ଓ ଯୁଗୋପଯୋଗୀ ଉତ୍ପାଦର ସର୍ଜନ ହିଁ ସୃଜନଶୀଳତା। ମୌଳିକତ୍ୱ ବା ନୂତନତ୍ୱ ଓ ଯୁଗୋପଯୋଗୀ ଉପଯୋଗିତା–ଏହି ଦୁଇଟି ସୃଜନର ସଂଜ୍ଞା। କିଛି ପଦାର୍ଥ ଉତ୍ପନ୍ନ ହେଉ ବା ନ ହେଉ ନିଜର ଅନ୍ତର୍ନିହିତ ପ୍ରତିଭାକୁ ବିନିଯୋଗ କରି କିଛି ନୂଆ ପଦାର୍ଥ ଉତ୍ପନ୍ନ କରିବାର ପ୍ରଚେଷ୍ଟା ହେଉଛି ସୃଜନଶୀଳତା। ଏହା କୌଶଳ ଆବଶ୍ୟକ କରୁଥିବା ବିଶେଷ ଚିନ୍ତନ ପ୍ରକ୍ରିୟା। ନୂତନତା ଅନୁସନ୍ଧାନରେ ଏହା ନିରନ୍ତର ଗବେଷଣାତ୍ମକ ମାନସିକ ସାମର୍ଥ୍ୟ। ଏହା ଗୋଟିଏ ଭାବନା ଓ ଗୋଟିଏ କଳାତ୍ମକ ସୃଷ୍ଟି ବା ଗୋଟିଏ ଉଦ୍ଭାବନ ହୋଇପାରେ। ସୃଜନୀ ଶକ୍ତି ବଳରେ ନୂତନ ଉଦ୍ଭାବନ କୌଶଳ ବାହାର କରିବା ହେଉଛି ସର୍ଜନାର ପରିପ୍ରକାଶ। ଯାହା ଆଗରୁ ନାହିଁ ତାକୁ ଏହା ଦେଖେ ଓ ବାସ୍ତବ ରୂପ ଦିଏ। ଜଣେ ସୃଜନଶୀଳ ବ୍ୟକ୍ତି ଅସ୍ୱଚ୍ଛତା ସହ ବଞ୍ଚିବାକୁ ଭଲ ପାଏ। ସମସ୍ୟାର ସମାଧାନ ସହସା ହୋଇଯାଉ, ସେ ଚାହାନ୍ତି ନାହିଁ। ନୂତନ ଭାବନା ଜନ୍ମ ନେବା ପର୍ଯ୍ୟନ୍ତ ସେ ଅପେକ୍ଷା କରିଥାନ୍ତି। ମାରିଲୋ କୁକ୍‌ଙ୍କ ଭଳି ଗବେଷକମାନେ କହନ୍ତି, ''ସୃଜନଶୀଳତା ହେଉଛି ଉଦ୍ଭାବନ, ପରୀକ୍ଷଣ, ବୃଦ୍ଧିପ୍ରାପ୍ତି, କ୍ଷତି ବା ବିପଦକୁ ବରଣ କରିବାର ଇଚ୍ଛା, ଭୁଲ୍ କରିବା ଓ କୌତୁକ କରିବା।''

ସୃଜନଶୀଳତାର ବିକାଶ ପଥରେ ସୃଜନ ଭଳି ଅଦ୍ୱିତୀୟ କାର୍ଯ୍ୟରେ ଅନ୍ୟକୁ ଅନୁକରଣ (ଶଗଡ଼ଗୁଳା) କରିବାର ଇଚ୍ଛା ନ ଥାଏ। ନିଜ ଭିତରେ ଥିବା ଶକ୍ତିକୁ ଅନୁଭବ କରି ଅନ୍ତର୍ଦୃଷ୍ଟିକୁ ବିକଶିତ କଲେ ନୂତନ ଧାରଣା, ଭାବନା ଓ କଳ୍ପନାର ଉଦ୍ରେକ ଘଟେ। ଆମର ଦୃଷ୍ଟି ନିର୍ମାଣାତ୍ମକ ହୋଇପାରିଲେ ସୃଷ୍ଟି ତଦନୁରୂପ ହେବ। ସୃଜନଶୀଳତା ହେଉଛି ଏକ ଉପହାର, ଅସଜଡ଼ା ପରିବେଶରେ ଏହାର ପରିପ୍ରକାଶ ଘଟେ ନାହିଁ। ବାସ୍ତବରେ ମସ୍ତିଷ୍କର ବିଭିନ୍ନ ଅଞ୍ଚଳ ଇତସ୍ତତ ବିକ୍ଷିପ୍ତ ହୋଇ ରହିଛି। ସେମାନଙ୍କ ମଧ୍ୟରେ ସମନ୍ୱୟ ଆଣି ସେମାନଙ୍କର ଗତିକୁ ପାରସ୍ପରିକ କରିପାରିଲେ ମାନସିକ ବିକାଶର ଉନ୍ମେଷ ହୁଏ। ମନ ଗୋଟିଏ ଖାଲି ପାତ୍ର ନୁହେଁ ତାକୁ ଭରି ଦେଇ ହେବ। ଏଥିରେ ଅଗ୍ନିସଂଯୋଗ କରି ଜଳାଇବାକୁ ହେବ। ବାମ ଦକ୍ଷିଣ ଓ ତଳ ଉପର ସ୍ୱାଧୀନ ଚିନ୍ତା କରିବା ହେଉଛି ନୂଆ ପଦାର୍ଥ ଚିନ୍ତା କରିବାର ଧାରା, ନବକ୍ରିୟା। ଏହି ପ୍ରସଙ୍ଗରେ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନଙ୍କ ମତ–''ଶିକ୍ଷା ଅର୍ଥ କିଛି ତଥ୍ୟ ଆହରଣ କରିବା ନୁହେଁ। କେମିତି ଚିନ୍ତା କରିବାକୁ ହୁଏ ଏହା ହେଉଛି ମନର ତାଲିମ।'' ଜାତିର ପିତା ଗାନ୍ଧୀ ମହାତ୍ମାଙ୍କ ମତରେ ''ମଣିଷ ହେଉଛି ତା'ଭାବନାର ଉତ୍ପାଦ, ସେ ଯାହା ଭାବେ ତାହା ହୋଇଥାଏ।'' ଅନ୍ୟ ଭାଷାରେ ସ୍ୱପ୍ନଦେଖାରୁ ସୃଜନର ଜନ୍ମ। ସ୍ୱପ୍ନ ଆମର ଚରିତ୍ରର କଷଟି ପଥର। ସ୍ୱପ୍ନ ଦେଖିବା ସୃଜନର ମଞ୍ଜି। କଳ୍ପନା ଏହାର ଅଙ୍କୁରୋଦଗମ୍। କଳ୍ପନା ସୃଜନଶୀଳତାର ଆଧାରଶିଳା। ବୁଦ୍ଧିର ପ୍ରକୃତ ଲକ୍ଷଣ ଜ୍ଞାନ ନୁହେଁ, କଳ୍ପନା। କେବଳ କଳ୍ପନା ମାଧ୍ୟମରେ ବାସ୍ତବତା ଶିକ୍ଷା ଦିଆଯାଇପାରିବ ବା ଅପ୍ରକାଶ୍ୟ ପ୍ରକାଶ୍ୟ ହୋଇପାରିବ। ଜ୍ଞାନଠାରୁ କଳ୍ପନା ଗୁରୁତ୍ୱପୂର୍ଣ୍ଣ। ବ୍ୟକ୍ତିତ୍ୱ ଓ ମୌଳିକତା ବହୁ ମୂଲ୍ୟବାନ୍। ଯୁକ୍ତି ଜଣକୁ 'କ'ରୁ 'ଖ'କୁ ନିଏ, କିନ୍ତୁ କଳ୍ପନା ଜଣକୁ ସବୁସ୍ଥାନକୁ ନେଇଯାଏ। ସୃଷ୍ଟିର ଆରମ୍ଭ ହେଉଛି କଳ୍ପନା। କୁହାଯାଇଛି–''ତୁମେ ଯାହା ଇଚ୍ଛା କରୁଛ ତାହା କଳ୍ପନା କର, ତୁମେ ଯାହା କଳ୍ପନା କରୁଛ ତୁମେ ତାହା ହୋଇଯିବ ଓ ଶେଷରେ ତୁମେ ଯାହା ଚାହୁଁଛ ତାହା ସୃଷ୍ଟି କରିପାରିବ।'' ବସ୍ତୁଗୁଡ଼ିକର ସଂଯୋଗ ଓ ସଂଶ୍ଳେଷଣ ଦ୍ୱାରା ସର୍ଜନ ଶକ୍ତିର ବିକାଶ ଘଟେ। ସୃଜନଶୀଳ ଲୋକଙ୍କ ବିଷୟରେ ପଢ଼ିବା ଓ ଶୁଣିବା ଦ୍ୱାରା ସୃଜନଶୀଳତାର ସ୍ଫୁରଣ ହୋଇପାରେ। ଶିଶୁମାନଙ୍କଠାରେ ସ୍ୱାଧୀନଚିନ୍ତା ଓ କଳ୍ପନାଶକ୍ତି ପ୍ରଚୁର ପରିମାଣରେ ଥାଏ। ନାସା ପକ୍ଷରୁ ୧୬୦୦ ପିଲାଙ୍କୁ ନେଇ ଏକ କ୍ରିଏଟିଭ୍ ଜେନିୟସ ଲେଭଲ ଟେଷ୍ଟ କରାଯାଇଥିଲା। ସେଥିରୁ ଜଣାପଡ଼ିଲା ୩–୫ ବୟସର ପିଲାମାନଙ୍କଠାରେ କ୍ରିଏଟିଭ୍ ଜେନିୟସ ଲେଭଲ ହେଉଛି ଶତକଡ଼ା ୯୮। ୮–୧୦ ବୟସର ପିଲାମାନଙ୍କର ଏହା କମିଯାଇ ଶତକଡ଼ା ୩୨, ୧୩–୧୫ ବୟସର ପିଲାମାନଙ୍କ ଠାରେ ଏହା ଶତକଡ଼ା ୧୦ ଓ ୨୫ରୁ ଊର୍ଦ୍ଧ୍ୱ ବୟସର ଯୁବକମାନଙ୍କଠାରେ ଏହା ଶତକଡ଼ା ୨। ଶିଶୁର ସୃଜନଶକ୍ତି ଓ ଯୁବକର ପ୍ରଚେଷ୍ଟା ରହିଲେ ସୃଜନଶକ୍ତିର ବିକାଶ ଘଟିପାରିବ।



ସୃଜନଶୀଳ ଲୋକେ ଶିଖିବାକୁ ସବୁବେଳେ ଆଗ୍ରହୀ, ନମନୀୟ, ନଛୋଡ଼ବନ୍ଧା, ସ୍ୱାଧୀନ, ପ୍ରଚଣ୍ଡ ଭାବରେ ଦୁଃସାହସୀ ଓ ବିପଦପୂର୍ଣ୍ଣ ଖେଳ ଖେଳିବାକୁ ଭଲ ପାଆନ୍ତି। ସେଥିପାଇଁ 'ସୃଜନଶୀଳତା ହେଉଛି ଗୋଟିଏ ବଣୁଆ ମନ ଓ ଶୃଙ୍ଖଳିତ ଆଖି' ବୋଲି ଡୋରୋଥି ପାର୍କର କହନ୍ତି। ସୃଜନଶୀଳ ସାଧକର ଦୃଢ଼ ବିଶ୍ୱାସ ରହୁ ଯେ ଗୋଟିଏ ଧାରଣା ବା ଭାବନା ବିଫଳ ହୋଇଯାଇଛି ସିନା ଚେଷ୍ଟା ବିଫଳ ହୋଇ ନାହିଁ।


ପଟିଆ, ଭୁବନେଶ୍ୱର
ମୋ: ୭୦୦୮୪୭୫୪୪୧


## ସୁଡୋକୁ

su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | 8 | | | 6 | |
| | | | 7 | 5 | | 2 | | |
| | | 1 | 2 | | | 3 | | |
| | 8 | | | | | | | 7 |
| 1 | 4 | | | | | | | |
| | 6 | | 3 | 7 | | 5 | | |
| 8 | 5 | | | | | | | |
| | | 4 | | | 2 | | | |
| | 7 | | 9 | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 9 | 3 | 2 | 5 | 8 | 4 | 7 |
| 4 | 7 | 3 | 6 | 8 | 1 | 2 | 9 | 5 |
| 2 | 5 | 8 | 4 | 9 | 7 | 1 | 3 | 6 |
| 7 | 2 | 5 | 9 | 3 | 8 | 6 | 1 | 4 |
| 1 | 3 | 4 | 7 | 6 | 2 | 5 | 8 | 9 |
| 9 | 8 | 6 | 1 | 5 | 4 | 7 | 2 | 3 |
| 3 | 6 | 7 | 2 | 1 | 9 | 4 | 5 | 8 |
| 8 | 4 | 2 | 5 | 7 | 3 | 9 | 6 | 1 |
| 5 | 9 | 1 | 8 | 4 | 6 | 3 | 7 | 2 |

ଗତ ସଂସ୍କରଣର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆକାଶରେ ଗୋଇନ୍ଦାଗିରି

ମହାଶୟ,

ଆମେରିକାର ଉପକୂଳ ଆକାଶରେ ଚାଇନାର ଗୋଇନ୍ଦା ବେଲୁନ୍‌କୁ ପେଣ୍ଟାଗନ୍ ଖସାଇଦେବା ଘଟଣା ଦୁଇ ବୃହତ୍ ଶକ୍ତିଙ୍କ ସମ୍ପର୍କକୁ ଆହୁରି ଉତ୍ତେଜିତ କରିଛି। ସେହିପରି ଆଉ ଏକ ଗୋଇନ୍ଦା ବେଲୁନ୍ କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକା ଆକାଶରେ ଉଡୁଥିବା କୁହାଯାଇଛି। ଏହା ନିଶ୍ଚିତ ଯେ, ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଚାଇନାର ସାମର୍ଥ୍ୟକୁ କେବେହେଲେ ଅଣଦେଖା କରାଯାଇ ନ ପାରେ। ତେବେ ଭାରତ ପାଇଁ ଏହା ଏକ ମହାଶିକ୍ଷା। କାରଣ ସୀମାବିବାଦ ନେଇ ଚାଇନା ସହ ସମ୍ପର୍କ ଆଦୌ ଭଲ ନାହିଁ। ରିପୋର୍ଟରୁ ପ୍ରକାଶ, ଆଉ ଏକ ଗୋଇନ୍ଦା ବେଲୁନ୍ ଭାରତ ଓ ଜାପାନ ଆକାଶରେ କିଛିମାସ ତଳେ ଉଡ଼ିଥିଲା। ଏହା ଯଦି ସତ୍ୟ ହୋଇଥାଏ, ତେବେ ଅତ୍ୟନ୍ତ ଚିନ୍ତାଜନକ । ଏଥିପ୍ରତି ଭାରତ ସତର୍କ ଓ ସଜାଗ ରହିବା ଜରୁରୀ। ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ଚାଇନା ଅନ୍ୟ ଦେଶ ଉପରେ ଗୋଇନ୍ଦାଗିରି କରୁଛି। ଗୋଟିଏ ପଟେ ଚାଇନା ଭାରତୀୟ ସୀମାରେ ଉତ୍ତେଜନା ସୃଷ୍ଟି କରୁଥିବାବେଳେ ଅନ୍ୟପଟେ ଭାରତ ଉପରେ ଗୋଇନ୍ଦା କାର୍ଯ୍ୟକଳାପକୁ ସକ୍ରିୟ କରିଛି। ଏହାକୁ ଦୃଷ୍ଟିରେ ରଖି ଭାରତ ଉଚ୍ଚ ବୈଷୟିକଯୁକ୍ତ ଗୋଇନ୍ଦା ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

–ସୌଭାଗ୍ୟ ରଞ୍ଜନ ମହାନ୍ତି, ଗାଙ୍ଗୋତ୍ରୀନଗର, ଶିଶୁପାଳଗଡ଼, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସକଳ ରୂପ ଅରୂପ ହେଲା
ଅତନୁ ହେଲା ତନୁ
ସକଳ ଭାବ ସକଳ ଭାଷା
ମିଳାଇ ଗଲା କନୁ।

–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମୁଁ କାହିଁକି ନାରୀ ଓ ପୁରୁଷର ସମାନତା ବିଷୟରେ ଆଶାବାଦୀ

## ତାଙ୍କ କଥା, ମୋ କଥା


ଦ୍ରୌପଦୀ ମୁର୍ମୁ

ମୁଁ ଗତବର୍ଷ ସମ୍ବିଧାନ ଦିବସରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଆୟୋଜିତ ଉତ୍ସବରେ ସମାପନୀ ଭାଷଣ ଦେଉଥିଲି। ନ୍ୟାୟ ପ୍ରସଙ୍ଗରେ କହିଲାବେଳେ ବିଚାରାଧୀନ କଏଦୀଙ୍କ କଥା ମୋର ମନେପଡ଼ିଗଲା ଏବଂ ସେମାନଙ୍କ ଦୁର୍ଦ୍ଦଶା ବିଷୟରେ ନ କହି ମୁଁ ରହିପାରିଲି ନାହିଁ। ମୁଁ ସେଦିନ ଯାହାସବୁ କହିଥିଲି, ସେସବୁ ଥିଲା ମୋ' ହୃଦୟର କଥା। ତେଣୁ ସେ କଥାର ସକାରାତ୍ମକ ପ୍ରଭାବ ପଡ଼ିଛି। ସେଦିନ ପରି, ଆଜି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ମୁଁ ଆପଣମାନଙ୍କୁ ମୋ' ହୃଦୟର ଆଉ କିଛି କଥା କହିବାକୁ ଇଚ୍ଛାକରୁଛି।

ପିଲାଟି ଦିନରୁ ହିଁ ମୁଁ ସମାଜରେ ନାରୀର ସ୍ଥିତିକୁ ନେଇ ଚିନ୍ତିତ ହୋଇଆସିଛି। ଗୋଟିଏ ପକ୍ଷରେ କନ୍ୟା ସନ୍ତାନକୁ ଚାରିଆଡ଼େ ଖୁବ୍ ଆଦର କରାଯାଏ ଏବଂ ଶୁଭ ଦିନଗୁଡ଼ିକରେ ପୂଜା ମଧ୍ୟ କରାଯାଏ। ଅପରପକ୍ଷେ, ତା' ବୟସର ପୁଅମାନଙ୍କ ତୁଳନାରେ ସମାଜରେ ତା' ପାଇଁ ସୁବିଧାସୁଯୋଗ ଯେ ଊଣା, ତାହା ସେ ଖୁବ୍‌ଶୀଘ୍ର ଜାଣିପାରେ। ପୁଣି ଗୋଟିଏ ପକ୍ଷରେ ନାରୀକୁ ତା'ର ଅନ୍ତର୍ନିହିତ ପ୍ରଜ୍ଞା ପାଇଁ ସମ୍ମାନ ଦିଆଯାଏ ଏବଂ ସମସ୍ତଙ୍କର ଯତ୍ନ ନେଉଥିବାରୁ ତାକୁ ପରିବାରର କେନ୍ଦ୍ର ଭାବରେ ବିବେଚନା କରାଯାଏ। ଅପରପକ୍ଷରେ ପରିବାର କିମ୍ବା ତା' ନିଜ ବିଷୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା କ୍ଷେତ୍ରରେ ତା'ର ଭୂମିକା ସୀମିତ।

ସମୟକ୍ରମେ, ଯେତେବେଳେ ଜଣେ ଛାତ୍ରୀ ଭାବରେ, ତା'ପରେ ଜଣେ ଶିକ୍ଷୟିତ୍ରୀ ଏବଂ ପରେ ପରେ ଜଣେ ସମାଜସେବୀ ଭାବରେ ଘରୁ ଗୋଡ଼ କାଢ଼ିଲି, ସମାଜରେ ଏପରି ବିରୋଧାତ୍ମକ ମନୋଭାବ ଦେଖି ମୁଁ ଆଶ୍ଚର୍ଯ୍ୟ ନ ହୋଇ ରହିପାରିଲି ନାହିଁ। ବେଳେବେଳେ ମୁଁ ଅନୁଭବ କରିଛି ଯେ ବ୍ୟକ୍ତିଗତ ସ୍ତରରେ ଆମ ମଧ୍ୟରୁ ଅନେକେ ପୁରୁଷ ଏବଂ ମହିଳାଙ୍କୁ ସମାନ ବୋଲି ବିଚାର କରନ୍ତି। କିନ୍ତୁ ସାମୂହିକ ସ୍ତରରେ ସେମାନେ ସମାଜର ଅଧା ଲୋକ, ଅର୍ଥାତ୍ ନାରୀମାନଙ୍କ ଉପରେ କଟକଣା ଲଦି ଦିଅନ୍ତି। ମୋ' ଜୀବଦ୍ଦଶା ମଧ୍ୟରେ ଅଧିକାଂଶ ଲୋକ ନାରୀ-ପୁରୁଷ ସମାନତାର ଅବଧାରଣା ଆଡ଼କୁ ଅଗ୍ରସର ହେଉଥିବା ମୁଁ ଲକ୍ଷ୍ୟ କରିଛି। ତେବେ ପୁରୁଣା ଅଭ୍ୟାସ ପରି ପୁରୁଣା ରୀତିନୀତି ଓ ପରମ୍ପରା ସାମାଜିକ ସ୍ତରରେ ଚାଲୁରହିଛି।

ଏହା ପୃଥିବୀର ସବୁ ମହିଳାଙ୍କ କରୁଣ କାହାଣୀ। ବିଶ୍ୱ ଜନସଂଖ୍ୟାର ଅଧାଲୋକଙ୍କ ଅର୍ଥାତ୍ ନାରୀମାନଙ୍କ ଜୀବନ ବାଧାବିଘ୍ନରୁ ହିଁ ଆରମ୍ଭ ହୋଇଥାଏ। ଏକବିଂଶ ଶତାବ୍ଦୀରେ, ଆମେ କଳ୍ପନାତୀତ ଭାବରେ ସର୍ବାଙ୍ଗୀନ ପ୍ରଗତି ହାସଲ କରିଥିବାବେଳେ ଅନେକ ରାଷ୍ଟ୍ରରେ ଏ ପର୍ଯ୍ୟନ୍ତ ମହିଳାମାନେ ରାଷ୍ଟ୍ରମୁଖ୍ୟ କିମ୍ବା ଶାସନମୁଖ୍ୟ ହୋଇପାରି ନାହାନ୍ତି। ଅଧିକନ୍ତୁ ପୃଥିବୀରେ ଏମିତି କିଛି ସ୍ଥାନ ଅଛି, ଯେଉଁଠି ଦୁର୍ଭାଗ୍ୟବଶତଃ ଆଜି ବି ମହିଳାମାନଙ୍କୁ ତୁଚ୍ଛ ମନେକରାଯାଏ। ସେଠାରେ ଜଣେ ଝିଅ ପାଇଁ ସ୍କୁଲ୍‌କୁ ଯିବା ମଧ୍ୟ ଜୀବନ ମରଣର ପ୍ରଶ୍ନ!

କିନ୍ତୁ ଏମିତି ଯେ ସବୁବେଳେ ହେଉଥିଲା ତା' ନୁହେଁ। ଅତୀତରେ ଭାରତର ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର ମଧ୍ୟ ଦୃଷ୍ଟାନ୍ତ ଅଛି। ମହିଳାମାନଙ୍କର ବୀରତ୍ୱ, ପାଣ୍ଡିତ୍ୟ ଓ ପ୍ରଶାସନିକ ଦକ୍ଷତା ବିଷୟରେ ଆମ ପୁରାଣ ଓ ଇତିହାସରେ ଉଲ୍ଲେଖ ରହିଛି। ଆଜି ଅଗଣିତ ମହିଳା ନିଜ ନିଜର ରୁଚି ଅନୁଯାୟୀ ଦେଶ ଗଠନ କ୍ଷେତ୍ରରେ ଅବଶ୍ୟ ଅଂଶଗ୍ରହଣ କରୁଛନ୍ତି। ସେମାନେ କର୍ପୋରେଟ୍ ସଂସ୍ଥାର ନେତୃତ୍ୱ ନେଉଛନ୍ତି, ଏପରି କି ସୈନ୍ୟବାହିନୀରେ ମଧ୍ୟ କାର୍ଯ୍ୟ କରୁଛନ୍ତି। କିନ୍ତୁ ପୁରୁଷ ଓ ମହିଳାଙ୍କ ମଧ୍ୟରେ ପାର୍ଥକ୍ୟ ଏହି ଯେ ମହିଳାମାନଙ୍କୁ କର୍ମକ୍ଷେତ୍ର ଓ ପରିବାର- ଉଭୟରେ ନିଜର ପାରଦର୍ଶିତା ପ୍ରମାଣ କରିବାକୁ ପଡ଼େ। ସେଥିପାଇଁ ମହିଳାମାନେ ଅଭିଯୋଗ ନ କଲେ ବି ଆଶା କରନ୍ତି ଯେ ସମାଜ ସେମାନଙ୍କ ଉପରେ ଆସ୍ଥା ରଖୁ।

ଏହାଦ୍ୱାରା ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ଆମ ଦେଶର ବିଭିନ୍ନ ପ୍ରତିନିଧିମୂଳକ ସଂସ୍ଥାର ତୃଣମୂଳ ସ୍ତରରେ ମହିଳାମାନଙ୍କର ଉତ୍ତମ ପ୍ରତିନିଧିତ୍ୱ ରହିଛି ସତ, କିନ୍ତୁ ଆମେ ଯେତେ ଉପର ସ୍ତରକୁ ଯିବା ମହିଳାମାନଙ୍କର ସଂଖ୍ୟା ସେତେ ହ୍ରାସ ପାଉଥିବା ଲକ୍ଷ୍ୟ କରିବା। ଏହା କେବଳ ରାଜନୈତିକ କ୍ଷେତ୍ରରେ ନୁହେଁ, ଅମଲାତନ୍ତ୍ର, ନ୍ୟାୟପାଳିକା ଓ କର୍ପୋରେଟ୍ ସଂସ୍ଥା ଆଦିରେ ମଧ୍ୟ ଦେଖିବାକୁ ମିଳୁଛି। ଏଠାରେ ଉଲ୍ଲେଖନୀୟ ଯେ, ଅଧିକ ସାକ୍ଷରତା ହାର ଥିବା ରାଜ୍ୟଗୁଡ଼ିକରେ ମଧ୍ୟ ଏହା ପରିଲକ୍ଷିତ ହେଉଛି। ଏଥିରୁ ସ୍ପଷ୍ଟ ଯେ ଶିକ୍ଷା ଏକାକୀ ମହିଳାମାନଙ୍କ ଆର୍ଥିକ ଏବଂ ରାଜନୈତିକ ସ୍ୱାବଲମ୍ବନକୁ ସୁନିଶ୍ଚିତ କରେ ନାହିଁ।

ସୁତରାଂ ସମାଜର ମାନସିକତାରେ ପରିବର୍ତ୍ତନ ଆସିବା ଆବଶ୍ୟକ ବୋଲି ମୁଁ ଦୃଢ଼ ଭାବରେ ବିଶ୍ୱାସ କରେ। ଏକ ଶାନ୍ତିପୂର୍ଣ୍ଣ ଓ ସମୃଦ୍ଧ ସମାଜ ଗଠନ ନିମନ୍ତେ ନାରୀ ଓ ପୁରୁଷ ମଧ୍ୟରେ ଥିବା ବଦ୍ଧମୂଳ ଭେଦଭାବକୁ ଚିହ୍ନଟ କରାଯିବା ସହିତ ତା'ର ଦୂରୀକରଣ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବା ଉଚିତ। ସାମାଜିକ ନ୍ୟାୟ ଓ ସମାନତାକୁ ପ୍ରୋତ୍ସାହିତ କରିବା ପାଇଁ ସଚେତନ ଭାବରେ ଅବଶ୍ୟ ପ୍ରୟାସ କରାଯାଇଛି। କିନ୍ତୁ ଏସବୁ ପଦକ୍ଷେପ ନାରୀ-ପୁରୁଷ ପ୍ରତିନିଧିତ୍ୱ କ୍ଷେତ୍ରରେ ସନ୍ତୁଳନକୁ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ସାବ୍ୟସ୍ତ ହୋଇନାହିଁ। କୌଣସି ଯୋଜନାବଦ୍ଧ କାର୍ଯ୍ୟ ଯୋଗୁ ନୁହେଁ, ବରଂ ରକ୍ଷଣଶୀଳତା ହେତୁ ଉଭୟ ଶିକ୍ଷା ଓ ଚାକିରିକ୍ଷେତ୍ରରେ ମହିଳାମାନେ ପୁରୁଷଙ୍କଠାରୁ ବହୁ ପଛରେ ପଡ଼ିଛନ୍ତି।

ମୁଁ ଦେଶର ବିଭିନ୍ନ ସ୍ଥାନରେ ଏକାଧିକ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଲକ୍ଷ୍ୟ କରିଛି, ଉପଯୁକ୍ତ ସୁଯୋଗ ପାଇଲେ ଅନେକ ସମୟରେ ମହିଳାମାନେ ଶିକ୍ଷାକ୍ଷେତ୍ରରେ ପୁରୁଷମାନଙ୍କୁ ଅତିକ୍ରମ କରିଯାଉଛନ୍ତି। ଆମ ସମାଜର ଏବଂ ବିଶେଷକରି ଭାରତୀୟ ନାରୀର ଏପରି ଅଦମ୍ୟ ଉତ୍ସାହ ଦେଖି ମୁଁ ଦୃଢ଼ନିଶ୍ଚିତ ଯେ, ଭାରତ ବିଶ୍ୱରେ ନାରୀ-ପୁରୁଷ ସମାନତାର ପଥପ୍ରଦର୍ଶକ ହେବ।

ସମାଜର ଅଧାଲୋକଙ୍କୁ ଅର୍ଥାତ୍ ନାରୀମାନଙ୍କୁ ପଛରେ ରଖି ଆରଅଧକ ଅର୍ଥାତ୍ ପୁରୁଷମାନେ ଯେ ଆଗକୁ ବଢ଼ିପାରିଛନ୍ତି, ତା' ନୁହେଁ। ପ୍ରକୃତ କଥା ହେଉଛି ମଣିଷଜାତିର ଚଳମାନ ଶଗଡ଼ର ଦୁଇ ଚକ ସମାନ ନ ଥିବାରୁ ଏପରି ଅସାମଞ୍ଜସ୍ୟ ସମସ୍ତଙ୍କର କ୍ଷତି କରୁଛି। ମହିଳାମାନଙ୍କୁ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସାମିଲ କରାଗଲେ କେବଳ ଯେ ଅର୍ଥନୈତିକ ପ୍ରଗତି ହେବ ତା' ନୁହେଁ, ଜଳବାୟୁ ସଂକ୍ରାନ୍ତୀୟ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇପାରିବ। ମୁଁ ନିଶ୍ଚିତ ଯେ ମଣିଷଜାତିର ପ୍ରଗତିରେ ମହିଳାମାନଙ୍କୁ ସମାନ ଅଂଶୀଦାର କରାଗଲେ ପୃଥିବୀ ଆହୁରି ସୁନ୍ଦର ହୋଇପାରିବ।

ଆମର ଭବିଷ୍ୟତ ଯେ ଉଜ୍ଜ୍ୱଳ, ଏଥିରେ ମୁଁ ବେଶ୍ ଆଶାବାଦୀ। ମୋ' ଜୀବନର ଅନୁଭୂତିରୁ ମୁଁ ଜାଣିଛି ଯେ, ସମୟକ୍ରମେ ଲୋକେ ବଦଳନ୍ତି ଏବଂ ମନୋଭାବ ବଦଳେ। ଏହା ହିଁ ମଣିଷଜାତିର କାହାଣୀ; ଅନ୍ୟଥା ଆମେ ଏବେ ମଧ୍ୟ ଗୁମ୍ଫାରେ ରହିଥା'ନ୍ତେ। ନାରୀ-ମୁକ୍ତିର କାହାଣୀ ମନ୍ଥର ଗତିରେ ଆଗକୁ ଚାଲିଛି। ଅନେକ ସମୟରେ ଏହାର ଶିଥିଳତା ଯନ୍ତ୍ରଣାଦାୟକ। କିନ୍ତୁ ସନ୍ତୋଷର କଥା, ଏହା ତା'ର ନିର୍ଦ୍ଦିଷ୍ଟ ଗତିପଥରେ ସର୍ବଦା ଆଗେଇ ଚାଲିଛି, କେବେ ବି ବିପରୀତ ଦିଗରେ ଗତି କରିନାହିଁ। ଏହା ମୋର ବିଶ୍ୱାସକୁ ଦୃଢ଼ କରିଛି ଏବଂ ସେଥିପାଇଁ ମୁଁ ବାରମ୍ବାର କହିଆସିଛି ଯେ, ଭାରତର ସ୍ୱାଧୀନତାର ଶତବାର୍ଷିକୀ ପର୍ଯ୍ୟନ୍ତ ଲମ୍ବିଥିବା ଏହି ଅମୃତ କାଳ ହେଉଛି ଆମ ଝିଅମାନଙ୍କର।

ନାରୀ-ପୁରୁଷ ସମାନତା ଭାବର ସୁଦୃଢ଼ ମୂଳଦୁଆରୁ ଆମେ ଏକ ଜାତି ଭାବରେ ଯାତ୍ରା ଆରମ୍ଭ କରିଛନ୍ତି- ଏହା ମୋତେ ବେଶ୍ ଆଶାବାଦୀ କରିଛି। ପ୍ରାୟ ଏକ ଶତାବ୍ଦୀ ପୂର୍ବେ ସ୍ୱାଧୀନତା ସଂଗ୍ରାମ ସମୟରେ ମହାତ୍ମା ଗାନ୍ଧୀଙ୍କ ଜନଆନ୍ଦୋଳନ ମହିଳାମାନଙ୍କୁ ଏରୁଣ୍ଡି ଡେଇଁ ବାହାର ଦୁନିଆରେ ପାଦ ରଖିବାକୁ ଅନୁପ୍ରାଣିତ କରିଥିଲା। ସେହି ଦିନଠାରୁ ଆମ ସମାଜ ଏବଂ ବିଶେଷକରି ଆମ ମହିଳାମାନେ ଏକ ଉନ୍ନତ ଭବିଷ୍ୟତ ଗଠନ କରିବା ପାଇଁ ସ୍ୱପ୍ନ ଦେଖିଆସୁଛନ୍ତି। ମହିଳାଙ୍କ ଲାଗି ଅନୁକୂଳ ହେଉ ନ ଥିବା କୁସଂସ୍କାର ଓ କୁପ୍ରଥାଗୁଡ଼ିକୁ ଆଇନ କିମ୍ବା ସଚେତନତା ମାଧ୍ୟମରେ ଦୂର କରାଯାଉଛି। ଆମ ସମାଜ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡୁଥିବା ଲକ୍ଷ୍ୟ କରାଯାଉଛି। ଉଦାହରଣ ସ୍ୱରୂପ, ଆଜିର ସଂସଦରେ ମହିଳାମାନଙ୍କ ପ୍ରତିନିଧିତ୍ୱ ସର୍ବାଧିକ ରହିଛି। କହିବା ବାହୁଲ୍ୟ ଯେ, ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ରାଷ୍ଟ୍ରପତି ଭାବରେ ମୁଁ ନିର୍ବାଚିତ ହେବା ମହିଳା ସଶକ୍ତୀକରଣ ମହାଗାଥାର ଏକ ଅଂଶବିଶେଷ। ମୁଁ ବିଶ୍ୱାସ କରେ ଯେ ନାରୀ-ପୁରୁଷ ସମାନତାର ବିଚାରକୁ ପ୍ରୋତ୍ସାହିତ କରିବା ପାଇଁ 'ମାତୃତ୍ୱରେ ନେତୃତ୍ୱ ନିହିତ' ଭାବନାକୁ ଉଜାଗର କରାଯିବା ଆବଶ୍ୟକ। 'ବେଟି ବଚାଓ, ବେଟି ପଢ଼ାଓ' ଭଳି ଅନେକ ସରକାରୀ କାର୍ଯ୍ୟକ୍ରମ ସିଧାସଳଖ ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ଗୋଟିଏ ଗୋଟିଏ ଉପଯୁକ୍ତ ପଦକ୍ଷେପ।

ଯେକୌଣସି ସମାଜ ଶ୍ରେଷ୍ଠ ପ୍ରଗତିଶୀଳ ଚିନ୍ତାଧାରା ସହିତ ତାଳ ଦେଇ ଆଗକୁ ଚାଲିବା ନିଶ୍ଚୟ ସମୟସାପେକ୍ଷ। ଏହାକୁ ଆମେ ହୃଦୟଙ୍ଗମ କରିବା ଉଚିତ। ପ୍ରତି ସମାଜ ମଣିଷକୁ ନେଇ ଗଠିତ, ଯାହାର ଅଧା ହେଉଛନ୍ତି ନାରୀ। ଏହି ସମାଜର ପ୍ରଗତିକୁ ତ୍ୱରାନ୍ୱିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ମୁଁ ଆଜି ଅନୁରୋଧ କରିବାକୁ ଚାହେଁ ଯେ ଆପଣମାନେ ନିଜ ପରିବାର, ପଡ଼ୋଶୀ ଏବଂ କର୍ମକ୍ଷେତ୍ରରେ ଏପରି ପରିବର୍ତ୍ତନ ଆଣିବାକୁ ସଂକଳ୍ପ କରନ୍ତୁ; ଯଦ୍ଦ୍ୱାରା ଗୋଟିଏ ଝିଅ ମୁହଁରେ ହସ ଫୁଟିବ ଏବଂ ତା' ଜୀବନରେ ଆଗକୁ ଯିବାର ଅବସର ବୃଦ୍ଧି ପାଇବ। ମୁଁ ଆଗରୁ କହିଛି ଏବଂ ଏବେ ମଧ୍ୟ କହୁଛି ଯେ ଏହା ମୋ' ହୃଦୟର କଥା।

– ଭାରତର ରାଷ୍ଟ୍ରପତି, ନୂଆଦିଲ୍ଲୀ

# ଆଜି ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତ

## ବିଭିନ୍ନ ପ୍ରକଳ୍ପର କରିବେ ଶୁଭାରମ୍ଭ

ଭୁବନେଶ୍ୱର,୯।୩(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଉରକେଲା ଗସ୍ତରେ ଯିବେ। ଅପରାହ୍ନ ୫ଟା ୨୦ମିନିଟରେ ସେ ରାଉରକେଲା ବିମାନବନ୍ଦରରେ ପହଞ୍ଚିବେ। ଏହାପରେ ୫ଟା ୩୦ରେ ସେ ବିଶ୍ରା ଛକ ନିକଟରେ ନିର୍ମିତ ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମକୁ ଉଦ୍‌ଘାଟନ କରିବେ। ଏଥିସହ ଷ୍ଟାଡିୟମ ପରିସରରେ ନିର୍ମାଣ କରାଯାଇଥିବା ବହୁମୁଖୀ କାର୍ ପାର୍କିଂ ଓ ସୁଇମିଂ ପୁଲ୍ କମ୍ପ୍ଲେକ୍ସ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ସେ ରାଉରକେଲା ସହର ତଥା ସୁନ୍ଦରଗଡ଼ ଜିଲାରେ ୯୦୦ କୋଟି ଟଙ୍କାର ୬୦୦ରୁ ଅଧିକ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେହିପରି ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ନିର୍ମିତ ହକି ତାଲିମ କେନ୍ଦ୍ର ଉଦ୍‌ଘାଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ୫ଟା ୫୦ ମିନିଟରେ ମୁଖ୍ୟମନ୍ତ୍ରୀ ଛେଣ୍ଡ ସ୍ଥିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଥିବା ହକି ଭିଲେଜକୁ ଯିବେ। ସନ୍ଧ୍ୟା ୬ଟା ୫୫ ମିନିଟରେ ସେଠାରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ। ପରେ ଏଫ୍‌ଆଇଏଚ୍ କର୍ମକର୍ତ୍ତାଙ୍କୁ ସମ୍ମାନିତ କରିବା କାର୍ଯ୍ୟକ୍ରମ ରହିଛି। ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମ୍ ଭାବେ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡ୍‌ସରେ ସ୍ଥାନ ପାଇଥିବାରୁ ମୁଖ୍ୟମନ୍ତ୍ରୀ ଏହି ରେକର୍ଡ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ୧୪ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ ବୋଲି ଜଣାପଡିଛି।

# ମୁଣ୍ଡ ପିଛା ଋଣଭାର ୧୯,୮୨୫ ଟଙ୍କା

## ରାଜ୍ୟରେ ବଢୁଛି ଋଣ ଭାର

ଭୁବନେଶ୍ୱର,୯।୩(ବ୍ୟୁରୋ)

ରାଜ୍ୟରେ ଋଣ ଭାର ବଢ଼ି ଚାଲିଛି। ମୁଣ୍ଡ ପିଛା ଋଣ ଭାର ୧୯,୮୨୫ ଟଙ୍କାରେ ପହଞ୍ଚିଲାଣି। ୨୦୨୨-୨୩ ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟର ଋଣ ଭାର ୮୭୭୨୬.୬୧ କୋଟି ଟଙ୍କାରେ ପହଞ୍ଚିଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭା ବଜେଟ ଅଧିବେଶନରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟର ଋଣ ଭାର କମାଇବା ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ୨୦୦୬-୦୭ରୁ ୨୦୧୩-୧୪ ଏବଂ ୨୦୨୨-୨୩ରୁ ଏ ପର୍ଯ୍ୟନ୍ତ ସରକାର ଖୋଲା ବଜାରରୁ କୌଣସି ଋଣ କରିନାହାନ୍ତି। ଉଚ୍ଚ ସୁଧ ହାର ଋଣକୁ ଆଗୁଆ ପୈଠ କରାଯାଉଛି। ଅନ୍ୟପକ୍ଷରେ ୨୦୦୫-୦୬ରୁ ୨୦୦୯-୧୦ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୩୮୧.୯୦ କୋଟି ହିସାବରେ ମୋଟ ୧୯୦୯.୫୦ କୋଟି ଟଙ୍କା ଋଣ ପରିଶୋଧରୁ ପାଇଛନ୍ତି। ସେହିପରି ତ୍ରୟୋଦଶ ଅର୍ଥ କମିଶନ ସୁପାରିସ କ୍ରମେ ରାଜ୍ୟ ସରକାରଙ୍କ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା ଆଇନ ୨୦୦୫ ପ୍ରଣୟନ ଓ ଆର୍ଥିକ ପରିଚାଳନା ପାଇଁ ରାଜ୍ୟ ସରକାର ୨୦୧୧-୧୨ ଆର୍ଥିକ ବର୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ବାବଦରେ ୧୩୯.୩୬ କୋଟି ଋଣ ପରିଶୋଧରୁ ପାଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

SMiLE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
• White Phenyle
• Black Phenyle
• Green Phenyle
• Liquid detergent
• Detergent Powder
• Packaging Materials
• Hand Wash
• Dish Wash
• Toilet Cleaner
• Glass Cleaner
• Sanitizer
• Agarbati
Free Training on all products
Other Chemicals
• Bleaching Powder • Alum
• Castic Soda • Acetic Acid
• HCL Acid • Dolomite Powder
• Sulphuric Acid • French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796

Utkalika
ଉତ୍କଳିକା
ଦ୍ୱାରା ଆୟୋଜିତ
ହସ୍ତଶିଳ୍ପ ପ୍ରଦର୍ଶନୀ
ସ୍ଥାନ:
ଏକାମ୍ର ହାଟ, ୟୁନିଟ୍-୩, ଭୁବନେଶ୍ୱର
ତା. ୧୦.୦୩.୨୦୨୩ ରିଖ ପର୍ଯ୍ୟନ୍ତ
ପ୍ରତ୍ୟହ ଦିବା ୨.୦୦ଘଟିକା ଠାରୁ
ରାତ୍ର ୯.୦୦ ଘଟିକା ପର୍ଯ୍ୟନ୍ତ
ପ୍ରାୟୋଜକ:
ହସ୍ତଶିଳ୍ପ ଆୟୁକ୍ତ
ବୟନଶିଳ୍ପ ମନ୍ତ୍ରାଳୟ ଭାରତ ସରକାର ଓ
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
ଆୟୋଜକ:
ଓଡ଼ିଶା ରାଜ୍ୟ ସମବାୟ
ହସ୍ତଶିଳ୍ପ ନିଗମ ଲି. (ଉତ୍କଳିକା)
ଭୁବନେଶ୍ୱର
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର




**ଅଗ୍ରିମ ଟିକସ ପୈଠ କରିବା ପାଇଁ ଉତ୍ତରଦାୟୀ ଟିକସଦାତା**

- ବେତନଭୋଗୀ କର୍ମଚାରୀଙ୍କ ସମେତ ଏପରି ସମସ୍ତ ଆସେସି, ଉତ୍ସରେ ଟିକସ କାଟ/ସଂଗୃହୀତ ହୋଇ ହ୍ରାସିତ ହେବା ପରେ, ଆର୍ଥିକ ବର୍ଷ ପାଇଁ ଯେଉଁମାନଙ୍କର ଟିକସ ଦେୟତା ₹୧୦,୦୦୦/- କିମ୍ବା ଅଧିକ ହେଉଥିବ ।
- ବ୍ୟବସାୟ/ବୃତ୍ତିରୁ ଆୟ କରୁ ନ ଥିବା ନିବାସୀ ବରିଷ୍ଠ ନାଗରିକ ପୈଠ କରିବା ଲାଗି ଉତ୍ତରଦାୟୀ ନୁହନ୍ତି ।

**ପୈଠର ପଦ୍ଧତି**

- ସମସ୍ତ କର୍ପୋରେଟ୍ ଏବଂ ଏପରି ଆସେସି, ଯେଉଁମାନଙ୍କର ଖାତା ଆୟକର ଅଧିନିୟମ, ୧୯୬୧ର ଧାରା **୪୪ଏବି** ଅଧୀନରେ ଖାତା ଅଡିଟ୍ ହେବା ଆବଶ୍ୟକ ହେଉଥିବ, ସେମାନଙ୍କ ପାଇଁ ଇ-ପୈଠ ବାଧ୍ୟତାମୂଳକ ଅଟେ । ଅନ୍ୟାନ୍ୟ ଟିକସଦତାତାଙ୍କ ପାଇଁ ମଧ୍ୟ ଇ-ପୈଠ ସୁବିଧାଜନକ କାରଣ ଏହା ସଠିକ୍ କ୍ରେଡିଟ୍‌କୁ ସୁନିଶ୍ଚିତ କରିଥାଏ ।

| ଧାର୍ଯ୍ୟ ତାରିଖ | ପରିମାଣ |
|---|---|
| ୧୫ ମାର୍ଚ୍ଚ, ୨୦୨୩ କିମ୍ବା ତାହା ପୂର୍ବ ସୁଦ୍ଧା | ଅଗ୍ରିମ ଟିକସର ୧୦୦% ପୈଠଯୋଗ୍ୟ |

*ଅଗ୍ରିମ ଟିକସ ଆଂଶିକ ପୈଠ କରାଗଲେ/ପୈଠ କରା ନ ଗଲେ କିମ୍ବା ପୈଠରେ ବିଳମ୍ବ କରାଗଲେ ସୁଧ ଲାଗୁ ହେବ ।*

cbc 15401/13/0017/2223

For e-Brochures, scan QR code
ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ପରିଷଦ
ଅଧିକ ସୂଚନା ପାଇଁ, ଦୟାକରି ପରିଦର୍ଶନ କରନ୍ତୁ: www.incometax.gov.in
For more information, scan QR code
@IncomeTaxIndia @incometaxindia.official @incometaxindiaofficial @Income Tax India @Income Tax India Official

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୦ ମାର୍ଚ୍ଚ, ୨୦୨୩

**ମୋବାଇଲ୍ ଲୋଭ ଦେଖାଇ ନାବାଳିକାଙ୍କୁ ଗଣବଳାତ୍କାର**

କର୍ଣାଟକ ହୁବଲିରେ ୪ ଜଣ ଯୁବକ ଜଣେ ନାବାଳିକାଙ୍କୁ ମୋବାଇଲ୍ ଫୋନ୍ କିଣିବାର ଲୋଭ ଦେଖାଇ ବଳାତ୍କାର କରିଥିବା ଖବର ସାମ୍ନାକୁ ଆସିଛି। ମୋବାଇଲ୍ କିଣିବାକୁ କହି ଦୁର୍ବୃତ୍ତମାନେ ପୀଡ଼ିତାଙ୍କୁ ହୁବଲି ଡକାଇଥିଲେ। ସେଠାରେ ସେ ପହଞ୍ଚିବା ପରେ ଅଭିଯୁକ୍ତ ତାଙ୍କୁ ବାଇକ୍‌ରେ ବସେଇ ଏକ ନିଛାଟିଆ ଜାଗାକୁ ନେଇ ବଳାତ୍କାର କରିଥିବା ଜଣାପଡ଼ିଛି। ପୀଡ଼ିତା ଏ ନେଇ ଗୋକୁଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ୭ ମହଲା ବିଲ୍ଡିଂରେ ବିସ୍ଫୋରଣ: ୧୭ ମୃତ

**ଢାକା, ୯।୩:** ବାଂଲାଦେଶ ରାଜଧାନୀ ଢାକାର ଏକ ୭ ମହଲା ବିଲ୍ଡିଂରେ ମଙ୍ଗଳବାର ଶକ୍ତିଶାଳୀ ବିସ୍ଫୋରଣ ଘଟି ୧୭ ଜଣଙ୍କ ମୃତ୍ୟୁ ହେବା ସହ ଶତାଧିକ ଆହତ ହୋଇଛନ୍ତି। ଓଲ୍ଡ ଢାକାର ଗୁଲିସ୍ତାନ ଅଞ୍ଚଳରେ ଥିବା ୭ ମହଲା ବିଲ୍ଡିଂରେ ବିସ୍ଫୋରଣ ପରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ଲାଗି ୧୧ଟି ଦମକଳ ଓ ୨୦୦ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଥିଲେ। କୋଠା ଭଗ୍ନାବଶେଷ ତଳେ ଅନେକ ରହିଯାଇଥିଲେ। ମୃତକଙ୍କ ମଧ୍ୟରୁ ଅଧିକାଂଶଙ୍କର ବ୍ରେନ୍ ହାମ୍‌ରେଜ୍‌ରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

### ଗୋଚାଲାଣକାରୀଙ୍କୁ ଗୁଳି

**ଲକ୍ଷ୍ନୌ, ୯।୩:** ଉତ୍ତରପ୍ରଦେଶରେ ଗୋଚାଲାଣ କରୁଥିବା ଜଣେ ବ୍ୟକ୍ତି ଗୁଳିମାଡ଼ରେ ଗୁରୁତର ଆହତ ହୋଇଛନ୍ତି। ପ୍ରେମ୍ ସିଂ (୫୦) ନାମକ ବ୍ୟକ୍ତି ବୁଧବାର ଏକ ଟ୍ରକ୍‌ରେ ୧୩ଟି ଗାଈଙ୍କୁ ମୈନପୁରୀ ନେଉଥିବାବେଳେ ପାରା ଅଞ୍ଚଳରେ କେତେଜଣ ଅଜଣା ବ୍ୟକ୍ତି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ପ୍ରେମ୍‌ଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଧାରା ୩୦୭ (ହତ୍ୟା ଉଦ୍ୟମ)ରେ ମାମଲା ରୁଜୁ କରିଛି।

### ବିସ୍ଫୋରଣରେ ଆଫଗାନ୍ ପ୍ରାଦେଶିକ ରାଜ୍ୟପାଳ ନିହତ



**କାବୁଲ, ୯।୩:** ଏକ ବିସ୍ଫୋରଣରେ ଆଫଗାନିସ୍ତାନ ବାଲ୍‌ଖ ପ୍ରଦେଶ ରାଜ୍ୟପାଳ ହାଜି ମୁଲ୍ଲା ମହମ୍ମଦ ଦାଉଦ୍ ମାଜାମିଲ୍‌ଙ୍କ ମୃତ୍ୟୁ ଘଟିଛି। ମାଜାର-ଇ-ଶରିଫ୍ ସହରରେ ଥିବା କାର୍ଯ୍ୟାଳୟକୁ ଟାର୍ଗେଟ କରି ଗୁରୁବାର ପୂର୍ବାହ୍ନ ୯ଟା ୨୭ରେ ବିସ୍ଫୋରଣ କରାଯାଇଥିଲା। କାର୍ଯ୍ୟାଳୟର ଦ୍ୱିତୀୟ ମହଲାରେ ଆତ୍ମଘାତୀ ବମ୍ବର ନିଜକୁ ବିସ୍ଫୋରଣ କରାଇବାରୁ ତାଙ୍କ ସମେତ ରାଜ୍ୟପାଳ ଓ ଅନ୍ୟ ଜଣେ ନିହତ ହୋଇଥିଲେ। ଏହା ବ୍ୟତୀତ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ୨୦୨୧ ଅଗଷ୍ଟରେ ତାଲିବାନ୍ ଆଫଗାନିସ୍ତାନରେ କ୍ଷମତାକୁ ଆସିବା ପରେ ଏହାକୁ ବିରୋଧ କରୁଥିବା ସଶସ୍ତ୍ର ଗୋଷ୍ଠୀ ପ୍ରଥମ ଥର ପାଇଁ ହାଇପ୍ରୋଫାଇଲ୍ କାର୍ଯ୍ୟାଳୟକୁ ଟାର୍ଗେଟ କରିଛନ୍ତି। ଆକ୍ରମଣ ପାଇଁ କୌଣସି ସଂଗଠନ କିମ୍ବା ବ୍ୟକ୍ତିବିଶେଷ ନିଜକୁ ଦାୟୀ କରିନାହାନ୍ତି।

### ଇମ୍ରାନ୍‌ଙ୍କ ବିରୋଧରେ ହତ୍ୟା, ଆତଙ୍କବାଦ ମାମଲା

**ଲାହୋର, ୯।୩(ପି.ଟି.):** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ଅଧ୍ୟକ୍ଷ ଇମ୍ରାନ୍ ଖାନ୍‌ଙ୍କ ସମେତ ୪୦୦ ଜଣଙ୍କ ବିରୋଧରେ ଲାହୋର ପୋଲିସ ଗୁରୁବାର ହତ୍ୟା ଓ ଆତଙ୍କବାଦ ମାମଲା ରୁଜୁ କରିଛି। ପିଟିଆଇର ଏକ ରାଲି ବେଳେ ପୋଲିସ ସହ ସଂଘର୍ଷ ଘଟି ଜଣେ କର୍ମୀଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଥିଲେ। ପାକିସ୍ତାନ ମୁସଲିମ୍ ଲିଗ୍-ନୱାଜ (ପିଏମ୍ଏଲ୍-ଏନ୍) ନେତୃତ୍ୱାଧୀନ ମେଣ୍ଟ ସରକାରର ୧୧ ମାସ ଶାସନକାଳ ମଧ୍ୟରେ ଇମ୍ରାନଙ୍କ ବିରୋଧରେ ଏହା ୮୦ତମ ମାମଲା। ବୁଧବାର ଇମ୍ରାନଙ୍କ ବାସଭବନ ବାହାରେ ପୋଲିସ ସହ ସଂଘର୍ଷ ଘଟି ପିଟିଆଇ କର୍ମୀ ଅଲି ବିଲାଲ ନିହତ ହେବା ସହ ଅନେକ ଆହତ ହୋଇଥିଲେ। ଏହି ସଂଘର୍ଷରେ ୧୧ ଜଣ ପୋଲିସ କର୍ମଚାରୀ ମଧ୍ୟ କ୍ଷତାକ୍ତ ହୋଇଥିଲେ। ପୋଲିସ ଶତାଧିକ ପିଟିଆଇ କର୍ମୀଙ୍କୁ ଗିରଫ କରିଥିଲା।



### ଟ୍ରୋପେକ୍ସ ଏକ୍ସରସାଇଜ୍

**ନୂଆଦିଲ୍ଲୀ, ୯।୩:** ଭାରତୀୟ ନୌସେନାର ସର୍ବବୃହତ୍ ଦ୍ୱିବାର୍ଷିକ ଥିଏଟର୍ ଲେଭେଲ୍ ଅପରେଶନାଲ ରେଡିନେସ୍ ଏକ୍ସରସାଇଜ୍ (ଟ୍ରୋପେକ୍ସ)ରେ ପ୍ରାୟ ୭୦ ଜାହାଜ, ୬ ବୁଡ଼ାଜାହାଜ ଓ ୭୫ରୁ ଅଧିକ ଏୟାରକ୍ରାଫ୍ଟ ସାମିଲ ହୋଇଛି। ୨୧ ନିୟୁତ ନଟିକାଲ୍ ମାଇଲ ଜଳରାଶି ଉପରେ ଏହି ଡ୍ରିଲ୍ କରାଯାଇଥିବା ନୌସେନା ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଆରବ ସାଗରରେ ୨୦୨୨ ନଭେମ୍ବରରେ ଆରମ୍ଭ ହୋଇଥିବା ଏହି ଏକ୍ସରସାଇଜ୍‌ରେ ଭାରତୀୟ ସେନା, ବାୟୁସେନା ଓ ତଟରକ୍ଷୀ ବାହିନୀର ଅଧିକାରୀମାନେ ଯୋଗଦେଇଥିଲେ। ସମୁଦ୍ର ଉପରେ ସତର୍କ ଦୃଷ୍ଟି ରଖିବା ଏହି ଡ୍ରିଲ୍‌ର ଉଦ୍ଦେଶ୍ୟ। ଚୂଡ଼ାନ୍ତ ପର୍ଯ୍ୟାୟ ସମରାଭ୍ୟାସ ବେଳେ ଗତ ୬ ତାରିଖରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନୂଆକରି ଜଳାବତରଣ କରିଥିବା ଏୟାରକ୍ରାଫ୍ଟ କେରିୟର୍ ବିକ୍ରାନ୍ତରେ ଦିନଟିଏ ବିତାଇ ଆଇଏନ୍ଏସ୍‌ର ପ୍ରସ୍ତୁତି ସମୀକ୍ଷା କରିଥିଲେ।



ବାଂଲାଦେଶର ଢାକା ୟୁନିଭର୍ସିଟି କଳା ବିଭାଗରେ ହୋଲି ପାଳନ ବେଳେ ଜଣେ ଛାତ୍ରୀ ହସୁଛନ୍ତି।

# ବେଜିଂର ମହାଶକ୍ତି ମହତ୍ତ୍ୱାକାଂକ୍ଷା

## ପୂର୍ବ ଏସିଆର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ହେବାକୁ ଚାହୁଁଛି ଚାଇନା

**ୱାଶିଂଟନ/ବେଜିଂ, ୯।୩**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ନିଜ ଦେଶକୁ ପୂର୍ବ ଏସିଆର ପ୍ରମୁଖ ଶକ୍ତିରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆମେରିକାର ପ୍ରଭାବ ହ୍ରାସକରି ଚାଇନାକୁ ବିଶ୍ୱରେ ସର୍ବବୃହତ୍ ଶକ୍ତି ଭାବେ ଉଭା କରାଇବାକୁ ସେ ରଣନୀତି ପ୍ରସ୍ତୁତ କରୁଛନ୍ତି। ଶାସକ କମ୍ୟୁନିଷ୍ଟ ପାର୍ଟି ତାଙ୍କ ସ୍ୱପ୍ନକୁ ପୂରଣ କରିବା ଦିଗରେ ସବୁ ପ୍ରକାର ଉଦ୍ୟମ କରୁଛି ବୋଲି ଆମେରିକୀୟ ଗୋଇନ୍ଦା ଅଧିକାରୀମାନେ ମତ ଦେଇଛନ୍ତି।

ଚଳିତ ସପ୍ତାହରେ ୬୯ ବର୍ଷୀୟ ଜିନ୍‌ପିଙ୍ଗ୍ ଚାଇନାର ଶୀର୍ଷ ନେତା ଭାବେ ନିଜ ଅଭୂତପୂର୍ବ ତୃତୀୟ ଇନିଂସ ଆରମ୍ଭ କରିଛନ୍ତି। ଏହି ଅବସରରେ ଚାଇନା କମ୍ୟୁନିଷ୍ଟ ପାର୍ଟି (ସିପିସି) ସ୍ୱୟଂଶାସିତ ଦ୍ୱୀପରାଷ୍ଟ୍ର ତାଇୱାନ୍‌କୁ ଦଖଲ କରି ପୁନଃ ଏକତ୍ରୀକରଣ ପାଇଁ ଉଦ୍ୟମ ଚଳାଇଛି। ବେଜିଂର ସ୍ୱାର୍ଥ ପାଇଁ ଚାଇନାର ନେତାମାନେ ଆମେରିକାର ପ୍ରଭାବ ହ୍ରାସ କରିବାକୁ ସୁଯୋଗ ଖୋଜୁଛନ୍ତି। ଆମେରିକାର ଶକ୍ତି ଓ ପ୍ରଭାବକୁ ଗୌଣ କରିପାରିଲେ ଯାଇ ଚାଇନା ବିଶ୍ୱସ୍ତରରେ ନିଜ ଆଧିପତ୍ୟ ବିସ୍ତାର କରିବ ବୋଲି ସେମାନେ ମନେକରୁଛନ୍ତି। ଆମେରିକାର ନ୍ୟାଶନାଲ ଇଣ୍ଟେଲିଜେନ୍ସ ଡାଇରେକ୍ଟର ଅଭ୍ରିଲ୍ ଡି. ହାଇନେସ୍ ସିନେଟ କମିଟିକୁ ଏହି ବିଷୟ ଜଣାଇଛନ୍ତି। ହାଇନେସ୍‌ଙ୍କ ମତରେ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ବିଶ୍ୱରେ ବାଇଡେନ୍ ପ୍ରଶାସନ ପାଇଁ ଆର୍ଥିକ, ବୈଷୟିକ, ରାଜନୈତିକ ଓ ସାମରିକ କ୍ଷେତ୍ରରେ ଅନେକ ଚ୍ୟାଲେଞ୍ଜ ସୃଷ୍ଟି କରିଚାଲିଛି।

ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଥିବାବେଳେ ଚାଇନା ମସ୍କୋକୁ କୂଟନୈତିକ, ପ୍ରତିରକ୍ଷା, ଆର୍ଥିକ ଓ ବୈଷୟିକ ସହଯୋଗ ଜାରି ରଖିବ। ୨୦୨୩ରେ ବେଜିଂ ତାଇୱାନ୍‌କୁ ଚାଇନା ଭୂଖଣ୍ଡ ସହ ମିଶ୍ରଣ ଉଦ୍ଦେଶ୍ୟରେ ଚାପ ଜାରି ରଖିବ। ତାଇୱାନ୍ ସହ ଆମେରିକାର ବଢ଼ୁଥିବା ସମ୍ପର୍କକୁ ନେଇ ଚାଇନା ଅତ୍ୟଧିକ ପ୍ରତିକ୍ରିୟାଶୀଳ ହୋଇଉଠିବ। ସେହିପରି ଦକ୍ଷିଣ ଚାଇନା ସାଗର (ଏସ୍‌ସିଏସ୍)ରେ ବ୍ରୁନେଇ, ମାଲେସିଆ, ଫିଲିପାଇନ୍ସ, ତାଇୱାନ୍ ଓ ଭିଏତ୍‌ନାମ ଭଳି ପ୍ରତିଦ୍ୱନ୍ଦ୍ୱୀ ଦାବିଦାରଙ୍କୁ ପ୍ରତିହତ କରିବା ପାଇଁ ବେଜିଂ ବାୟୁସେନା, ନୌସେନା, କୋଷ୍ଟଗାର୍ଡ ଏବଂ ମିଲିସିଆ ବଳ ବୃଦ୍ଧି କରିବ।

ଆମେରିକାର ଇଣ୍ଟେଲିଜେନ୍ସ କମ୍ୟୁନିଟି ପକ୍ଷରୁ କରାଯାଇଥିବା ବାର୍ଷିକ ବିପଦ ସମୀକ୍ଷା ସମ୍ପର୍କିତ ରିପୋର୍ଟ ଉପସ୍ଥାପନ ବେଳେ ହାଇନେସ୍ ଦେଇଥିବା ଏହି ମନ୍ତବ୍ୟକୁ ବେଜିଂ କଡ଼ା ସମାଲୋଚନା କରିଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ ଗୁରୁବାର କହିଛନ୍ତି, ଆମେରିକୀୟ ରିପୋର୍ଟ ହେଉଛି ତଥ୍ୟର ସମ୍ପୂର୍ଣ୍ଣ ଭୁଲ୍ ଉପସ୍ଥାପନ। ଚାଇନାକୁ ବଦନାମ କରିବା ପାଇଁ ଏଥିରେ ମିଛକଥା ଲେଖାଯାଇଛି।

★ ଆମେରିକା ନୌସେନା ଚାଇନାର ଗୁପ୍ତଚର ବେଲୁନ୍‌ଗୁଡ଼ିକୁ ଖସାଇ ଦେଇଥିବାରୁ ଦୁଇ ଶକ୍ତିଶାଳୀ ରାଷ୍ଟ୍ର ମଧ୍ୟରେ ଉତ୍ତେଜନା ବଢ଼ିଛି। ସେପଟେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଯୁଦ୍ଧଖୋର୍ ମନୋବୃତ୍ତି ଯୋଗୁ ମସ୍କୋକୁ ଆର୍ଥିକ ଦୃଷ୍ଟିରୁ ବହୁମୂଲ୍ୟ ଦେବାକୁ ପଡ଼ିଛି।

★ ଗତ ୨୪ରେ ୟୁକ୍ରେନ୍ ଯୁଦ୍ଧକୁ ବର୍ଷେ ବିତିଥିବାବେଳେ ରୁଷିଆକୁ ଅସ୍ତ୍ରଶସ୍ତ୍ର ଓ ଡ୍ରୋନ୍ ଯୋଗାଇବା ପାଇଁ ଚାଇନା ଚିନ୍ତା କରୁଛି। ଚାଇନାର ଏହି ସାମରିକ ସହାୟତା ରୁଷୀୟ ସୈନ୍ୟଙ୍କ ମନୋବଳ ବୃଦ୍ଧି କରିବ। ୨୦୨୩ ଫେବୃୟାରୀ ଶେଷରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନକୁ ଏହି ବିଷୟ ଅବଗତ କରାଯାଇଛି।



ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍

### ପିଏଲ୍ଏକୁ ବିଶ୍ୱସ୍ତରୀୟ ସେନା କରିବାକୁ ଜିନ୍‌ପିଙ୍ଗ୍‌ଙ୍କ ଆହ୍ୱାନ

ୱାଶିଂଟନ ଓ ବେଜିଂ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଥିବାବେଳେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ)କୁ ଯଥାଶୀଘ୍ର ସମ୍ଭବ ବିଶ୍ୱସ୍ତରୀୟ ସେନାରେ ପରିଣତ କରିବାକୁ ଆହ୍ୱାନ ଦେଇଛନ୍ତି। ଯୁଦ୍ଧରେ ବିଜୟୀ ହେବା ପାଇଁ ଜିନ୍‌ପିଙ୍ଗ୍ ଏକ ସମନ୍ୱିତ ଜାତୀୟ ରଣନୀତି ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଛନ୍ତି।

ପିଏଲ୍ଏ ପ୍ରତିନିଧିମାନେ ବୁଧବାର ପାର୍ଲାମେଣ୍ଟର ବାର୍ଷିକ ଅଧିବେଶନରେ ଯୋଗଦେଇଥିଲେ। ଏହି ଅବସରରେ ସେନାର ସୁପ୍ରିମ କମାଣ୍ଡର ଜିନ୍‌ପିଙ୍ଗ୍ କହିଥିଲେ, ଚାଇନାକୁ ଏକ ଆଧୁନିକ ସାମ୍ୟବାଦୀ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ସାମରିକ ଦକ୍ଷତା ବୃଦ୍ଧି କରିବାକୁ ପଡ଼ିବ। ୨୦୨୭ରେ ଚାଇନା ପିଏଲ୍ଏ ପ୍ରତିଷ୍ଠାର ଶତବାର୍ଷିକୀ ପାଳନ କରିବ। ତେଣୁ ଯୁଦ୍ଧରେ ବିଜୟୀ ହେବା ପାଇଁ ବିଜ୍ଞାନ, ପ୍ରଯୁକ୍ତି ଓ ଶିଳ୍ପକୁ ପ୍ରତିରକ୍ଷା କ୍ଷେତ୍ର ସକାଶେ କାର୍ଯ୍ୟ କରିବାକୁ ପଡ଼ିବ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବଢ଼ାଇବାକୁ ହେଲେ ଯୋଗାଣ ଶୃଙ୍ଖଳକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ। ଏଥିପାଇଁ ଜିନ୍‌ପିଙ୍ଗ୍ ବୃହତ୍ ଭିତ୍ତିଭୂମି ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଜାମିନ ଶୁଣାଣି ପୂର୍ବରୁ ସିସୋଡିଆଙ୍କୁ ଗିରଫ କଲା ଇଡି

**ନୂଆଦିଲ୍ଲୀ, ୯।୩**

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇ ତିହାର ଜେଲରେ ଥିବା ଆମ୍ ଆଦ୍‌ମୀ ପାର୍ଟି ନେତା ମନୀଷ ସିସୋଡିଆଙ୍କୁ ଅନ୍ୟତମ କେନ୍ଦ୍ରୀୟ ସଂସ୍ଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଗିରଫ କରିଛି। ଶୁକ୍ରବାର ତାଙ୍କ ଜାମିନ ଆବେଦନର ଶୁଣାଣି ଥିବାବେଳେ ଏହା ପୂର୍ବରୁ ତାଙ୍କୁ ପୁନର୍ବାର ଗିରଫ କରାଯାଇଛି। ନୂଆ ଅବକାରୀ ନୀତି କାର୍ଯ୍ୟକାରୀ ବେଳେ ମନି



ଲଣ୍ଡରିଂ ଅଭିଯୋଗରେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସିସୋଡିଆଙ୍କୁ ଇଡି ଦୁଇଦିନ ହେଲା ଜେଲରେ ଜେରା କରୁଥିଲା। ଶୁକ୍ରବାର ଇଡି ତାଙ୍କୁ ଅନ୍ୟ ଏକ ଅଦାଲତରେ ହାଜର କରାଇବ। ଫେବୃୟାରୀ ୨୬ରେ ସିବିଆଇ ସିସୋଡିଆଙ୍କୁ ଗିରଫ କରିଥିଲା। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ହାଜତ ମିଆଦ ଶେଷ ହେବା ପରେ ତାଙ୍କୁ ଦିଲ୍ଲୀର ତିହାର ଜେଲ୍‌କୁ ପଠାଇଦିଆଯାଇଛି। ତାଙ୍କ ଦଳୀୟ ସହକର୍ମୀଙ୍କୁ ଯେକୌଣସି ପ୍ରକାରେ ଭିତରେ ରଖିବା ଉଦ୍ଦେଶ୍ୟରେ ଇଡି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଟୁଇଟ୍ କରିଛନ୍ତି। ଜନସାଧାରଣ ଏହାର ଜବାବ ଦେବେ ବୋଲି ସେ କହିଛନ୍ତି।

## ୧୧ରେ ହାଜର ହେବେ କେ. କବିତା



ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଅନିୟମିତତା ସହ ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ କେ. କବିତାଙ୍କୁ ହାଜର ହେବା ଲାଗି ସମନ କରିଛି। ସେ ୧୧ ତାରିଖରେ ଇଡି କାର୍ଯ୍ୟାଳୟରେ ହାଜର ହେବେ ବୋଲି କହିଛନ୍ତି। ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କବିତାଙ୍କୁ ୯ ତାରିଖ ପୂର୍ବରୁ ହାଜର ହେବା ଲାଗି ଇଡି ସମନ କରିଥିଲା। ତାଙ୍କୁ ହାଇଦ୍ରାବାଦ ବ୍ୟବସାୟୀ ଅରୁଣ ରାମଚନ୍ଦ୍ରନ୍ ପିଲାଇଙ୍କ ସହ ମୁହାଁମୁହିଁ ଜେରା କରାଯାଇପାରେ। ଗତ ସୋମବାର ଇଡି ତାଙ୍କୁ ଗିରଫ କରିଥିଲା। ମୁହାଁମୁହିଁ ସମୟରେ ଇଡି ପିଏମ୍ଏଲ୍ଏରେ କବିତାଙ୍କ ବୟାନ ରେକର୍ଡ କରିବ।

## ରାମଚନ୍ଦ୍ର ପୌଡେଲ୍ ନେପାଳ ରାଷ୍ଟ୍ରପତି



**କାଠମାଣ୍ଡୁ, ୯।୩**

ନେପାଳର ତୃତୀୟ ରାଷ୍ଟ୍ରପତି ଭାବେ ନେପାଳୀ କଂଗ୍ରେସ ନେତା ରାମଚନ୍ଦ୍ର ପୌଡେଲ୍ ଗୁରୁବାର ନିର୍ବାଚିତ ହୋଇଛନ୍ତି। ନେପାଳୀ କଂଗ୍ରେସ, ସିପିଏନ୍( ମାଓଇଷ୍ଟ ସେଣ୍ଟର) ସମେତ ୮ ଦଳର ମିଳିତ ପ୍ରାର୍ଥୀ ପୌଡେଲଙ୍କୁ ପାର୍ଲାମେଣ୍ଟର ୨୧୪ ସଦସ୍ୟ ଏବଂ ପ୍ରାଦେଶିକ ବିଧାନସଭାର ୩୫୨ ସଦସ୍ୟଙ୍କ ଭୋଟ ମିଳିଥିଲା। ପୌଡେଲ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ନେପାଳୀ କଂଗ୍ରେସ ଅଧ୍ୟକ୍ଷ ଶେର୍ ବାହାଦୁର ଦେଉବା ଟୁଇଟ୍ କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ୩୩୨ ପାର୍ଲାମେଣ୍ଟ ସଦସ୍ୟ ଏବଂ ୭ ପ୍ରାଦେଶିକ ବିଧାନସଭାର ୫୫୦ ସଦସ୍ୟ ଭୋଟ ଦେଇ ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିଥାନ୍ତି।

## ମୋଦି-ଆଲବାନିସ୍ କ୍ରିକେଟ କୂଟନୀତି

**ନୂଆଦିଲ୍ଲୀ, ୯।୩ (ପି.ଟି.)**

ଭାରତ ଗସ୍ତରେ ଥିବା ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ୍ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନାରେ ଭାଗନେବେ। ଏହି ଆଲୋଚନାରେ ବାଣିଜ୍ୟ, ପୁଞ୍ଜି ନିବେଶ, ପ୍ରତିରକ୍ଷା ଆଦି ପ୍ରସଙ୍ଗକୁ ଫୋକସ୍ କରାଯିବ ବୋଲି ଆଶା କରାଯାଉଛି। ଦ୍ୱିପାକ୍ଷିକ ଆଲୋଚନାର ଦିନକ ପୂର୍ବରୁ ଦୁଇ ନେତାଙ୍କ ମଧ୍ୟରେ କ୍ରିକେଟ କୂଟନୀତି ଦେଖିବାକୁ ମିଳିଥିଲା। ଗୁରୁବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅହମଦାବାଦ ଷ୍ଟାଡିୟମରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ତଥା ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଚାଲିଥିବାବେଳେ ମୋଦି ଓ ଆଲବାନିସ୍ ଏକାଠି ଏହାକୁ ଉପଭୋଗ କରିଥିଲେ। ମ୍ୟାଚ୍ ପୂର୍ବରୁ ସେମାନେ ଏକ ଗଲ୍ଫ କାର୍ଟରେ ନରେନ୍ଦ୍ର ମୋଦି ଷ୍ଟାଡିୟମ ବୁଲିବା ସହ ଦର୍ଶକମାନଙ୍କୁ ହାତ ହଲାଇ ଅଭିନନ୍ଦନ ଜଣାଇଥିଲେ। କ୍ରିକେଟ ଫିଲ୍ଡରେ ଭାରତ ଓ ଅଷ୍ଟ୍ରେଲିଆ ବିଶ୍ୱରେ ସର୍ବଶ୍ରେଷ୍ଠ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାବେଳେ ପଡ଼ିଆ ବାହାରେ ଶ୍ରେଷ୍ଠ ବିଶ୍ୱ ନିର୍ମାଣରେ ସହଯୋଗୀ ବୋଲି ଆଲବାନିସ୍ କହିଛନ୍ତି। ଉଭୟ ଦଳ ଜାତୀୟ ସଙ୍ଗୀତ ଗାନ କଲାବେଳେ ମୋଦି ଓ ଆଲବାନିସ୍ ସେମାନଙ୍କ ସହ ଛିଡ଼ା ହୋଇଥିଲେ।



କ୍ରିକେଟ୍ ମ୍ୟାଚ୍ ପୂର୍ବରୁ ଅହମଦାବାଦ ଷ୍ଟାଡିୟମ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଆନ୍ଥୋନି ଆଲବାନିସ୍।

## ଆଫଗାନିସ୍ତାନ୍ ଆତଙ୍କବାଦ ପାଇଁ ବ୍ୟବହୃତ ନ ହେଉ: ଭାରତ

**ଜାତିସଂଘ, ୯।୩**

ଆଫଗାନିସ୍ତାନ ଭୂଖଣ୍ଡ ଆତଙ୍କବାଦୀଙ୍କୁ ଆଶ୍ରୟ, ତାଲିମ ଏବଂ ଆତଙ୍କବାଦ ଲାଗି ପୁଞ୍ଜି ଯୋଗାଇବାରେ ବିନିଯୋଗ ହେବା ଉଚିତ ନୁହେଁ। ଆଫଗାନିସ୍ତାନ ସହ ଭାରତର ଦୃଢ଼ ଐତିହାସିକ ଓ ସଭ୍ୟତାଗତ ସମ୍ପର୍କ ରହିଛି। ଘନିଷ୍ଠ ପଡ଼ୋଶୀ ଏବଂ ଦୀର୍ଘଦିନର ସହଯୋଗୀ ଭାବେ ଭାରତ ସେଠାରେ ଶାନ୍ତି ଓ ସ୍ଥିରତା ଫେରିବା ଦିଗରେ କାର୍ଯ୍ୟ କରୁଛି ବୋଲି ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟ ରୁଚିରା କମ୍ବୋଜ୍ ବୁଧବାର କହିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦ(ୟୁଏନ୍ଏସ୍‌ସି)ରେ ଆଫଗାନିସ୍ତାନ ସହାୟତା ମିଶନ ଉପରେ ଉଦ୍‌ବୋଧନ ଦେଇ କମ୍ବୋଜ କହିଥିଲେ, ଅନ୍ତର୍ଜାତୀୟ ସମୁଦାୟର ମିଳିତ ଦୃଷ୍ଟିଭଙ୍ଗୀ ସୁରକ୍ଷା ପରିଷଦ ପ୍ରସ୍ତାବ ୨୫୯୩ରେ ଯୋଡ଼ାଯାଇଛି। ୨୦୨୧ ଅଗଷ୍ଟରେ ସୁରକ୍ଷା ପରିଷଦରେ ଭାରତର ଅଧ୍ୟକ୍ଷତା କାଳରେ ଏହା ଗୃହୀତ ହୋଇଥିଲା।

## ମାଲେସିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଗିରଫ

**ପୁତ୍ରଜୟା(ମାଲେସିଆ), ୯।୩**

ଦୁର୍ନୀତି ମାମଲାରେ ମାଲେସିଆର ପୂର୍ବତନ ପ୍ରଧାନମନ୍ତ୍ରୀ ମୁହିଦ୍ଦିନ୍ ୟାସିନ୍‌ଙ୍କୁ ଗୁରୁବାର ଗିରଫ କରାଯାଇଛି। ମୁହିଦ୍ଦିନ୍ ୨୦୨୦ ମାର୍ଚ୍ଚରୁ ୨୦୨୧ ଅଗଷ୍ଟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଥିଲେ। କ୍ଷମତାରୁ ଯିବା ପରେ ଗିରଫ ଦୋଷୀସାବ୍ୟସ୍ତ ହେବାରେ ସେ ଦେଶର ଦ୍ୱିତୀୟ ନେତା। ଶୁକ୍ରବାର ମୁହିଦ୍ଦିନଙ୍କୁ ବିଭିନ୍ନ ଦୁର୍ନୀତି ଏବଂ ମନିଲଣ୍ଡରିଂ ମାମଲାରେ ବିଚାରର ସମ୍ମୁଖୀନ ହେବାକୁ ପଡ଼ିବ। ତାଙ୍କର ୧୭ ମାସର କାର୍ଯ୍ୟକାଳ ମଧ୍ୟରେ ବହୁ ପ୍ରକଳ୍ପ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ ହୋଇଛି। ଗତ ନଭେମ୍ବର ନିର୍ବାଚନରେ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ କ୍ଷମତାକୁ ଆସିବା ପରେ ପୂର୍ବ ସରକାରର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଥିଲେ।



ମୁହିଦ୍ଦିନ୍ ୟାସିନ୍

## ଷ୍ଟ୍ରୋକ୍ ଯୋଗୁ ପ୍ରତି ୪ ମିନିଟ୍‌ରେ ଜଣେ ପ୍ରାଣ ହରାଉଛନ୍ତି

### ବର୍ଷକୁ ୧,୮୫,୦୦୦ ଜଣ ଷ୍ଟ୍ରୋକ୍‌ର ଶିକାର

**ନୂଆଦିଲ୍ଲୀ, ୯।୩**

ଷ୍ଟ୍ରୋକ୍ ଯୋଗୁ ଭାରତରେ ପ୍ରତି ୪ ମିନିଟରେ ଜଣଙ୍କର ମୃତ୍ୟୁ ଘଟୁଛି। ବର୍ତ୍ତମାନ ଏହା ଦେଶରେ ଘଟୁଥିବା ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ ପାଲଟିଥିବା ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ର ନ୍ୟୁରୋଲୋଜିଷ୍ଟ (ମସ୍ତିଷ୍କ ରୋଗ ବିଶେଷଜ୍ଞ) ପ୍ରଫେସର ଏମ୍.ଭି. ପଦ୍ମା ଶ୍ରୀବାସ୍ତବ କହିଛନ୍ତି। ଦେଶରେ ପ୍ରତିବର୍ଷ ୧,୮୫,୦୦୦ ଜଣ ଷ୍ଟ୍ରୋକ୍‌ର ଶିକାର ହେଉଛନ୍ତି। ସେହିପରି ପ୍ରତି ୪୦ ସେକେଣ୍ଡରେ ଜଣଙ୍କୁ ଷ୍ଟ୍ରୋକ୍ ଆସିଥାଏ। ଗ୍ଲୋବାଲ୍ ବର୍ଡନ୍ ଡିଜିଜ୍ (ଜିବିଡି) ତଥ୍ୟ ମୁତାବକ ୬୮.୬% ଷ୍ଟ୍ରୋକ୍ ଭାରତୀୟଙ୍କଠାରେ ଦେଖାଯାଉଥିବାବେଳେ ଏଥିରୁ ୭୦.୯%ଙ୍କ ଷ୍ଟ୍ରୋକ୍ ଯୋଗୁ ମୃତ୍ୟୁ ହେବା ସହ ୭୭.୭% ଅସୁସ୍ଥ ହୋଇପଡୁଛନ୍ତି। ବର୍ତ୍ତମାନ ସମୟରେ ବୟସ୍କଙ୍କ ତୁଳନାରେ କମ୍ ଓ ମଧ୍ୟ ବୟସ୍କଙ୍କ ପାଇଁ ଷ୍ଟ୍ରୋକ୍ ଘାତକ ସାଜିଛି। ଜିବିଡି ରିପୋର୍ଟ ଅନୁସାରେ ବିଶ୍ୱରେ ବର୍ଷକୁ ୨୦ ବର୍ଷରୁ କମ୍ ବୟସର ୫୨ ଲକ୍ଷ ପିଲା ଷ୍ଟ୍ରୋକ୍‌ର ଶିକାର ହେଉଛନ୍ତି।

ଡାକ୍ତରଖାନାଗୁଡ଼ିକରେ ସ୍ୱାସ୍ଥ୍ୟସେବାର ଅଭାବ ଯୋଗୁ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ଲୋକଙ୍କ ମୃତ୍ୟୁ ଘଟୁଥିବା ଲକ୍ଷ୍ୟ କରାଯାଇଛି। ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଲୋକମାନେ ଏହା ଦ୍ୱାରା ଅଧିକମାତ୍ରାରେ ପ୍ରଭାବିତ ହେଉଛନ୍ତି। ମାନସିକ ଚାପ ଷ୍ଟ୍ରୋକ୍‌ର ମୁଖ୍ୟ କାରଣ। ଅନ୍ୟପକ୍ଷେ କୋଭିଡ୍ ମହାମାରୀ ପରଠାରୁ ଷ୍ଟ୍ରୋକ୍‌ରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଥିବା ଆମେରିକାର ଥୋମାସ ଜେଫରଶନ୍ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି।



# ଶିକ୍ଷକରୁ ଶିକ୍ଷା ଉଦ୍ୟୋଗୀ

ପିଲାଟି ଦିନରୁ ମାତାପିତାଙ୍କୁ ହରାଇଥିବା ଜଣେ ମେଧାବୀ ଛାତ୍ର ଯେ କେବେ ଶହ ଶହ ପିଲାଙ୍କର ଦାୟିତ୍ୱ ବହନ ସହ ଅଭିଭାବକ ଓ ଗୁରୁଙ୍କ ଭୂମିକା ନିର୍ବାହ କରିବେ ଆଜି ମଧ୍ୟ ସେ ବିଶ୍ୱାସ କରିପାରୁନାହାନ୍ତି। ବହୁ ଘାତ ପ୍ରତିଘାତ ମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନ ସ୍ନାତକରେ ପ୍ରଥମ ଶ୍ରେଣୀ ସହ ଶ୍ରେଷ୍ଠ ୩ୟ ସ୍ଥାନରେ ରହିଥିଲେ। ପରବର୍ତ୍ତୀ ସମୟରେ ସେ ଉକ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଏବଂ ଭାବା ଆଟୋମିକ ରିସର୍ଚ୍ଚ ସେଣ୍ଟର ସହାୟତାରେ ନ୍ୟୁକ୍ଲିୟର ଫିଜିକ୍ସରେ ଗବେଷଣାକରି ସଫଳତା ଅର୍ଜନ କରିଛନ୍ତି। ସମୟକ୍ରମେ ସେ ସମାଜ ପାଇଁ କିଛି କରିବା ସହ ଗରିବ ମେଧାବୀ ପିଲାଙ୍କୁ ଉତ୍ତମ ଶିକ୍ଷା ଦେବା ଉଦ୍ଦେଶ୍ୟ ନେଇ ସମ୍ବଲପୁରଠାରେ ଏକ ଭିନ୍ନ ଧରଣର ଘରୋଇ ଶିକ୍ଷାନୁଷ୍ଠାନ 'ନ୍ୟୁଟନ୍ ଯୁକ୍ତ୨ ବିଜ୍ଞାନ କଲେଜ'ର ଆରମ୍ଭ କରିଥିଲେ। ସେହି ସଫଳ ଶିକ୍ଷାବିତ୍ ଡ. ତେଜରାଜ ପାତ୍ରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା।






ଡ. ତେଜରାଜ ପାତ୍ର

**ପ୍ର–୧: ନ୍ୟୁଟନ୍ କଲେଜର ଯାତ୍ରା କିଭଳି ରହିଛି?**

ଉ– ଆଇ.ଏସ୍‌ସି. ପଢୁଥିବା ସମୟରେ ଘରୋଇ ଶିକ୍ଷାଦାନ (ଟ୍ୟୁଶନ)ରେ ସମୟ ଅତିବାହିତ ସହ ପାଠପଢ଼ା ଜାରି ରହିଥିଲା। ଏପରିକି ଶ୍ରେଣୀ ପରେ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ଚାଲିଥିବା ବେଳେ ଶିକ୍ଷାଦାନ ପ୍ରତି ଦୁର୍ବଳତା ବଢ଼ିଯାଇଥିଲା। ଦୀର୍ଘ ୩୦ବର୍ଷ ଶିକ୍ଷାଦାନ ଅଭିଜ୍ଞତା ଓ ଶିକ୍ଷା ପ୍ରତି ରହିଥିବା ଦୁର୍ବଳତାରୁ ଏକ ଭିନ୍ନ ଧରଣର ଶିକ୍ଷାନୁଷ୍ଠାନର ଅୟମାରମ୍ଭ ହୋଇଥିଲା। ୨୦୦୭ରେ ଆନୁଷ୍ଠାନିକ ଭାବେ ନ୍ୟୁଟନ୍ କଲେଜର ଶୁଭାରମ୍ଭ ସହ ଶିକ୍ଷାଦାନ ଜାରି ହୋଇଥିଲା। ଏହି ଅନୁଷ୍ଠାନ ଦୀର୍ଘ ୧୫ ବର୍ଷ ମଧ୍ୟରେ ବହୁ ମେଧାବୀ ଓ ପ୍ରତିଭାବାନ୍ ଛାତ୍ର ସୃଷ୍ଟି କରିବାରେ ଅତୁଳନୀୟ ଭୂମିକା ନିର୍ବାହ କରିଛି, ଯାହା କଲେଜର ପ୍ରତିଷ୍ଠାତା ଭାବେ ଗର୍ବ ଅନୁଭବ କରିପାରୁଛି।

**ପ୍ର–୨: ଜାତୀୟ ଶିକ୍ଷାନୀତିକୁ କିଭଳି ଦେଖୁଛନ୍ତି ?**

ଉ– ଜାତୀୟ ଶିକ୍ଷାନୀତି (ଏନ୍‌ଇପି)ରେ ଶିକ୍ଷାର ସବୁ ଦିଗକୁ ପରିପ୍ରକାଶ କରାଯାଇଛି। ଏପରିକି ଆଗାମୀ କାଲିର ଶିକ୍ଷାଦାନ ବେଶ୍ ଉଚ୍ଚକୋଟୀର ଓ ସୃଜନଶୀଳତାର ବିକାଶ ଦିଗରେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି। ଏହାର ପ୍ରଣୟନ ସବୁ ସ୍ତର ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହେବ ବୋଲି ଆକଳନ କରାଯାଉଛି। ଜଣେ ଶିକ୍ଷାବିତ୍ ଭାବେ ଏନ୍‌ଇପିକୁ ସ୍ୱାଗତ କରିବା ସହ ଏହାର ଶିକ୍ଷା ପଦ୍ଧତିକୁ ମଧ୍ୟ ଏକ ଆହ୍ୱାନ ଭାବେ ଗ୍ରହଣ କରୁଛୁ।

**ପ୍ର–୩: ପ୍ରତିଯୋଗିତାମୂଳକ ସମୟରେ ପ୍ରତିପକ୍ଷଙ୍କୁ କିଭଳି ଦେଖୁଥାନ୍ତି ?**

ଉ– ପ୍ରତିଯୋଗୀ ଓ ପ୍ରତିଯୋଗିତା ସବୁ ସ୍ତର ଓ କ୍ଷେତ୍ରରେ ରହିଥାଏ। ହେଲେ ପ୍ରତିପକ୍ଷଙ୍କୁ କିଭଳି ସାମ୍ନା କରିବ ତାହା ପ୍ରତିଷ୍ଠାନର ଦାୟିତ୍ୱ ହୋଇଥାଏ। ଆମେ କେବେହେଲେ କାହାକୁ ପ୍ରତିପକ୍ଷ ବୋଲି ଭାବି ନ ଥାଉ। ବିଶେଷକରି ପ୍ରତିପକ୍ଷଙ୍କଠାରୁ ଭିନ୍ନ କରିବା ଓ ପ୍ରତିଷ୍ଠାନର ଗୌରବ ବଢ଼ାଇବା ପାଇଁ ପ୍ରତିଦିନ କଠିନ ପରିଶ୍ରମ ଓ ଈଶ୍ୱରଙ୍କ ପାଖରେ ନିଜର କର୍ମମୟ ଜୀବନର ହିସାବ ଦେଇଥାଉ।

**ପ୍ର–୪: ଅନ୍‌ଲାଇନ ଓ ଅଫ୍‌ଲାଇନ ଶିକ୍ଷାଦାନ ମଧ୍ୟରେ ଫରକ କ'ଣ ରହିଥାଏ ?**

ଉ– ଶିକ୍ଷାଦାନ ଠିକ୍ ଭାବେ କରାଗଲେ ତା'ର କୌଣସି ଫରକ ଜଣାପଡ଼ି ନ ଥାଏ। ହେଲେ ଶିକ୍ଷାଦାନର ଦୂରତା ବୃଦ୍ଧି କେବଳ ବୃଦ୍ଧିପାଇଥାଏ। ଫଳରେ ପିଲାଙ୍କ ଧ୍ୟାନ ଠିକ୍ ଭାବେ ଶିକ୍ଷାରେ ନିବେଶ ହୋଇପାରି ନ ଥାଏ। ଅନ୍‌ଲାଇନରେ ଯେଉଁ ଶିକ୍ଷା ଓ ଶିକ୍ଷକ ଶିକ୍ଷାଦାନ କରିଥାନ୍ତି, ସେହି ଶିକ୍ଷା ଓ ଶିକ୍ଷକ ଅଫ୍‌ଲାଇନରେ ମଧ୍ୟ କରିଥାନ୍ତି। କିନ୍ତୁ ଶିକ୍ଷକଙ୍କ ନଜର ଓ କ୍ଲାସ୍‌ରୁମ୍ ଶିକ୍ଷାର ପ୍ରଭାବ ଛାତ୍ର ଉପରେ ଅଧିକ ପ୍ରଭାବ ପକାଇଥାଏ। ଏପରିକି ଛାତ୍ରର ଶିକ୍ଷାଦାନ ସହ ସଂସ୍କାରରେ ମଧ୍ୟ ପରିବର୍ତ୍ତନ ଆସିଥାଏ, ଯାହା ଅନ୍‌ଲାଇନରେ ହୋଇପାରେନାହିଁ।

**ପ୍ର–୫: ଯୁକ୍ତ ୨ କଲେଜ ପ୍ରତି ଅଭିଭାବକ ଓ ଛାତ୍ରୀଛାତ୍ରଙ୍କର ଆଗ୍ରହ ବୃଦ୍ଧିର କାରଣ କ'ଣ?**

ଉ– ଉଚ୍ଚ ପ୍ରାଥମିକ ପରେ +୨ ବିଜ୍ଞାନର ଫଳାଫଳ ଛାତ୍ରୀଛାତ୍ର ଜୀବନରେ ଅଧିକ ମହତ ରଖିଥାଏ। ଏପରିକି ଅଭିଭାବକଙ୍କ ସ୍ୱପ୍ନ ପୂରଣ ପାଇଁ ଯୁକ୍ତ୨ର ଫଳାଫଳ ମଧ୍ୟ ଅନେକାଂଶରେ ବେଶ୍ ସହାୟକ ହୋଇଥାଏ। ବିଶେଷକରି ଘରୋଇ ଯୁକ୍ତ୨ ବିଜ୍ଞାନ କଲେଜରେ ସରକାରୀ କଲେଜ ଅପେକ୍ଷା ୨ଗୁଣ ଅଧିକ ସମୟ ସହ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ଶିକ୍ଷାଦାନ ସହିତ ଆବଶ୍ୟକ ଶିକ୍ଷାର ଉପଯୁକ୍ତ ସମାଧାନ ପାଇଁ ସବୁ ସ୍ତରରେ ପ୍ରୟାସ କରାଯାଏ। ସେହିଭଳି ଶିକ୍ଷକମାନେ ଅତିରିକ୍ତ କ୍ଲାସ୍ ସହ ପିଲାଙ୍କ ସହିତ ୧୮ରୁ ୨୦ ଘଣ୍ଟା ଯୋଗାଯୋଗରେ ରହିଥାନ୍ତି ; ଫଳରେ ବାର୍ଷିକ ପରୀକ୍ଷାରେ ଫଳାଫଳ ଭଲ ହୋଇଥାଏ। ଏହା ଉଭୟ ଅଭିଭାବକ ଓ ଅନୁଷ୍ଠାନକୁ ଗୌରବାନ୍ୱିତ କରିଥାଏ।

**ପ୍ର–୬: ଅବସର ସମୟରେ କ'ଣ କରିବାକୁ ଭଲପାଆନ୍ତି?**

ଉ– ଅନୁଷ୍ଠାନର ଗୁରୁଦାୟିତ୍ୱ ସହ ଶହ ଶହ ପିଲାଙ୍କ ଭବିଷ୍ୟତ ଓ ଅଭିଭାବକଙ୍କର ଆଶା ଆମ ଉପରେ ରହିଥାଏ। ସେଥିପାଇଁ ଅଧିକ ସମୟ କଲେଜ କ୍ୟାମ୍ପସରେ ବିତିଯାଏ। ଏପରିକି ପିଲାଙ୍କ ପାଇଁ ଉଭୟ ଅଭିଭାବକ ଓ ଗୁରୁଙ୍କ ଦାୟିତ୍ୱ ମଧ୍ୟ ନିର୍ବାହ କରିବାକୁ ପଡ଼ିଥାଏ ; ଫଳରେ ସମୟ ଅତିବାହିତ କରିବାକୁ ମିଳେନାହିଁ। କିନ୍ତୁ ସବୁ ପରେ କିଛି ସମୟ ମିଳିଲେ ଆବଶ୍ୟକ ଶିକ୍ଷା ଅର୍ଜନ ପାଇଁ ପାଠ୍ୟପୁସ୍ତକ ପଢ଼ା ସହ ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥା ଓ ନୂଆ ପାଠ୍ୟକ୍ରମ ଉପରେ ଅଧିକ ଗବେଷଣା କରିବାକୁ ପସନ୍ଦ କରିଥାଏ।

NatWest Markets

ନାଟୱେଷ୍ଟ ମାର୍କେଟ୍‌ସ ପିଏଲସି
(ପୂର୍ବରୁ ଦି ରୟାଲ୍ ବ୍ୟାଙ୍କ ଅଫ୍ ସ୍କଟଲ୍ୟାଣ୍ଡ ପିଏଲସି, ଦି ରୟାଲ୍ ବ୍ୟାଙ୍କ ଅଫ୍ ସ୍କଟଲ୍ୟାଣ୍ଡ ଏନ.ଭି. ଓ ଏବିଏନ ଆମ୍ରୋ ବ୍ୟାଙ୍କ ଏନ.ଭି.)

ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ନାଟୱେଷ୍ଟ ମାର୍କେଟସ୍ ପିଏଲସି (ପୂର୍ବରୁ ଦି ରୟାଲ୍ ବ୍ୟାଙ୍କ ଅଫ୍ ସ୍କଟଲ୍ୟାଣ୍ଡ ପିଏଲସି, ଦି ରୟାଲ୍ ବ୍ୟାଙ୍କ ଅଫ ସ୍କଟଲ୍ୟାଣ୍ଡ ଏନ.ଭି. ଏବଂ ଏବିଏନ୍ ଆମ୍ରୋ ବ୍ୟାଙ୍କ ଏନ.ଭି.) ଭାରତରେ ଏହାର ଶାଖା ମାଧ୍ୟମରେ ଭାରତରେ ଲାଇସେନ୍‌ସପ୍ରାପ୍ତ ବ୍ୟାଙ୍କ ଭାବରେ କାର୍ଯ୍ୟ କରି ଆସୁଥିଲା ଏବଂ ଏହା ("ବ୍ୟାଙ୍କ") 31 ଡିସେମ୍ବର, 2019 ରୁ ଏହାର ସମସ୍ତ ବ୍ୟବସାୟ ଏବଂ ଅପରେସନ୍ ବନ୍ଦ କରିଦେଇଛି ଏବଂ ଭାରତରେ ଏହାର ବ୍ୟବସାୟ ଏବଂ କାର୍ଯ୍ୟକୁ ବନ୍ଦ କରିବା ପ୍ରକ୍ରିୟାରେ ଅଛି। ଅଦ୍ୟ ତାରିଖ ସୁଦ୍ଧା, ବ୍ୟାଙ୍କ ଭାରତରେ କୌଣସି ବ୍ୟାଙ୍କିଙ୍ଗ୍ ସେବା (ଯେପରିକି ସେଭିଂ ଆକାଉଣ୍ଟ/କରେଣ୍ଟ ଆକାଉଣ୍ଟ/ଫିକ୍ସଡ୍ ଡିପୋଜିଟ୍/ଋଣ ଉତ୍ପାଦ ଇତ୍ୟାଦି) ପ୍ରଦାନ କରୁନାହିଁ କିମ୍ବା କୌଣସି ସଂପୃକ୍ତ ବ୍ୟବସାୟରେ କିମ୍ବା କୌଣସି ଗ୍ରାହକ ବ୍ୟବସାୟ କିମ୍ବା କୌଣସି ପ୍ରକାରର କାର୍ଯ୍ୟକଳାପରେ ନିୟୋଜିତ ନାହାଁନ୍ତି।
ଜନସାଧାରଣଙ୍କୁ ଅବଗତ କରାଯାଇଛି ଯେ ବ୍ୟାଙ୍କ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମଏମୱାଇ) ସହିତ ଜଡ଼ିତ ନୁହେଁ କିମ୍ବା ପିଏମଏମୱାଇ ଅଧୀନରେ ଋଣ ବିତରଣ କିମ୍ବା ପିଏମଏମୱାଇ ସହିତ କୌଣସି ପାଣ୍ଠି ସଂଗ୍ରହ ସହିତ ଜଡ଼ିତ ନୁହେଁ। ଏହି ସମ୍ବନ୍ଧରେ ବ୍ୟାଙ୍କ କୌଣସି ବ୍ୟକ୍ତିଙ୍କୁ କୌଣସି ପ୍ରକାରେ କିମ୍ବା ପ୍ରକ୍ରିୟାରେ ଅନୁମତି ଦେଇ ନାହାଁନ୍ତି। ଯଦି କୌଣସି ବ୍ୟକ୍ତି ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଲୋନ୍ ସ୍କିମ୍ ବା ଅନ୍ୟ ସ୍କିମ୍/ବ୍ୟାଙ୍କିଙ୍ଗ ସେବା ପାଇଁ ବ୍ୟାଙ୍କ ସହିତ ସଂପୃକ୍ତ ଥିବା (ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ) ଦାବୀ କରୁଥାନ୍ତି ତେବେ ସେମାନେ ଏପରି କରି ଜନସାଧାରଣଙ୍କୁ ବିଭ୍ରାନ୍ତି କରୁଛନ୍ତି ଏବଂ ଏପରି ଉପସ୍ଥାପନାକୁ ଜନସାଧାରଣ କଦାପି ବିଶ୍ୱାସ କରିବା ଉଚିତ୍ ନୁହେଁ।

ଶାସ୍ତ୍ରୀ ପଣ୍ଡୁ
କମ୍ପ୍ଲିଆନ୍‌ସ ଆଣ୍ଡ କଣ୍ଡକ୍ଟ ମୁଖ୍ୟ, ଇଣ୍ଡିଆ ବ୍ୟାଙ୍କ
ନାଟୱେଷ୍ଟ ମାର୍କେଟ୍‌ସ ପିଏଲସି, ଭାରତ

ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସମ୍ବଳ ପ୍ରବନ୍ଧ ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ବିଜ୍ଞାପନ

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର କାର୍ଯ୍ୟାଳୟର ପୁରୁଷ କର୍ମଚାରୀମାନଙ୍କ ପାଇଁ ଏପ୍ରୋନ, ଗ୍ରୀଷ୍ମ ଏବଂ ଶୀତକାଳୀନ ପୋଷାକ ସିଲାଇ ନିମନ୍ତେ ପ୍ରତିଷ୍ଠିତ ସ୍ଥାନୀୟ ଟେଲରିଂ ସଂସ୍ଥାମାନଙ୍କର ଏକ ତାଲିକା (ପ୍ୟାନେଲ) ଗଠନ କରିବାକୁ ଚାହୁଁଅଛି । ବର୍ଷକ ପାଇଁ ଆପାତତଃ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ୩୦୦ ଯୋଡ଼ା ପୋଷାକ (ହାରାହାରି) ସିଲାଇ ଆବଶ୍ୟକ ହୋଇପାରେ ।
ଉତ୍ତମ ଭିତ୍ତିଭୂମି ଥିବା ଏବଂ ବିଭିନ୍ନ ସରକାରୀ/କର୍ପୋରେଟ ସଂସ୍ଥାମାନଙ୍କ ପାଇଁ ଏଭଳି କାର୍ଯ୍ୟ କରୁଥିବା ଏବଂ ଅଭିଜ୍ଞତା ଥିବା ଟେଲରିଂ ସଂସ୍ଥାମାନେ ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ, ମାନବ ସମ୍ବଳ ପ୍ରବନ୍ଧ ବିଭାଗ, ଭୁବନେଶ୍ୱରରେ ଉପଲବ୍ଧ ନିର୍ଦ୍ଦିଷ୍ଟ ଫର୍ମରେ ୨୭ ମାର୍ଚ୍ଚ ୨୦୨୩ ତାରିଖ ଅପରାହ୍ନ ୨ ଘଟିକା ସୁଦ୍ଧା ଆବେଦନ କରିପାରିବେ । ପୂର୍ବରୁ ଉକ୍ତ କାର୍ଯ୍ୟ ପାଇଁ ବ୍ୟାଙ୍କରେ ତାଲିକାଭୁକ୍ତ ହୋଇଥିବା ଇଚ୍ଛୁକ ଟେଲରିଂ ସଂସ୍ଥାମାନେ ନୂତନ ଭାବେ ଆବେଦନ କରିବା ଜରୁରୀ ଅଟେ । ଅଧିକ ବିବରଣୀ ପାଇଁ ଦୟାକରି ଆରବିଆଇ ୱେବ୍‌ସାଇଟ୍‌ରେ ଟେଣ୍ଡର ବିଭାଗ ଦେଖନ୍ତୁ (https://www.rbi.org.in) ।
 କ୍ଷେତ୍ରୀୟ ନିର୍ଦ୍ଦେଶକ

SWAPNA
ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ
ହସ୍ତଶିଳ୍ପ କାରିଗରଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ନିମନ୍ତେ ଭାରତ ସରକାରଙ୍କ ବୟନ ଶିଳ୍ପ ମନ୍ତ୍ରଣାଳୟ ତଥା ବିକାଶ ଆୟୁକ୍ତ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ବିରାଟ
କ୍ରାଫ୍ଟ ବଜାର
ସ୍ଥାନ: ପିଏଚଡି ପଡିଆ, ଅଇଁଠାପାଲି, ସମ୍ବଲପୁର
ମାର୍ଚ୍ଚ ୦୫ ରୁ ୧୪ ତାରିଖ ପର୍ଯ୍ୟନ୍ତ
ବିଭିନ୍ନ ପ୍ରକାର ହସ୍ତଶିଳ୍ପ କାରିଗର ଯଥା–ରାଜସ୍ଥାନ ବେଡସିଟ, ଉତ୍ତରପ୍ରଦେଶ କାର୍ପେଟ, ବନାରସୀ ଶାଢୀ, ସମ୍ବଲପୁରୀ ଶାଢୀ, ଢେଙ୍କାନାଳ କାଷ୍ଠ କାର୍ଯ୍ୟ, କାଶ୍ମିରୀ ସାଲ, ଚାନ୍ଦୁଆ, ବାଗ ଅଳଙ୍କାର, ଶଙ୍ଖ ପଟ୍ଟଚିତ୍ର, ଡୋକ୍ରା, ଟେରାକୋଟା ଆଦି ମେଳାର ମୁଖ୍ୟ ଆକର୍ଷଣ ।
ଆୟୋଜକ:ସ୍ୱପ୍ନା, ସମ୍ବଲପୁର

Your classified advertisement published in Dharitri will be listed free in Dharitri online edition:
www.dharitri.com

ବାର୍ତ୍ତା



ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୨୦୨୩ ହାଇସ୍କୁଲ୍ ଏବଂ ମଧ୍ୟମା (ସଂସ୍କୃତ)ର ସମାପ୍ତି ସୂଚକ ଆକଳନ-୨ (Summative Assessment-II) ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଚଳିତ ବର୍ଷ ମାର୍ଚ୍ଚ ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ କ୍ୟାରିୟର ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ପିଲାମାନେ ଯେପରି ସମ୍ପୂର୍ଣ୍ଣ ଚାପମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ଉତ୍ତମ ପ୍ରଦର୍ଶନ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍। ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ଭାବରେ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

# ହୋଲିର ଦୁଃଖ, ନଦୀରେ ବୁଡ଼ି ୫ମୃତ

ଭୁବନେଶ୍ୱର,୯।୩(ବ୍ୟୁରୋ): ବୁଧବାର ରଙ୍ଗ ଅବିରର ପର୍ବ ହୋଲି ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ରାଜ୍ୟବାସୀ ଏହାକୁ ମନଭରି ଉପଭୋଗ କରିଥିବା ବେଳେ କେତେକ ସ୍ଥାନରେ ପାଣିରେ ବୁଡ଼ି ୫ ଜଣଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ହୋଲିର ଖୁସି ଉଭେଇ ଯାଇଛି।

ଆମ ପଟ୍ଟାମୁଣ୍ଡାଇ ଖବରଦାତାଙ୍କ ସୂଚନା ଅନୁଯାୟୀ, ରଙ୍ଗ ଖେଳି ସାରିବା ପରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ମୁଶାଡ଼ିଆ ଗାଁର ସୁଜିତ ଦାସ (୪୩) ଓ ଚିନ୍ମୟ ଦାସ (୨୪) ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ଅସାବଧାନତାବଶତଃ ଉଭୟେ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଏହି ସମୟରେ ସେହି ରାସ୍ତାରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ ଅଣ୍ଡରାରୁ ଫେରୁଥିଲେ। ତାଙ୍କ ଗାଡ଼ିରେ ସେମାନଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟକୁ ଅଣାଯାଇଥିଲା। ମାତ୍ର ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଜିଗ୍ନିପୁର ପଞ୍ଚାୟତ ମହାଜନପୁର ଗ୍ରାମର ରାଜକିଶୋର ସେନାପତି(୧୮)ଙ୍କ ଚିତ୍ରୋତ୍ପଳା ନଦୀରେ ବୁଡି ମୃତ୍ୟୁ ଘଟିଛି। ଆମ ନିଶ୍ଚିନ୍ତକୋଇଲି ଖବରଦାତା ଜଣାଇଛନ୍ତି, ହୋଲି ଖେଳ ପରେ ଅପରାହ୍ନରେ ରାଜକିଶୋର ୨ଜଣ ସାଙ୍ଗଙ୍କ ସହ ଚିତ୍ରୋତ୍ପଳା ନଦୀର ନାଗାମଠ ନିକଟରେ ଗାଧୋଉଥିଲେ। ଏହି ସମୟରେ ସେମାନେ ସ୍ରୋତରେ ଭାସିଯାଇଥିଲେ। ସ୍ଥାନୀୟ ଲୋକେ ୨ ଜଣଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ରାଜକିଶୋରଙ୍କ ପତ୍ତା ମିଳି ନ ଥିଲା। ଖବରପାଇ ଓଡ୍ରାଫ ଟିମ୍ ଓ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ଖୋଜାଖୋଜି କରି ରାଜକିଶୋରଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ଆମ ଚୌଦ୍ୱାର ଖବରଦାତା ଜଣାଇଛନ୍ତି, କଟକ ଜିଲା ଚୌଦ୍ୱାର ଥାନା ଅଞ୍ଚଳରେ ବୁଧବାର ମହାନଦୀରେ ବୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଛି। କୟଳପଡା ପଞ୍ଚାୟତ ଅଧୀନ ନୂଆପାଟଣା ଗ୍ରାମର ସଞ୍ଜୟ ପରିଡ଼ା(୪୦) ସାଙ୍ଗମାନଙ୍କ ସହିତ ରଙ୍ଗ ଖେଳ ସାରି ଅପରାହ୍ନରେ ମହାନଦୀର ମଧୁସେତୁ ନିକଟରେ ଗାଧୋଉଥିଲେ। ଏହି ସମୟରେ ହଠାତ୍ ତାଙ୍କ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡି ନିଖୋଜ ହୋଇଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଅଗ୍ନିଶମ କର୍ମଚାରୀ ଓ କଟକର ଓଡ୍ରାଫ୍ଟ ଟିମ୍ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ଗୁରୁବାର ସନ୍ଧ୍ୟାରେ ମଧୁସେତୁ ନିକଟରେ ସଞ୍ଜୟଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଉଦ୍ଧାର କରିଥିଲେ। ସେହିପରି ଢିହସାହି ଶିମିଳିହାଣ୍ଡ ଗ୍ରାମର ନକୁଳ ଦାସ(୫୩) ମହାନଦୀର ଶନିମନ୍ଦିର ନିକଟ ଡଙ୍ଗା ଘାଟରେ ଗାଧୋଉଥିବାବେଳେ ହଠାତ୍ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. 51/ET/SBP/ENGG/2022-23, ତା. 06.03.2023 ରିଖ
ଇ-ଟେଣ୍ଡର ସଂ. 51-eT-DENW-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ଲାଖୋଲି-ଟିଟିଲାଗଡ଼ ସେକ୍ସନ୍‌ରେ 21 ଗୋଟି ହ୍ୟୁମ୍‌ପାଇପ୍ ପୋଲ (ପୋଲ ନଂ.64, 69, 70, 71, 73, 75, 78, 79, 82, 85, 86, 98, 105, 109, 111, 112, 127, 132, 149, 154 ଏବଂ 173)ଗୁଡ଼ିକର ପୁନଃରୁଦ୍ଧାର କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 6,57,00,698.68,EMD (ଟଙ୍କାରେ): 4,78,600/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.04.2023ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-1065/N/22-23

ବାର୍ତ୍ତା



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଚଳିତ ବର୍ଷ ମାର୍ଚ୍ଚ ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ୨୦୨୩ ହାଇସ୍କୁଲ୍ ଓ ମଧ୍ୟମା (ସଂସ୍କୃତ)ର ସମାପ୍ତି ସୂଚକ ଆକଳନ-୨ (Summative Assessment-II) ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଛି। ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି। ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମି ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ। ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ। ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସମୀର ରଞ୍ଜନ ଦାଶ)

## ଡାହାଣୀ ସନ୍ଦେହରେ ମା'ଙ୍କୁ ହତ୍ୟା

**ବାଙ୍ଗିରିପୋଷି,୯।୩ (ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ପାଟଶିଳା ଗ୍ରାମରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଡାହାଣୀ ସନ୍ଦେହରେ ନିଜ ମା'ଙ୍କୁ ହତ୍ୟାକରି ନୃଶଂସ ପୁଅ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମୃତ ମହିଳା ଜଣକ ହେଲେ କାର୍ମି ମୁର୍ମୁ(୬୦)। ଏନେଇ ପୋଲିସ ଏକ ମାମଲା (ନଂ.୭୦/୨୩) ରୁଜୁକରି ଅଭିଯୁକ୍ତ ଗଜେନ୍ଦ୍ର ମୁର୍ମୁ(୩୫)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଡାହାଣୀ ସନ୍ଦେହରେ ଗଜେନ୍ଦ୍ର ତାଙ୍କ ମା'ଙ୍କୁ ଗାଳିଗୁଲଜ କରିବା ସହ ତଣ୍ଟି ଚିପି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

कार्यपालक अभियंता का कार्यालय
ग्रामीण विकास विशेष प्रमंडल, राँची

ई–निविदा आमंत्रण सूचना
ई– निविदा सूचना संख्या – RDD/SD/RANCHI/16/2022-23 Re-tender (2nd Call)
P.R. No. 289005 (Rural Development) 22-23 (D)

1.कार्य की विस्तृत विवरणी:

| क्र० सं० | कार्य का नाम | परिमाण विपत्र की राशि (लाख में) | परिमाण विपत्र का मूल्य | अग्रधन की राशि | कार्य पूर्ण करने की अवधि |
|---|---|---|---|---|---|
| I | राँची जिला के खेलारी प्रखंड स्थित मायापुर पंचायत में हरहू नाला पर आर0सी0सी0 पुलिया निर्माण। | 265.25996 | 10,000.00 | 5,31,000.00 | 18 माह |
| II | राँची जिला के खेलारी प्रखंड के लपरा पंचायत के चट्टी नदी में आर0सी0सी0 पुलिया निर्माण। | 250.71865 | 10,000.00 | 5,02,000.00 | 18 माह |

2. वेबसाइट में निविदा प्रकाशन की तिथि – दिनांक 22.03.2023
3. ई–निविदा प्राप्ति की तिथि एवं समय – दिनांक 24.03.2023 से दिनांक 31.03.2023 के अपराह्न 5:00 बजे तक।
4. कार्यपालक अभियंता कार्यालय, ग्रामीण विकास विशेष प्रमंडल, राँची / मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0 एफ0 पी0 भवन, धुर्वा, राँची में निविदा शुल्क एवं अग्रधन की राशि जमा करने की तिथि एवं समय दिनांक 03.04.2023 अपराह्न 05:00 बजे तक।
5. निविदा खोलने का स्थान – मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0 एफ0 पी0 भवन, धुर्वा, राँची।
6. तकनीकी निविदा खोलने की तिथि एवं समय – दिनांक 05.04.2023 अपराह्न 2:00 बजे
7. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, राँची।
8. ई–निविदा प्रकोष्ठ का दूरभाष सं० – 9523491111
9. निविदा शुल्क राष्ट्रीयकृत बैंक द्वारा निर्गत बैंक ड्राफ्ट / बैकर्स चेक के रूप में कार्यपालक अभियंता, ग्रामीण विकास विशेष प्रमंडल, राँची के पक्ष में, जो भारतीय स्टेट बैंक डोरंडा शाखा में भुगतेय होगा जो लौटाया नहीं जायेगा।
10. प्राक्कलित राशि घट–बढ़ सकती है, तद्नुसार अग्रधन की राशि देय होगी।
11. बिना कारण बताये किसी भी स्तर पर निविदा को रदद् का अधिकार विभाग के पास सुरक्षित रहेगा।
12. टेन्डर डॉक्यूमेंट के साथ Updated Ucan समर्पित करना Mandatory है।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,राँची
PR 292172 Rural Work Department(22-23).D

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ଦଖଲ ନୋଟିସ୍
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦** ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ସରଫେଶୀ ଆକ୍ଟ ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରିବା ପରେ ଯଦି କିଛି ଅର୍ଥ ପୈଠ କରାଯାଇଥାଏ ତେବେ ଆକାଉଣ୍ଟ ସମାଧାନ ସମୟରେ ପ୍ରଦାନ କରାଯିବାକୁ ଥିବା ଦେୟ ବିଷୟରେ ଜାଣିବା ପାଇଁ ସେହି ଅର୍ଥକୁ କଳନା କରାଯିବ ।** ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା **୧୩**ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ତମାଣ୍ଡୋ ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ହେମ ଚନ୍ଦ୍ର ରାଜହଂସ, ଠିକଣା-୧: ସା: ପ୍ଲଟ୍ ନଂ.: ୨୨୯୭, ନୂଆ ସାହି, ପୋ/ଥାନା: ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଠିକଣା-୨: ହାଉସ୍ ନଂ.: ଏମ୍‌ଆଇଜି-୧-୪୩/୨, ଓଏସ୍‌ଏଚ୍‌ବି, ଚନ୍ଦ୍ରଶେଖରପୁର, ଫେଜ୍-୧, ଭୁବନେଶ୍ୱର-୭୫୧୦୧୬ | ଟ.୬,୬୮,୭୭୪/- +ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୧.୧୦.୨୦୨୨ / ୦୪.୦୩.୨୦୨୩ | ଶ୍ରୀ ହେମ ଚନ୍ଦ୍ର ରାଜହଂସଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ହାଉସ୍ ନଂ.: ଏମ୍‌ଆଇଜି-୧-୪୩/୨, ଓଏସ୍‌ଏଚ୍‌ବି କମ୍ପୋଜିଟ୍ ହାଉସିଂ ସ୍କିମ୍, ଖାତା ନଂ.: ୪୭୨, ପ୍ଲଟ୍ ନଂ.: ୨୪୧(ଅଂଶ), କ୍ଷେତ୍ର: ୩୮୫ ବର୍ଗଫୁଟ, କିସମ: ଘରବାରୀ, ମୌଜା: ଚନ୍ଦ୍ରଶେଖରପୁର, ଥାନା: ନୟାପଲ୍ଲୀ, ଏସ୍‌ଆରଓ: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ୨୦ ଫୁଟିଆ ରାସ୍ତା, ଦକ୍ଷିଣ: ଖୋଲା ସ୍ଥାନ, ପୂର୍ବ: ହାଉସ୍ ନଂ.: ଏମ୍‌ଆଇଜି-୧-୪୩/୧, ପଶ୍ଚିମ: ହାଉସ୍ ନଂ.: ଏମ୍‌ଆଇଜି-୧-୪୪/୧ |

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୦.୦୩.୨୦୨୩
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**୨୩ରେ ନାଟକ ବୟସର ଅନ୍ତେ**

ଭୁବନେଶ୍ୱର,(ବ୍ୟୁରୋ):ବୟସର ପରିଣତ ବୟସରେ ଜୀବନ ଏକ ଭିନ୍ନ ଅନୁଭୂତି ଆଣିଦେଇଥାଏ। ସମୟ ବଦଳିବା ସହ ପାରିବାରିକ ଚିତ୍ର ବି ବଦଳୁଛି। ସମୟର ତାଳ ସହ ଜୀବନର ଏକ ନୂଆ ରୂପକୁ ବଞ୍ଚିବାକୁ ଚେଷ୍ଟା କରିଛନ୍ତି ପ୍ରଫେସର ନିତ୍ୟାନନ୍ଦ ମିଶ୍ର ଓ ପ୍ରତିମା ମିଶ୍ର। ସେମାନଙ୍କ ପରିଣତ ବୟସର ଜୀବନ ଯାତ୍ରାକୁ ନେଇ ସମକାଳୀନ ନାଟକ 'ବୟସର ଅନ୍ତେ' ଆସନ୍ତା ୨୩ ଓ ୨୪ତାରିଖରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର ବୈଠକରେ ନିର୍ଦ୍ଦେଶକ ତଥା ବିଶାନ ବଳଭଦ୍ର ଶତପଥୀ ସୂଚନା ଦେଇଛନ୍ତି। ଏହି ୨ ଚରିତ୍ରରେ ଅଭିନେତା ସମରେଶ ରାଉତରାୟ ଓ ଅଭିନେତ୍ରୀ ଅନୁ ଚୌଧୁରୀ ଦେଖିବାକୁ ମିଳିବେ। ଓଡ଼ିଆ ୱାନ୍ ଥ୍ରିଏଟର ଗ୍ରୁପ ପକ୍ଷରୁ ଏହା ପ୍ରଯୋଜନା କରାଯାଇଛି।



## ସଂକ୍ଷେପରେ

### ହୋଟେଲକୁ ବୋମାମାଡ଼ ଘଟଣାରେ ଜଣେ ଗିରଫ

ଭୁବନେଶ୍ୱର,୯।୩(ବ୍ୟୁରୋ) : ବାକି ଟଙ୍କା ମାଗିବାରୁ ହୋଟେଲକୁ ବୋମା ମାଡ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୟାଗଡର ସାଗର ଓରଫ ବିକ୍ରମ ସାହୁ। ତେବେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ସୋନୁ ଓ ନିଲୁ ଫେରାର ଥିବାରୁ ସେମାନଙ୍କୁ ଗିରଫ ପାଇଁ ପୋଲିସ ଉଦ୍ୟମ ଚଳାଇଛି। ଗତ ୫ ତାରିଖରେ ବରମୁଣ୍ଡା ବସ୍ ଷ୍ଟାଣ୍ଡ୍‌ରେ ଏହି ଘଟଣା ଘଟିଥିବାବେଳେ ମାଲିକ ନିରଞ୍ଜନ ପାତ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଖଣ୍ଡାରେ ଆକ୍ରମଣ ଘଟଣାରେ ୨ ଗିରଫ

ବାଲିଅନ୍ତା,୯।୩(ଡି.ଏନ୍.ଏ.): ହୋଲିରେ ସାମାନ୍ୟ ବଚସାକୁ ନେଇ ଖଣ୍ଡାରେ ଆକ୍ରମଣ ଘଟଣାରେ ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ବେଣୁପୁର ଗ୍ରାମର ରାଜେଶ ପାତ୍ର(୨୬) ଓ ରିତେସ୍ ପାତ୍ର(୨୦)। ପୋଲିସ ସେମାନଙ୍କଠାରୁ ଏକ ଖଣ୍ଡା ଜବତ କରିଛି। ଏନେଇ ଏକ ମାମଲା (ନଂ. ୧୦୨/୨୩) ରୁଜୁ କରି ତଦନ୍ତ ଚଳାଇଛି। ଯୁବକଙ୍କ ଆକ୍ରମଣରେ ଗ୍ରାମର ମୋହନ ପାତ୍ରଙ୍କ ବାମ ହାତରେ ଆଘାତ ଲାଗିଛି। ତାଙ୍କୁ ଗୁରୁବାର ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ୧୩ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୯।୩(ବ୍ୟୁରୋ) : ବ୍ରାଉନସୁଗାର କାରବାର କରୁଥିବା ୨ଜଣ ଯୁବକଙ୍କୁ ଭରତପୁର ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲାର ମନୋରଞ୍ଜନ ରଥ ଓ ଅନଶର ଖାନ। ସେମାନଙ୍କଠାରୁ ୧୩ ଗ୍ରାମ ବ୍ରାଉନସୁଗାର ଓ ନଗଦ ୫୬୦ ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୧ ଲକ୍ଷରୁ ଅଧିକ ଟଙ୍କା ହେବ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତଦ୍ୱୟ ଏହି ଥାନା ଅନ୍ତର୍ଗତ ଏପିଜେ ଅବଦୁଲ କଲାମ ପାର୍କ ପଛପଟେ ନିଶାଦ୍ରବ୍ୟ କାରବାର କରୁଥିବା ଖବରପାଇ ପୋଲିସ ଧରିଥିଲା।

### ସ୍କୁଲ ନିକଟରେ ମାଦକଦ୍ରବ୍ୟ ବିକୁଥିବା ଦୋକାନ ସିଲ୍

ଭୁବନେଶ୍ୱର, ୯।୩ (ବ୍ୟୁରୋ): ଶହୀଦନଗରସ୍ଥିତ ହାପି ଆୱାରର୍ସ ସ୍କୁଲ ନିକଟରେ ଥିବା ଏକ ଦୋକାନକୁ ସିଲ୍ କରିଛି ବିଏମ୍‌ସି। ସ୍କୁଲ କାନ୍ଥକୁ ଲାଗି ରହିଥିବା ଏହି ଦୋକାନରେ ପାନ, ସିଗାରେଟ୍, ତମ୍ବାଖୁ ଭଳି ବିଭିନ୍ନ ଦ୍ରବ୍ୟ ବିକ୍ରି ହେଉଥିଲା। ବିଦ୍ୟାଳୟର ଏତେ ପାଖରେ ମାଦକଦ୍ରବ୍ୟ ବିକ୍ରି ହେଉଥିଲେ ବି ଏନେଇ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିଲେ। ଏପରିକି ଟୁଇଟର ମାଧ୍ୟମରେ ଜାନୁୟାରୀରୁ ଏ ନେଇ ବିଏମ୍‌ସିକୁ ଅଭିଯୋଗ କରାଯାଇଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଅନ୍ୟଜଣେ ମହିଳା ଅଭିଭାବକ ଏ ନେଇ ଅଭିଯୋଗ କରିଥିଲେ। ଶିଶୁମାନେ ଦେଶର ଭବିଷ୍ୟତ ହୋଇ ଥିବାବେଳେ ଶିକ୍ଷାନୁଷ୍ଠାନ ପାଖରେ ଏଭଳି ମାଦକ ଦ୍ରବ୍ୟର ବିକ୍ରି ସେମାନଙ୍କ କୋମଳମତି ମନ ଉପରେ କୁପ୍ରଭାବ ପକାଇବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାପରେ ଗୁରୁବାର ବିଏମ୍‌ସି ପକ୍ଷରୁ ସମ୍ପୃକ୍ତ ଦୋକାନକୁ ସିଲ୍ କରି ଦିଆଯାଇଛି। ସେହିପରି ମାଷ୍ଟରକ୍ୟାଣ୍ଟିନ ଛକ ନିକଟ ପ୍ରେସ୍‌କ୍ଲବ୍ ଅଫ୍ ଓଡ଼ିଶା ପାଖରେ ଥିବା ଛୋଟ ଜେରକ୍ସ ଦୋକାନରେ ବିଭିନ୍ନ ପକ୍ଷୀ, କୁକୁର, ବିଲେଇ ମାନଙ୍କୁ ରଖି ବିକ୍ରି କରାଯାଉଥିଲା। ରାସ୍ତାକଡ଼ରେ ଏଭଳି ବେଆଇନ ଭାବେ ପକ୍ଷୀ ଓ ଜୀବଙ୍କୁ ବିକ୍ରି କରାଯାଉଥିବା ନେଇ ବିଏମ୍‌ସିକୁ ଅଭିଯୋଗ କରିବା ପରେ ଗୁରୁବାର ସମ୍ପୃକ୍ତ ଦୋକାନକୁ ମଧ୍ୟ ସିଲ୍ କରିଦିଆ ଯାଇଛି।

### ଓୟୁଏଟିରେ ମହିଳା ଦିବସ

ଭୁବନେଶ୍ୱର,୯।୩(ବ୍ୟୁରୋ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ସ୍ୱାମୀନାଥନ ହଲରେ ମହିଳା ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ସେବା ମହାପାତ୍ର ଯୋଗଦେଇ ମହିଳାମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଉନ୍ନତ ସମାଜ ଗଠନ ଉପରେ ପରାମର୍ଶ ଦେଇଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଇଂଲିଶ ପ୍ରଫେସର ଇତିଶ୍ରୀ ଷଡ଼ଙ୍ଗୀ, କୃଷି କଲେଜର ଡିନ୍ ପ୍ରଫେସର ହୃଷୀକେଶ ଉପସ୍ଥିତ ଥିଲେ। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଏକାଠି ହୋଇଥିଲେ। ପ୍ରଫେସର ରାମଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# ନୂଆ ରୂପ ପାଇବ ରାଜଧାନୀ ଶ୍ମଶାନ

ଭୁବନେଶ୍ୱର, ୯।୩ (ବ୍ୟୁରୋ)

BHUBANESWAR MUNICIPAL CORPORATION
BMC

ରାଜଧାନୀ ଭୁବନେଶ୍ୱରର ୬୭ ୱାର୍ଡରେ ଥିବା ସମସ୍ତ ଶ୍ମଶାନକୁ ନୂଆ ରୂପ ମିଳିବ। ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଦ୍ୱାରା ଏ ନେଇ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି । ପ୍ରତ୍ୟେକ ଶ୍ମଶାନର ପାଚେରି ନିର୍ମାଣ କରାଯିବା ସହ ଶବ ଦାହ ଗୃହ, ପେଣ୍ଡାଲ, ପାଣି ବ୍ୟବସ୍ଥା, ଶୌଚାଳୟ ସହ ବସିବା ସ୍ଥାନ ରହିବ। ଏହା ସହ ପ୍ରତ୍ୟେକ ଶ୍ମଶାନରେ ଚାରା ରୋପଣ କରାଯିବ। ୱାର୍ଡ ଅଫିସର ନିଜ ନିଜ ୱାର୍ଡରେ ଥିବା ଶ୍ମଶାନ ବୁଲିବା ସହ ତା'ର ସ୍ଥିତି ଯାଞ୍ଚ କରିବାକୁ ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ରାଜଧାନୀବାସୀଙ୍କୁ ଉନ୍ନତ ସେବା ଯୋଗାଇ ଦେବା ଲାଗି ବିଏମ୍‌ସି ନିରନ୍ତର ତା'ର ଉଦ୍ୟମ ଚଳାଇଥିବା କମିଶନର କହିଛନ୍ତି। ମୁଖ୍ୟ କଥା ହେଲା ନିକଟରେ କିଛି ଗ୍ରାମ ପଞ୍ଚାୟତ ବିଏମ୍‌ସିରେ ସାମିଲ ହୋଇଛି। ପୂର୍ବରୁ ଯେହେତୁ ତାହା ପୌରାଞ୍ଚଳରେ ସାମିଲ ହୋଇ ନ ଥିଲା। ସେଠାରେ ସହରୀ ସେବା ସହ ସହରି ଭିତ୍ତିଭୂମିର ବିକାଶ ଠିକ୍ ଭାବେ ହୋଇପାରି ନ ଥିଲା। ନୂଆ କରି ସାମିଲ ହୋଇଥିବା ଅଞ୍ଚଳଗୁଡ଼ିକ ଡ୍ରେନ, ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ସହ ବିଏମ୍‌ସିରୁ ମିଳୁଥିବା ସବୁ ସେବା ଯୋଗାଇ ଦେବାକୁ ଯୋଜନା ପ୍ରସ୍ତୁତ ହୋଇଛି। ମୁକ୍ତା ଯୋଜନା ଅଧୀନରେ ଏହି ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି ସ୍ଥିର କରାଯାଇଛି। ସେପଟେ ସହରର ପ୍ରମୁଖ ଶ୍ମଶାନଗୁଡ଼ିକ ସ୍ଥିତି ମଧ୍ୟ କିଛି ଖାସ୍ ନାହିଁ। କୋଭିଡ୍ ସମୟରେ କିଛି ଶ୍ମଶାନର ପୁନରୁଦ୍ଧାର କରାଯାଇଥିଲା। ରାଜଧାନୀ ଭୁବନେଶ୍ୱରରେ ହିଁ ମୃତ କୋଭିଡ ରୋଗୀଙ୍କର ଶବ ଦାହ କରାଯାଉଥିଲା। ଏଥିଲାଗି ସତ୍ୟନଗର, ଆଇଗିଣିଆ, ସୁନ୍ଦରପଦା, ପଟିଆ ଭଳି କିଛି ପ୍ରମୁଖ ଶ୍ମଶାନର ପୁନରୁଦ୍ଧାର କରାଯାଇ ଗ୍ୟାସ ଚୁଲା ଲଗାଯାଇଥିଲା, ହେଲେ ସମୟାନୁକ୍ରମେ ଏବେ ଉକ୍ତ ଶ୍ମଶାନ ସ୍ଥିତି ମଧ୍ୟ ବିଗିଡ଼ିବାରେ ଲାଗିଛି। ବିଏମସି ପକ୍ଷରୁ ଶ୍ମଶାନ ପୁନରୁଦ୍ଧାର କରାଯିବା ନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ୱାର୍ଡ ଅଫିସରଙ୍କୁ ନିଜ ନିଜ ୱାର୍ଡରେ ଥିବା ଶ୍ମଶାନ ସଂଖ୍ୟା ପ୍ରଦାନ କରିବା ସହ ତା'ର ବର୍ତ୍ତମାନ ସ୍ଥିତିର ଫଟୋ ଉଠାଇ ଦାଖଲ କରିବାକୁ କୁହାଯାଇଥିଲା। ଗୁରୁବାର କେତେଜଣ ୱାର୍ଡ ଅଫିସର ସେମାନଙ୍କ ୱାର୍ଡରେ ଥିବା ଶ୍ମଶାନର ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଛନ୍ତି। ସହରର ପ୍ରମୁଖ ୱାର୍ଡଗୁଡ଼ିକ ଗ୍ୟାସ ଚୁଲା ଯୁକ୍ତ ଶ୍ମଶାନ ନିର୍ମାଣ ହେବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ପୌର ନିର୍ବାଚନ ପରଠାରୁ ପ୍ରତ୍ୟେକ ୱାର୍ଡରେ ଏକାଧିକ ବିକାଶମୂଳକ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ନୂଆ ଡ୍ରେନ, ମିନି ପାର୍କ, ପେଭର ବ୍ଲକ ପକ୍କା ରାସ୍ତା ଆଦିର ନିର୍ମାଣ ଜାରି ରହିଥିବାବେଳେ ସବୁ ୱାର୍ଡରେ ନେବରହୁଡ ମାର୍କେଟ କରାଯିବାକୁ ପ୍ରସ୍ତାବ ରହିଛି। ଜାତୀୟ ସ୍ତରରେ ଭୁବନେଶ୍ୱରକୁ ଶୀର୍ଷରେ ପହଞ୍ଚାଇବା ଲାଗି ବିଏମ୍‌ସି ତା'ର ନାଗରିକଙ୍କୁ ଅପିଲ କରିଛି। ସହରକୁ ସ୍ୱଚ୍ଛ ରଖିବାକୁ ବିଏମ୍‌ସି ନାଗରିକଙ୍କୁ ଅନୁରୋଧ କରିଛି।

## ହେମାନନ୍ଦ ଥିଲେ ଉପେକ୍ଷିତ, ନିଷ୍ପେଷିତର ଶାଣିତ ସ୍ୱର



ସୂଚନା ଭବନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀରେ ଉପସ୍ଥିତ ଅତିଥି ।

**ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ**

ଭୁବନେଶ୍ୱର,୯।୩(ବ୍ୟୁରୋ)

ରାଜ୍ୟସ୍ତରୀୟ ହେମାନନ୍ଦ ବିଶ୍ୱାଳ ସ୍ମୃତି ସଂସଦ ପକ୍ଷରୁ ସୂଚନା ଭବନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳନ ହୋଇଯାଇଛି। ସଂସଦ ସଭାପତି ଜୟଦେବ ଜେନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଥିଲେ, ସ୍ୱର୍ଗତ ବିଶ୍ୱାଳ ଓଡ଼ିଶାର ରାଜନୀତି ଓ ସମାଜ ସେବା କ୍ଷେତ୍ରରେ ଗତ ଅର୍ଦ୍ଧଶତାବ୍ଦୀର ନାୟକ ଥିଲେ। ଠାକୁରପଡ଼ା ପଞ୍ଚାୟତରୁ ରାଜଧାନୀ ଦିଲ୍ଲୀ ପର୍ଯ୍ୟନ୍ତ ସ୍ୱର୍ଗତ ବିଶ୍ୱାଳଙ୍କର ଦୀର୍ଘ ଜୀବନ ଯାତ୍ରା ଘଟଣା ବହୁଳ ଥିଲା। ସାଧାରଣ ଜନତାଙ୍କ ଆଶୀର୍ବାଦ ଓ ସ୍ନେହ ଯୋଗୁ ସେ ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଏମ୍‌ପି ଓ ପ୍ରଦେଶ କଂଗ୍ରେସର ସଭାପତି ପଦରେ ଆସୀନ ହୋଇପାରିଥିଲେ। କାର୍ଯ୍ୟକ୍ରମରେ ନିରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଥିଲେ, ହେମାନନ୍ଦ ବିଶ୍ୱାଳ ଓଡ଼ିଶା କଂଗ୍ରେସର ଅମୂଲ୍ୟ ରତ୍ନ ଥିଲେ। ସାଧାରଣ ଜନତାଙ୍କ ପାଖରେ ହେମାନନ୍ଦ ବିଶ୍ୱାଳଙ୍କର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ମନ୍ତ୍ରୀ ଅଶୋକ ପଣ୍ଡା ଯୋଗଦେଇ କହିଥିଲେ, ହେମାନନ୍ଦ ବିଶ୍ୱାଳ ନିଜକୁ କେବେ ଜଣେ ମୁଖ୍ୟମନ୍ତ୍ରୀ କିମ୍ବା ପୂର୍ବତନ ମୁଖ୍ୟମନ୍ତ୍ରୀ ଭାବେ ଭାବୁ ନଥିଲେ। ସେ ନିଜକୁ ସାଧାରଣ ଜନତାର ସେବକ ଭାବେ ଗ୍ରହଣ କରିଥିଲେ। ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ, ହେମାନନ୍ଦ ବିଶ୍ୱାଳ ସମାଜର ଅବହେଳିତ ବର୍ଗର ଜନତାଙ୍କର ଶାଣିତ ସ୍ୱର ଥିଲେ। ହେମାନନ୍ଦ ବିଶ୍ୱାଳଙ୍କ ନାମରେ ରାଜଧାନୀରେ ଦଶହଜାର ଅନ୍ତେବାସୀ କ୍ଷମତା ସମ୍ପନ୍ନ ଏକ ଛାତ୍ରବାସ ନିର୍ମାଣର ପ୍ରସ୍ତାବ ସେ ରଖିଥିଲେ। ବରିଷ୍ଠ ସାମ୍ବାଦିକ ରବିଦାସ କହିଥିଲେ,୧୯୯୫ରେ କଂଗ୍ରେସର ପ୍ରତ୍ୟାବର୍ତ୍ତନ ପଛରେ ହେମାନନ୍ଦ ବିଶ୍ୱାଳଙ୍କ ପ୍ରଭାବ, ବ୍ୟକ୍ତିତ୍ୱ ଓ ନେତୃତ୍ୱ ରହିଥିଲେ। ପ୍ରସାଦ ହରିଚନ୍ଦନ କହିଥିଲେ, ହେମାନନ୍ଦ ବିଶ୍ୱାଳ ନୂତନ ପ୍ରତିଭାକୁ ପ୍ରତିଷ୍ଠିତ ହେବା ପାଇଁ ସୁଯୋଗ ଦେଉଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ କହିଥିଲେ ଯେ, ସ୍ୱର୍ଗତ ବିଶ୍ୱାଳ ଥିଲେ ଓଡ଼ିଶାରେ ସାମାଜିକ ଆନ୍ଦୋଳନର କ୍ୟାପଟେନ। କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ଶିବାନନ୍ଦ ରାୟ, ଚିରଞ୍ଜିବୀ ବିଶ୍ୱାଳ, ବିଧାୟକ ସୁରେଶ କୁମାର ରାଉତରାୟ, ଅନନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଆଜିର ସୃଜନୀ ପକ୍ଷରୁ ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ମହିଳା ଦିବସ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିତ୍ୱ ।

## ୯ଜଣଙ୍କୁ ନବରତ୍ନ ସୃଜନୀ ସମ୍ମାନ

ଭୁବନେଶ୍ୱର,୯।୩(ବ୍ୟୁରୋ)

ସମାଜିକ ଅନୁଷ୍ଠାନ ଆଜିର ସୃଜନୀ ପକ୍ଷରୁ ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ମେୟର ସୁଲୋଚନା ଦାସ, ଭାଷାବିତ୍ ଦେବୀ ପ୍ରସନ୍ନ ପଟ୍ଟନାୟକ, ନୃତ୍ୟଶିଳ୍ପୀ ଇଲିଆନା ସିତାରିଷ୍ଟି, ଖୋର୍ଦ୍ଧା ବନ ବିଭାଗ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନ, ବ୍ୟାଙ୍କ ଅଧିକାରୀ ସଞ୍ଜୟ ଝା ଏବଂ ଏ. ଉଦୟ ଭାସ୍କର ରେଡ୍ଡି ଯୋଗଦେଇଥିଲେ। ନାରୀମାନେ ସବୁବେଳେ ସଶକ୍ତ। ନିଜ ଅନ୍ତର୍ନିହିତ ଗୁଣକୁ ଚିହ୍ନି ନିଜକୁ ସବୁ କ୍ଷେତ୍ରରେ ସେମାନେ ଆଗେଇ ନେବାକୁ ସକ୍ଷମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କଳା, ସାହିତ୍ୟ ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୯ ଜଣ ବିଶିଷ୍ଟ ପ୍ରତିଭାଙ୍କୁ ନବରତ୍ନ ସୃଜନୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାସହ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ଯଥା – ପିଠାପଣା, ଝୋଟି, କବିତା ଆବୃତ୍ତି ଆଦିରେ ଅଂଶଗ୍ରହଣ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା। ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ସୁଜାତା ନନ୍ଦ ଅଭିଭାଷଣ ପ୍ରଦାନ ଏବଂ ସ୍ୱର୍ଣ୍ଣପ୍ରଭା ଦାସ ଧନ୍ୟବାଦ ଦେଇଥିଲେ।

## ପୂର୍ବ ଶତ୍ରୁତାରୁ ଆକ୍ରମଣ: ବାପା ମୃତ ମା',ଝିଅ ଗୁରୁତର

ତିଗିରିଆ,୯।୩(ଡି.ଏନ.ଏ ):

ତିଗିରିଆ ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋଟିଏ ପରିବାର ଉପରେ ବୁଧବାର ସଂଘବଦ୍ଧ ଆକ୍ରମଣ ହୋଇଛି। ଏଥିରେ ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ମା'ଓ ଝିଅ କଟକ ବଡ ଡାକ୍ତରଖାନାରେ ଚିକିତ୍ସା ହେଉଛନ୍ତି। ଏହାପରେ ଅଭିଯୁକ୍ତ ମାନେ ଫେରାର ହୋଇଯାଇଛନ୍ତି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ନୂଆପାଟଣା ପଞ୍ଚାୟତ ସୁରେନ୍ଦ୍ରପଟଣା ମୁଣ୍ଡିଆ ସାହିର ଚିନ୍ତାମଣି ବେହେରା। ଗୁରୁତରମାନେ ହେଲେ ସ୍ତ୍ରୀ ରଶ୍ମିତା ଓ ଝିଅ ମିନତୀ ବେହେରା। ଚିନ୍ତାମଣିଙ୍କ ଭାଇଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୪୫/୨୩) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ସାହିର ପ୍ରମୋଦ ବେହେରା, ପ୍ରଭାତ ବେହେରା ଓ ପ୍ରଶାନ୍ତ ବେହେରା ବୁଧବାର ସକାଳେ ଚିନ୍ତାମଣିଙ୍କ ଘରେ ପଶି ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସ୍ତ୍ରୀ ଓ ଝିଅ ଏହାକୁ ବିରୋଧ କରିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରି ସେଠାରୁ ଚାଲିଯାଇଥିଲେ। ପାଟିଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ନେଇ ଆଠଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିନ୍ତାମଣିଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଗୁରୁତର ଥିବା ରଶ୍ମିତା ଓ ମିନତୀଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ୩ ବର୍ଷ ହେବ ଅଭିଯୁକ୍ତମାନଙ୍କ ସହ ଚିନ୍ତାମଣିଙ୍କ ପୂର୍ବଶତ୍ରୁତା ଲାଗି ରହିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

## ଉତ୍କଳ ମହିଳା ସମିତି ପକ୍ଷରୁ ମହିଳା ଦିବସ



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

ଭୁବନେଶ୍ୱର, ୯।୩ (ବ୍ୟୁରୋ)

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଉତ୍କଳ ମହିଳା ସମିତି ପକ୍ଷରୁ ଗୁରୁବାର ୟୁନିଟ–୬ସ୍ଥିତ ଭିଆଇଆର୍–୮ରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡ. ସେବା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ଦିବସର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ଆମେରିକୀୟ ମହିଳା ଫେଡ଼େରେଶନ ଡାକରରେ ୧୯୦୮ ମାର୍ଚ୍ଚ ୮ରେ ମହିଳାଙ୍କ ସୁରକ୍ଷା ଦାବି ନେଇ ନ୍ୟୁୟର୍କରେ ଆନ୍ଦୋଳନ କରାଯାଇଥିଲା। ୧୯୧୦ରେ କୋପେନହେଗେନ୍‌ଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସମାଜବାଦୀ ସମ୍ମେଳନରେ ଜର୍ମାନ ମହିଳା ଆନ୍ଦୋଳନର ନେତ୍ରୀ କ୍ଲାରା ଜେଟ୍‌କିନ୍ ନ୍ୟୁୟର୍କ ଆନ୍ଦୋଳନକୁ ମନେ ରଖିବା ପାଇଁ ମାର୍ଚ୍ଚ ୮କୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ୧୯୧୧ଠାରୁ ମାର୍ଚ୍ଚ ୮କୁ ସାରା ବିଶ୍ୱରେ ଅନ୍ତର୍ଜାତୀୟ ମହିଳା ଦିବସ ରୂପେ ପାଳନ କରାଯାଉଛି ବୋଲି ଡା. ମହାପାତ୍ର କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ଉର୍ମିମାଳା ଦାସ ଯୋଗଦେଇ ଭାରତରେ ୧୯୧୧ରେ ବମ୍ବେରେ ସର୍ବପ୍ରଥମେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା ବୋଲି କହିଥିଲେ। ଉତ୍କଳ ମହିଳା ସମିତି ସଭାନେତ୍ରୀ ପ୍ରମୋଦିନୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ସାଧାରଣ ସମ୍ପାଦିକା ଜିନ୍ମୟୀ ସାହାଣୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉପସଭାନେତ୍ରୀ ଭାନୁମତି ରେଡ୍ଡି, ଉପଦେଷ୍ଟା ବନଲତା ଜେନା ପ୍ରମୁଖ ଯୋଗଦେଇ ଥିବାବେଳେ ଅଖିଳ ଭାରତ ଛାତ୍ରସଂଘ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ଧନ୍ୟବାଦ ଦେଇଥିଲେ।

## ସ୍କୁଟିକୁ ୧ କି.ମି. ଘୋଷାଡ଼ିନେଲା କାର୍

ଭୁବନେଶ୍ୱର,୯।୩(ବ୍ୟୁରୋ)

**କାର ଚାଳକଙ୍କ ସମେତ ୨ଜଣଙ୍କୁ ଧରିଲେ ଟ୍ରାଫିକ କର୍ମଚାରୀ**

ରାଜଧାନୀରେ ଉତ୍ତରପ୍ରଦେଶ ଯମୁନା ଏକ୍ସପ୍ରେସ୍ ୱେ ଭଳି ଘଟଣା ଘଟିଛି। ଗତ ଫେବୃଆରୀ ୭ରେ ଏକ କାର୍ ଦୁର୍ଘଟଣା ଘଟାଇବା ପରେ ଜଣେ ଯୁବକଙ୍କୁ ପ୍ରାୟ ୧୦ କିମି ଘୋଷାଡି ନେଇଥିଲା। ହେଲେ ଭୁବନେଶ୍ୱରରେ ଗୁରୁବାର କାର୍‌ଟି ଏକ ସ୍କୁଟିକୁ ଧକ୍କା ଦେବା ପରେ ୧ କି.ମି. ପର୍ଯ୍ୟନ୍ତ ଘୋଷାଡ଼ି ନେଇଛି। ତେବେ କିଛିବାଟ ଯିବା ପରେ ସ୍କୁଟି ଚାଳକ ଛିଟିକି ପଡିବାରୁ ମୃତ୍ୟୁ ମୁଖରୁ ବଞ୍ଚିଯାଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପକ୍ଷେ ସମ୍ପୃକ୍ତ କାର୍‌କୁ ଟ୍ରାଫିକ୍ କର୍ମଚାରୀ ଗୋଡ଼ାଇ ଧରିବା ସହ ଚାଳକ ଓ ସେଥିରେ ବସିଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ଜିମା ଦେଇଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସୂଚନାନୁସାରେ, ସକାଳ ୮ଟାରେ ଏଜି ଛକରେ ଜଣେ ବ୍ୟକ୍ତି ସ୍କୁଟି ଯୋଗେ କୌଣସି କାମରେ ଯାଉଥିବାବେଳେ ପଛପାର୍ଶ୍ୱରୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ହେଲେ ଚାଳକ ଜଣକ କାର୍‌ଟିକୁ ନ ରଖି ଖସି ପଳାଉଥିଲେ। କାର୍‌ରେ ସ୍କୁଟିଟି ଲାଖି ଯିବାରୁ ତାହା ସେମିତି ଘୋଷାଡ଼ି ହୋଇଚାଲିଥିବାବେଳେ ସେଥିରେ ଥିବା ବ୍ୟକ୍ତିଜଣକ ଘୋଷାଡ଼ି ହୋଇ ଖସି ପଡିଥିଲେ। ତେବେ କାର୍‌ଟି ରବୀନ୍ଦ୍ର ମଣ୍ଡପ ନିକଟରେ ଯିବାବେଳେ ସେଥିରେ ଏକ ସ୍କୁଟି ରହିଥିବା ଦେଖି ଉକ୍ତ ବାଟଦେଇ ଯାଉଥିବା ଲୋକେ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଡ୍ରାଇଭର ଗାଡି ରଖି ନ ଥିଲେ। ଏହାପରେ ଟ୍ରାଫିକ କର୍ମଚାରୀ ପିଛା କରି ଏମ୍‌ଏଲ୍‌ଏ କଲୋନୀ ନିକଟରେ କାର୍‌କୁ ଅଟକାଇ କାବୁ କରିଥିଲେ।

## ଦୋଳମେଳଣ ଉଦ୍‌ଯାପିତ

ବାଲିଅନ୍ତା,୯।୩(ଡି.ଏନ୍.ଏ.)

ରଜଧାନୀ ଉପକଣ୍ଠ ବାଲିଅନ୍ତାର ଆରାଧ୍ୟ ଠାକୁର ଶ୍ରୀ ନିକୁଞ୍ଜ ବିହାରୀ ଦେବଙ୍କ ପ୍ରସିଦ୍ଧ ଦୋଳମେଳଣ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବୁଧବାର ରାତି ୧୨ଟାରେ ମେଳଣର ରୋଶଣି ଉତ୍ସବ ମହାମ୍ବାସେତୁ ନିକଟରୁ ଆରମ୍ଭ ହୋଇଥିଲା। ଏଥିରେ ୧୦ଟି ସୁସଜ୍ଜିତ ଦୋଳବିମାନରେ ବିଭିନ୍ନ ଗ୍ରାମର ଠାକୁରଙ୍କ ଚଳନ୍ତି ପ୍ରତିମା ବିଜେ କରି ଅଂଶଗ୍ରହଣ କରିଥିଲେ। ମେଳଣର ଥାନପତି ମଞ୍ଚେଶ୍ୱର ଗ୍ରାମର ମଞ୍ଚନାଥ ଦେବଙ୍କ ଦୋଳବିମାନ ପ୍ରଥମେ ରୋଶଣି ଶୋଭାଯାତ୍ରାରେ ବାହାରିଥିଲେ। ତା ପଛକୁ ରସୁଲଗଡ଼ ଗ୍ରାମର ଗୋପୀନାଥ, ଜୟପୁରର ଗୋପୀନାଥ ଓ ନୀଳକଣ୍ଠେଶ୍ୱର, ନହରକଣ୍ଟାର ଗୋପୀନାଥ, ହରିଦାସପୁରର ସ୍ୱପ୍ନେଶ୍ୱର, ଭୁବନପୁରର ନୃସିଂହନାଥ, ଜୟପୁରର ମଦନମୋହନ, ନୂଆ ଗାଁର ଗୋପୀନାଥ ଓ ରାଧାମାଧବ ଆଦି ଠାକୁରଙ୍କ ଦୋଳବିମାନ ରୋଶଣି ହୋଇ ବାଲିଅନ୍ତା ହାଟସ୍ଥିତ ମେଳଣ ପଡ଼ିଆକୁ ଯାଇଥିଲେ । ସ୍ଥାନୀୟ ମଣ୍ଡପ ସମ୍ମୁଖରେ ଜୟପୁର, ଶାଳେଶ୍ୱର, ପାଣ୍ଡରା, ହଂସପାଳ, ମଞ୍ଚେଶ୍ୱର ଓ ନହରକଣ୍ଟା ଗ୍ରାମରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଡିହ ବାଲିଅନ୍ତା ଜିଡିକାର, ସୁଆଁଲୋ, ହରିପୁର, ପାଟଣା, ଅଣ୍ଡିଲୋ, ପାଣ୍ଡରା ଆଦି ଗ୍ରାମର ଗୋପାଳ ପିଲାଙ୍କ ଦ୍ୱାରା ଲଉଡିଖେଳ ଆୟୋଜିତ ହୋଇଥିଲା। ଏହି ମେଳଣକୁ ଦୋଳମେଳଣ କମିଟି ଓ ମନ୍ଦିର ଟ୍ରଷ୍ଟି କର୍ମକର୍ତ୍ତା ପରିଚାଳନା କରିଥିଲେ।



ବାଲିଅନ୍ତା ହାଟସ୍ଥିତ ମେଳଣ ପଡ଼ିଆରେ ଥିବା ବିଭିନ୍ନ ଗ୍ରାମର ଦୋଳ ବିମାନ ।

## ଓଡ଼ିଶା ଦିବସ ପାଇଁ ବ୍ୟାପକ ପ୍ରସ୍ତୁତି

**ଉତ୍କଳ ମଣ୍ଡପରେ ହେବ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ**

- ସୂଚନା ଭବନରେ ହେବ ବରପୁତ୍ରମାନଙ୍କ ଉପରେ ପ୍ରଦର୍ଶନୀ
- ଆଲୋକମାଳାରେ ଝଲସିବ ସରକାରୀ କୋଠା

ଭୁବନେଶ୍ୱର,୯।୩(ବ୍ୟୁରୋ)



ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟ ଅତିଥି ।

ଚଳିତବର୍ଷ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସ୍ଥାନୀୟ ଉତ୍କଳ ମଣ୍ଡପରେ ପାଳନ କରାଯିବ। ଏହି ଅବସରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଇତିହାସ ଏବଂ ଓଡ଼ିଶାର ବରପୁତ୍ରମାନଙ୍କ ସମ୍ପର୍କିତ ପ୍ରଦର୍ଶନୀ ସୂଚନା ଭବନରେ ଅନୁଷ୍ଠିତ ହେବ। ଏହି ପ୍ରଦର୍ଶନୀକୁ ସନ୍ଧ୍ୟାରେ ଉତ୍କଳ ମଣ୍ଡପରେ ଦର୍ଶକ ଓ ଛାତ୍ରୀଛାତ୍ରମାନେ ଦେଖିପାରିବେ। ଏଥିପାଇଁ ସେଠାରେ ଇ–ପ୍ରଦର୍ଶନୀ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ଓଡ଼ିଶା ଦିବସ ପାଳନ ନିମନ୍ତେ ଲୋକସେବା ଭବନ ୨ୟ ମହଲା ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏହି ନିଷ୍ପତ୍ତି ନିଆଯାଇଛି। ସେହିପରି ଜିଲାସ୍ତରରେ ଏହି ଉତ୍ସବକୁ ଅଧିକ ଭଲ ଭାବେ କରାଯିବା ସହ ୫–ଟି ରୂପାନ୍ତରିତ ସ୍କୁଲ ସମେତ ଅନ୍ୟ ସ୍କୁଲରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ଓଡ଼ିଶା ଦିବସ ଉତ୍ସବ ପାଳନ କରାଯିବ। ତେବେ ପରୀକ୍ଷା ସମୟ ଥିବାରୁ ଏ କ୍ଷେତ୍ରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ବିଦ୍ୟାଳୟଗୁଡିକ ସହ ସମନ୍ୱୟ ରଖି ଉତ୍ସବ ପାଳିବାକୁ ଗୁରୁତ୍ୱାରୋପ କରାଯାଇଛି। ଛାତ୍ରୀଛାତ୍ର ଓଡ଼ିଶାର ବରପୁତ୍ରମାନଙ୍କ ସମ୍ପର୍କରେ କିପରି ଅଧିକ ଜାଣିପାରିବେ ସେଥିପାଇଁ ସାମାଜିକ ଗଣମାଧ୍ୟମର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଏପ୍ରିଲ ୧ ସକାଳ ୬ରୁ ୭ଟା ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପୂର୍ବକ ପ୍ରଭାତଫେରି କରାଯିବ। ସେହିଭଳି ସନ୍ଧ୍ୟା ୬ଟାରେ ଉତ୍କଳ ମଣ୍ଡପରେ ସାଧାରଣ ସଭା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଅନ୍ୟପଟେ ସହରର ରାଜଭବନ, ବିଧାନସଭା ସୌଧ, ଲୋକସେବା ଭବନ, ରବୀନ୍ଦ୍ର ମଣ୍ଡପ, ସୂଚନା ଭବନ ସମେତ ଅନ୍ୟାନ୍ୟ ସରକାରୀ କୋଠାଗୁଡ଼ିକୁ ଆଲୋକ ସଜ୍ଜା କରାଯିବ। ଶାନ୍ତିଶୃଙ୍ଖଳା, ଟ୍ରାଫିକ, ସ୍ୱଚ୍ଛତା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି।

ନୂଆଦିଲ୍ଲୀ, କୋଲକାତା, ମୁମ୍ବାଇ ଭଳି ରାଜ୍ୟର ପ୍ରତ୍ୟେକ ଜିଲା ଓ ଉପଖଣ୍ଡ ସଦର ମହକୁମାରେ ଓଡ଼ିଶା ଦିବସକୁ ଆନନ୍ଦର ସହ ପାଳନ, ବିଭିନ୍ନ ସ୍ତରର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ, ଭାରତୀୟ ରେଡକ୍ରସ, ଓଡିଶା ଶାଖା ତରଫରୁ ବିଭିନ୍ନ କ୍ଷେତ୍ରରେ ପୁରସ୍କାର ପ୍ରଦାନ, କାର୍ଯ୍ୟକ୍ରମ ପ୍ରସ୍ତୁତି ସହ ସହରରେ ଥିବା ଓଡ଼ିଶାର ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିସ୍ଥଳ ସଫେଇ ଓ ମାଲ୍ୟାର୍ପଣ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶନ ଏବଂ ଉନ୍ମୋଚନ ଆଦି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଓଡ଼ିଶା ଦିବସ ପାଳନ ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଡ. ସନ୍ତୋଷ ବାଲା, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସ, ଡିସିପି ପ୍ରତୀକ ସିଂ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୭ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ବେପାରୀ ଗିରଫ



ଝାଁଳା,୯।୩ (ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ପୋଲିସ ଗୁରୁବାର ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଖଲିକୋଟ ଥାନା ଅନ୍ତର୍ଗତ ପଥର ଗ୍ରାମର ପଦ୍ମଚରଣ ପଲେଇ ଓରଫ କାଳିଆ। ତାଙ୍କ ନିକଟରୁ ୧୭.୧୭ଗ୍ରାମ ବ୍ରାଉନସୁଗାର ଏବଂ ମୋବାଇଲ ଫୋନ ଜବତ ହୋଇଛି। ସୂଚନା ମୁତାବକ, ପିତାପଲ୍ଲୀ ଛକ ନିକଟରେ କାଳିଆ ବ୍ରାଉନସୁଗାର ବିକ୍ରି କରିବା ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିଲା। କୌଣସି ସୂତ୍ରରୁ ଖବରପାଇ ଇନଫୋଭ୍ୟାଲି ଥାନାର ଏକ ସ୍ପେଶାଲ ଟିମ୍ ଚଢ଼ାଉ କରି କାଳିଆଙ୍କୁ ଧରିବା ସହ ବ୍ରାଉନସୁଗାର ଜବତ କରିଥିଲା। ବହୁ ଦିନ ହେବ ସେ ବ୍ରାଉନସୁଗାର ବେପାର କରୁଥିବା ନେଇ ପଚରାଉଚରା ବେଳେ ସ୍ୱୀକାର କରିଥିବା ପୋଲିସ କହିଛି।

### ମଦ ଜବତ, ୯ ଗିରଫ

ନିରାକାରପୁର/ବେଗୁନିଆ,୯।୩ (ଡି.ଏନ୍.ଏ.): ଜଙ୍କିଆ ଥାନା ପୋଲିସ ଗୋଡିପଡ଼ା, ଛଣଗିରି, ଓଲସିଂହ ଓ ବଳପୁର ଅଞ୍ଚଳରେ ଚଢ଼ାଉ କରି ମଦ ଜବତ କରିବା ସହ ୫ଜଣ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଛଣଗିରି ଅଞ୍ଚଳର ବୃନ୍ଦାବନ ପ୍ରଧାନ(୨୪), ବିକ୍ରମ ମହାପାତ୍ର, ଓଲସିଂହର ପ୍ରକାଶ କାଉଲ(୩୨), ଗୋଡିପଡା ଉପରମୋଟାର ସୁଶାନ୍ତ ପାହଦସିଂହ, ବଳପୁରର ମାନସ ଧିଣ୍ଡା। ଏମାନଙ୍କ ନିକଟରୁ ୪୪ଲିଟର ବିଦେଶୀ ମଦ ଜବତ ହୋଇଛି। ହୋଲି ପାଇଁ ପ୍ରଶାସନ ପକ୍ଷରୁ ମଦ ଦୋକାନ ଗୁଡିକ ବନ୍ଦ କରାଯାଇଥିବା ବେଳେ ଅଭିଯୁକ୍ତମାନେ ଚୋରାରେ ବେପାର କରୁଥିଲେ। ଏନେଇ ଥାନାରେ ପୃଥକ୍ ଭାବେ ୫ଟି (୮୯, ୯୦, ୯୧, ୯୨, ୯୩/୨୩) ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ବେଣୁଧର ରାୟ ସୂଚନା ଦେଇଛନ୍ତି। ସେହିପରି ବେଗୁନିଆ ଓ ବାଘମାରୀ ଥାନା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ପୋଲିସ ୨୦୦ ଲିଟର ରନ୍ଧା ମଦ ଓ ବାଇକ୍ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବୋଲଗଡ ଥାନା ବଡକୁମାରୀ ଗ୍ରାମର ଧନେଶ୍ୱର ପରିଡା, ବେଗୁନିଆ ମଙ୍ଗଳାସାହିର ପବିତ୍ର ସାହୁ, ବାଘମାରୀ ଥାନା ଗଁପୁର ଗ୍ରାମର ଗଣେଶ ସେଠୀ ଏବଂ କୋଟପଲା ଗ୍ରାମର କୈଳାସ ନାୟକ। ଏନେଇ ଉଭୟ ଥାନାରେ ପୃଥକଭାବେ ୪ଟି ମାମଲା ରୁଜୁ ହୋଇଛି। ଧନେଶ୍ୱରଙ୍କଠାରୁ ୧୧ଲିଟର ମଦ ସହିତ ବାଇକ୍ (ଓଡି୦୧ ଏଫ୍-୧୭୦୧), ପବିତ୍ରଙ୍କଠାରୁ ୫ଲିଟର ମଦ ବେଗୁନିଆ ପୋଲିସ ଜବତ କରିଥିଲା। ସେହିପରି ବାଘମାରୀ ପୋଲିସ କୈଳାସଙ୍କ ଠାରୁ ୯୪ ଲିଟର ଓ ଗଣେଶଙ୍କ ଠାରୁ ୯୦ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଛି।

# ମେଳଣରେ ଆତସବାଜି ପ୍ରତିଯୋଗିତା ବନ୍ଦ

**ବାଣ ଫୁଟି ବିସ୍ଫୋରଣ ଘଟଣା**
- ୧୭ ସ୍ଥାନରେ ଚଢ଼ାଉ, ୬ଗିରଫ
- ୬୨କେଜି ବିସ୍ଫୋରକ ଜବତ
- ଶୃଙ୍ଖଳିତ ଦୋଳ ଆୟୋଜନକୁ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୯।୩

ଟାଙ୍ଗୀ ଥାନା ଅନ୍ତର୍ଗତ ଭୂଷଣ୍ଡପୁରରେ ଦୋଳ ପାଇଁ ବାଣ ପ୍ରସ୍ତୁତି ବେଳେ ବିସ୍ଫୋରଣରେ ୫ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ କଟକ ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ଏହି ଘଟଣା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଖୋର୍ଦ୍ଧା ପୋଲିସ ପକ୍ଷରୁ ୧୭ଟି ସ୍ଥାନରେ ଚଢ଼ାଉ କରାଯାଇ ୬ଜଣଙ୍କୁ ଗିରଫ କରାଯାଇଛି। ଏଥିସହିତ ୬୨ କେଜିରୁ ଉର୍ଦ୍ଧ୍ୱ ବିସ୍ଫୋରକ ଜବତ କରାଯାଇଥିବା ଏସ୍‌ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଦୋଳ ପୂର୍ଣ୍ଣମୀ ପରଠାରୁ ବିଭିନ୍ନ ଅଞ୍ଚଳରେ ଦୋଳ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଠାକୁରଙ୍କ ମେଳଣ ଦିନ ମାନସିକ, ଯାତଣା ବାଣ ସହ ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଭୂଷଣ୍ଡପୁର ଘଟଣା ପରେ ଗତ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଏନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାର ସମସ୍ତ ଅଧିକାରୀ, ପୋଲିସ, ଅଗ୍ନିଶମ ଅଧିକାରୀଙ୍କୁ ନେଇ ଆୟୋଜିତ ଏହି ବୈଠକରେ ଶୃଙ୍ଖଳିତ ଦୋଳ ମେଳଣ ଉପରେ ଗୁରୁତ୍ୱ ଦିଆଯାଇଛି। ଚଳିତ ବର୍ଷ କୌଣସି ମେଳଣ ପଡିଆରେ ଆତସବାଜି ପ୍ରତିଯୋଗିତା ଆୟୋଜନ ଉପରେ ପ୍ରଶାସନ ପକ୍ଷରୁ ପ୍ରତିବନ୍ଧକ ଲଗାଯାଇଛି। କୌଣସି ଶବ୍ଦଭେଦୀ ବାଣ ଫୁଟାଯିବ ନାହିଁ। ମାନସିକ ଓ ଯାତଣା ବାଣ ଫୁଟାଇବା ଲାଗି ମେଳଣ ପଡିଆ ଖୋଲା ସ୍ଥାନରେ ଏହାର ଆୟୋଜନ କରାଯିବ। ଚାରିପଟେ ବ୍ୟାରିକେଡ, ବାଲିବସ୍ତା, ପର୍ଯ୍ୟାପ୍ତ ମାତ୍ରାରେ ପାଣିର ବ୍ୟବସ୍ଥା ପ୍ରତି ଆୟୋଜକ କମିଟି ଗୁରୁତ୍ୱ ଦେବେ। କୌଣସି ସ୍ଥାନରେ ଆତସବାଜି ପ୍ରତିଯୋଗିତା ଚାଲିଥିବା ଜଣାପଡିଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ବେଆଇନ ଗଚ୍ଛିତ ବାଣ, କାରବାର ଉପରେ ଚଢ଼ାଉ କରାଯିବ। ଏନଫୋର୍ସମେଣ୍ଟକୁ କଡାକଡି ନେଇ ନିଷ୍ପତ୍ତି ନିଆଯାଇଛି। ଦୋଳ ମେଳଣ ଉତ୍ସବ ସ୍ଥାନରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯିବ। ସମସ୍ତ ଥାନା ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ବାଣ ଗୋଦାମ ଉପରେ ଚଢ଼ାଉ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରଫୁଲ୍ଲ ସ୍ୱାଇଁ, ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ(ଭୁବନେଶ୍ୱର) ଦେବବ୍ରତ ସାହୁ, ଦୀପ୍ତିରଞ୍ଜନ ସେଠୀ, ସଦର ଏସ୍‌ଡିପିଓ ଦିଲୀପ ଦାସ, ତହସିଲଦାର ବିଭାସ ପାଣିଗ୍ରାହୀ, ଜଟଣୀ ତହସିଲଦାର ରୁମାନା ଜାଫ୍ରିଙ୍କ ସମେତ ସମସ୍ତ ଥାନାର ଅଧିକାରୀ, ଅଗ୍ନିଶମ ସେବା ସଂସ୍ଥାର ଅଧିକାରୀ ଉପସ୍ଥିତ ଥିଲେ।

### ଅପହୃତ ନାବାଳକ ଉଦ୍ଧାର, ମହିଳା ଗିରଫ

ଭୁବନେଶ୍ୱର,୯।୩(ବ୍ୟୁରୋ)

ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରୁ ନାବାଳକଙ୍କୁ ଚୋରି କରିବା ଅଭିଯୋଗରେ ସମ୍ପୃକ୍ତ ମହିଳାଙ୍କୁ ଇନ୍‌ଫୋସିଟି ଥାନା ପୋଲିସ ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ମଜୁରିଗଡ଼ିଆ ଗ୍ରାମର ଜୁଲି ସବର। ଏଥିସହ ଅପହୃତ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ନାବାଳକ ଜଣଙ୍କ ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ତାଙ୍କ ଦାୟିତ୍ୱରେ ଥିବା ଆଟେଣ୍ଡାଣ୍ଟ୍ ଜଣଙ୍କ ଡାକ୍ତରଙ୍କ ପରାମର୍ଶ ନେବାକୁ ଯାଇଥିଲେ। ପୂର୍ବରୁ ଲୁଚି ରହିଥିବା ଜୁଲି ସେଠାରେ ପହଞ୍ଚି ନାବାଳକଙ୍କୁ ଚୋରି କରି ଭଦ୍ରକ ନେଇଯାଇଥିଲେ। ଆଟେଣ୍ଡାଣ୍ଟଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।



୮ଦଫା ପୂରଣ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମଚାରୀମାନେ ଧାରଣାରେ ବସିଛନ୍ତି।

### ୧୩୯ କେନ୍ଦ୍ରରେ ୨୬୫୭୧ ପରୀକ୍ଷାର୍ଥୀ

ଖୋର୍ଦ୍ଧା ଅଫିସ,୯।୩

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସମ୍ମେଟିଭ୍ ଆସେସମେଣ୍ଟ-୨ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବ। ସକାଳ ୮ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନ ଭାଷା ସାହିତ୍ୟ ବିଷୟ ରହିଛି। ପରୀକ୍ଷା ଆୟୋଜନ ଲାଗି ଜିଲାବ୍ୟାପୀ ୧୨ନୋଡାଲ ସେଣ୍ଟର ପ୍ରଶ୍ନପତ୍ର ପହଞ୍ଚିଛି। କପି ରୋକିବାକୁ ମାଧ୍ୟମିକ ଶିକ୍ଷା ପରିଷଦର ଗୋଟିଏ ସ୍କ୍ୱାଡ୍ ସମେତ ଜିଲା ଶିକ୍ଷାବିଭାଗ ପକ୍ଷରୁ ୩ଟି ସ୍କ୍ୱାଡ୍ ଗଠନ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏକ ସ୍କ୍ୱାଡ୍ ଗଠନ କରାଯାଇଥିବା ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ସୂଚନା ଦେଇଛନ୍ତି।

ଚଳିତ ବର୍ଷ ଜିଲାରେ ୩୦୦ବିଦ୍ୟାଳୟର ୨୬ହଜାର ୫୭୧ଜଣ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ସେଥିମଧ୍ୟରୁ ୨୬୪୫୭ଜଣ ରେଗୁଲାର ଏବଂ ୧୧୪ ଜଣ ଏକ୍ସରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ୧୩୯ଟି କେନ୍ଦ୍ରରେ ପରୀକ୍ଷା ଦେବେ। ତନ୍ମଧ୍ୟରେ ଭୁବନେଶ୍ୱର ଉପଖଣ୍ଡରେ ୬୪ ଏବଂ ଖୋର୍ଦ୍ଧା ଉପଖଣ୍ଡରେ ୭୫ଟି ପରୀକ୍ଷା କେନ୍ଦ୍ର ରହିଛି । ସେହିପରି ରାଜ୍ୟମୁକ୍ତ ବିଦ୍ୟାଳୟର ୩୦୭ଜଣ ପରୀକ୍ଷାର୍ଥୀଙ୍କ ଲାଗି ଗୋଟିଏ ସେଣ୍ଟର କରାଯାଇଛି। ଏଥିରେ ୨୨୮ଜଣ ରେଗୁଲାର ପରୀକ୍ଷାର୍ଥୀ ଏବଂ ବିଗତ ପରୀକ୍ଷାରେ ବ୍ୟାକ୍ ପେପର ଲାଗିଥିବା ୭୯ଜଣ ମଧ୍ୟ ପୁର୍ନବାର ପରୀକ୍ଷା ଦେଉଛନ୍ତି । ପରୀକ୍ଷା ସୁପରିଚାଳନା ନିମନ୍ତେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏକ ବୈଠକ ହୋଇଥିଲା। ପରୀକ୍ଷା ହଲ୍‌କୁ ପରୀକ୍ଷାର୍ଥୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମୋବାଇଲ ନେବାକୁ ବାରଣ କରାଯାଇଛି। ପୋଲିସ ସୁରକ୍ଷା ବଳୟ ଭିତରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ।ପରୀକ୍ଷା ଦିନ ସେହି ପ୍ରଶ୍ନପତ୍ର ନୋଡାଲ ସେଣ୍ଟରରେ ପହଞ୍ଚିବ। ସକାଳ ୭ଟାରେ ପରୀକ୍ଷା କେନ୍ଦ୍ର ଗେଟ ଖୋଲାଯିବ। ୭ଟା ୧୫ରେ ପରୀକ୍ଷାର୍ଥୀଙ୍କୁ କେନ୍ଦ୍ରକୁ ଛଡାଯିବ। ପ୍ରଥମ ଦିନ ଘଣ୍ଟାଏ ଆଗରୁ ପରିକ୍ଷାର୍ଥୀ କେନ୍ଦ୍ରରେ ପହଞ୍ଚିବାକୁ କୁହାଯାଇଛି। ଅନ୍ୟପଟେ ମାଟ୍ରିକ ପରୀକ୍ଷା ନିମନ୍ତେ ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ପୋଲିସ ମୁତୟନ ରହିବା ସହ ଶହେ ମିଟରେ ମଧ୍ୟରେ କାହାରିକୁ ରହିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଅଙ୍ଗନୱାଡି କର୍ମୀ

**୮ଦଫା ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବୁ**

ଖୋର୍ଦ୍ଧା ଅଫିସ,୯।୩

ଭାରତୀୟ ମଜୁଦର ସଂଘ ଦ୍ୱାରା ଅନୁବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କରସ ଆସୋସିଏଶନ ଦ୍ୱାରା ଅଙ୍ଗନୱାଡି କର୍ମଚାରୀ ପୁଣି ଥରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗର୍ଜନ କରିଛନ୍ତି। ୮ଦଫା ଦାବି ପୂରଣ ନେଇ ୨୦୨୨ ନଭେମ୍ବର ୨୧ରୁ ଚାଲିଥିବା ଆନ୍ଦୋଳନ ୨୦୨୩ ଜାନୁୟାରୀ ୨୩ ତାରିଖରେ ତତ୍କାଳୀନ ମୁଖ୍ୟଶାସନ ସଚିବଙ୍କ ପ୍ରତିଶ୍ରୁତିରେ ସ୍ଥଗିତ ରଖାଯାଇଥିଲା। ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ବିଭାଗୀୟ ସଚିବଙ୍କ ଆଲୋଚନା କରାଯାଇ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ସତ୍ତ୍ୱେ ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ଜିଲାର ସମସ୍ତ ଅଙ୍ଗନୱାଡି କର୍ମୀ, ସହାୟିକା ଓ ମିନି ଅଙ୍ଗନୱାଡି କର୍ମୀ ନୂଆ ବସଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ଧାରଣା ଦେଇଥିଲେ। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସରକାର ଅଙ୍ଗନୱାଡି କର୍ମଚାରୀଙ୍କ ଦାବି ପୂରଣ ଦିଗରେ ତୁରନ୍ତ କୌଣସି ନିଷ୍ପତ୍ତି ନ ନେଲେ ଆଗାମୀ ଦିନରେ ରାଜ୍ୟସ୍ତରରେ ପୁଣି ଥରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଦାବିଗୁଡିକ ମଧ୍ୟରେ ୨୦୧୮ ଆନ୍ଦୋଳନ ସମୟରେ ବହିଷ୍କୃତ ୬ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି ଦିଆଯାଉ। ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯାଉ। ମାନ୍ୟତା ନ ଦେବା ପର୍ଯ୍ୟନ୍ତ କର୍ମୀ ମାନଙ୍କୁ ମାସିକ ୧୮ହଜାର ଟଙ୍କା, ସହାୟିକାଙ୍କୁ ୯ହଜାର ଟଙ୍କା ଦିଆଯାଉ। ଏଥିସହିତ ଇପିଏଫ, ଇଏସଆଇସି ଓ ଗ୍ରାଚ୍ୟୁଇଟିରେ ସାମିଲ କରାଯାଉ। ମିନି ଅଙ୍ଗନୱାଡି ଉଚ୍ଛେଦ କରି ମୁଖ୍ୟ ଅଙ୍ଗନୱାଡି କର୍ମୀଙ୍କ ମାନ୍ୟତା, ଅବସରକାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କା ସହ ପରିବାର ଜଣକୁ ଚାକିରି ଦିଆଯାଉ। ଗାଁ କଲ୍ୟାଣ ସମିତିରୁ କର୍ମୀଙ୍କୁ ବାଦ୍ ଦିଆଯାଉ। ୨୦୧୮ରେ ଘୋଷଣା କଯାଯାଇଥିବା ଗ୍ରୀଷ୍ମ ଅବକାଶକୁ ଲାଗୁ କରାଯାଉ। ନୂତନ ଶିକ୍ଷାନୀତିରେ ଅଭିଜ୍ଞତା ଓ ଯୋଗ୍ୟତା ଆଧାରରେ ବୟସ ସୀମା ନରଖି ସମସ୍ତ ଅଙ୍ଗନୱାଡି କର୍ମଚାରୀଙ୍କୁ ପ୍ରି-ପ୍ରାଇମେରୀ ଶିକ୍ଷୟିତ୍ରୀ ମାନ୍ୟତା ଏବଂ ୫୦ ପ୍ରତିଶତ ସ୍ନାତକ ଓ ତଦର୍ଦ୍ଧ୍ୱ ଯୋଗ୍ୟତା ହାସଲ କରିଥିବା କର୍ମୀଙ୍କୁ ସୁପରଭାଇଜର ପଦବୀରେ ପଦୋନ୍ନତି ଦେବାକୁ ଦାବି କରିଛନ୍ତି। ମଜୁଦର ସଂଘର ରାଜ୍ୟ ସଙ୍ଗଠନ ସମ୍ପାଦକ ଗିରିଶ କୁମାର ମହନ୍ତ, ଜିଲା ସଭାପତି ଅକ୍ଷୟ ରାଉତରାୟ, ସମ୍ପାଦକ ପାର୍ଥସାରଥି ମହାନ୍ତି, ଜିଲା ସଭାନେତ୍ରୀ ପ୍ରଭାତି ପଟ୍ଟନାୟକ, ସରସ୍ୱତୀ ବଳିଆରସିଂ, ରାଜ୍ୟ କୋଷାଧ୍ୟକ୍ଷ କୁଞ୍ଜଲତା ଦାସଙ୍କ ସମେତ ଶତାଧିକ କର୍ମୀ, ସହାୟିକା ସାମିଲ ହୋଇଥିଲେ।

### ଓଡ଼ିଶୀ ସଂକୀର୍ତ୍ତନ ସମାବେଶ



ବେଗୁନିଆ,୯।୩(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ ଭୋଗଡା ଗ୍ରାମର ତଳସାହିସ୍ଥିତ ଭଗବତ ଦେବଙ୍କ ପୀଠରେ ୨୦ତମ ବାର୍ଷିକ ଓଡ଼ିଶୀ ସଂକୀର୍ତ୍ତନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଓଡିଶୀ ସଂକୀର୍ତ୍ତନ ମଣ୍ଡଳୀ ଓ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ସମାବେଶରେ ୫ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ପଥୁରିପଡା, କନ୍ଦରପୁର, ବ୍ରହ୍ମଗିରି, ଗୋପୀନାଥପୁର ଏବଂ ଅସରଳା ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନିଜର କଳା ଓ ଦକ୍ଷତାକୁ ପ୍ରତିପାଦନ କରିଥିଲେ। ଗାୟକ ସୁବାସ ଚନ୍ଦ୍ର ମହାପାତ୍ର, ଅଜୟ ଦାସ, ନିତ୍ୟାନନ୍ଦ ସ୍ୱାଇଁ, ମନୋରମା ବେହେରା, କୃଷ୍ଣ ଚନ୍ଦ୍ର ମାଝୀ ଏବଂ ଚକ୍ରଧର ପଣ୍ଡା ପ୍ରମୁଖ ସାଥୀଙ୍କ ମୃଦଙ୍ଗ ବାଦନରେ ପୌରାଣିକ ବିଷୟକୁ ବୁଝାଇଥିଲେ। ଭୋଗଡା ଗ୍ରାମରେ ପାଳିତ ହୋଇଆସୁଥିବା ଏହି ସମାବେଶ ଅନ୍ୟତମ ବୋଲି ଗାୟକ ଚକ୍ରଧର ମହାପାତ୍ର ମତବ୍ୟକ୍ତ କରିଥିଲେ। ଗାୟକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜାଲ ପକାଇବାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ

**୧୪ରୁ ଉର୍ଦ୍ଧ୍ୱ ଆହତ**

ନିରାକାରପୁର/ଟାଙ୍ଗୀ(ଖୋର୍ଦ୍ଧା), ୯।୩(ଡି.ଏନ୍.ଏ.)

ହୋଲି ପର୍ବ ପାଳନ ଅବସରରେ ଖୋର୍ଦ୍ଧା ଓ ପୁରୀ ଜିଲା ସୀମାନ୍ତ ଅଞ୍ଚଳରେ ଏକ ଅଘଟଣ ଘଟିଛି। ମାଛ ଧରିବା ପାଇଁ ଜାଲ ପକାଇବାକୁ କେନ୍ଦ୍ରକରି ଦୁଇ ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ୧୪ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସୂଚନା ମୁତାବକ, ଖୋର୍ଦ୍ଧା ସୀମାନ୍ତ ଟାଙ୍ଗୀ ବ୍ଲକ୍ ଭୂଷଣ୍ଡପୁର ପଞ୍ଚାୟତ ସରସ୍ୱତୀ ନଗର ଓ ପୁରୀ ଜିଲା ଗଡ଼ିଶାଗୋଡା ଥାନା ଅଡାଳ ପଞ୍ଚାୟତ ଗଙ୍ଗାଧରପୁର ଗ୍ରାମବାସୀଙ୍କ ମଧ୍ୟରେ ଜାଲ ପକାଇବାକୁ କେନ୍ଦ୍ରକରି ପ୍ରଥମେ ପାଟିତୁଣ୍ଡ ହୋଇଥିଲା। ପରେ ଏହା ଗୋଷ୍ଠୀ ସଂଘର୍ଷରେ ପରିଣତ ହୋଇଥିଲା। ଏଥିରେ ଉଭୟ ପକ୍ଷରୁ ୧୪ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଖବରପାଇ ଗଡ଼ିଶାଗୋଡା ଓ ଟାଙ୍ଗୀ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଉଭୟ ପକ୍ଷର କେତେଜଣ ପହଞ୍ଚି ବୁଝାଶୁଝା କରି ସମାଧାନ ପାଇଁ ରାଜି କରାଇବା ସହିତ ଆସନ୍ତା ୧୯ ତାରିଖରେ ବୈଠକ ହେବ ବୋଲି ସୂଚନା ମିଳିଛି । ଏନେଇ ଟାଙ୍ଗୀ ଥାନା ଅଧିକାରୀ ଦିଗବିଜୟ ବିଶ୍ୱାଳ କୁହନ୍ତି, ଏନେଇ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଅନ୍ୟପକ୍ଷରେ ଗଡ଼ିଶାଗୋଡା ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ କୁହନ୍ତି, ଘଟଣା ସମ୍ପର୍କରେ କୌଣସି ଅଭିଯୋଗ ହୋଇନାହିଁ। ଉଭୟ ପକ୍ଷଙ୍କ ମଧ୍ୟରେ ସମାଧାନ ହୋଇଯାଇଥିବା ସେ କହିଛନ୍ତି।

## ରାତିକରେ ୩ ଘରୁ ଚୋରି

ଖୋର୍ଦ୍ଧା ଅଫିସ/ବୋଲଗଡ଼, ୯।୩(ଡି.ଏନ୍.ଏ.)

ବୋଲଗଡ ଥାନା ବାଙ୍କୋଇ ଫାଣ୍ଡି ଅଞ୍ଚଳରେ ଲୁଟେରା ସକ୍ରିୟ ହୋଇଉଠିଛନ୍ତି। ବିଳମ୍ବିତ ରାତିରେ ଅସରଳା ଗ୍ରାମର ଏକକାଳୀନ ୩ଟି ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପାଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଗ୍ରାମର ପ୍ରଦୀପ କୁମାର ସାମନ୍ତରାୟଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ସହ ୭୦ ହଜାର ଟଙ୍କା ନେଇଯାଇଛନ୍ତି। ସେହିପରି ଜଗନ୍ନାଥ ଜେନାଙ୍କ ବାରିପଟ କବାଟ ଭାଙ୍ଗି ଟ୍ରଙ୍କରୁ ସୁନାଅଳଙ୍କାର ସହ ୨୦ ହଜାର ଟଙ୍କା ନେଇଯାଇଛନ୍ତି। ସେହିପରି ସନ୍ତୋଷ ଗୁମାନସିଂହଙ୍କ ବାରିପଟ କବାଟ ଭାଙ୍ଗି ବାସନକୁସନ ସହ ସୁନାଅଳଙ୍କାର, ୩୦ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି।

## ପଦ୍ମଜ ଉତ୍ସବ

ଖୋର୍ଦ୍ଧା ଅଫିସ,୯।୩

ବରିଷ୍ଠ ଔପନ୍ୟାସିକ ତଥା କାଳଜୟୀ କଥାକାର ପଦ୍ମଜ ପାଳଙ୍କ ୭୭ ଜୟନ୍ତୀ ଅବସରରେ ଚର୍ଯ୍ୟାୟୁଧ ଆନୁକୂଲ୍ୟରେ ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ ହଲ୍ ପରିସରରେ 'ପଦ୍ମଜ ଉତ୍ସବ' ପାଳିତ ହୋଇଯାଇଛି । ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂହସାମନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ପ୍ରଫେସର ସୌଭାଗ୍ୟ ମିଶ୍ର, କବି ହରପ୍ରସାଦ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ । ପଦ୍ମଜଙ୍କ ଗଳ୍ପ ଓ ଉପନ୍ୟାସ, ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଞ୍ଜୟ ପଟ୍ଟନାୟକଙ୍କୁ ପଦ୍ମଜ ଖୋର୍ଦ୍ଧା ସମ୍ପଦ, ପ୍ରଦୀପ ନାୟକଙ୍କୁ ପଦ୍ମଜ ସାହିତ୍ୟ, ପ୍ରଭାତ ମିଶ୍ରଙ୍କୁ ପଦ୍ମଜ ପ୍ରତୀକ ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିସହିତ କ୍ଷୀରୋଦ ପରିଡ଼ା, ଶୁଭ୍ରାଂଶୁ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଗୋପୀନାଥ ସେଠୀ, ତପନ ମହାପାତ୍ର, ବନୋଜ ତ୍ରିପାଠୀ, ଚର୍ଯ୍ୟାୟୁଧ ସମ୍ପାଦିକା ସବିତା ପାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନାଟକ 'ସାକ୍ଷୀ' ମଞ୍ଚସ୍ଥ ହୋଇଥିଲା। କୈଳାସ ମହାରଣା ଧନ୍ୟବାଦ ଦେଇଥିଲେ।

# ଧାରଣାସ୍ଥଳରେ ନେତା: ମିଳୁଛି ସମର୍ଥନ, ପ୍ରତିଶ୍ରୁତି

**ଜମିଜମା ରେକର୍ଡ ସଂଶୋଧନ ପ୍ରସଙ୍ଗ**
- ସମବେଦନା ଜଣାଇବା ପାଇଁ ୩ ଦଳ
- ୨ବିଧାୟକଙ୍କ ମଧ୍ୟରେ ଛକାପଞ୍ଝା ଚର୍ଚ୍ଚା

ଖୋର୍ଦ୍ଧା ଅଫିସ,୯।୩



ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଜମିଜମା ରେକର୍ଡ ସଂଶୋଧନ ଦାବି ନେଇ ଆଞ୍ଚଳିକ ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି ଗତ ସପ୍ତାହ ହେବ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେଇଛି। ଗତ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନରଣଗଡ଼, ନିଜିଗଡ଼ ତାପଙ୍ଗ ଓ ଧଉଳିମୁହଁ ପଞ୍ଚାୟତର ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେପଟେ ଶ୍ରେୟ ନେବାକୁ ରାଜନୈତିକ ନେତାଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି। ଶାସକ ଦଳ ସମେତ ବିରୋଧୀ ଭାଜପା ଏବଂ କଂଗ୍ରେସ ମଧ୍ୟରୁ ଏଥିରୁ ବାଦ୍ ପଡିନି। ପ୍ରଥମ ଦିନ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଜଟଣୀ ବିଧାୟକ ସୁରେଶ ରାଉତରାୟ ଏବଂ ଭାଜପା ଜିଲା ସଭାପତି ରଶ୍ମୀ ରଞ୍ଜନ ମହାପାତ୍ର ପ୍ରମୁଖ ପୃଥକଭାବେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ସହ ସେମାନଙ୍କ ଦାବି ସହ ସହମତି ମଧ୍ୟ ପ୍ରକାଶ କରିଥିଲେ। ଗୁରୁବାର ଓଡ଼ିଶା ମୋ ପରିବାର ରାଜ୍ୟ ଆବାହକ ଅରୁପ ପଟ୍ଟନାୟକ, ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସମେତ ବିଜୁ ଜନତା ଦଳର ଅନ୍ୟ ନେତାମାନେ ଧାରଣାସ୍ଥଳରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ସେମାନଙ୍କ ଦାବିକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ତାଙ୍କ ଟିମ୍ ପହଞ୍ଚି ଗଣଧାରଣାରେ ସାମିଲ ହେବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ତେବେ ଶାସକ ଦଳ ହଠାତ୍ ଧାରଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଆଲୋଚନା କରିବା, ସେମାନଙ୍କ ଭାବ ବିନିମୟକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବିରୋଧୀ ଭାଜପା ଓ କଂଗ୍ରେସ ସେମାନଙ୍କ ଦାବି ସହ ସ୍ୱର ମିଳାଇ ଧାରଣାରେ ସାମିଲ ହୋଇଯିବା ଆଶଙ୍କାରେ ଶାସକ ଦଳ ସେମାନଙ୍କ ସମସ୍ୟା ସମାଧାନ ପାଇଁ ଅଣ୍ଟା ଭିଡିଥିବା ଦେଖିବାକୁ ମିଳିଛି।

ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି ଡାକରା ଦେଇଥିବା ଆନ୍ଦୋଳନ ପ୍ରତି ଜନ ସମର୍ଥନ ମଧ୍ୟ ବଢୁଛି। ଆଗକୁ ଏହା ଉଗ୍ରରୂପ ନେବା ପୂର୍ବରୁ ତିନି ପ୍ରମୁଖ ଦଳଙ୍କ ମଧ୍ୟରେ ଅଙ୍କାକଷା ଆରମ୍ଭ ହୋଇଯାଇଛି। ତେବେ ସେମାନଙ୍କ ସମର୍ଥନ ପଛରେ ଆଗାମୀ ସାଧାରଣ ନିର୍ବାଚନ ରହିଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି ଅନେକ ଥର ଉପରୋକ୍ତ ଦାବି ଉପସ୍ଥାପନ ସହ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ପୂର୍ବରୁ କୌଣସି ରାଜନୈତିକ ଦଳ ସେମାନଙ୍କ ସହ ସ୍ୱର ମିଳାଇନଥିଲେ। ତେବେ ଆଗକୁ ନିର୍ବାଚନ ଆସୁଥିବାରୁ ଏବେଠୁ ସମର୍ଥନ ନ ଜଣାଇଲେ, ଆଗକୁ ଏହି ୩ ପଞ୍ଚାୟତବାସୀଙ୍କ ସହଯୋଗ ମିଳିବା କଷ୍ଟକର ହୋଇପଡିବ। ତେବେ ପ୍ରଥମଦିନ ବେଗୁନିଆ ବିଧାୟକ ସାହୁ ଧାରଣାକାରୀଙ୍କ ସହ ଆଲୋଚନା କରିଥିବା ବେଳେ ଗୁରୁବାର ଖୋର୍ଦ୍ଧା ବିଧାୟକ ମିତ୍ର ନିଜ ସମର୍ଥକଙ୍କ ସହ ଓଡ଼ିଶା ମୋ ପରିବାର ଆବାହକ ପଟ୍ଟନାୟକଙ୍କ ସାଥିରେ ଧାରଣାକାରୀଙ୍କ ସହ ପୃଥକ ଭାବେ ଆଲୋଚନାକୁ ନେଇ ରାଜନୀତି ଯୋର ଧରିଛି। ବିଧାୟକ ସହୁ ବୋଲଗଡ ଓ ବେଗୁନିଆ ଅପେକ୍ଷା ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକରେ ବିଶେଷ ସମୟ ଦେଉଛନ୍ତି। ସେ କ୍ରମାଗତଭାବେ ଗ୍ରାମବାସୀଙ୍କ ସହ ଯୋଗାଯୋଗରେ ରହିଛନ୍ତି। ନିଜର ରାଜନୈତିକ ଫାଇଦା ନେବା ଲାଗି ଦୁଇ ବିଧାୟକ ରାଜେନ୍ଦ୍ର ସାହୁ ଓ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ବଳ କଷିବାରେ ଲାଗିପଡିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

**ଦୋକାନ ସ୍କାଏଲାଇଟ୍ ଭାଙ୍ଗି ଟଙ୍କା, ସାମଗ୍ରୀ ଚୋରି**

କଣାସ,(ସ୍ୱ.ପ୍ର.): କଣାସ ଥାନା ନିକଟବର୍ତ୍ତୀ କୁଞ୍ଜେଶ୍ୱରୀ ବଜାରରେ ଥିବା ଏକ ଡ୍ରେସ୍ ଦୋକାନରୁ କୌଣସି ଦୁର୍ବୃତ୍ତ ୬ତାରିଖ ରାତିରେ ସ୍କାଏଲାଇଟ୍ ଭାଙ୍ଗି ଭିତରେ ପଶି କ୍ୟାଶ ଡ୍ର'ରୁ ୨ଲକ୍ଷ ଟଙ୍କା ଓ ସିସିଟିଭିର ସରଞ୍ଜାମ, ଲୁଗାପଟା ଚୋରି କରି ନେଇଛନ୍ତି। ପରଦିନ ସକାଳ ଦୋକାନ ମାଲିକ ମଣ୍ଟୁ ମାନସିଂ ଦୋକାନ ପାଖକୁ ଯାଇଥିବା ବେଳେ ଟଙ୍କା, ଡ୍ରେସ ଚୋରି ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ମୁତାବକ, କଣାସ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।



## ସଂକ୍ଷେପରେ

### ସ୍କୁଟି- ବାଇକ୍ ଧକ୍କା, ଜଣେ ଗୁରୁତର

ଗୋପ,୯।୩(ଡି.ଏନ୍.ଏ.)- ଗୋପ-ଚାରିଛକ ରାସ୍ତାର ଆଶାପୂରଣ ଛକ ନିକଟରେ ବୁଧବାର ଏକ ସ୍କୁଟି ଓ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ସ୍କୁଟି ଚାଳକ ଗୁରୁତର ହେବାରୁ ସାମାଜିକ କର୍ମୀ କସ୍ତୁରୀବାଳା ସ୍ୱାଇଁ ତାଙ୍କୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଗୋଡ଼ରେ ଆଘାତ ହୋଇଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେ ହେଲେ ନାଗପୁର ଅଞ୍ଚଳର ଗଜେନ୍ଦ୍ର ବେହେରା (୫୨)। ସୂଚନା ମୁତାବକ, ଗଜେନ୍ଦ୍ର ଝିଅ ବିବାହ ଲାଗି ବନ୍ଧୁ ଘରେ ଗୁଆ ଦେଇ ସ୍କୁଟି ଯୋଗେ ନାଗପୁର ଫେରୁଥିଲେ। ଆଶାପୂରଣ ଛଅ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ତାଙ୍କର ଧକ୍କା ହୋଇଥିଲା। ବାଇକ୍ ଚାଳକ ଏଥିରେ ସାମାନ୍ୟ ଆଘାତ ହୋଇଥିଲେ।

### ଚାଷୀଙ୍କ ବାରିରେ ୫ କିଲୋ ଓଜନର ବିରଳ ମୂଳା

ଅସ୍ତରଙ୍ଗ,୯।୩(ଡି.ଏନ୍.ଏ.)- ଆନନ୍ଦବଜାର ନିକଟସ୍ଥ ଗଡ଼ନୟରଛଡା ଗ୍ରାମର ଚାଷୀ ଗୋକୁଳାନନ୍ଦ ସ୍ୱାଇଁ ନିଜ ବାରିରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଥାନ୍ତି। ସେଥି ମଧରୁ ୫ କିଲୋରୁ ଅଧିକ ଓଜନର ଏକ ବିରଳ ମୂଳା ତାଙ୍କ ବାରିରେ ହୋଇଛି। ଏହାକୁ ଦେଖିବାକୁ ବୁଧବାର ସ୍ୱାଇଁଙ୍କ ଘରେ ଦେଖଣାହାରିଙ୍କ ଭିଡ଼ ଲାଗି ରହିଥିଲା। ଗୋକୁଳାନନ୍ଦଙ୍କୁ ୮୨ ବର୍ଷ ହୋଇଥିଲେ ମଧ



ଆଜି ପର୍ଯ୍ୟନ୍ତ ନିଜ ଉଦ୍ୟମରେ ଧାନ, ପାନ, ମାଛ ଓ ବିଭିନ୍ନ ପନିପରିବା ଚାଷ କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ତାଙ୍କର ଏପରି ସଫଳ ଚାଷ ପାଇଁ ସାରା ଅଞ୍ଚଳରେ ସେ ପ୍ରଶଂସାର ପାତ୍ର ହୋଇଛନ୍ତି।

### ପୂର୍ବ ବିବାଦରୁ ଗଣ୍ଡଗୋଳ, ଜଣେ ଗୁରୁତର

ନିମାପଡ଼ା,୯।୨(ଡି.ଏନ୍.ଏ.)- ନିମାପଡ଼ା ଥାନା ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତର କୁଶକୋଣା ଗ୍ରାମରେ ପୂର୍ବ ବିବାଦକୁ କେନ୍ଦ୍ର କରି ଗୋଟିଏ ପରିବାରର ୪ ଜଣଙ୍କୁ ସଂଘବଦ୍ଧ ଆକ୍ରମଣ ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ କୈଳାସ ପ୍ରଧାନଙ୍କ ପୁଅ ବିଜୁ ପ୍ରଧାନ ଗୁରୁତର ଆହତ ହେବାରୁ ପରିବାର ଲୋକେ ତାଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ତାଙ୍କ ଛାତିରେ ଗୁରୁତର ଆଘାତ ଲାଗିଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଏନେଇ ୩ ଜଣ ଆକ୍ରମଣକାରୀଙ୍କ ବିରୋଧରେ ଏକ ମାମଲା (ନଂ. ୫୮/୨୩) ରୁଜୁ କରି ତଦନ୍ତ ଚଳାଇଛି। ଆକ୍ରମଣକାରୀ ହେଲେ ଉକ୍ତ ଗ୍ରାମର ନରେନ୍ଦ୍ର ପ୍ରଧାନ, ତାଙ୍କର ୨ ପୁଅ ଦିଲୀପ ପ୍ରଧାନ ଓ ଝୁଲୁ ପ୍ରଧାନ। ସୂଚନା ମୁତାବକ, ମଙ୍ଗଳବାର ବିଳମ୍ବିତ ରାତିରେ ଗଣ୍ଡଗୋଳକାରୀମାନେ କୈଳାସଙ୍କ ଘର ନିକଟରେ ତାଙ୍କୁ ଓ ତାଙ୍କ ପୁଅକୁ ଗାଳିଗୁଲଜ କରି ଧମକଚମକ ଦେଇ ଘର କବାଟ ବାଡେଇଥିଲେ। କବାଟ ଖୋଲିବା ମାତ୍ରେ ଗଣ୍ଡଗୋଳକାରୀ କୈଳାସଙ୍କ ଘରେ ପଶି ପରିବାରବର୍ଗଙ୍କୁ ମାଡ଼ ମାରି ତାଙ୍କ ପୁଅ ବିଜୁଙ୍କୁ ଟାଙ୍ଗିଆରେ ହାଣି ଆକ୍ରମଣ କରିଥିବା ସେ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।

# ମୋ ବସ୍ ଧକ୍କାରେ ଜଣେ ମୃତ, ୩ ଆହତ

**ନିମାପଡ଼ା,୯।୩(ଡି.ଏନ୍.ଏ.)**

## ଦୁର୍ଘଟଣା ଘଟାଇ ମୋ ବସ୍ ଚମ୍ପଟ

ନିମାପଡ଼ା- ପିପିଲି ରାସ୍ତାର ଶ୍ରୀମୁଖ ଛକଠାରେ ଗୁରୁବାର ରାତିରେ ମୋ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏଥିସହ ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତ ଅଧୀନ କୁଶିକଣା ଗ୍ରାମର ଟିଙ୍କୁ ପରିଡ଼ା(୩୦)। ତାଙ୍କ ବାଇକ୍‌ରେ ଯାଉଥିବା ଗୁରୁତର ଆହତ ହେଲେ ଉକ୍ତ ଥାନା ଅନ୍ତର୍ଗତ ଶଗଡ଼ା ଦେଉଳ ଗ୍ରାମର ଲିପୁ ବିଶ୍ୱାଳ(୨୪)। ଲିପୁ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟ ୨ ଜଣ ଆହତଙ୍କ ପରିଚୟ ମିଳିପାରିନାହିଁ। ସେମାନେ ମେଡିକାଲକୁ ନ ଯାଇ ଦୁର୍ଘଟଣାସ୍ଥଳରୁ କେଉଁଆଡେ ପଳାଇଥିବା ଜଣାପଡିଛି।

ସୂଚନା ମୁତାବକ, ଟିଙ୍କୁ ଓ ଲିପୁ ଏକ ବାଇକ୍‌ରେ ନିମାପଡ଼ାରୁ ଘରକୁ ଯାଉଥିଲେ। ବିପରୀତ ଦିଗରୁ ଏକ ବାଇକ୍ ଆସି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଧକ୍କାରେ ଟିଙ୍କୁ ରାସ୍ତା ଉପରକୁ ଖସି ପଡିଥିଲେ। ସେତେବେଳେ ପଛରୁ ଆସୁଥିବା ମୋ ବସ୍‌ଟି ଦୁହିଁଙ୍କୁ ଧକ୍କା ଦେଇଥିଲା। ସେଥିରେ ଟିଙ୍କୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଲିପୁ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇ ମୋ ବସ୍‌ଟି ଘଟଣାସ୍ଥଳରୁ ଖସି ପଳାଇଥିବା ଜଣାପଡିଛି। ଏହି ଦୁର୍ଘଟଣାରେ ସ୍ଥାନୀୟ ଶତାଧିକ ଲୋକ ମୃତ ଯୁବକଙ୍କୁ କ୍ଷତିପୂରଣ ଦେବା, ମୋ ବସ୍ ଡ୍ରାଇଭରଙ୍କୁ ଗିରଫ କରାଯିବା ଦାବିରେ ଦୁର୍ଘଟଣାସ୍ଥଳରେ ରାତି ସାଢେ ୮ଟାରୁ ରାସ୍ତାରୋକୋ ଆନ୍ଦୋଳନ ଚଳାଇଥିଲେ। ଦୁର୍ଘଟଣା ସ୍ଥଳରେ ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳାଇ, ଏସ୍‌ଆଇ ପି.କେ. ଜୁଝାର ସିଂ ପ୍ରମୁଖ ଉଦ୍ୟୁକ୍ତ ଆନ୍ଦୋଳନକାରୀଙ୍କୁ ବୁଝଶୁଝା କରିଥିଲେ ମଧ ସେମାନେ ଦୁର୍ଘଟଣାସ୍ଥଳରୁ ନିବୃତ୍ତ ହୋଇ ନ ଥିଲେ। ପୋଲିସ ଅଧିକାରୀମାନେ ସ୍ଥାନୀୟ ତହସିଲଦାରଙ୍କ ସହ ଆଲୋଚନା କରି ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା ଦିଆଯିବାକୁ ବ୍ୟବସ୍ଥା କରାଯାଇଥିବା ଏସ୍‌ଡିପିଓ ମିଶ୍ର ଓ ଆଇଆଇସି ଦଳାଇ କହିଥିଲେ। ରିପୋର୍ଟ ଲେଖାଯିବାବେଳକୁ ରାସ୍ତାରୋକୋ ଆନ୍ଦୋଳନ ଜାରି ରହିଥିଲା। ଆନ୍ଦୋଳନ ଫଳରେ ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଛି। ନିମାପଡ଼ା ରୁଟ୍‌ରେ ମୋ ବସ୍‌ଗୁଡ଼ିକ ଦ୍ରୁତଗତିରେ ଯାତାୟାତ କରୁଥିବାରୁ ଯାତ୍ରୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।



ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଗୁରୁବାର ନବନିର୍ମିତ ନିମାପଡା ଥାନାକୁ ଉଦ୍‌ଘାଟନ କରୁଛନ୍ତି ।

# ନୂତନ ଥାନା ଲୋକଙ୍କ ସେବାରେ ଅଧିକ ସହାୟକ ହେବ

**ନିମାପଡ଼ା,୯।୩(ଡି.ଏନ୍.ଏ.)**

ବହୁ ପ୍ରତୀକ୍ଷିତ ନବନିର୍ମିତ ନିମାପଡା ଥାନା ଲୋକଙ୍କ ସେବାରେ ବହୁଳ ଭାବେ ସହାୟକ ହେବ। ଏହି ନୂତନ ଥାନା ଏକ ଲୋକାଭିମୁଖୀ ଥାନା ଭାବେ ପରିଗଣିତ ହୋଇଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷା ଦିଗରେ ବିଶେଷ ଭାବେ ସହାୟକ ହେବ। ପୋଲିସ ଅଫିସରମାନେ ଏହି ନୂତନ ଥାନାରେ ଅବାଧ ଓ ମୁକ୍ତ ଭାବେ ବସି ନିରବଚ୍ଛିନ୍ନ କାର୍ଯ୍ୟ କରିପାରିବେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଗୁରୁବାର ନବନିର୍ମିତ ଥାନା ଉଦ୍‌ଘାଟନ କରି ଏହା କହିଛନ୍ତି। ରାଜ୍ୟ ସରକାରଙ୍କ ୧ କୋଟି ୬୮ ଲକ୍ଷ ୧୨ ହଜାର ଟଙ୍କା ବ୍ୟୟରେ ପୋଲିସ ହାଉସିଂ ବୋର୍ଡ ଦ୍ୱାରା ଏହା ଥାନା ନିର୍ମାଣ ହୋଇଛି। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳାଇଙ୍କ ସମେତ ବିଭିନ୍ନ ଥାନାର ବହୁ ବରିଷ୍ଠ ପୋଲିସ ଅଧିକାରୀ ଯୋଗ ଦେଇଥିଲେ। ସମାରୋହରେ ବହୁ ବରିଷ୍ଠ ନାଗରିକ, ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ଉପାଧକ୍ଷ ସନ୍ତୋଷ ଦାଶ, ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଉପାଧକ୍ଷା ଅନସୂୟା ମହାନ୍ତି, ପ୍ରଦୀପ୍ତ ଖଟୋଇଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ, ଏନ୍‌ଏସିର ବହୁ କାଉନସିଲର, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ନୂତନ ଥାନା ନିମାପଡ଼ାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ବହୁ ବୁଦ୍ଧିଜୀବୀ ଓ ବିଶିଷ୍ଟବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ଗଣଶିକ୍ଷା ମନ୍ତ୍ରୀ ଦାଶଙ୍କ ପ୍ରୟାସକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧୁବାଦ ଓ କୃତଜ୍ଞତା ଜଣାଇଛନ୍ତି।

## ରେଳଧାରଣାରୁ ହାତ କଟା ବ୍ୟକ୍ତି ଉଦ୍ଧାର

**ପୁରୀ ଅଫିସ,୯।୩**

ପୁରୀ ରେଳ ଷ୍ଟେଶନସ୍ଥିତ ଆଶ୍ରମ ଛକ ନିକଟ ରେଳ ଧାରଣାରେ ଗୁରୁବାର ଜଣେ ବ୍ୟକ୍ତିଙ୍କ ହାତ କଟି ଅଚେତ ଅବସ୍ଥାରେ ପଡ଼ିଥିଲେ। ସ୍ଥାନୀୟ ଲୋକ ଦେଖି ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ତେବେ ଉକ୍ତ ବ୍ୟକ୍ତି ଜଣଙ୍କ ପରିଚୟ ମିଳିପାରି ନାହିଁ। ତେବେ ଅପରାହ୍ନ ସମୟରେ ଆଶ୍ରମଛକସ୍ଥିତ ରେଳ ଧାରଣାରେ ଜଣେ ବ୍ୟକ୍ତି ପଡ଼ିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ପାଖକୁ ଯିବାବେଳେ ତାଙ୍କ ହାତ କଟି ଦୁଇଖଣ୍ଡ ହୋଇଯାଇଥିବା ବେଳେ ଅଚେତ ଅବସ୍ଥାରେ ଅଛନ୍ତି। ଖବରପାଇ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ସୂଚନା ମିଳିଛି।

# ନାରୀ ଜାତିର ଉନ୍ନତିରେ ଦେଶର ବିକାଶ

**କୋଣାର୍କ/କାକଟପୁର/ ବ୍ରହ୍ମଗିରି,୯।୩(ଡି.ଏନ୍.ଏ.)**

କୁରୁଜଙ୍ଗ ପଞ୍ଚାୟତସ୍ଥିତ ବାବା ଐଶାନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ନମସ୍କାର ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁରୁଜଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମର ୩ଶହରୁ ଉର୍ଦ୍ଧ୍ୱ ମହିଳା, ଅଙ୍ଗନୱାଡ଼ୀ କର୍ମୀ, ଆଶାକର୍ମୀ ଯୋଗଦେଇଥିଲେ। ଏଥିରେ ଅତିଥି ରୂପେ କୋଣାର୍କ ଏନ୍‌ଏସିର ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ରେଡିଓ ନମସ୍କାରର ସଂଯୋଜିକା ଏସ୍. କାଜଲ, କୋଣାର୍କ ଥାନାର ଏଏସଆଇ ଜ୍ୟୋତ୍ସ୍ନାରାଣୀ ସାହୁ, କୁରୁଜଙ୍ଗ ମହାସଂଘ ସଭାନେତ୍ରୀ ଝରଣା ପରିଡା, ମିନତୀ ସେଠି, ସୁହାଶିନୀ ମହାପାତ୍ର, ଅଙ୍ଗନୱାଡ଼ୀ କର୍ମୀ ପ୍ରଶାନ୍ତି ଦାସ ପ୍ରମୁଖ ଯୋଗଦେଇ ନାରୀ ଜାତିର ଉନ୍ନତିରେ ଦେଶର ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି କହିଥିଲେ। ପରେ ମହିଳାମାନଙ୍କୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କୃତୀ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ମହିଳାମାନଙ୍କୁ ନେଇ ଏକ ପଦଯାତ୍ରା ଐଶାନେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ବାହାରି ବଜାର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମକୁ ରୋଜାଲିନ ପ୍ରଧାନ,ଅନୁପ ସାହୁ, ଟିଙ୍କିନା ରାଉତ, ଗୌରୀ ସ୍ୱାଇଁ, ଗୀତା ବିଶ୍ୱାଳ, ଭାରତୀ ସେଠି, ଯଶୋଦା କାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।

ସେହିପରି କାକଟପୁର ବ୍ଲକ ଅନ୍ତର୍ଗତ ଅବଦାନ ପଞ୍ଚାୟତ ମହିଳା ମହାସଂଘ ପକ୍ଷରୁ ସ୍ଥାନୀୟ ମହିଳା ଗୋଷ୍ଠୀ କେନ୍ଦ୍ରରେ ମହିଳା ଦିବସ ପାଳିତ ହୋଇଛି। ମହାସଂଘ ସଭାନେତ୍ରୀ ହେମଲତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାରୋହରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭାମାମଣି ରାଉତ ଯୋଗଦେଇ ମହିଳାଙ୍କ ଅଧିକାର ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ଅଗ୍ରଗତିରେ ମିଶନ ଶକ୍ତି ମହିଳାଙ୍କୁ ନିଜର ଅଧିକାର ଓ ଆତ୍ମନିର୍ଭରଶୀଳ କରିଛି। ତେଣୁ ମହିଳାମାନେ ଏଥିରେ ସାମିଲ ହେଇ ଆଗକୁ ବଢ଼ିବାକୁ ସଭାନେତ୍ରୀ ପ୍ରଧାନ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଛବି ରାଣୀ ସ୍ୱାଇଁ ପରିଚାଳନା କରିଥିଲେ। ମହାସଂଘର ସମସ୍ତ ମେମ୍ବର ସାମିଲ ଥିଲେ।

ହମରା ବଚପନ ଟ୍ରଷ୍ଟ ତରଫରୁ ବ୍ରହ୍ମଗିରି ବ୍ଲକ ପରିସରରେ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ବୈଠକରେ ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ଓ ଅଭିନବ ଜ୍ଞାନ କୌଶଳ କ୍ଷେତ୍ରରେ ସମାନତା ଆଣି ବିଭିନ୍ନ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିବା ବିଷୟରେ ଆଲୋଚନା କରାଗଲା। ବୈଠକରେ ବିଡିଓ ପ୍ରଦ୍ୟୁମ୍ନ ନାୟକ, ଭାଇସ ଚେୟାରମ୍ୟାନ ମାଳିନୀ ଦଳାଇ, ପୂର୍ବତନ ସିଡିପିଓ, ବ୍ଲକସ୍ତରୀୟ ସଂଘର ସଭ୍ୟା, ସଭା ନେତ୍ରୀ, ଏସ୍‌ଏଚ୍‌ଜି ସଭ୍ୟାମାନେ ଉପସ୍ଥିତ ଥିଲେ। ବ୍ରହ୍ମଗିରି ଅଞ୍ଚଳର ଜଳବାୟୁ ପରିବର୍ତ୍ତନ କ୍ଷେତ୍ର ରେ ମା କାଳୀ ମୁଖି ସ୍ୱୟଂ ସହାୟକ ଗୋଷ୍ଠୀ ଉନ୍ନତ ମାନର ଜୀବନ ଜୀବିକା କ୍ଷେତ୍ର ରେ ମା ସାଥିଭଉଣି ଛତୁ ପ୍ରୁଡୁସର୍ ଗ୍ରୁପ ,କାଠୁଆଆରଡି ଉଦାହରଣ ହୋଇପାରିଛନ୍ତି। ତେଣୁ ସେମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରକାଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟଣା ନେଇ ଉଠିଲା ଅନେକ ପ୍ରଶ୍ନ



**ପୁରୀ ଅଫିସ, ୯।୩:**

ମରୀଚିକୋଟ ଛକ ନିକଟସ୍ଥ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟଣା ସାଧାରଣରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। କିପରି ଓ କାହିଁକି ଏହି ଘଟଣା ଘଟିଲା, ଏଥିପାଇଁ ଦାୟୀ କିଏ ଏବଂ କେଉଁ କାରଣରୁ ନିଆଁ ଶୀଘ୍ର ଆୟତ୍ତ ହୋଇପାରିଲା ନାହିଁ ଆଦି ବିଭିନ୍ନ ପ୍ରଶ୍ନ ଲୋକଙ୍କ ମନରେ ଉଙ୍କି ମାରିଛି। ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରତି ପ୍ରଶାସନ ଆଖି ବୁଜିଦେଇଥିବା ଅଭିଯୋଗ ହେଉଥିବାବେଳେ କ୍ଷତିଗ୍ରସ୍ତ ବ୍ୟବସାୟୀମାନେ ପୁଣି ବେଉସା ଆରମ୍ଭ କରିବା ଓ ପରିବାର ପ୍ରତିପୋଷଣ ଲାଗି ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି।

### ଅମ୍ଳଜାନ ସିଲିଣ୍ଡର ଯୋଗାଇ ଦିଆଗଲା

ଅଗ୍ନିଶମ କର୍ମଚାରୀମାନେ ଭିତରକୁ ଯାଇ ନିଆଁକୁ ଆୟତ୍ତ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେଣୁ ଅମ୍ଳଜାନ ସିଲିଣ୍ଡର ନେଇ ଭିତରକୁ ଯାଇଥିଲେ। ବଡ଼ଦାଣ୍ଡରେ କୃତ୍ରିମ ଭାବେ ଅମ୍ଳଜାନ ପ୍ରସ୍ତୁତ କରି ସିଲିଣ୍ଡରରେ ଭର୍ତ୍ତି କରାଯାଉଥିବା ଦେଖିବାକୁ ମିଳିଥିଲା।

### ମିଳିଲା କଇଁଛ, ୩ ଗାଡ଼ି



ଅଗ୍ନିଶମ କର୍ମଚାରୀମାନେ ଜୀବନ୍ତ ଅବସ୍ଥାରେ ଏକ କଇଁଛ ଓ ୩ ବାଇକ୍ ଉଦ୍ଧାର କରିଛନ୍ତି। ଆଶ୍ଚର୍ଯ୍ୟର କଥା, ନିଆଁର ପ୍ରବଳ ଉତ୍ତାପ ସତ୍ତ୍ୱେ କଇଁଛଟିର କିଛି କ୍ଷତି ହୋଇ ନ ଥିବା ଦେଖିବାକୁ ମିଳିଛି। କଇଁଛଟି ହୋଟେଲ ଆକ୍ୱାରିୟମରେ ଥିବା ଅନୁମାନ କରାଯାଉଛି। କଇଁଛକୁ ସ୍ଥାନୀୟ ବାସିନ୍ଦାଙ୍କ ଦାୟିତ୍ୱରେ ଦିଆଯାଇଛି। ଜଣେ ବ୍ୟକ୍ତି ତାହାକୁ ନେଇ ନିଜ ଘରେ ପାଳିବେ ବୋଲି କହିଛନ୍ତି। କମ୍ପ୍ଲେକ୍ସ ପୁଣି ଆରମ୍ଭ ହେଲେ ବୁଝାବୁଝି କରି କଇଁଛକୁ ଫେରାଇଦେବେ ବୋଲି କହିଛନ୍ତି।

### ପ୍ରଶାସନ ପକ୍ଷରୁ କରାଯାଇଥିଲା ବ୍ୟାରିକେଡ୍

ଯେପରି ଜନସାଧାରଣ ନିଆଁ ପ୍ରଭାବରେ ନ ଆସିବେ ସେଥିପାଇଁ ବଡ଼ଦାଣ୍ଡରେ ବ୍ୟାପକ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ଘଟଣାସ୍ଥଳକୁ ଯାନବାହନ ଛଡ଼ାଯାଇ ନ ଥିଲା। ପ୍ରଶାସନ ପକ୍ଷରୁ ବ୍ୟାରିକେଡ କରାଯାଇଥିଲା। ମାର୍କେଟଛକଠାରେ ପ୍ରଥମ ବ୍ୟାରିକେଡ କରାଯାଇ ଶ୍ରୀମନ୍ଦିର ଆଡ଼କୁ ଗାଡ଼ିମୋଟର ଛଡ଼ାଯାଇ ନ ଥିଲା। ସେହିପରି ଦ୍ୱିତୀୟ ବ୍ୟାରିକେଡ ମରୀଚିକୋଟଠାରେ କରାଯାଇଥିଲା। ଅପରପକ୍ଷରେ ଶ୍ରୀମନ୍ଦିର ପଟୁ ମରୀଚିକୋଟ ପଟକୁ ଯେପରି ଗାଡ଼ିମୋଟର ନ ଯିବ ସେଥିପାଇଁ ଶ୍ରୀକୃଷ୍ଣ ସିନେମା ହଲ ଛକଠାରେ ବ୍ୟାରିକେଡ କରାଯିବା ସହ ପୋଲିସ ନିୟୋଜିତ ରହିଥିଲେ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ପାଇଁ ମରୀଚିକୋଟ ଠାରୁ ଶ୍ରୀକୃଷ୍ଣ ସିନେମା ହଲ ପର୍ଯ୍ୟନ୍ତ ବ୍ୟାରିକେଡ କରାଯାଇଥିଲା। ଉକ୍ତ ବ୍ୟାରିକେଡ ଦେଇ ଭକ୍ତ ଓ ସ୍ଥାନୀୟ ଲୋକେ ଚାଲିକରି ଯିବା ଆସିବା କରିଥିଲେ। ନିଆଁ ପାଖରୁ ଲୋକଙ୍କୁ ହଟାଇବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ପୋଲିସ ବାରମ୍ବାର ଡାକବାଜି ଯନ୍ତ୍ରରେ ଡାକି ଉକ୍ତ ସ୍ଥାନକୁ ଖାଲି କରିବାକୁ କହିଥିଲା। ମଝିରେ ମଝିରେ ଲୋକଙ୍କୁ ଘଉଡ଼ାଇଥିଲା।

### ସହଯୋଗ କଲେ ସ୍ୱେଚ୍ଛାସେବୀ

ନିଆଁ ଲିଭାଇବା କାର୍ଯ୍ୟରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ। ସେଣ୍ଟ ଜନ୍ ଆମ୍ବୁଲାନ୍ସ ଏବଂ ଉର୍ଜାବାନ ଓଡ଼ିଶା ସମେତ ଅନ୍ୟ କେତେକ ଅନୁଷ୍ଠାନ ପକ୍ଷରୁ ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନଙ୍କୁ ପାଣି ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଥିଲା।

## ୧୨ରେ ହରିରାଜପୁର ମେଳଣ ଫଗୁରେ ଦୋଳ, ହୋଲି ପାଳିଲେ ଆବାଳବୃଦ୍ଧବନିତା

**ଡେଲାଙ୍ଗ,୯।୩ (ଡି.ଏନ୍.ଏ.)**

ଡେଲାଙ୍ଗର ପୁରପଲ୍ଲୀରେ ଦୋଳ ଓ ହୋଲି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୋଳ ପୂର୍ଣ୍ଣମୀ ଅବସରରେ ଗ୍ରାମରେ ଆରାଧ୍ୟ ଦେବତା ସୁସଜ୍ଜିତ ଦୋଳ ବିମାନରେ ବିରାଜମାନ ହୋଇ ଗାଁକୁ ଗାଁ ବୁଲି ଭୋଗ ଖାଇବା ସହି ଘଣ୍ଟ, ଘଣ୍ଟି, ଧ୍ୱନିରେ ଗାଁଗଣ୍ଡା ପ୍ରକମ୍ପିତ ହୋଇଥିଲା। ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ପୂଜାର୍ଚ୍ଚନା କରି କୃପାଲାଭ କରିଥିବାବେଳେ ସନ୍ଧ୍ୟାରେ ଦୋଳବେଦିରେ ଠାକୁର ବିରାଜମାନ ହେବା ସହ ପୂଜାର୍ଚ୍ଚନା, ବେଦପାଠ ଓ ପାଞ୍ଜି ପଠନ କରାଯାଇଥିଲା। ସେହିପରି ହୋଲି ଉତ୍ସବରେ ବିଭିନ୍ନ ରଙ୍ଗର ଫଗୁ ଖେଳରେ ଆବାଳବୃଦ୍ଧବନିତା ରଙ୍ଗିନ ହୋଇଥିବା ଦେଖିବାକୁ ମିଳିଥିଲା। ମଉନି ମଠ, କୁଆପଦା, ହାଟବଜାର, ରେଞ୍ଚ, ଡେଲାଙ୍ଗ ବଜାର, ହୁମର, ଘୋରଡିଆ ପ୍ରଭୃତି ସ୍ଥାନରେ ସାମାନ୍ୟ ଉତ୍ତେଜନା ଦେଖାଯାଇଥିବାବେଳେ ବୁଦ୍ଧିଜୀବୀଙ୍କ ହସ୍ତକ୍ଷେପରେ ଗଣ୍ଡଗୋଳ ସମାଧାନ ହୋଇଥିବା ଜଣାପଡିଛି। ସେହିପରି ଆସନ୍ତା ୧୨ ତାରିଖରେ ଡେଲାଙ୍ଗ ବ୍ଲକର ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ମେଳନ ଅନୁଷ୍ଠିତ ହେବ। ହୋଲି ଉତ୍ସବ ଅବସରରେ ପଞ୍ଚାୟତ ସମିତି ଅଧକ୍ଷା ବାସନ୍ତୀ ସାହୁଙ୍କ ନେତୃତ୍ୱରେ ମହିଳା ଗୋଷ୍ଠୀର କର୍ମୀ ମେଳଣ ପଡ଼ିଆକୁ ସଫେଇ କରିଥିଲେ।

## ଗାନ୍ଧୀପୀଠ ପରିଦର୍ଶନ, ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ

### ରାଜସ୍ଥାନର ପୂର୍ବତନ ଅତିରିକ୍ତ ଶାସନ ସଚିବଙ୍କ ସାକ୍ଷୀଗୋପାଳ ପରିଭ୍ରମଣ

**ଡେଲାଙ୍ଗ,୯।୩(ଡି.ଏନ୍.ଏ.)**

ରାଜସ୍ଥାନର ପୂର୍ବତନ ଅତିରିକ୍ତ ଶାସନ ସଚିବ ଜଗଦୀଶ ଚନ୍ଦ୍ର ମହାନ୍ତି ଗୁରୁବାର ବେରବୋଇ ଗାନ୍ଧୀପୀଠ ପରିଦର୍ଶନ କରିବା ସହିତ ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ରାଉତଙ୍କ ସ୍ମୃତିଚାରଣ କରିଥିଲେ। ଅପରାହ୍ନ ୪ଟା ସମୟରେ ପୂର୍ବତନ ଶାସନ ସଚିବ ମହାନ୍ତି, ହାୟର ସେକେଣ୍ଡାରି ଏଜୁକେଶନ ଡାଇରେକ୍ଟର ଡ. ପଦ୍ମଶ୍ରୀ ପଟ୍ଟନାୟକ, ଏଆଇସିସି ସଦସ୍ୟ ଜ୍ଞାନରଞ୍ଜନ ପଟ୍ଟନାୟକ, ସ୍ନିଗ୍ଧା ପଟ୍ଟନାୟକ ପ୍ରମୁଖ ବେରବୋଇ ଗାନ୍ଧୀ ପୀଠରେ ପହଞ୍ଚି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏଥିସହ ରାମଧ୍ୱନି ଗାନ କରି ଗାନ୍ଧୀଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ସ୍ମୃତି କମିଟି ସଭାପତି ଦେବପ୍ରସାଦ ରାଉତରାୟ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ସ୍ୱାଧୀନତା ସଂଗ୍ରାମୀ ରାଉତଙ୍କ ବାସଭବନକୁ ପରିଦର୍ଶନ କରିବା ସହିତ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ତାଙ୍କ ଜୀବନୀ, ଭାରତ ଛାଡ଼ ଆନ୍ଦୋଳନରେ ତାଙ୍କର ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ସ୍ମୃତିଚାରଣ କରିଥିଲେ। ଖବରଦାତା ପ୍ରସନ୍ନ ତ୍ରିପାଠୀ, କସ୍ତୁରବା ସେବାଶ୍ରମ ସଞ୍ଚାଳିକା କବିତାରାଣୀ ପରିଡ଼ା, ଶିକ୍ଷାବିତ୍ କୁନ୍ତଳା ବିଶ୍ୱାଳ, ଦ୍ୱିତୀକୃଷ୍ଣ ରାଉତରାୟ, ସରିତ୍ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ପରିବାର ପ୍ରତିପୋଷଣ ଚିନ୍ତାରେ ବ୍ୟବସାୟୀ

**ପୁରୀ ଅଫିସ, ୯।୩:**

## ସରକାରୀ ସହାୟତା ଯୋଗାଇବାକୁ ଦାବି

ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ଦୋକାନ କରି ପେଟ ପୋଷୁଥିବା ବ୍ୟବସାୟୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅଗ୍ନିକାଣ୍ଡ ଯୋଗୁ ସେମାନଙ୍କର ସମସ୍ତ ଜିନିଷପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଅନେକ ଦେକାନୀ ଧାରକରଜ ଆଣି ଦୋକାନ କରିଥିଲେ। ଏବେ ଦୋକାନ ଜଳିଯିବା ପରେ କିପରି ଧାରକରଜ ଶୁଝିବେ ଓ ପରିବାର ଭରଣପୋଷଣ କରିବେ ସେହି ଚିନ୍ତା ସେମାନଙ୍କୁ ଘାରିଛି। ଏହି କମ୍ପ୍ଲେକ୍ସ ପରିସରରେ ଦୋକାନ କରିଥିବା ବିପିନ ପୃଷ୍ଟି କହିଛନ୍ତି, କ୍ରିଷ୍ଣା ଗାର୍ମେଣ୍ଟ ନାମରେ ତାଙ୍କର ଏକ ଡ୍ରେସ୍ ଦୋକାନ ରହିଥିଲା। ସେ ପ୍ରାୟ ୫ ବର୍ଷ ହେବ ଏଠାରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଆଁ ଲାଗିବା ଫଳରେ ତାଙ୍କର ପ୍ରାୟ ୩ ଲକ୍ଷ ଟଙ୍କାର ଡ୍ରେସ ନଷ୍ଟ ହୋଇଛି। ସେ ଏବେ କ'ଣ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ସେହିପରି ବିଶ୍ୱନାଥ ଶର୍ମା କହିଛନ୍ତି, ସେ ପ୍ରାୟ ୨୨ବର୍ଷ ହେବ ଏଠାରେ ମା' ଦୁର୍ଗା ଡ୍ରେସ୍ ନାମକ ଦୋକାନ କରିଥିଲେ। ସେଥିରେ ଥିବା ସମସ୍ତ ଜିନିଷ ପୋଡ଼ିଯାଇଛି। ପ୍ରାୟ ୭ଲକ୍ଷ ଟଙ୍କାର ଜିନିଷ ରଖିଥିଲେ ବୋଲି ସେ ପ୍ରକାଶ କରିଛନ୍ତି। ସାଇ ଲେଡିଜ୍ କର୍ନର ନାମରେ ଦୋକାନ କରିଥିବା ବି. ଶ୍ରୀକାନ୍ତ କହିଛନ୍ତି, ସେ ଦୀର୍ଘବର୍ଷ ହେବ ଦୋକାନ କଲେଣି। ଏଭଳି ଘଟଣା ଆଗରୁ କେବେ ହୋଇ ନ ଥିଲା। ନିଆଁ ଲାଗିବା ଫଳରେ ପ୍ରାୟ ୧୫ରୁ ୧୭ଲକ୍ଷ ଟଙ୍କାର ଜିନିଷ ତାଙ୍କର କ୍ଷତି ହୋଇଛି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ସହାୟତା ଯୋଗାଇ ଦିଆଯାଉ। ସେହିପରି ପୂଜା ଗାର୍ମେଣ୍ଟ ନାମରେ ଡ୍ରେସ ଦୋକାନ କରିଥିବା ରବିନ୍ଦ୍ର କୁମାର ପୃଷ୍ଟି କହିଛନ୍ତି, ତାଙ୍କର ୩୦ରୁ ୩୫ ଲକ୍ଷ ଟଙ୍କାର ଜିନିଷ ନିଆଁରେ ପୋଡ଼ି ପାଉଁଶ ହୋଇଯାଇଛି। ସେ ପରିବାର କିପରି ଭରଣପୋଷଣ କରିବେ କିଛି ବୁଝିପାରୁନାହାନ୍ତି। ନିଜ ଆଖିଆଗରେ ତାଙ୍କର ସବୁ ଜିନିଷପତ୍ର ପୋଡ଼ି ଯାଉଥିଲେ ମଧ ସେ ଦେଖିବା ଛଡ଼ା ଅନ୍ୟ କିଛି ଉପାୟ ନାହିଁ।



ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ଲୋକଙ୍କ ଭିଡ଼ ଜମିଥିବାବେଳେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି ।



ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।



ପର୍ଯ୍ୟଟକଙ୍କୁ ସେମାନଙ୍କ ସାମଗ୍ରୀ ଫେରାଇ ଦିଆଯାଉଛି ।

**ହୋଲିରେ ଗଣ୍ଡଗୋଳ, ଅଭିଯୁକ୍ତ ଗିରଫ**

କଟକ ସଦର,(ଡି.ଏନ୍‌.ଏ.): କିଶନନଗର ଥାନା ଅନ୍ତର୍ଗତ ସିର୍ଲୋ (ରାଧାନଗର) ଗ୍ରାମରେ ବୁଧବାର ହୋଲିରେ ରଙ୍ଗଖେଳ ବେଳେ ଗଣ୍ଡଗୋଳ ଘଟିଥିଲା। ସାଧାରଣ ଲୋକଙ୍କୁ ଛୁରିରେ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ଲିପୁନା ନାୟକ। ପୋଲିସ ସୂତ୍ରରୁ ପ୍ରକାଶ, ସାଙ୍ଗମାନଙ୍କ ମଧ୍ୟରେ ରଙ୍ଗଖେଳ ହେଉଥିବାବେଳେ ଲିପୁନା କ୍ରୋଧାନ୍ୱିତ ହୋଇ ଛୁରିରେ ଅନ୍ୟମାନଙ୍କୁ ଆଘାତ କରିଥିଲା। ଖବରପାଇ ସ୍ଥାନୀୟ ପୋଲିସ ବୁଧବାର ରାତିରେ ଅଭିଯୁକ୍ତଙ୍କୁ କାବୁ କରି ଥାନାରେ ଅଟକ ରଖିଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ରଙ୍ଗ ବୋଳିବାକୁ ନେଇ ମାର୍‌ପିଟ: ୯ ଆହତ

**କଣ୍ଟାପଡା,୯।୩(ଡି.ଏନ୍‌.ଏ.):** ରଙ୍ଗ ବୋଳିବାକୁ କେନ୍ଦ୍ରକରି ଓଲଟପୁର ଥାନା ଅନ୍ତର୍ଗତ ଚିତ୍ତଳପୁର ଗ୍ରାମରେ ୨ଗୋଷ୍ଠୀ ମଧ୍ୟରେ ମାରପିଟ୍ ଘଟିଛି। ଏଥିରେ ଉଭୟ ପକ୍ଷରୁ ୧୦ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାପରେ ଘରକୁ ପଠାଇ ଦିଆଯାଇଛି। ସେମାନେ ହେଲେ ରଶ୍ମିରଞ୍ଜନ ବେହେରା, ପ୍ରସନ୍ନ ବେହେରା, ନାରାୟଣ ବେହେରା, ମନୋଜ ବେହେରା, ପ୍ରମୋଦ ବେହେରା, ତ୍ରିଲୋଚନ ଭୋଇ, ଆଲୋକ ଭୋଇ, ସମୀର ଭୋଇ, ଜଗା ଭୋଇ ଓ ରାଜୁ ଭୋଇ। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ୨ଟି ମାମଲା(ନଂ.୨୫,୨୬/୨୩) ରୁଜୁ ହୋଇଛି। ବୁଧବାର ଅପରାହ୍ନରେ ନାରାୟଣ ବେହେରା ଓ ତାଙ୍କ ସାନଭାଇ ପ୍ରସନ୍ନ ବେହେରା ବିଲରୁ କାମସାରି ଫେରୁଥିବାବେଳେ ସେହି ଗ୍ରାମର ୮ଜଣ ଯୁବକ ସେମାନଙ୍କୁ ରଙ୍ଗ କରିଥିଲେ। ନାରାୟଣ ଓ ପ୍ରସନ୍ନ ଏହାକୁ ବିରୋଧ କରିବାରୁ ସମ୍ପୃକ୍ତ ଯୁବକମାନେ ଉଭୟଙ୍କୁ ମାଡ ମାରିଥିଲେ। ଅପରପକ୍ଷେ ସେହି ଗ୍ରାମର ପ୍ରଦୀପ୍ତ ଭୋଇ ମଙ୍ଗଳା ଛକ ନିକଟରେ ଛିଡା ହୋଇଥିବାବେଳେ ଉକ୍ତ ଗ୍ରାମର ଚଗଲା ବେହେରା ଓ କୁକୁଲା ବେହେରାଙ୍କ ସମେତ ୭/୮ଜଣ ଯୁବକ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ମାଡ ମାରିଥିଲେ। ଏହି ସମୟରେ ସାହିର କେତେଜଣ ଯୁବକ ସେଠାରେ ପହଞ୍ଚିବା ପରେ ଉଭୟ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ଓ ଢେଲାପଥର ମାଡ଼ ହୋଇଥିଲା। ଗ୍ରାମରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ଉଭୟ ଗୋଷ୍ଠୀକୁ ପରାମର୍ଶ ଦେଇଛି।

### ପଞ୍ଚାୟତ ସମିତି ବୈଠକ

**କଣ୍ଟାପଡା,୯।୩(ଡି.ଏନ୍‌.ଏ.):** କଣ୍ଟାପଡା ବ୍ଲକ ସଭାଗୃହରେ ପଞ୍ଚାୟତ ସମିତିର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ଜିନା ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା ହୋଇଥିଲା। ଏହାବ୍ୟତୀତ କୃଷି, ଜଳସେଚନ, ବିଦ୍ୟୁତ୍, ପାନୀୟଜଳ ଯୋଗାଣ ପ୍ରସଙ୍ଗରେ ସଦସ୍ୟମାନେ ଆଲୋଚନା କରିଥିଲେ। ବୈଠକରେ ଉପାଧକ୍ଷ ଯତୀନ୍ଦ୍ର ବରାଳ, ଜିଲା ପରିଷଦ ସଭ୍ୟ ପୀୟୂଷ ମିଶ୍ର, କ୍ରିଷ୍ଣାରାଣୀ ବେରୋ, ଏମ୍‌ପିଙ୍କ ପ୍ରତିନିଧି ବିମାନ ବିହାରୀ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀ ଆଲୋଚନାରେ ଭାଗ ନେଇଥିଲେ।

### ସୌଦାମିନୀ ପଟ୍ଟନାୟକ ଲ' ଲେକ୍‌ଚର

**କଟକ ଅଫିସ,୯।୩:** ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ସୌଦାମିନୀ ପଟ୍ଟନାୟକ ଲ' ଲେକ୍‌ଚର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ ଯୋଗଦେଇ ଭାରତୀୟ ସମ୍ବିଧାନର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଫୌଜଦାରି ମକଦ୍ଦମା ପ୍ରଣୟନରେ ଭାରତୀୟ ସମ୍ବିଧାନର ଆଲେଖ୍ୟ ପ୍ରଦାନ କରିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ୍ ସଭାପତି କାଳୀପ୍ରସନ୍ନ ମିଶ୍ର ଅଧକ୍ଷତା କରିଥିଲେ। ଯୁଗ୍ମ ସମ୍ପାଦକ ଉଦିତ୍ ରଞ୍ଜନ ଜେନା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ, ପୂର୍ବତନ ଜିଲାଜଜ୍ ତଥା ହାଇକୋର୍ଟର ପୂର୍ବତନ ରେଜିଷ୍ଟ୍ରାର ରତିକାନ୍ତ ମହାପାତ୍ର ସ୍ୱାଗତ ଭାଷଣ ଓ ବାର୍ ସମ୍ପାଦକ ଆଲୋକ ପ୍ରସାଦ ନନ୍ଦ ଧନ୍ୟବାଦ ଦେଇଥିଲେ। ଭାରତ ସରକାରଙ୍କ ଆୟକର ବିଭାଗ ପକ୍ଷରୁ ହାଇକୋର୍ଟ ବାର୍ ଆସୋସିଏଶନ୍‌କୁ ପ୍ରଦତ୍ତ ପ୍ରମାଣପତ୍ରର ଫଳକକୁ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ ଓ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଉନ୍ମୋଚନ କରିଥିଲେ। ବାର୍‌ର କାର୍ଯ୍ୟକାରୀ ସଦସ୍ୟ ଅମିତ୍ ସାହୁ, ଦେବୀ ପ୍ରସାଦ ମହାନ୍ତି, ପଦ୍ମ କର, ଝିଲୁ ସାହୁ, ସୁଶୀଲ ଦାସ, ରଶ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପାସ୍ ହେଲା ୬୦୫ କୋଟିର ବଜେଟ



ସିଏମ୍‌ସି କାଉନ୍‌ସିଲ ବୈଠକରେ ମେୟର, ଡେପୁଟି ମେୟର, କମିଶନର ଓ କର୍ପୋରେଟରଙ୍କ ସହ ଅନ୍ୟମାନେ।

**ସିଏମ୍‌ସି କାଉନ୍‌ସିଲ ବୈଠକ**

**କଟକ ଅଫିସ,୯।୩**

କଟକ ମହାନଗର ନିଗମ (ସିଏମ୍‌ସି)ର ଚିଠା ବଜେଟରୁ ପୂର୍ଣ୍ଣାଙ୍ଗ ବଜେଟ୍ ଆୟବ୍ୟୟ ବୃଦ୍ଧି ପାଇଛି। ପୂର୍ବରୁ ଚିଠା ବଜେଟ୍‌ରେ ସମ୍ଭାବ୍ୟ ଆୟ ୫୮୭ କୋଟି ଦର୍ଶାଯାଇଥିବାବେଳେ ଏହାକୁ ପରିବର୍ତ୍ତନ କରାଯାଇ ପୂର୍ଣ୍ଣାଙ୍ଗ ବଜେଟ୍‌ରେ ସମ୍ଭାବ୍ୟ ଆୟ ୬୦୫ କୋଟି ଦର୍ଶାଯାଇଛି। ସେହିପରି ଚିଠା ବଜେଟ୍‌ରେ ସମ୍ଭାବ୍ୟ ବ୍ୟୟ ୫୮୬ କୋଟି ଦର୍ଶାଯାଇଥିବାବେଳେ ଏହାକୁ ବଢ଼ାଯାଇ ୬୦୨ କୋଟି ଟଙ୍କା କରାଯାଇଛି। ୩ କୋଟିର ବଳକା ବଜେଟ୍ ଭାବେ ଦର୍ଶାଯାଇଛି। ସିଏମ୍‌ସିର ଚିଠା ବଜେଟ୍ ପ୍ରସ୍ତାବରେ ଯେଉଁ ଆୟବ୍ୟୟ ଅଟକଳ ରଖାଯାଇଥିଲା ସେଥିରେ ବ୍ୟାପକ ପରିବର୍ତ୍ତନ କରାଯାଇଛି।

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୬୦୫ କୋଟିର ବଜେଟ୍ ସିଏମ୍‌ସି କାଉନ୍‌ସିଲ ବୈଠକରେ ଅନୁମୋଦନ ହୋଇଛି। ସିଏମ୍‌ସି ବିଜୁ ଭବନରେ ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଗୁରୁବାର କାଉନ୍‌ସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିତ୍ତ ଅଧିକାରୀ ସତୀଶ କୁମାର ମିଶ୍ର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଥିଲେ। ସ୍ୱତନ୍ତ୍ର ପ୍ରକଳ୍ପ ବାବଦକୁ ଚିଠା ବଜେଟରୁ ଆହୁରି ୧୫ କୋଟି ବଢ଼ାଯାଇଛି। ସିଏମ୍‌ସି ନିଜସ୍ୱ ଟିକସ୍ ରାଜସ୍ୱରୁ ୪୮.୬ କୋଟି ଟଙ୍କା ଆୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି।

ସେହିପରି ଅକ୍ଟ୍ରାଇ ଟିକସ ବାବଦକୁ ୯୦ କୋଟି ଟଙ୍କା, ୟୁଜର୍ସ ଚାର୍ଜେସ ବାବଦକୁ ୩ କୋଟି ୧୮ ଲକ୍ଷ ଟଙ୍କା, ସିଏମ୍‌ସି ସମ୍ପତ୍ତିର ରେଣ୍ଟାଲ ଇନ୍‌କମ୍ ବାବଦରୁ ୩ କୋଟି ୬୭ ଲକ୍ଷ, ଦେୟ ଓ ଜରିମାନା ବାବଦରୁ ୬ କୋଟି ୬୪ ଲକ୍ଷ ଓ ଅନ୍ୟାନ୍ୟ ଉତ୍ସରୁ ୯.୩୪ କୋଟି, ଅନୁଦାନ, ଋଣ ପ୍ରଭୃତିରୁ ୪୪୩.୬ କୋଟି ଟଙ୍କା ଆୟ ଲକ୍ଷ୍ୟ ରଖାଯାଇଛି। ସେହିପରି ବ୍ୟୟ କ୍ଷେତ୍ରରେ ସାଧାରଣ ପ୍ରଶାସନିକ ପରିଚାଳନା ପାଇଁ ୧୨୩ କୋଟି ୭୦ ଲକ୍ଷ, ସ୍ୱାସ୍ଥ୍ୟ ପରିମଳ ଓ ମେଡିକାଲ ପାଇଁ ୭୫ କୋଟି ୯୪ ଲକ୍ଷ, ଜନସାଧାରଣଙ୍କ ସୁବିଧା ନିମନ୍ତେ ୩ କୋଟି ୪୫ ଲକ୍ଷ, ଅନ୍ୟାନ୍ୟ କ୍ଷେତ୍ର ପାଇଁ ୭ କୋଟି ୬ ଲକ୍ଷ, ଋଣ ବାବଦକୁ ୮ କୋଟି ୮୫ ଲକ୍ଷ, ସରକାରୀ ଅନୁଦାନ ଏବଂ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ୨୬୫ କୋଟି, ଅସମ୍ପୂର୍ଣ୍ଣ ଏବଂ ନୂତନ ପ୍ରକଳ୍ପ ପାଇଁ ୧୧୮ କୋଟି ୭୧ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ବଜେଟ୍‌କୁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ପଠାଯିବ। ସେହିପରି ସଫେଇ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଭିନ୍ନ ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି), ହରିଣ ପାର୍କ, ପାଠାଗାର ପୁନରୁଦ୍ଧାର, ସ୍ମାର୍ଟ ଫୁଟ୍‌ପାଥ ଓ ପାର୍କିଂ, ସହରରେ ଫୁଟ୍ ଓଭର ବ୍ରିଜ୍ ପାଇଁ ବଜେଟ୍‌ରେ ବ୍ୟୟବରାଦ କରାଯାଇଛି। ବଜେଟ୍ ଅନୁମୋଦନ ପରେ ସାଧାରଣ କାଉନସିଲ ବୈଠକରେ କର୍ପୋରେଟରମାନେ ସେମାନଙ୍କ ୱାର୍ଡର ସମସ୍ୟା ଉପସ୍ଥାପନ କରିଥିଲେ। ଏହି ବୈଠକରେ ମେୟର ସିଂ, କମିଶନର ନିଖିଲ ପଵନ କଲ୍ୟାଣ, ଡେପୁଟି ମେୟର ଦମୟନ୍ତୀ ମାଝି ଓ କର୍ପୋରେଟରମାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ତୁରନ୍ତ ଉତ୍ତର ଦାବିରେ ହୋହଲ୍ଲା

ବୈଠକରେ ବିରୋଧୀ କର୍ପୋରେଟର ସନ୍ତୋଷ ଭୋଳ ନର୍ସରୀ ଦାୟିତ୍ୱ କିପରି ଜଗନ୍ନାଥ ପ୍ରସାଦ ସଂସ୍ଥାକୁ ଦିଆଗଲା ଏବଂ ଏଥିରେ ୪୦୦ କର୍ମଚାରୀଙ୍କୁ କିଭଳି ନିଯୁକ୍ତି ଦିଆଗଲା ସେନେଇ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ବୈଠକ ଶେଷରେ ଦିଆଯିବ ବୋଲି ମେୟର କହିଥିଲେ। ହେଲେ ତୁରନ୍ତ ଉତ୍ତର ଆବଶ୍ୟକ ବୋଲି ଜିଦ୍‌ରେ ଅଡି ବସିଥିଲେ କର୍ପୋରେଟର। ମେୟର ଏପରି ହୋଇପାରିବନି ଏବଂ ବୈଠକର ଏହା ପ୍ରଣାଳୀ ନୁହଁ ବୋଲି କହିଥିଲେ। ଏଥିରେ କେତେଜଣ ବିଜେଡି କର୍ପୋରେଟର ସହମତି ପ୍ରକାଶ କରିଥିଲେ । ତେବେ ଏହାକୁ ନେଇ ବୈଠକରେ ହୋହଲ୍ଲା ହୋଇଥିଲା। କର୍ପୋରେଟରମାନେ ପରସ୍ପରକୁ ଆକ୍ଷେପ କରିଥିଲେ। ଶେଷରେ ମେୟର ଉକ୍ତ ପ୍ରଶ୍ନର ଉତ୍ତର ଦେବାକୁ ଯୁଗ୍ମ କମିଶନର ଅନାମ ପାତ୍ରଙ୍କୁ କହିଥିଲେ। ଏହାପରେ ପରିସ୍ଥିତି ଶାନ୍ତ ହୋଇଥିଲା।

### ଆମ ପୋଖରୀ ଯୋଜନାରେ ସାମିଲ ହେବ ୫୦ ପୋଖରୀ

ଆମ ପୋଖରୀ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଗଙ୍ଗା ମନ୍ଦିର ପୋଖରୀ, ନୀଳକଣ୍ଠେଶ୍ୱର ପୋଖରୀ ଓ ଉତ୍କଳ ବାଳାଶ୍ରମ ପୋଖରୀକୁ ସାମିଲ କରାଯାଇଥିଲା। ତେବେ ରେଭେନ୍‌ଶାରେ ହୋଇଥିବା ବୈଠକରେ କମିଶନରଙ୍କ ଅନୁରୋଧକ୍ରମେ ଆଉ ୫୦ ପୋଖରୀକୁ ଏଥିରେ ସାମିଲ କରାଯାଇଛି । ମେୟରଙ୍କ ସୂଚନା ଅନୁଯାୟୀ, ସହରରେ ୧୫୦ରୁ ଊର୍ଦ୍ଧ୍ୱ ପୋଖରୀ ରହିଛି । ଏଥିରେ ଏବେ ୫୦ଟିକୁ ସାମିଲ କରିବାକୁ କୁହାଯାଇଛି। ଏହି ବୈଠକରେ କର୍ପୋରେଟରଙ୍କୁ ପୋଖରୀଗୁଡ଼ିକର ତାଲିକା ଦେବାକୁ କୁହାଯାଇଛି।

### ହୋର୍ଡିଂରେ ବାର୍‌କୋଡ ବ୍ୟବସ୍ଥା କରାଯାଉ

ସହରରେ ଅନେକ ସଂସ୍ଥା ମନଇଚ୍ଛା ଖୁଣ୍ଟ ପୋତି ହୋର୍ଡିଂ ଲଗାଉଛି। ଏନେଇ ସିଏମ୍‌ସି ନିକଟରେ ସୂଚନା ରହୁନାହିଁ। ତେଣୁ ବାର୍‌କୋଡ ବ୍ୟବସ୍ଥା କରାଗଲେ ବେଆଇନ ହୋର୍ଡିଂ ଉପରେ ରୋକ୍ ଲଗାଯାଇପାରିବ। ଏଥିସହ ସିଏମ୍‌ସିର ରାଜସ୍ୱ ବୃଦ୍ଧି ପାଇବ ବୋଲି କର୍ପୋରେଟର ଲିଜା ରାଉତ କହିଥିଲେ। ଏଥିରେ କମିଶନର ସହମତି ପ୍ରକାଶ କରିବା ସହ ଖୁବ୍‌ଶୀଘ୍ର ଏନେଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

### ପେଟ୍ରୋଲ ପମ୍ପ ଆୟ ବୃଦ୍ଧି ନେଇ ପ୍ରସ୍ତାବ

ଲାଇସେନ୍ସ ସେକ୍ସନରେ ଥିବା ପେଟ୍ରୋଲ ପମ୍ପ ଆୟ ୬ ଲକ୍ଷ ୨୪ ହଜାର ଦର୍ଶଯାଇଛି। ହେଲେ ଏହା ମାଧ୍ୟମରେ ସିଏମ୍‌ସି ଆହୁରି ଆୟ ବୃଦ୍ଧି କରି ପାରିବା ନେଇ କର୍ପୋରେଟର ବିକାଶ ବେହେରା ପ୍ରସ୍ତାବ ଦେଇଥିଲେ। ପେଟ୍ରୋଲ ପମ୍ପଠାରୁ ଆୟ ବୃଦ୍ଧି ସହ ସେଠାରେ ଥିବା ସମସ୍ୟା ସମାଧାନ ଦିଗାରେ ମଧ୍ୟ ଧ୍ୟାନ ଦେବା ଆବଶ୍ୟକ। ବିଭିନ୍ନ ଏଜେନ୍ସି, ସରକାରୀ ସଂସ୍ଥା, ବ୍ୟାଙ୍କ ଆଦି ସିଏମ୍‌ସିଠାରୁ ତେଲ ନିଅନ୍ତୁ। ଏହାର ସୁବ୍ୟବସ୍ଥା ଦ୍ୱାରା ଅଧିକ ଆୟ ହେବ ବୋଲି ସେ ପ୍ରସ୍ତାବ ଦେଇଥିଲେ।

### ୧୦ କଲ୍ୟାଣ ମଣ୍ଡପ ନିର୍ମାଣ ହେବ

ସିଏମ୍‌ସି ଅଞ୍ଚଳରେ ୧୦ଟି ୨ ମହଲା ବିଶିଷ୍ଟ କଲ୍ୟାଣ ମଣ୍ଡପ ନିର୍ମାଣ ହେବ। ଏଥିପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସିଏମ୍‌ସି ପକ୍ଷରୁ ଏନେଇ ତାଲିକା ପ୍ରସ୍ତୁତ କରାଯାଇ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଥମେ କର୍ପୋରେଟରମାନେ ସ୍ଥିର କରନ୍ତୁ କେଉଁ ସ୍ଥାନ ଉପଯୁକ୍ତ ହେବ। ପରେ ଏଥିପାଇଁ ସରକାର ଅର୍ଥ ଯୋଗାଇବେ। ହେଲେ ଏହାର ନିର୍ମାଣ କାର୍ଯ୍ୟ ରୁରାଲ ଡିପାର୍ଟମେଣ୍ଟ କରିବ ବୋଲି ପୂର୍ବରୁ ସ୍ଥିର କରାଯାଇଥିବା କମିଶନର ସୂଚନା ଦେଇଛନ୍ତି।

### ଇ-ଟେଣ୍ଡର ପାଇଁ ଦାବି

ସହରରେ ରାସ୍ତାରୁ ବାଲି ସଫେଇ ଓ ପଙ୍କୋଦ୍ଧାର ପାଇଁ ଗାଡ଼ିର ଆବଶ୍ୟକତା ରହିଛି। ଏଥିପାଇଁ ଇ-ଟେଣ୍ଡର କରିବାକୁ କର୍ପୋରେଟରମାନେ ଦାବି କରିଥିଲେ। କେବଳ ଯନ୍ତ୍ରୀ ବିଭାଗ ବ୍ୟତିତ ଅନ୍ୟ କୌଣସି ବିଭାଗ ପାଖରେ ଇ-ଟେଣ୍ଡର ବ୍ୟବସ୍ଥା ନାହିଁ ବୋଲି କମିଶନର କହିଥିଲେ।

### ଝୋଲା ସାହିରେ ହେବ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ସିଏମ୍‌ସିର ୨୬ନଂ. ୱାର୍ଡ ଅଧୀନ ଝୋଲା ସାହିରେ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯିବ। ଏଠାରେ ଥିବା ପୁରୁଣା ଗୋଦାମ ଗୃହରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କ୍ୟାବିନେଟ୍‌ରେ ପାସ୍ ହୋଇଛି । ୨୦୦ ଡିସିମିଲରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ରହିବ। ଖୁବ୍‌ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ ବୋଲି ମେୟର କହିଛନ୍ତି।




ବିଶ୍ୱ କିଡ୍‌ନୀ ଦିବସ ଅବସରରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ନେଫ୍ରୋଲୋଜି ଆଣ୍ଡ୍ ରେନାଲ ଟ୍ରାନ୍ସପ୍ଲାଣ୍ଟେସନ ବିଭାଗ ପକ୍ଷରୁ ପ୍ରିନ୍ସିପାଲଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ବାହାରି ଥିବା ଶୋଭାଯାତ୍ରା।

## ଗ୍ୟାସ୍, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**କଟକ ଅଫିସ, ୯।୩**

ଘରୋଇ ରନ୍ଧନ ଗ୍ୟାସ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଜିଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦିଆଯାଇଥିଲା। ତୁରନ୍ତ ନିତ୍ୟ ବ୍ୟବହାର୍ଯ୍ୟ ଖାଉଟି ଦ୍ରବ୍ୟର ଦରଦାମ୍ ନିୟନ୍ତ୍ରଣକୁ ଆଣିବା ସହିତ ଘରୋଇ ଜାଳେଣି ଗ୍ୟାସ୍ ବର୍ଦ୍ଧିତ ମୂଲ୍ୟ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଅମରେନ୍ଦ୍ର ମହାନ୍ତି କହିଛନ୍ତି, ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ୨୦୧୪ରୁ କ୍ଷମତାରେ ରହି ଜାଳେଣି ଗ୍ୟାସ୍ ଓ ପେଟ୍ରୋଲ, ଡିଜେଲ ଜାତ ଦ୍ରବ୍ୟ ଦର ବୃଦ୍ଧି ଘଟାଇ ଚାଲିଛନ୍ତି। ସରକାରକୁ ଆସିଲାବେଳେ ରନ୍ଧନ ଗ୍ୟାସ୍ ଦର ୪୧୦ ଟଙ୍କା ଓ ସେଥିରେ ସବ୍‌ସିଡି ଥିଲା। ଏବେ ଗ୍ୟାସ୍‌ର ଦର ବୃଦ୍ଧି ପାଇ ୧୧୨୯ରେ ପହଞ୍ଚିଛି। ଉଜ୍ଜ୍ୱଳା ଯୋଜନାରେ ଗରିବ, ମଧ୍ୟବିତ୍ତ ପରିବାରକୁ ଗ୍ୟାସ୍ ସଂଯୋଗ ଦେଇ ଧୋକା ଦେଇଛନ୍ତି କେନ୍ଦ୍ର ସରକାର। ଏଥିସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ସାଧାରଣ ଖାଉଟିଙ୍କୁ ଘୋର ସଙ୍କଟରେ ପକାଇ ଦେଇଛି। କର୍ପୋରେଟ୍‌ଙ୍କ ସ୍ୱାର୍ଥ ପାଇଁ ଘରୋଇ ରନ୍ଧନ ଗ୍ୟାସ୍‌ର ଅହେତୁକ ଦରବୃଦ୍ଧି କରାଯାଇଛି ବୋଲି ସେ କହିଛନ୍ତି। ଏହି ବିକ୍ଷୋଭରେ ଦଳର କର୍ମକର୍ତ୍ତା କିଶୋର ଚନ୍ଦ୍ର ଜେନା, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ବିପିନ ବିହାରୀ ପାଢ଼ୀ, ନଗର କମିଟି ସମ୍ପାଦକ ପ୍ରସନ୍ନ କୁମାର ମହାପାତ୍ର, ଜିଲା ସମ୍ପାଦକ ବିନୋଦ କୁମାର ବେହେରା, ରାମଚନ୍ଦ୍ର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ଗୁହାଳରେ ନିଆଁ ଲଗାଇ ଯୁବକ ଗିରଫ

**କଟକ ସଦର,୯।୩(ଡି.ଏନ୍‌.ଏ.)**

କିଶନନଗର ଥାନା ଅନ୍ତର୍ଗତ କୋସିଦା ଗ୍ରାମର ବିଭୂତି ଭୂଷଣ ପରିଜାଙ୍କ ଗୁହାଳରେ ନିଆଁ ଲଗାଇବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କୋସିଦା ଗ୍ରାମର ପିଣ୍ଟୁ ବିଶ୍ୱାଳ(୨୪)। ମଙ୍ଗଳବାର ରାତିରେ ଅଭିଯୁକ୍ତ ଜଣଙ୍କ କୌଶଳକ୍ରମେ ଗୁହାଳ ଓ ନଡ଼ା ଗଦାରେ ନିଆଁ ଲଗାଇ ଖସି ପଳାଇଥିଲେ। ରଘୁନାଥପୁରରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## 'ନିଜ ଭିତରର ଦିବ୍ୟଶକ୍ତିକୁ ଚିହ୍ନିଲେ ନାରୀ ସଶକ୍ତୀକରଣ ସ୍ୱପ୍ନ ସାର୍ଥକ ହେବ'

**ଅନ୍ତର୍ଜାତୀୟ ମହିଳା ଦିବସ**

**କଟକ ଅଫିସ,୯।୩**

ମହିଳାମାନେ ନିଜ ଭିତରର ଦିବ୍ୟଶକ୍ତିକୁ ଚିହ୍ନିଲେ ନାରୀ ସଶକ୍ତୀକରଣର ସ୍ୱପ୍ନ ସାର୍ଥକ ହେବ। ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ବକ୍ସିବଜାରସ୍ଥିତ ନାରୀ ସେବା ସଦନଠାରେ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ପ୍ରଫେସର ଡା. ଶ୍ୟାମା କାନୁନ୍‌ଗୋ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସଂଘ ସଭାନେତ୍ରୀ ଡ. ପ୍ରତିମା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଜିଏସ୍‌ଟି ଯୁଗ୍ମ କମିଶନର ତରଙ୍ଗିଣୀ ମିଶ୍ର, ସମ୍ପାଦିକା ଆଭା କାନୁନ୍‌ଗୋ, ନମିତା ପଣ୍ଡା, ଡ. ପ୍ରଭାବତୀ ପଣ୍ଡା, ପ୍ରଭାତୀ ମିଶ୍ର, ଗୀତାଶ୍ରୀ ଦାସ ଓ ମୀରା ବେଉରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ମିନତି ମହାନ୍ତି, ମନ୍ଦାକିନୀ ଜେମା, ଲିପ୍ତିମୟୀ ମହାନ୍ତି ଓ ସୁମନା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସହ ସମ୍ପାଦିକା ଇନ୍ଦିରା ଆରୋରା ଧନ୍ୟବାଦ ଦେଇଥିଲେ। ସେହିପରି କଟକ ନଗର ୟୁନିୟନ ଓ ଆସୋସିଏଶନ ସମନ୍ୱୟ ସମିତି ପକ୍ଷରୁ ଏଲ୍‌ଆଇସି ଡିଭିଜନ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଲୋକସେବା ଆୟୋଗର ସଦସ୍ୟା ଡ. ସଙ୍ଗୀତା ରଥ ଯୋଗଦେଇ ମହିଳାମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ନିଜ ଉପସ୍ଥିତି ବୁଦ୍ଧି ଦ୍ୱାରା ଅନେକାଂଶରେ ପ୍ରତିହତ କରିହେବ ବୋଲି କହିଥିଲେ। ମନୋରମା ମହାନ୍ତି ଓ ଶ୍ରୀମତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମାଜିକ କର୍ମୀ ଅନୁପମା ନନ୍ଦ, କବିତା ଦାସ, ଅନସୂୟା ପଳ ଓ ଚିନ୍ମୟୀ ସିଂହ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଇନ୍ଦୁମତୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜ୍ୟୋସ୍ନାମୟୀ ଦେଇ ଧନ୍ୟବାଦ ଦେଇଥିଲେ।



ହୋଲି ଅବସରରେ ବୁଧବାର କଟକ ଅଲିସା ବଜାର ଅଞ୍ଚଳରେ ଯୁବତୀମାନେ ପରସ୍ପର ମୁହଁରେ ଅବିର ବୋଳୁଛନ୍ତି।



କଟକ ଲିଙ୍କ୍‌ରୋଡ ସୂର୍ଯ୍ୟବିହାରସ୍ଥିତ ଜେନିଥ କ୍ଲବରେ ମହିଳା ଶାଖା ପକ୍ଷରୁ ଅନୁଷ୍ଠିତ ହୋଲି ଉତ୍ସବରେ ମହିଳାମାନେ ସାମିଲ ହୋଇଛନ୍ତି।




କଟକ ମାଛୁଆ ବଜାରସ୍ଥିତ ଏଲ୍‌ଆଇସି ଡିଭିଜନ କାର୍ଯ୍ୟାଳୟ ପ୍ରାଙ୍ଗଣରେ କଟକ ନଗର ୟୁନିୟନ ଓ ଆସୋସିଏଶନ ସମନ୍ୱୟ ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# आई आर ई एल (इंडिया) लिमिटेड

# IREL (India) Limited

(Formerly Indian Rare Earths Limited)
(भारत सरकार का उपक्रम)
(A Government of India Undertaking)

CIN : U15100MH1950GOI008187 Website : www.irel.co.in ISO 9001: 2015, ISO 14001: 2015 & ISO 45001 : 2018 Company

आज़ादी का अमृत महोत्सव

**ବିଷୟ: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଭାରତୀୟ ବିରଳ ମୃତ୍ତିକା, ଅସକୋମ, ମାଟିଖାଲୋ ଅଧୀନସ୍ଥ 2464.054 ହେକ୍ଟର ଖଣି ଲିଜ୍ ଅନ୍ତର୍ଗତ ଅର୍ଜିପଲ୍ଲୀ, ହୁମୁରିବଣ ଓ ଅଗସ୍ତିନୂଆଗାଁରେ ଥିବା 157.702 ହେକ୍ଟର ପରିମିତ ଡିଏଲ୍‌ସି ଜଙ୍ଗଲ ଜମିକୁ ଖଣିଜ ପଦାର୍ଥ ଉତ୍ତୋଳନ ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ନିମ୍ନଦର୍ଶିତ ଚିଠି ମାଧ୍ୟମରେ ପ୍ରଥମ ପର୍ଯ୍ୟାୟ (Stage-I) ଓ ଚୂଡ଼ାନ୍ତ ପର୍ଯ୍ୟାୟ (Stage-II) ଅନୁମୋଦନ ଦିଆଯାଇଛି ।**

## ପ୍ରଥମ ପର୍ଯ୍ୟାୟ (Stage-I) ଅନୁମୋଦନପତ୍ର

F.No.8-15/2018-FC
ଭାରତ ସରକାର
ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏଫ୍.ସି. ଡିଭିଜନ୍)

ଇନ୍ଦିରା ପର୍ଯ୍ୟାବରଣ ଭବନ
ଆଲିଗଞ୍ଜ, ଜୋରବ୍ୟାଗ୍ ରୋଡ୍, ନୂଆଦିଲ୍ଲୀ-110003
**ତାରିଖ: 18 ଅକ୍ଟୋବର, 2018**

ପ୍ରାପ୍ତେଷୁ,
ପ୍ରିନ୍ସିପାଲ ସେକ୍ରେଟାରୀ (ଜଙ୍ଗଲ),
ଓଡ଼ିଶା ସରକାର, ଭୁବନେଶ୍ୱର

**ବିଷୟ: ଭାରତୀୟ ବିରଳ ମୃତ୍ତିକା ସଂସ୍ଥାର ଓଡ଼ିଶା ସ୍ୟାଣ୍ଡସ୍ କମ୍ପ୍ଲେକ୍ସ (ଓସ୍କମ୍) ଅଧିନସ୍ଥ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଛତ୍ରପୁର ତହସିଲରେ ଥିବା ୨୪୬୪.୦୫୪ ହେକ୍ଟର ପରିମିତ ଖଣି ଲିଜ୍ ଅନ୍ତର୍ଭୁକ୍ତ ମୌଜା ହୁମୁରିବଣ, ଅଗସ୍ତିନୂଆଗାଁ ଓ ଅର୍ଜିପଲ୍ଲୀରେ ସୁରକ୍ଷା ଜୋନ (Safety Zone)ରେ ଥିବା ୫.୬୬୦ ହେକ୍ଟର ଡିଏଲ୍‌ସି ଜଙ୍ଗଲ ଜମି ସମେତ ୧୫୭.୭୦୨ ହେକ୍ଟର ଡିଏଲ୍‌ସି ଜଙ୍ଗଲ ଜମିରୁ ଖଣିଜ ପଦାର୍ଥ ଖନନ ତଥା ବେଳାଭୂମି ବାଲୁକାରେ ଥିବା ଇଲମେନାଇଟ୍, ରୁଟାଇଲ୍, ଜିରକନ, ସିଲିମେନାଇଟ୍, ଗାର୍ନେଟ ଓ ମୋନାଜାଇଟ ଭଳି ଭାରି ଖଣିଜ ପଦାର୍ଥର ପୃଥକୀକରଣ ନିମନ୍ତେ ଜଙ୍ଗଲ ରୂପାନ୍ତରଣ (Forest Diversion) ପ୍ରସ୍ତାବ ।**

ମହାଶୟ,

ମୋତେ ରାଜ୍ୟ ସରକାରଙ୍କ ଚିଠି ନମ୍ବର 10F (Cons) 7/2018/6146/F&E, ତା: 16.03.2018 ଏବଂ 10F (Cons) 7/2018/185353/F & E ତା: 23.08.2018 ମାଧ୍ୟମରେ 'ଭାରତୀୟ ବିରଳ ମୃତ୍ତିକା ସଂସ୍ଥାର ଓଡ଼ିଶା ସ୍ୟାଣ୍ଡ କମ୍ପ୍ଲେକ୍ସ (ଓସ୍କମ୍)ର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଛତ୍ରପୁର ତହସିଲରେ ଥିବା ୨୪୬୪.୦୫୪ ହେକ୍ଟର ପରିମିତ ଖଣି ଲିଜ୍ ଅନ୍ତର୍ଭୁକ୍ତ ମୌଜା ହୁମୁରିବଣ, ଅଗସ୍ତିନୂଆଗାଁ ଓ ଅର୍ଜିପଲ୍ଲୀରେ ସୁରକ୍ଷା ଜୋନ (Safety Zone)ରେ ଥିବା ୫.୬୬୦ ହେକ୍ଟର ଡିଏଲ୍‌ସି ଜଙ୍ଗଲ ଜମି ସମେତ ୧୫୭.୭୦୨ ହେକ୍ଟର ଡିଏଲ୍‌ସି ଜଙ୍ଗଲ ଜମିରୁ ଖଣିଜ ପଦାର୍ଥ ଖନନ ତଥା ବେଳାଭୂମି ବାଲୁକାରେ ଥିବା ଇଲମେନାଇଟ୍, ରୁଟାଇଲ୍, ଜିରକନ, ସିଲିମେନାଇଟ୍, ଗାର୍ନେଟ ଓ ମୋନାଜାଇଟ ଭଳି ଭାରୀ ଖଣିଜ ପଦାର୍ଥର ପୃଥକୀକରଣ ନିମନ୍ତେ ଜଙ୍ଗଲ ରୂପାନ୍ତରଣ (Forest Diversion) ପ୍ରସ୍ତାବ ବିଷୟ ପରିପ୍ରେକ୍ଷୀରେ ଜଙ୍ଗଲ ସଂରକ୍ଷଣ ଅଧିନିୟମ ୧୯୮୦ {Forest (Conservation) Act 1980}ର ଧାରା 2(ii) ଓ 2(iii) ଅନୁଯାୟୀ କେନ୍ଦ୍ର ସରକାରଙ୍କଠାରୁ ଲୋଡ଼ାଯାଇଥିବା ପୂର୍ବ ଅନୁମୋଦନ କ୍ରମରେ, ମୁଁ ପ୍ରକାଶ କରିବାକୁ ଚାହେଁ ଯେ ଏହି ପ୍ରସ୍ତାବଟି ଉପରୋକ୍ତ ଅଧିନିୟମର ଧାରା – 3 ଅନୁଯାୟୀ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ବନ ପରାମର୍ଶଦାତା କମିଟି (FAC) ଦ୍ୱାରା ଯାଞ୍ଚ କରାଯାଇଅଛି ।

2. ଓଡ଼ିଶା ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଯତ୍ନର ସହ ବିଚାର କରିବା ପରେ ଏବଂ ବନ ପରାମର୍ଶଦାତା କମିଟିର ସୁପାରିସ ଆଧାରରେ, ମୌଜା ହୁମୁରିବଣ, ଅଗସ୍ତିନୂଆଗାଁ ଓ ଅର୍ଜିପଲ୍ଲୀରେ ସୁରକ୍ଷା ଜୋନ୍ (Safety Zone)ରେ ଥିବା ୫.୬୬୦ ହେକ୍ଟର ଡିଏଲ୍‌ସି ଜଙ୍ଗଲ ଜମି ସମେତ ୧୫୭.୭୦୨ ହେକ୍ଟର ଡିଏଲ୍‌ସି ଜଙ୍ଗଲ ଜମିରୁ ଖଣିଜ ପଦାର୍ଥ ଖନନ ତଥା ବେଳାଭୂମି ବାଲୁକାରେ ଥିବା ଇଲମେନାଇଟ୍, ରୁଟାଇଲ୍, ଜିରକନ, ସିଲିମେନାଇଟ୍, ଗାର୍ନେଟ ଓ ମୋନାଜାଇଟ୍ ଭଳି ଭାରୀ ଖଣିଜ ପଦାର୍ଥର ପୃଥକୀକରଣ ନିମନ୍ତେ ଜଙ୍ଗଲ ସଂରକ୍ଷଣ ଅଧିନିୟମ ୧୯୮୦ (Forest Conservation Act 1980)ର ଧାରା 2(ii) ଓ 2(iii) ଅନୁଯାୟୀ ଜଙ୍ଗଲ ଜମିର ରୂପାନ୍ତରଣ (Forest Diversion) ପାଇଁ ନିମ୍ନଲିଖିତ ସର୍ତ୍ତ ଭିତ୍ତିରେ ନୀତିଗତ ଅନୁମୋଦନ ପ୍ରଦାନ କରାଯାଉଛି:

I. ରୂପାନ୍ତରିତ ଜଙ୍ଗଲ ଜମିର ଆଇନଗତ ସ୍ଥିତି ଅପରିବର୍ତ୍ତିତ ରହିବ ;
II. ଜଙ୍ଗଲ ଜମିର ରୂପାନ୍ତରଣ (Diversion)ଟି CRZର ଅନୁମୋଦନ (ଯଦି ପ୍ରଯୁଜ୍ୟ ହୁଏ) ଉପରେ ନିର୍ଭରଶୀଳ ହେବ ;
III. ଉପଭୋକ୍ତା ସଂସ୍ଥା (User Agency)ର କାର୍ଯ୍ୟ ପ୍ରଣାଳୀ ସମୁଦ୍ର କୂଳର ଜମି ଖନନ ଅନ୍ତର୍ଭୁକ୍ତ ଅଟେ, ଯାହା ବିଲୁପ୍ତ ଅଲିଭ୍ ରିଡଲେ କଇଁଛଙ୍କ ବସା ପାଇଁ ସ୍ଥାନ ଅଟେ । ସମୁଦ୍ର କୂଳର 52 କିଲୋମିଟର ଲମ୍ବ ବସା ବାନ୍ଧୁଥିବା ସ୍ଥାନ ହୋଇଥିବାବେଳେ ରୁଷିକୁଲ୍ୟା ନଦୀର ଉଭୟ ପାର୍ଶ୍ୱରେ ବଡ଼ ବାଲୁକା ଶଯ୍ୟା ବିଶିଷ୍ଟ 5 କିଲୋମିଟର ସମୁଦ୍ର ତଟଟି ବହୁଳ ବସା ବାନ୍ଧିବା ସ୍ଥାନ ଅଟେ ଏବଂ ଅନ୍ୟ ଅଞ୍ଚଳଗୁଡ଼ିକ ଠାଏ ଠାଏ ବସା ବାନ୍ଧିବା ସ୍ଥାନ ଅଟେ । ତେଣୁ ଏହି 5 କିଲୋମିଟର (ରଷିକୁଲ୍ୟା ନଦୀ ମୁହାଣର ଉଭୟ ପାର୍ଶ୍ୱରେ 2.5 କିଲୋମିଟର) ଅଞ୍ଚଳଟିକୁ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ, ଓଡ଼ିଶାର ଚିଠି ନମ୍ବର 3536/WL(C)(SSP) – 149/2012 ତାରିଖ 11 ମଇ, 2012ରେ ଦର୍ଶାଯାଇଥିବା ସର୍ତ୍ତ ଅନୁଯାୟୀ କୌଣସି ବିଶୃଙ୍ଖଳା ବିନା, ସଠିକ ଓ ସଚ୍ଚୋଟତାର ସହ ସଂରକ୍ଷଣ କରାଯିବ ;
IV. ପ୍ରସ୍ତାବିତ କ୍ଷତିଭରଣା ଜମି (Compensatory land) ମୟୂର ଏବଂ ଝାଡ଼ିରେ ବାସ କରୁଥିବା ଅନ୍ୟାନ୍ୟ ପ୍ରଜାତିଗୁଡ଼ିକର ପ୍ରାକୃତିକ ବାସସ୍ଥାନ ବୋଲି ଜଣାପଡ଼ିଛି, ସେହି ଅନୁଯାୟୀ ମାତ୍ରାଧିକ ବୃକ୍ଷରୋପଣ ନ କରାଯାଇ, କଣ୍ଟା ଓ ବୁଦା ଜାତୀୟ ଉଦ୍ଭିଦ ବିଦ୍ୟମାନ ଥିବା ପରିବେଶର ରକ୍ଷଣାବେକ୍ଷଣ କରାଯିବା ଉଚିତ୍ । ତତ୍‌ସହିତ କ୍ଷୁଦ୍ର ଜଳାଶୟ ସୃଷ୍ଟି କରାଯାଇ ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣକୁ ମୁଖ୍ୟ ଧ୍ୟାନ ଦିଆଯିବା ଉଚିତ ଏବଂ ବୃକ୍ଷରୋପଣ ମଧ୍ୟ ସୀମିତ ଏବଂ କେବଳ ସ୍ଥାନୀୟ କଣ୍ଟା ଓ ଫଳ ଉତ୍ପାଦନକାରୀ ପ୍ରଜାତି ମଧ୍ୟରେ ସୀମିତ ରଖାଯିବା ଉଚିତ ;
V. ଉପଭୋକ୍ତା ସଂସ୍ଥା (User Agency) ଦ୍ୱିତୀୟ ପର୍ଯ୍ୟାୟ (Stage-II) ଅନୁମୋଦନ ପୂର୍ବରୁ ଅନୁମୋଦିତ R&R ଯୋଜନା ଦାଖଲ କରିବେ । ଉପଭୋକ୍ତା ସଂସ୍ଥା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ଏବଂ କାର୍ଯ୍ୟାନ୍ୱୟନ ଆରମ୍ଭ ହେବା ପୂର୍ବରୁ ଜାତୀୟ R&R ନୀତି, ଭାରତ ସରକାରଙ୍କ ସହ ଅନୁରୂପ ରାଜ୍ୟ ସରକାରଙ୍କ R&R ନୀତି ଅନୁଯାୟୀ R&R ଯୋଜନା ପ୍ରସ୍ତୁତ କରିବେ । ଉକ୍ତ R&R ଯୋଜନାକୁ ରାଜ୍ୟ ସରକାର / MoEF & CCର ଆଞ୍ଚଳିକ ଅଧିକାରୀଙ୍କ ଦ୍ୱାରା ତଦାରଖ କରାଯିବା ସହିତ ତଦାରଖ ଓ ପର୍ଯ୍ୟବେକ୍ଷଣଯୋଗ୍ୟ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁଗୁଡ଼ିକୁ ସୂଚୀତ କରାଯିବ ;
VI. ସମୁଚିତ ଦୂରତ୍ୱ ଭିତ୍ତିକ ANR ବୃକ୍ଷରୋପଣ ପଦ୍ଧତି ଦ୍ୱାରା ହେକ୍ଟର ପିଛା 200 ବୃକ୍ଷରୋପଣ ଏବଂ ଦଶବର୍ଷର ରକ୍ଷଣାବେକ୍ଷଣ ସହିତ ଚାରିପାଖରେ ବାଉଁଶ ବାଡ଼ ଏବଂ ମୃତ୍ତିକା ଆର୍ଦ୍ରତା ସଂରକ୍ଷଣ ପାଇଁ ଠାଏ ଠାଏ ଗର୍ତ୍ତର ବ୍ୟବସ୍ଥା ଥାଇ ବ୍ରହ୍ମପୁର ଡିଭିଜନର ଖଲିକୋଟ୍ ରେଞ୍ଜର ଡୁମୁନାଗିରି ଡିପିଏଫ୍‌ରେ 320 ହେକ୍ଟର ପରିମିତ ଅବନତି ହୋଇଥିବା ଜଙ୍ଗଲ ଜମିକୁ ବୃକ୍ଷରୋପଣ ପାଇଁ ଚିହ୍ନଟ କରାଯାଇଛି । ଏହି ଅଞ୍ଚଳରେ କେବଳ 64000 ଗଛ ରହିବ । ପୁନଶ୍ଚ 08.11.2017 ତାରିଖର MoEF ଏବଂ CC ନିର୍ଦ୍ଦେଶାବଳୀ ଅନୁଯାୟୀ ବଳକା ଗଛର(ହେକ୍ଟର ପିଛା 800 ପ୍ଲାଣ୍ଟ ହିସାବରେ) ଭରଣା କରିବା ପାଇଁ ବ୍ରହ୍ମପୁର ଡିଭିଜନର ଖଲିକୋଟ ରେଞ୍ଜ ଅଧୀନସ୍ଥ ରମ୍ଭା ସେକ୍ସନରେ ଥିବା ରାଣିବର-ଏ ଡିପିଏଫ୍‌ରେ 120 ହେକ୍ଟର ଅବନତି ହୋଇଥିବା ଜଙ୍ଗଲ ଜମି ଚିହ୍ନଟ କରାଯାଇଛି ଯେଉଁଠାରେ ଅତିରିକ୍ତ 93,702ଟି ବୃକ୍ଷ (ହେକ୍ଟର ପ୍ରତି 1000 ବୃକ୍ଷ x 157.702 ହେକ୍ଟର = 157702ଟି ବୃକ୍ଷ – 64000 ବୃକ୍ଷ) ରୋପଣ କରାଯିବ । ରାଣିବରଠାରେ ଥିବା ଏହି ବୃକ୍ଷରୋପଣ କ୍ଷେତ୍ରର ଜିପିଏସ୍ ସୂଚକାଙ୍କଗୁଡ଼ିକ ଏପର୍ଯ୍ୟନ୍ତ ଦାଖଲ ହୋଇନାହିଁ । ଦ୍ୱିତୀୟ ପର୍ଯ୍ୟାୟ (Stage-II) ଅନୁମୋଦନ ପୂର୍ବରୁ ଏହା ଦାଖଲ କରାଯିବ ;
VII. ଏହା ଜାଣିବାକୁ ମିଳିଛି ଯେ ପ୍ରଥମ ଖଣି ଲିଜ୍ ନବୀକରଣ ପାଇଁ ତା: 27.10.2005ରେ ଲିଜ୍ ଦସ୍ତାବିଜ କାର୍ଯ୍ୟକାରୀ କରାଯାଇଥିଲା ଯାହାର ବୈଧତା ତା: 21.03.1999 ରୁ 20.03.2019 ପର୍ଯ୍ୟନ୍ତ ଥିଲା । DLC ଜଙ୍ଗଲ ଜମି ଏହି ଖଣି ଲିଜ୍‌ର ଏକ ଅଂଶ ଅଟେ । ଓଡ଼ିଶାରେ DLC ଜଙ୍ଗଲ ଜମି ଚିହ୍ନଟ 1998 ମସିହାରେ ହୋଇଥିଲା । ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ଯେ ଭାରତ ସରକାରଙ୍କ ପୂର୍ବ ଅନୁମୋଦନ ବିନା 2005 ମସିହାରେ ଏହି ଲିଜ୍ କିପରି କାର୍ଯ୍ୟକାରୀ କରାଯାଇଥିଲା (ଯେଉଁଥିରେ DLC ଜଙ୍ଗଲ ଜମି ଅନ୍ତର୍ଭୁକ୍ତ) । ଏଫସିଏର ଧାରା 2(ii) ଅନୁଯାୟୀ ଚୂଡ଼ାନ୍ତ ଅନୁମୋଦନ ନ ହେବା ପର୍ଯ୍ୟନ୍ତ ଜଙ୍ଗଲ ଜମିର ଭୌତିକ ରୂପାନ୍ତରଣ ଓ ଭୌତିକ ବିଭାଜନ ପାଇଁ ଅନୁମତି ଦିଆଯିବ ନାହିଁ ;
VIII. ଏଫ୍‌ସିଏ (FCA)ର ଧାରା 2 (ii) ଅନୁଯାୟୀ ଚୂଡ଼ାନ୍ତ ଅନୁମୋଦନ ନ ହେବା ପର୍ଯନ୍ତ ଜଙ୍ଗଲ ଜମିର ଭୌତିକ ରୂପାନ୍ତରଣ ଓ ଭୌତିକ ବିଭାଜନ ଅନୁମତିପ୍ରାପ୍ତ ନୁହେଁ ;
IX. ପ୍ରକଳ୍ପ ପ୍ରସ୍ତାବକଙ୍କୁ ଏହି କ୍ଷେତ୍ର ପାଇଁ ସମ୍ପୂର୍ଣ୍ଣ NPV ଦେବାକୁ ପଡ଼ିବ ;
X. ଜଙ୍ଗଲ (ସଂରକ୍ଷଣ) ଅଧିନିୟମ 1980ର ଧାରା 2 (iii) ଅନୁଯାୟୀ ପ୍ରଦାନ କରାଯାଇଥିବା ଅନୁମତିଟି ପ୍ରକଳ୍ପ ପ୍ରସ୍ତାବକଙ୍କୁ ଜଙ୍ଗଲ (ସଂରକ୍ଷଣ) ଅଧିନିୟମ 1980ର ଧାରା 2 (ii) ଅନୁଯାୟୀ କରାଯାଉଥିବା ରୂପାନ୍ତରଣ (Diversion)ର କୌଣସି ଅଧିକାର ପ୍ରଦାନ କରିବ ନାହିଁ ;
XI. FACର ଧାରା 2 (ii) ଅନୁଯାୟୀ ଚୂଡ଼ାନ୍ତ ଅନୁମୋଦନ ନ ହେବା ପର୍ଯ୍ୟନ୍ତ ବନ ବିଭାଗ ମୁକ୍ତ ଓ ଅବାଧରେ ଜଙ୍ଗଲ ଜମିର ପରିଚାଳନା ସାଧାରଣ ପରିଚାଳନା ଏବଂ କାର୍ଯ୍ୟ ଯୋଜନା ସମ୍ପାଦନ କରିପାରିବେ ;
XII. ଜଙ୍ଗଲ କ୍ଷେତ୍ରର ଲିଜ୍ କାର୍ଯ୍ୟକାରୀ/ପ୍ରଦାନ କରିବା ପୂର୍ବରୁ FRA 2006ରେ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଅନୁପାଳନକୁ ରାଜ୍ୟ ସରକାର ସୁନିଶ୍ଚିତ କରିବେ ;
XIII. ଜଙ୍ଗଲ (ସଂରକ୍ଷଣ) ଅଧିନିୟମ 1980 ର ଧାରା 2 (iii) ଅନୁଯାୟୀ ଦିଆଯାଉଥିବା ଅନୁମତିଟି CAMPA ରୁ ଏହି କ୍ଷେତ୍ର ପାଇଁ NPV ଦେୟ ରାଶିର ସୁନିଶ୍ଚିତତା ଉପରେ ନିର୍ଭରଶୀଳ ଅଟେ ;
XIV. Compensatory Afforestation (CA) ମୂଲ୍ୟ ସହିତ CA ମୂଲ୍ୟର 25% ଅତିରିକ୍ତ ରାଶି CA ସ୍ଥଳରେ ହେବାକୁ ଥିବା ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ ନିମନ୍ତେ ଦେୟ ହେବ ;
XV. CA ଉଦ୍ଦେଶ୍ୟରେ ଚିହ୍ନଟ ହୋଇଥିବା ଜମିକୁ ଏକ ସର୍ଭେ ଅଫ୍ ଇଣ୍ଡିଆ ଟପୋ-ସିଟ୍‌ରେ 1:50,000 ସ୍କେଲରେ ସ୍ପଷ୍ଟ ଭାବରେ ଚିତ୍ରଣ କରାଯିବ ;
XVI. ଉପଭୋକ୍ତା ସଂସ୍ଥା କ୍ଷତିପୂରଣ ରାଶି (CA ମୂଲ୍ୟ, NPV ଇତ୍ୟାଦି)କୁ ୱେବ୍ ପୋର୍ଟାଲ ଦ୍ୱାରା ଅନଲାଇନ ସୃଷ୍ଟି ହୋଇଥିବା ଚାଲାନ (Challan) ମାଧ୍ୟମରେ ହିଁ ଉପଯୁକ୍ତ ବ୍ୟାଙ୍କରେ ଜମା କରିବେ । ଅନ୍ୟ ମାଧ୍ୟମରେ ଜମା ହୋଇଥିବା ରାଶି ପ୍ରଥମ ପର୍ଯ୍ୟାୟ (Stage-I) ଅନୁମୋଦନର ଅନୁପାଳନ ଭାବରେ ଗ୍ରହଣ କରାଯିବ ନାହିଁ ।
XVII. କ୍ଷତିଭରଣା ଜମିରେ ବୃକ୍ଷରୋପଣ ଏବଂ ପରିଚାଳନା ପାଇଁ ବର୍ତ୍ତମାନର ମଜୁରୀ ହାରରେ ନିର୍ଦ୍ଧାରଣ କରାଯାଇଥିବା ଖର୍ଚ୍ଚ ରାଶିକୁ ଉପଭୋକ୍ତା ସଂସ୍ଥା ରାଜ୍ୟର ଜଙ୍ଗଲ ବିଭାଗ ସହିତ ପରାମର୍ଶ କରି ସମ୍ପୃକ୍ତ ରାଜ୍ୟର CAMPA ଆକାଉଣ୍ଟରେ ସ୍ଥାନାନ୍ତର କରିବ । ପରବର୍ତ୍ତୀ ବର୍ଷଗୁଡ଼ିକରେ ଆସିବାକୁ ଥିବା ଆନୁମାନିକ ମୂଲ୍ୟ ବୃଦ୍ଧିକୁ ଆଖିଆଗରେ ରଖି ଏହି ଯୋଜନାରେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯିବ ;
XVIII. ଲିଖିତ ପିଟିସନ୍ (ସିଭିଲ୍) ନମ୍ବର 202/1995 ଉପରେ ଭାରତର ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ତା: 28.03.2008, 24.04.2008 ଓ 09.05.2008 ଏବଂ ଏହି ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଚିଠି ନମ୍ବର 5-3/2007-FC 05.02.2009 ଅନୁସାରେ ଉପଭୋକ୍ତା ସଂସ୍ଥା ରୂପାନ୍ତରିତ ଜଙ୍ଗଲ (Diverted Forest) ଜମିର ନେଟ୍ ପ୍ରେଜେଣ୍ଟ ଭାଲ୍ୟୁ (NPV) ପାଣ୍ଠିକୁ ଅନଲାଇନରେ ସ୍ଥାନାନ୍ତର କରିବ । ଆବଶ୍ୟକ ପାଣ୍ଠି ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ସମ୍ପୃକ୍ତ ରାଜ୍ୟର CAMPA ଆକାଉଣ୍ଟକୁ ସ୍ଥାନାନ୍ତରିତ ହେବ ;
XIX. ନେଟ୍ ପ୍ରେଜେଣ୍ଟ ଭାଲ୍ୟୁ (NPV) ଦେୟ ସମୟରେ ଉପଭୋକ୍ତା ସଂସ୍ଥା ମାନ୍ୟବର ସୁପ୍ରିମ କୋର୍ଟଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଅନୁଯାୟୀ ଅତିରିକ୍ତ ପରିମାଣର NPV (ଯଦି କିଛି ଆସେ) ପ୍ରଦାନ କରିବାକୁ ଏକ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିବେ ;
XX. ସୁରକ୍ଷା ଜୋନ୍ କ୍ଷେତ୍ରର ତାରବାଡ଼ ଘେରାଉ, ସୁରକ୍ଷା ଏବଂ ପୁନଃନିର୍ମାଣ କାର୍ଯ୍ୟ [7.5 ମିଟର ଷ୍ଟ୍ରିପ୍ ଖଣି ଲିଜ୍ ସୀମା ମଧ୍ୟରେ ରଖାଯିବ ଏବଂ ସୁରକ୍ଷା ଜୋନର କ୍ଷେତ୍ର 27.05.2015 ତାରିଖର ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ ମୋଟ ଖଣି ଲିଜ୍‌ର ଏକ ଅଂଶ ହେବ] ପ୍ରକଳ୍ପ ମୂଲ୍ୟରେ ଅନୁମୋଦିତ ଯୋଜନା ଅନୁଯାୟୀ ତିନି ବର୍ଷ ମଧ୍ୟରେ କରାହେବ । ଏହା ବ୍ୟତୀତ ଅବକ୍ଷୟ ହୋଇଥିବା ଅନ୍ୟ ଏକ ଜଙ୍ଗଲ ଜମିକୁ ବୃକ୍ଷରୋପଣ ପାଇଁ ଚୟନ କରାଯିବ ଯାହା ସୁରକ୍ଷା ଜୋନ୍ ଅନ୍ତର୍ଗତ ଅଞ୍ଚଳର ଦେଢ଼ଗୁଣ ମାପ ହେବ ଏବଂ ପ୍ରକଳ୍ପ ମୂଲ୍ୟରେ ମଧ୍ୟ କରାଯିବ । ଅବକ୍ଷୟ ହୋଇଥିବା ଏହି ଜଙ୍ଗଲ ଜମିର ଅବସ୍ଥିତିକୁ ଏହାର SHAPE ଫାଇଲ ସହିତ MoEF & CCକୁ ସୂଚନା ଦିଆଯିବ ଏବଂ ଏଠାରେ ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନ ତାରିଖଠାରୁ ତିନି ବର୍ଷ ମଧ୍ୟରେ ବୃକ୍ଷରୋପଣ କରାଯିବ ।
XXI. ଏହି ଅନୁମୋଦନ ଅନୁଯାୟୀ ଉକ୍ତ ଜଙ୍ଗଲ ଜମିର ରୂପାନ୍ତରଣ ସମୟ ସର୍ବାଧିକ 20 ବର୍ଷ ହେବ ।
XXII. ଉପଭୋକ୍ତା ସଂସ୍ଥା ଆବଶ୍ୟକତା ଅନୁସାରେ ପରିବେଶ (ସୁରକ୍ଷା) ଅଧିନିୟମ, 1986ରେ ବ୍ୟବସ୍ଥା ଅନୁଯାୟୀ ପରିବେଶ ମଞ୍ଜୁରୀ ଲାଭ କରିବେ ।
XXIII. ଜଙ୍ଗଲ ଜମିରେ କୌଣସି ଶ୍ରମ ଶିବିର ପ୍ରତିଷ୍ଠା କରାଯାଇପାରିବ ନାହିଁ ;
XXIV. ଉପଭୋକ୍ତା ସଂସ୍ଥା ଉକ୍ତ ସ୍ଥାନରେ କାର୍ଯ୍ୟ କରୁଥିବା ଶ୍ରମିକ ଏବଂ କର୍ମଚାରୀଙ୍କ ଇନ୍ଧନ ପାଇଁ ବିକଳ୍ପ ଇନ୍ଧନର ବ୍ୟବସ୍ଥା କରିବେ ଯାହା ଦ୍ୱାରା ନିକଟବର୍ତ୍ତୀ ଜଙ୍ଗଲ ଅଞ୍ଚଳ କୌଣସି କ୍ଷତିଗ୍ରସ୍ତ ହେବନାହିଁ ଏବଂ ଏହା ଚାପମୁକ୍ତ ରହିବ ;
XXV. ପ୍ରଯୁଜ୍ୟତା ଅନୁଯାୟୀ ରୂପାନ୍ତରିତ ଜଙ୍ଗଲ ଜମି, ଖଣି ଲିଜ୍ ଅଞ୍ଚଳ ଏବଂ ସୁରକ୍ଷା ବଳୟର ସୀମା ନିର୍ଦ୍ଧାରଣ ପାଇଁ ପ୍ରକଳ୍ପ ମୂଲ୍ୟରେ ଚାରି ଫୁଟ ଉଚ୍ଚ ସଶକ୍ତ ସିମେଣ୍ଟ କଂକ୍ରିଟ୍ ସ୍ତମ୍ଭକୁ ଭୂମିରେ ସ୍ଥାପିତ କରାଯିବ ଓ ପ୍ରତ୍ୟେକଟି ସ୍ତମ୍ଭରେ ଏହାର କ୍ରମିକ ସଂଖ୍ୟା ସହିତ ସ୍ତମ୍ଭଠାରୁ ସ୍ତମ୍ଭର ଦୂରତା ଏବଂ GPS ସୂଚକାଙ୍କକୁ ଚିହ୍ନଟ କରାଯିବ ।
XXVI. ଅନୁମୋଦିତ ଖଣି ଯୋଜନା (Mining Plan) ଅନୁଯାୟୀ ଖଣି ଓ ଏକକାଳୀନ ପୁନରୁଦ୍ଧାର କାର୍ଯ୍ୟ ପ୍ରଥମ ବର୍ଷରୁ କାର୍ଯ୍ୟକାରୀ କରିବେ ଓ ଏହାର କାର୍ଯ୍ୟକାରିତା ସମ୍ବନ୍ଧୀୟ ବାର୍ଷିକ ବିବରଣୀ ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, 1980 ଅନୁଯାୟୀ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିବା ନୋଡାଲ ଅଧିକାରୀ ଏବଂ ଆଞ୍ଚଳିକ କାର୍ଯ୍ୟାଳୟରେ ଦାଖଲ କରିବେ । ବାର୍ଷିକ ବିବରଣୀରୁ ଯଦି ଏହା ଜାଣିବାକୁ ମିଳେ ଯେ ଏକକାଳୀନ ପୁନରୁଦ୍ଧାର ଯୋଜନାରେ ଦର୍ଶାଯାଇଥିବା କାର୍ଯ୍ୟକଳାପଗୁଡ଼ିକ ଉପଭୋକ୍ତା ସଂସ୍ଥା ଦ୍ୱାରା ସଠିକ ଭାବେ କାର୍ଯ୍ୟକାରୀ କରାଯାଉନାହିଁ ତେବେ ସମ୍ପୃକ୍ତ ନୋଡାଲ ଅଫିସର କିମ୍ବା ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦ୍ରୀୟ) ଖଣି କାର୍ଯ୍ୟକୁ ସେହି ସମୟ ପର୍ଯ୍ୟନ୍ତ ସ୍ଥଗତି ରଖିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି, ଯେଉଁ ପର୍ଯ୍ୟନ୍ତ ପୁନରୁଦ୍ଧାର କାର୍ଯ୍ୟ ସନ୍ତୋଷଜନକ ଭାବରେ କାର୍ଯ୍ୟକାରୀ ହୋଇନାହିଁ ;
XXVII. କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମୋଦନ ବିନା ଖଣି ଯୋଜନା (Mining Plan)/ପ୍ରସ୍ତାବର ବିନ୍ୟାସ ପରିବର୍ତ୍ତନ ହେବ ନାହିଁ ;
XXVIII. ପ୍ରସ୍ତାବରେ ଉଲ୍ଲେଖ କରାଯାଇଥିବା ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟରେ ଜଙ୍ଗଲ ଜମିର ବ୍ୟବହାର କରାଯିବ ନାହିଁ ;
XXIX. କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମୋଦନ ବିନା ରୂପାନ୍ତରଣ ପାଇଁ ପ୍ରସ୍ତାବିତ ଜଙ୍ଗଲ ଜମିକୁ କୌଣସି ପରିସ୍ଥିତିରେ ଅନ୍ୟ କୌଣସି ସଂସ୍ଥା, ବିଭାଗ କିମ୍ବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯାଇପାରିବ ନାହିଁ ;
XXX. ସଂଲଗ୍ନ ଅଞ୍ଚଳର ଉଦ୍ଭିଦ ଏବଂ ଜୀବଜନ୍ତୁଙ୍କର କୌଣସି କ୍ଷତି କରାଯିବ ନାହିଁ ;
XXXI. ରୂପାନ୍ତରଣ ହେବାକୁ ଥିବା ଜଙ୍ଗଲ ଜମି ପାଇଁ ରାଜ୍ୟ ସରକାର ଅନୁସୂଚିତ ଜନଜାତି ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାରର ସ୍ୱୀକୃତି) ଆଇନ, 2006 (ଯଦି କାର୍ଯ୍ୟକାରୀ ହୁଏ) ଅନୁଯାୟୀ ସେମାନଙ୍କ ଅଧିକାରର ଫଇସଲା କରିବେ ଏବଂ ଏହି ମନ୍ତ୍ରଣାଳୟର ଚିଠି ସଂଖ୍ୟା 11-9/1998-FC (pt.) ତା: 03.08.2009 ଏବଂ ତା: 05.07.2013 ଦ୍ୱାରା ଦର୍ଶାଯାଇଥିବା ନିୟମ ଅନୁସାରେ ଏହାର ଲିଖିତ ପ୍ରମାଣକୁ ପଠାଇବେ ।
XXXII. ଉପଭୋକ୍ତା ସଂସ୍ଥା ଏହାର ଖଣି ଲିଜ୍ ସୀମାଠାରୁ ପାଞ୍ଚ କିଲୋମିଟର ଦୂରତାରେ ଅବସ୍ଥିତ ଥିବା ଗ୍ରାମ ପୋଖରୀ ଏବଂ ଅନ୍ୟାନ୍ୟ ଜଳାଶୟ ସମୂହର ଜିପିଏସ୍ ସୂଚକାଙ୍କ ସହିତ ଏକ ତାଲିକା ପ୍ରସ୍ତୁତ କରିବେ । ଏହି ତାଲିକାକୁ ବିଭାଗୀୟ ଖଣ୍ଡୀୟ ବନ ଅଧିକାରୀ (DFO)ଙ୍କ ଦ୍ୱାରା ଯଥାର୍ଥ ଭାବରେ ଯାଞ୍ଚ କରାଯିବ । ଉପଭୋକ୍ତା ସଂସ୍ଥା ଏହି ଗ୍ରାମ ପୋଖରୀ ଏବଂ ଜଳାଶୟଗୁଡ଼ିକର ପଙ୍କର ପ୍ରଭାବ ହ୍ରାସ କରିବା ନିମନ୍ତେ ନିୟମିତ ଭାବରେ ପଙ୍କ ଉଦ୍ଧାର କାର୍ଯ୍ୟକ୍ରମ ହାତକୁ ନେବେ । ଜଙ୍ଗଲ ବିଭାଗ ସହ ପରାମର୍ଶ କରି ଚିହ୍ନଟ ପୋଖରୀ ଏବଂ ଜଳାଶୟଗୁଡ଼ିକର ପଙ୍କ ଉଦ୍ଧାର ନିମନ୍ତେ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରାହେବ ଏବଂ ଏହାକୁ ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନ ପୂର୍ବରୁ MoEF & CCଙ୍କ ପାଖରେ ଦାଖଲ କରାଯିବ ;
XXXIII. ଉପଭୋକ୍ତା ସଂସ୍ଥା ଉପରୋକ୍ତ ସର୍ତ୍ତ ଅନୁଯାୟୀ ବାର୍ଷିକ ସ୍ୱୟଂ ଅନୁପାଳନ ବିବରଣୀକୁ ରାଜ୍ୟ ସରକାର ସମ୍ପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ଏହି ମନ୍ତ୍ରଣାଳୟକୁ ପ୍ରତିବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଦାଖଲ କରିବେ ;
XXXIV. ଜଙ୍ଗଲ ଏବଂ ବନ୍ୟଜନ୍ତୁ ସଂରକ୍ଷଣ, ସୁରକ୍ଷା ଏବଂ ବିକାଶର ସ୍ୱାର୍ଥ ରକ୍ଷା ପାଇଁ ଅନ୍ୟ କୌଣସି ସର୍ତ୍ତକୁ ଏହି ମନ୍ତ୍ରଣାଳୟର ଆଞ୍ଚଳିକ କାର୍ଯ୍ୟାଳୟ ସମୟ ସମୟରେ ଧାର୍ଯ୍ୟ କରିପାରେ ; ଏବଂ
XXXV. ଉପଭୋକ୍ତା ସଂସ୍ଥା ଏହି ପ୍ରକଳ୍ପ ସମ୍ବନ୍ଧୀୟ ବଳବତ୍ତର ଥିବା ସମସ୍ତ କାର୍ଯ୍ୟ, ନିୟମ, ନିୟମାବଳୀ, ଗାଇଡଲାଇନ, NGT କୋର୍ଟ ଅର୍ଡର ଏବଂ ମାନ୍ୟବର କୋର୍ଟ ଅର୍ଡର(ଗୁଡ଼ିକ) ପାଳନ କରିବେ ;

ଓଡ଼ିଶା ରାଜ୍ୟ ସରକାରଙ୍କଠାରୁ ଉପରୋକ୍ତ ଅନୁଚ୍ଛେଦ-2ରେ ଧାର୍ଯ୍ୟ କରାଯାଇଥିବା ସର୍ତ୍ତଗୁଡ଼ିକର ଅନୁପାଳନ ବିଷୟରେ ରିପୋର୍ଟ ପାଇବା ପରେ ଭାରତୀୟ ବିରଳ ମୃତ୍ତିକା ସଂସ୍ଥାର ଓଡ଼ିଶାର ସ୍ୟାଣ୍ଡ କମ୍ପ୍ଲେକ୍ସ (ଓସ୍କମ୍) ଅଧୀନସ୍ଥ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଛତ୍ରପୁର ତହସିଲରେ ଥିବା ୨୪୬୪.୦୫୪ ହେକ୍ଟର ପରିମିତ ଖଣି ଲିଜ୍ ଅନ୍ତର୍ଭୁକ୍ତ ମୌଜା ହୁମୁରିବଣ, ଅଗସ୍ତିନୂଆଗାଁ ଓ ଅର୍ଜିପଲ୍ଲୀରେ ସୁରକ୍ଷା ଜୋନ୍ (Safety Zone) ରେ ଥିବା ୫.୬୬୦ ହେକ୍ଟର ଡିଏଲ୍‌ସି ଜଙ୍ଗଲ ଜମି ସମେତ ୧୫୭.୭୦୨ ହେକ୍ଟର ଡିଏଲ୍‌ସି ଜଙ୍ଗଲ ଜମିରୁ ଖଣିଜ ପଦାର୍ଥ ଖନନ ତଥା ବେଳାଭୂମି ବାଲୁକାରେ ଥିବା ଇଲମେନାଇଟ୍, ରୁଟାଇଲ୍, ଜିରକନ, ସିଲିମେନାଇଟ୍, ଗାର୍ନେଟ ଓ ମୋନାଜାଇଟ୍ ଭଳି ଭାରୀ ଖଣିଜ ପଦାର୍ଥର ପୃଥକୀକରଣ ନିମନ୍ତେ ଜଙ୍ଗଲ ରୂପାନ୍ତରଣ (Forest Diversion) ପ୍ରସ୍ତାବର ଚୂଡ଼ାନ୍ତ/ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନକୁ ଏହି ମନ୍ତ୍ରଣାଳୟ ଦ୍ୱାରା ବିଚାର କରାଯିବ ।

ଆପଣଙ୍କର ବିଶ୍ୱସ୍ତ,
(ସନ୍ଦୀପ ଶର୍ମା)
ସହକାରୀ ଇନ୍ସପେକ୍ଟର ଜେନେରାଲ୍ ଫରେଷ୍ଟ (ଏଫ୍.ସି.)

## ଚୂଡ଼ାନ୍ତ ପର୍ଯ୍ୟାୟ (Stage-II) ଅନୁମୋଦନ ପତ୍ର

File No. 8-15/2018-FC
ଭାରତ ସରକାର
ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଜଙ୍ଗଲ ସଂରକ୍ଷଣ ବିଭାଗ)

ଇନ୍ଦିରା ପର୍ଯ୍ୟାବରଣ ଭବନ
ଆଲିଗଞ୍ଜ, ଜୋରବ୍ୟାଗ୍ ରୋଡ୍, ନୂଆଦିଲ୍ଲୀ-110003
**ତାରିଖ: 15 ଡିସେମ୍ବର, 2022**

ପ୍ରାପ୍ତେଷୁ
ଅତିରିକ୍ତ ମୁଖ୍ୟ ସଚିବ (ଜଙ୍ଗଲ),
ଓଡ଼ିଶା ସରକାର,
ଭୁବନେଶ୍ୱର

**ବିଷୟ: ଭାରତୀୟ ବିରଳ ମୃତ୍ତିକା ସଂସ୍ଥାର ଓଡ଼ିଶା ସ୍ୟାଣ୍ଡ କମ୍ପ୍ଲେକ୍ସ (ଓସ୍କମ) ଅଧୀନରେ ଥିବା ୨୪୬୪.୦୫୪ ହେକ୍ଟର ପରିମିତ ଖଣି ଲିଜ୍ ଅନ୍ତର୍ଭୁକ୍ତ ମୌଜା: ହୁମୁରିବଣ, ଅଗସ୍ତି ନୂଆଗାଁ ଓ ଅର୍ଜିପଲ୍ଲୀରେ ସୁରକ୍ଷା ଜୋନ (Safety Zone)ରେ ଥିବା ୫.୬୬୦ ହେକ୍ଟର ଡିଏଲ୍‌ସି ଜଙ୍ଗଲ ଜମି ସମେତ ୧୫୭.୭୦୨ ହେକ୍ଟର ଡିଏଲସି ଜଙ୍ଗଲ ଜମିକୁ ଅଣବନୀୟ ବ୍ୟବହାର ଯଥା ଖଣିଜ ପଦାର୍ଥ ଖନନ ତଥା ବେଳାଭୂମି ବାଲୁକାରେ ଥିବା ଇଲମେନାଇଟ୍, ରୁଟାଇଲ୍, ଜିରକନ, ସିଲିମେନାଇଟ୍, ଗାର୍ନେଟ ଓ ମୋନାଜାଇଟ ଭଳି ଭାରି ଖଣିଜ ପଦାର୍ଥର ପୃଥକୀକରଣ ନିମନ୍ତେ ପ୍ରସ୍ତାବ ।**

ମହାଶୟ,

ମୋତେ ଉପରୋକ୍ତ ବିଷୟ ଉପରେ ରାଜ୍ୟ ସରକାରଙ୍କ ଚିଠି ନମ୍ବର 10F (Cons) 7/2018/6146 / F & E, ତା:16.03.2018 ମାଧ୍ୟମରେ ଜଙ୍ଗଲ (ସଂରକ୍ଷଣ) ଅଧିନିୟମ 1980ର ଧାରା – ୨ ଅନୁଯାୟୀ କେନ୍ଦ୍ର ସରକାରଙ୍କଠାରୁ ଲୋଡ଼ାଯାଇଥିବା ପୂର୍ବ ଅନୁମୋଦନ ପ୍ରସଙ୍ଗରେ ସୂଚନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରସ୍ତାବଟିକୁ ଜଙ୍ଗଲ ସଂରକ୍ଷଣ ଅଧିନିୟମ ୧୯୮୦ (Forest Conservation Act, 1980)ର ଧାରା-୩ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ବନ ପରାମର୍ଶଦାତା କମିଟି ଦ୍ୱାରା ଯତ୍ନ ସହ ଯାଞ୍ଚ କଲାପରେ କିଛି ସର୍ତ୍ତର ଅନୁପାଳନ ଆଧାରରେ ଏହି ମନ୍ତ୍ରଣାଳୟର ଯୁଗ୍ମ ଚିଠି ସଂଖ୍ୟା ତା୧୮।୧୦।୨୦୧୮ ମାଧ୍ୟମରେ ନୀତିଗତ ଅନୁମୋଦନରେ ଧାର୍ଯ୍ୟ କରାଯାଇଥିବା ସର୍ତ୍ତଗୁଡ଼ିକ ଉପରେ ରାଜ୍ୟ ସରକାର ଅନୁପାଳନ ରିପୋର୍ଟ ପ୍ରଦାନ କରିଛନ୍ତି ଏବଂ ଚୂଡ଼ାନ୍ତ ଅନୁମୋଦନ ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।

ଏହି ସମ୍ପର୍କରେ ମୋତେ ସୂଚନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ଯେ, ରାଜ୍ୟ ସରକାରଙ୍କ ଚିଠି ସଂଖ୍ୟା 6781/9F(MG)-334/2012, ତା: 23.03.2022, ଚିଠି ସଂଖ୍ୟା 14200/9F(MG)-334/2012, ତା: 20.07.2022 ଏବଂ ଚିଠି ସଂଖ୍ୟା 22514/9F(MG)-334/2012 ତା: 05.11.2022 ଜରିଆରେ ଦାଖଲ କରିଥିବା ଅନୁପାଳନ ରିପୋର୍ଟକୁ ଆଧାର କରି ଜଙ୍ଗଲ (ସଂରକ୍ଷଣ) ଅଧିନିୟମ ୧୯୮୦ର ଧାରା-୨ ଅନୁଯାୟୀ ଭାରତୀୟ ବିରଳ ମୃତ୍ତିକା ସଂସ୍ଥାର ଓଡ଼ିଶା ସ୍ୟାଣ୍ଡସ୍ କମ୍ପ୍ଲେକ୍ସ (ଓସ୍କମ୍) ଅଧୀନରେ ଥିବା ୨୪୬୪.୦୫୪ ହେକ୍ଟର ପରିମିତ ଖଣି ଲିଜ୍ ଅନ୍ତର୍ଭୁକ୍ତ ମୌଜା: ହୁମୁରିବଣ, ଅଗସ୍ତିନୂଆଗାଁ ଓ ଅର୍ଜିପଲ୍ଲୀରେ ସୁରକ୍ଷା ଜୋନ (Safety Zone)ରେ ଥିବା ୫.୬୬୦ ହେକ୍ଟର ଡିଏଲସି ଜଙ୍ଗଲ ଜମି ସମେତ ୧୫୭.୭୦୨ ହେକ୍ଟର ଡିଏଲସି ଜଙ୍ଗଲ ଜମିକୁ ଅଣବନୀୟ ବ୍ୟବହାର ଯଥା ଖଣିଜ ପଦାର୍ଥ ଖନନ ତଥା ବେଳାଭୂମି ବାଲୁକାରେ ଥିବା ଇଲମେନାଇଟ୍, ରୁଟାଇଲ୍, ଜିରକନ, ସିଲିମେନାଇଟ୍, ଗାର୍ନେଟ ଓ ମୋନାଜାଇଟ ଭଳି ଭାରୀ ଖଣିଜ ପଦାର୍ଥର ପୃଥକୀକରଣ ନିମନ୍ତେ ନିମ୍ନଲିଖିତ ସର୍ତ୍ତ ପାଳନ ଭିତ୍ତିରେ ଚୂଡ଼ାନ୍ତ ଅନୁମୋଦନ ପ୍ରଦାନ କରାଯାଉଛି ;

**XXXVI. ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ଜଙ୍ଗଲ ଜମି ହସ୍ତାନ୍ତର ପୂର୍ବରୁ ଆବଶ୍ୟକୀୟ ସର୍ତ୍ତାବଳୀ**

1. ଉପଭୋକ୍ତା ସଂସ୍ଥା (User Agency)କୁ ଜଙ୍ଗଲ ଜମି ହସ୍ତାନ୍ତର ପୂର୍ବରୁ ରୂପାନ୍ତରିତ ଜଙ୍ଗଲ ଜମି, CA ପାଇଁ ଉଦ୍ଦିଷ୍ଟ କ୍ଷେତ୍ର SMC କ୍ଷେତ୍ର ଓ WLMP କ୍ଷେତ୍ର ଗୁଡ଼ିକର କେ.ଏମ୍.ଏଲ. ଫାଇଲକୁ ଆବଶ୍ୟକୀୟ ବିବରଣୀ ସହ ଇ-ଗ୍ରୀନ ୱାଚ ପୋର୍ଟାଲରେ ଅପଲୋଡ଼ ହେବ।

**XXXVII. ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ଜଙ୍ଗଲ ଜମି ହସ୍ତାନ୍ତର ପରବର୍ତ୍ତୀ ସର୍ତ୍ତାବଳୀ ସମୂହ**

1. ରୂପାନ୍ତରିତ ଜଙ୍ଗଲ ଜମିର ଆଇନଗତ ସ୍ଥିତି ଅପରିବର୍ତ୍ତିତ ରହିବ
2. ଜଙ୍ଗଲ ଜମିର ରୂପାନ୍ତରଣ (Diversion)ଟି CRZ ମଞ୍ଜୁରୀ (ଯଦି ପ୍ରଯୁଜ୍ୟ ହୁଏ) ଉପରେ ନିର୍ଭରଶୀଳ ହେବ
3. କ୍ଷତି ଭରଣା ବୃକ୍ଷରୋପଣ (Compensatory Afforestation)
   i. ରାଜ୍ୟ ଜଙ୍ଗଲ ବିଭାଗ, ୩୨୦ ହେକ୍ଟର (ଯାହାକି ରୂପାନ୍ତରିତ ଜଙ୍ଗଲ ଜମିର ଦୁଇଗୁଣ) ଅବକ୍ଷୟ ହେଇଥିବା ଜଙ୍ଗଲ ଜମିରେ କ୍ଷତି ଭରଣା ବୃକ୍ଷରୋପଣ କରିବେ।
   ii. ଅନୁମୋଦନ ଅନୁଯାୟୀ କ୍ଷତି ଭରଣା ବୃକ୍ଷରୋପଣ ଯୋଜନା ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବ। CAର ରକ୍ଷଣାବେକ୍ଷଣ ୧୦ ବର୍ଷ ପାଇଁ କରାଯିବ ଏବଂ CA ଯୋଜନାରେ ଅନ୍ତର୍ଭୁକ୍ତ କାର୍ଯ୍ୟ ପାଇଁ ପରବର୍ତ୍ତୀ ବର୍ଷ ଗୁଡ଼ିକରେ ଆସିବାକୁଥିବା ଆନୁମାନିକ ମୂଲ୍ୟ ବୃଦ୍ଧିକୁ ଆଖି ଆଗରେ ରଖି ଏହି ଯୋଜନାରେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯିବା ସହିତ ସ୍ୱଦେଶୀ ପ୍ରଜାତିର ବୃକ୍ଷରୋପଣ କରାଯିବ।
   iii. ରାଜ୍ୟ ସରକାରଙ୍କ ଦ୍ୱାରା ଅବକ୍ଷୟ ଜଙ୍ଗଲ ଜମିରେ ଭରଣା ବୃକ୍ଷରୋପଣକୁ ଦ୍ୱିତୀୟ ପର୍ଯ୍ୟାୟ (Stage-II) ମଞ୍ଜୁରୀର ୩ ବର୍ଷ ମଧ୍ୟରେ ପ୍ରକଳ୍ପ ମୂଲ୍ୟରେ କରାଯିବ।
   iv. ପ୍ରସ୍ତାବିତ କ୍ଷତିଭରଣା ଜମି (Compensatory Land) ମୟୂର ଏବଂ ଝାଡ଼ିରେ ବାସ କରୁଥିବା ଅନ୍ୟାନ୍ୟ ପ୍ରଜାତିଗୁଡ଼ିକର ପ୍ରାକୃତିକ ବାସସ୍ଥାନ ବୋଲି ଜଣାପଡ଼ିଛି, ସେହି ଅନୁଯାୟୀ ମାତ୍ରାଧିକ ବୃକ୍ଷରୋପଣ ନ କରାଯାଇ, କଣ୍ଟା ଓ ବୁଦା ଜାତୀୟ ଉଦ୍ଭିଦ ବିଦ୍ୟମାନ ଥିବା ପରିବେଶର ରକ୍ଷଣାବେକ୍ଷଣ କରାଯିବ ଉଚିତ୍। ତତ୍ ସହିତ କ୍ଷୁଦ୍ର ଜଳାଶୟ ସୃଷ୍ଟି କରାଯାଇ ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣକୁ ମୁଖ୍ୟ ଧ୍ୟାନ ଦିଆଯିବା ଉଚିତ୍ ଏବଂ ବୃକ୍ଷରୋପଣ ମଧ୍ୟ ସୀମିତ ଏବଂ କେବଳ ସ୍ଥାନୀୟ କଣ୍ଟା ଓ ଫଳ ଉତ୍ପାଦନକାରୀ ପ୍ରଜାତି ମଧ୍ୟରେ ସୀମିତ ରଖାଯିବ।
4. ଏନ୍‌ପିଭି (NPV)
   i. ରିଟ୍ ପିଟିସନ (ସିଭିଲ) ନଂ. 202/1995 ଉପରେ ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ତା୨୮।୦୩।୨୦୦୮, ୨୪।୦୪।୨୦୦୮ ଏବଂ ୦୯।୦୫।୨୦୦୮ ତଥା ଚିଠି ସଂଖ୍ୟା 5-3/2007-FC, ତା:୦୫।୦୨।୨୦୦୯ ମାଧ୍ୟମରେ ଏହି ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ରାଜ୍ୟ ସରକାର ଉପଭୋକ୍ତା ସଂସ୍ଥାଠାରୁ ରାଜ୍ୟର ଅନଲାଇନ୍ ପୋର୍ଟାଲ କାମ୍ପା (CAMPA) ଏକାଉଣ୍ଟ ଜରିଆରେ ରୂପାନ୍ତରିତ ଜଙ୍ଗଲ ଜମିର ନେଟ ପ୍ରେଜେଣ୍ଟ ଭ୍ୟାଲୁ (ଏନପିଭି) ଆଦାୟ କରିଛନ୍ତି। ଏନପିଭି (NPV) ଯଦି କିଛି ବକେୟା ରହେ ତେବେ ଏହାକୁ ମନ୍ତ୍ରଣାଳୟର ଉଚିତ୍ ନିର୍ଦ୍ଦେଶ ଅନୁଯାୟୀ ଭବିଷ୍ୟତରେ ଆଦାୟ କରାଯିବ।
   ii. ନେଟ୍ ପ୍ରେଜେଣ୍ଟ୍ ଭାଲ୍ୟୁ (NPV) ଦେୟ ସମୟରେ ଉପଭୋକ୍ତା ସଂସ୍ଥା ମାନ୍ୟବର ସୁପ୍ରିମକୋର୍ଟଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଅନୁଯାୟୀ ଅତିରିକ୍ତ ପରିମାଣର NPV (ଯଦି କିଛି ଆସେ) ପ୍ରଦାନ କରିବାକୁ ଏକ ପ୍ରତିଶ୍ରୁତି ପ୍ରଦାନ କରିବେ।
5. ବିସ୍ତୃତ ପ୍ରକଳ୍ପ ଅଧୀନରେ ଭବିଷ୍ୟତରେ ଯଦି କୌଣସି କ୍ଷତିପୂରଣ ଶୁଳ୍କ ପ୍ରଦାନ କରିବାକୁ ପଡ଼େ ତେବେ ଏହାକୁ ଇ-ପୋର୍ଟାଲ (http://parivesh.nic.in) ମାଧ୍ୟମରେ ସମ୍ପୃକ୍ତ ରାଜ୍ୟର CAMPA ଏକାଉଣ୍ଟକୁ ଇ-ଚାଲାଣ ଜରିଆରେ ସ୍ଥାନାନ୍ତର/ଜମା କରାଯିବ।
6. ଉପଭୋକ୍ତା ସଂସ୍ଥା (User Agency)ର କାର୍ଯ୍ୟ ପ୍ରଣାଳୀ ସମୁଦ୍ର କୂଳର ଜମି ଖନନ ଅନ୍ତର୍ଭୁକ୍ତ ଅଟେ, ଯାହା ବିଲୁପ୍ତ ଅଲିଭ୍ ରିଡ୍‌ଲେ କଇଁଛଙ୍କ ବସା ପାଇଁ ସ୍ଥାନ ଅଟେ। ସମୁଦ୍ର କୂଳରେ 52 କିଲୋମିଟର ଲମ୍ବ ବସା ବାନ୍ଧୁଥିବା ସ୍ଥାନ ହୋଇଥିବାବେଳେ ରଷିକୁଲ୍ୟା ନଦୀର ଉଭୟ ପାର୍ଶ୍ୱରେ ବଡ଼ ବାଲୁକା ଶଯ୍ୟା ବିଶିଷ୍ଟ 5 କିଲୋମିଟର ସମୁଦ୍ର ତଟଟି ବହୁଳ ବସା ବାନ୍ଧିବା ସ୍ଥାନ ଅଟେ ଏବଂ ଅନ୍ୟ ଅଞ୍ଚଳଗୁଡ଼ିକ ଠାଏ ଠାଏ ବସା ବାନ୍ଧିବା ସ୍ଥାନ ଅଟେ। ତେଣୁ ଏହି 5 କିଲୋମିଟର (ରଷିକୁଲ୍ୟା ନଦୀ ମୁହାଣର ଉଭୟ ପାର୍ଶ୍ୱରେ 2.5 କିଲୋମିଟର) ଅଞ୍ଚଳଟିକୁ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ, ଓଡ଼ିଶାଙ୍କ ଦ୍ୱାରା ଅନୁମୋଦିତ ଯୋଜନା ଅନୁଯାୟୀ ସଠିକ୍ ଭାବରେ ସଂରକ୍ଷଣ କରାଯିବ।
7. ରାଜ୍ୟ ସରକାର ନିଶ୍ଚିତ କରିବେ ଯେ ଉପଭୋକ୍ତା ସଂସ୍ଥା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ଏବଂ କାର୍ଯ୍ୟାନ୍ୱୟନ ପୂର୍ବରୁ ଜାତୀୟ R&R ନୀତି, ଭାରତ ସରକାରଙ୍କ ସହ ଅନୁରୂପ ରାଜ୍ୟ ସରକାରଙ୍କ R&R ନୀତି ଅନୁଯାୟୀ R&R ଯୋଜନା ପ୍ରସ୍ତୁତ କରିବେ। ଉକ୍ତ R&R ଯୋଜନାକୁ ରାଜ୍ୟ ସରକାର/MoEF & CCର ଆଞ୍ଚଳିକ ଅଧିକାରୀଙ୍କ ଦ୍ୱାରା ତଦାରଖ କରାଯିବା ସହ୍ୱେ ତଦାରଖ ଓ ପର୍ଯ୍ୟବେକ୍ଷଣ ଯୋଗ୍ୟ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁଗୁଡ଼ିକୁ ସୂଚିତ କରାଯିବ।
8. ସୁରକ୍ଷା ଜୋନ୍ କ୍ଷେତ୍ରର ତାରବାଡ଼ ଘେରାଉ, ସୁରକ୍ଷା ଏବଂ ପୁନଃ ନିର୍ମାଣ କାର୍ଯ୍ୟ [7.5 ମିଟର ଷ୍ଟ୍ରିପ ଖଣି ଲିଜ୍ ସୀମା ମଧ୍ୟରେ ରଖାଯିବ ଏବଂ ସୁରକ୍ଷା ଜୋନର କ୍ଷେତ୍ର 27.05.2015 ତାରିଖର ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ ମୋଟ ଖଣି ଲିଜ୍‌ର ଏକ ଅଂଶ ହେବ] ପ୍ରକଳ୍ପ ମୂଲ୍ୟରେ ଅନୁମୋଦିତ ଯୋଜନା ଅନୁଯାୟୀ ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନର ତିନି ବର୍ଷ ମଧ୍ୟରେ କରାହେବାକୁ ରାଜ୍ୟ ସରକାର ସୁନିଶ୍ଚିତ କରିବେ।
9. ସୁରକ୍ଷା ବଳୟ ପରିଚାଳନା (Safety Zone Management): ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ସୁରକ୍ଷା ବଳୟର ପରିଚାଳନା ପାଇଁ ନିମ୍ନଲିଖିତ କାର୍ଯ୍ୟକଳାପଗୁଡ଼ିକ ଉପଭୋକ୍ତା ସଂସ୍ଥା ଦ୍ୱାରା ପ୍ରକଳ୍ପ ମୂଲ୍ୟରେ କରାଯିବ।
   i. ଉପଭୋକ୍ତା ସଂସ୍ଥା ସୁରକ୍ଷା ବଳୟ (ଯାହାକି ଖଣି ଲିଜ୍ ପରିସୀମାର ଭିତର ପଟର ୭.୫ ମିଟର ଷ୍ଟ୍ରିପ)ର ସୀମା ନିର୍ଦ୍ଧାରଣ, ବାଡ଼ ଘେରେଇ, ସୁରକ୍ଷା ଓ ପୁନଃ ନିର୍ମାଣ ନିଶ୍ଚିତ କରିବା ପାଇଁ ଭୂମି ଉପରେ ୬ ଫୁଟ ଉଚ୍ଚର ଆର୍‌ସିସି ସ୍ତମ୍ଭ (ଡିଜିପିଏସ୍ ସୂଚକାଙ୍କ ଲେଖା ଥାଇ) ସ୍ଥାପନ ସହ କଣ୍ଟା ତାରବାଡ଼ ବାନ୍ଧିବା ଏବଂ ରାଜ୍ୟ ଜଙ୍ଗଲ ବିଭାଗ ତତ୍ତ୍ୱାବଧାନରେ ପର୍ଯ୍ୟାପ୍ତ ସଂଖ୍ୟକ ଜଗୁଆଳି ନିୟୋଜିତର ବ୍ୟବସ୍ଥା କରିବେ।
   ii. ଲୋକମାନଙ୍କ ବାସସ୍ଥାନ/ସଡ଼କ ସହିତ ଲାଗି ରହିଥିବା ଖଣି ଲିଜ୍ ଭିତର ସୁରକ୍ଷା ବଳୟର ସୀମାକୁ ଉପଭୋକ୍ତା ସଂସ୍ଥା ଦ୍ୱାରା ସଠିକ୍ ଭାବରେ ବାଡ଼ ବାନ୍ଧି ରଖାଯିବ।
   iii. ଖଣି ଲିଜ୍ ଚାରିପାଖେ ଥିବା ସୁରକ୍ଷା ବଳୟକୁ ସବୁଜ ବଳୟ ଭାବରେ ରକ୍ଷଣାବେକ୍ଷଣ କରାଯିବ ଏବଂ ଏହାର ଘନ ଆବରଣ ନିଶ୍ଚିତ କରିବା ପାଇଁ ଉପଭୋକ୍ତା ସଂସ୍ଥା ଦ୍ୱାରା ରାଜ୍ୟ ଜଙ୍ଗଲ ବିଭାଗର ତତ୍ତ୍ୱାବଧାନରେ ପୁନଃନିର୍ମାଣ ବ୍ୟବସ୍ଥାକୁ ହାତକୁ ନିଆଯିବ।
   iv. ରାଜ୍ୟ ଜଙ୍ଗଲ ବିଭାଗ ପର୍ଯ୍ୟବେକ୍ଷଣରେ ପ୍ରକଳ୍ପ ମୂଲ୍ୟରେ ସୁରକ୍ଷା ବଳୟ ଅଧୀନରେ ଥିବା କ୍ଷେତ୍ରର ଦେଢ଼ ଗୁଣ ଅନ୍ୟସ୍ଥାନରେ ମନୋନୀତ ହୋଇଥିବା ଅବକ୍ଷୟ ଜଙ୍ଗଲ ଜମିରେ ବୃକ୍ଷ ରୋପଣ କରାଯିବ। ଅବକ୍ଷୟ ଜଙ୍ଗଲ ଜମିକୁ MoEF & CCକୁ ଅବଗତ କରାଯିବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନ ତାରିଖଠାରୁ ତିନି ବର୍ଷ ମଧ୍ୟରେ ସେଠାରେ ବୃକ୍ଷ ରୋପଣ କରାଯିବ ଓ ରାଜ୍ୟ ଜଙ୍ଗଲ ବିଭାଗର ପରାମର୍ଶ କ୍ରମେ ଅନୁମୋଦିତ ଯୋଜନା ଅନୁଯାୟୀ ରକ୍ଷଣାବେକ୍ଷଣ କରାଯିବ।
   v. ରାଜ୍ୟ ସରକାର ଓ ଉପଭୋକ୍ତା ସଂସ୍ଥା ନିଶ୍ଚିତ କରିବେ ଯେ ନିର୍ଦ୍ଦିଷ୍ଟ ନିୟମ ଅନୁଯାୟୀ ସୁରକ୍ଷା ବଳୟର ରକ୍ଷଣାବେକ୍ଷଣ କରାଯିବ।
10. ଏହି ଅନୁମୋଦନ ଅନୁଯାୟୀ ଉକ୍ତ ଜଙ୍ଗଲ ଜମିର ରୂପାନ୍ତରଣ ଅବଧି MMDR ଅଧିନିୟମ 1957 ଅନୁଯାୟୀ ଦିଆଯାଇଥିବା ଲିଜ୍‌ର ବୈଧତା ସହ ସମାନ ରହିବ।
11. ଯଦି ଆବଶ୍ୟକ ହୁଏ ପରିବେଶ (ସୁରକ୍ଷା) ଅଧିନିୟମ 1986ରେ ବ୍ୟବସ୍ଥା ଅନୁଯାୟୀ ଉପଭୋକ୍ତା ସଂସ୍ଥା ପରିବେଶ ମଞ୍ଜୁରୀ ପ୍ରାପ୍ତ କରିବେ।
12. ଉପଭୋକ୍ତା ସଂସ୍ଥା ଉକ୍ତ ସ୍ଥାନରେ କାର୍ଯ୍ୟ କରୁଥିବା ଶ୍ରମିକ ଏବଂ କର୍ମଚାରୀଙ୍କ ଇନ୍ଧନ ପାଇଁ ବିକଳ୍ପ ଇନ୍ଧନର ବ୍ୟବସ୍ଥା କରିବେ ଯାହା ଦ୍ୱାରା ନିକଟବର୍ତ୍ତୀ ଜଙ୍ଗଲ ଅଞ୍ଚଳର କୌଣସି କ୍ଷତି ହେବ ନାହିଁ ଏବଂ ଏହା ଚାପ ମୁକ୍ତ ରହିବ ;
13. ପ୍ରଯୁଜ୍ୟତା ଅନୁଯାୟୀ ରୂପାନ୍ତରିତ ଜଙ୍ଗଲ ଜମି, ଖଣି ଲିଜ୍ ଅଞ୍ଚଳ ଏବଂ ସୁରକ୍ଷା ବଳୟର ସୀମା ନିର୍ଦ୍ଧାରଣ ପାଇଁ ପ୍ରକଳ୍ପ ମୂଲ୍ୟରେ ଚାରି ଫୁଟ ଉଚ୍ଚ ସଶକ୍ତ ସିମେଣ୍ଟ କଂକ୍ରିଟ୍ ସ୍ତମ୍ଭକୁ ଭୂମିରେ ସ୍ଥାପିତ କରାଯିବ ଓ ପ୍ରତ୍ୟେକଟି ସ୍ତମ୍ଭରେ ଏହାର କ୍ରମିକ ସଂଖ୍ୟା ସହିତ ସ୍ତମ୍ଭଠାରୁ ସ୍ତମ୍ଭର ଦୂରତା ଏବଂ GPS ସୂଚକାଙ୍କକୁ ଚିହ୍ନଟ କରାଯିବ ;
14. ଅନୁମୋଦିତ ଖଣି ଯୋଜନା (Mining Plan) ଅନୁଯାୟୀ ଖଣି ଓ ଏକକାଳୀନ ପୁନରୁଦ୍ଧାର କାର୍ଯ୍ୟ ପ୍ରଥମ ବର୍ଷରୁ କାର୍ଯ୍ୟକାରୀ କରିବେ ଓ ଏହାର କାର୍ଯ୍ୟକାରିତା ସମ୍ବନ୍ଧୀୟ ବାର୍ଷିକ ବିବରଣୀ ଜଙ୍ଗଲ (ସଂରକ୍ଷଣ) ଅଧିନିୟମ 1980 ଅନୁଯାୟୀ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିବା ନୋଡ଼ାଲ ଅଧିକାରୀ ଏବଂ ଆଞ୍ଚଳିକ କାର୍ଯ୍ୟାଳୟରେ ଦାଖଲ କରିବେ। ବାର୍ଷିକ ବିବରଣୀରୁ ଯଦି ଏହା ଜାଣିବାକୁ ମିଳେ ଯେ ଏକକାଳୀନ ପୁନରୁଦ୍ଧାର ଯୋଜନାରେ ଦର୍ଶାଯାଇଥିବା କାର୍ଯ୍ୟକଳାପଗୁଡ଼ିକ ଉପଭୋକ୍ତ ସଂସ୍ଥା ଦ୍ୱାରା ସଠିକ୍‌ଭାବେ କାର୍ଯ୍ୟକାରୀ କରାଯାଉନାହିଁ ତେବେ ସମ୍ପୃକ୍ତ ନୋଡ଼ାଲ ଅଫିସର କିମ୍ବା ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦ୍ରୀୟ) ଖଣି କାର୍ଯ୍ୟକୁ ସେହି ସମୟ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି, ଯେଉଁ ପର୍ଯ୍ୟନ୍ତ ପୁନରୁଦ୍ଧାର କାର୍ଯ୍ୟ ସନ୍ତୋଷଜନକ ଭାବରେ କାର୍ଯ୍ୟକାରୀ ହୋଇନାହିଁ ;
15. କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମୋଦନ ବିନା ଖଣି ଯୋଜନା/ପ୍ରସ୍ତାବର ବିନ୍ୟାସ ପରିବର୍ତ୍ତନ ହେବ ନାହିଁ ;
16. ରାଜ୍ୟ ସରକାର ଓ ଉପଭୋକ୍ତ ସଂସ୍ଥା ଏହାକୁ ସୁନିଶ୍ଚିତ କରିବେ ଯେ ପ୍ରସ୍ତାବରେ ଉଲ୍ଲେଖ କରାଯାଇଥିବା ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟରେ ଜଙ୍ଗଲ ଜମିର ବ୍ୟବହାର କରାଯିବ ନାହିଁ ;
17. କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମୋଦନ ବିନା ରୂପାନ୍ତରଣ ପାଇଁ ପ୍ରସ୍ତାବିତ ଜଙ୍ଗଲ ଜମିକୁ କୌଣସି ପରିସ୍ଥିତିରେ ଅନ୍ୟ କୌଣସି ସଂସ୍ଥା ବିଭାଗ କିମ୍ବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯାଇପାରିବ ନାହିଁ।
18. ସଂଲଗ୍ନ ଅଞ୍ଚଳର ଉଦ୍ଭିଦ ଏବଂ ଜୀବନଜନ୍ତୁଙ୍କର କୌଣସି କ୍ଷତି କରାଯିବ ନାହିଁ ;
19. ରୂପାନ୍ତରଣ ହେବାକୁ ଥିବା ଜଙ୍ଗଲ ଜମି ପାଇଁ ରାଜ୍ୟ ସରକାର ଅନୁସୂଚିତ ଜନଜାତି ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାରର ସ୍ୱୀକୃତି) ଆଇନ, 2006 (ଯଦି କାର୍ଯ୍ୟକାରୀ ହୁଏ) ଅନୁଯାୟୀ ସେମାନଙ୍କ ଅଧିକାରର ଫଇସଲା ସମ୍ବନ୍ଧୀୟ ତଥ୍ୟକୁ ଏହି ମନ୍ତ୍ରଣାଳୟର ଚିଠି ସଖ୍ୟା 11-9/1998-FC (pt.) ତା:03.08.2009 ଓ ପୂର୍ବ ତା:05.07.2013 ଦ୍ୱାରା ଦର୍ଶାଯାଇଥିବା ନିୟମ ଅନୁସାରେ ରାଜ୍ୟ ସରକାର ସୁନିଶ୍ଚିତ କରିବେ।
20. ପ୍ରଥମ ପର୍ଯ୍ୟାୟ ଅନୁପାଳନ ବିବରଣୀରେ ପ୍ରଦତ୍ତ ଯୋଜନା ଅନୁଯାୟୀ ଉପଭୋକ୍ତ ସଂସ୍ଥା ଏହାର ଖଣି ଲିଜ୍ ସୀମାଠାରୁ ପାଞ୍ଚ କିଲୋମିଟର ଦୂରତାରେ ଅବସ୍ଥିତ ଥିବା ଗ୍ରାମ ପୋଖରୀ ଏବଂ ଅନ୍ୟାନ୍ୟ ଜଳାଶୟ ଗୁଡ଼ିକର ପଙ୍କର ପ୍ରଭାବ ହ୍ରାସ କରିବା ନିମନ୍ତେ ନିୟମିତ ଭାବରେ ପଙ୍କ ଉଦ୍ଧାର କାର୍ଯ୍ୟକ୍ରମ ହାତକୁନେବେ।
21. ଗଛ କାଟିବା ମୂଲ୍ୟରାଶିକୁ ଉପଭୋକ୍ତା ସଂସ୍ଥା ରାଜ୍ୟ ଜଙ୍ଗଲ ବିଭାଗକୁ ପ୍ରଦାନ କରିବେ।
22. ସମ୍ପୃକ୍ତ ଖଣ୍ଡିଆ ବନାଞ୍ଚଳ ଅଧିକାରୀ (DFO)ଙ୍କ ଅନୁମୋଦିତ ମାଇନିଙ୍ଗ ପ୍ଲାନର ଆବଶ୍ୟକତା ଅନୁଯାୟୀ ଗଛଗୁଡ଼ିକୁ ପର୍ଯ୍ୟାୟ କ୍ରମେ କଟାଯିବ।
23. ଉପଭୋକ୍ତା ସଂସ୍ଥା କଟାଯିବାକୁ ଚିହ୍ନଟ କରାଯାଇଥିବା ସର୍ବାଧିକ ବୃକ୍ଷର ପୁନଃସ୍ଥାପନର ସମ୍ଭାବନା ଅନ୍ୱେଷଣା କରିବେ ଏବଂ ନିହାତି ଆବଶ୍ୟକ ସ୍ଥଳେ ହିଁ ରାଜ୍ୟ ଜଙ୍ଗଲ ବିଭାଗର କଠୋର ତତ୍ତ୍ୱାବଧାନରେ ଗଛଗୁଡ଼ିକୁ କାଟିବେ।
24. ଉପଭୋକ୍ତା ସଂସ୍ଥା ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରି ଖଣି କ୍ଷେତ୍ରରେ ପୁନଃ ଘାସ ଓ ଗଛ ରୋପଣ କରିବେ ତଥା ଅନ୍ୟାନ୍ୟ କ୍ଷେତ୍ରରେ ମାଇନିଙ୍ଗ ପାଇଁ ନଷ୍ଟ ହୋଇଥିବା ସେହି କ୍ଷେତ୍ରକୁ ପୁନଃ ସଠିକ୍ ଅବସ୍ଥା ଅର୍ଥାତ୍ ଚାରା, ଉଦ୍ଭିଦ, ଜୀବଜନ୍ତୁ ଇତ୍ୟାଦିଙ୍କ ଅଭିବୃଦ୍ଧି ପାଇଁ ଉପଯୁକ୍ତ ଅବସ୍ଥା ଫେରାଇ ଆଣିବାକୁ ପ୍ରଯତ୍ନ କରିବେ।
25. ଉପଭୋକ୍ତା ସଂସ୍ଥା ଉପରୋକ୍ତ ସର୍ତ୍ତଗୁଡ଼ିକର ବାର୍ଷିକ ସ୍ୱୟଂ ଅନୁପାଳନ ବିବରଣୀକୁ ପ୍ରତିବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ରାଜ୍ୟ ସରକାର, ସମ୍ପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ଏହି ମନ୍ତ୍ରଣାଳୟରେ ଦାଖଲ କରିବେ।
26. ଜଙ୍ଗଲ ଏବଂ ବନ୍ୟଜନ୍ତୁ ସଂରକ୍ଷଣ, ସୁରକ୍ଷା ଏବଂ ବିକାଶର ସ୍ୱାର୍ଥ ରକ୍ଷା ପାଇଁ ଅନ୍ୟ କୌଣସି ସର୍ତ୍ତକୁ ଏହି ମନ୍ତ୍ରଣାଳୟର ଆଞ୍ଚଳିକ କାର୍ଯ୍ୟାଳୟ ସମୟ ସମୟରେ ଧାର୍ଯ୍ୟ କରିପାରେ।
27. ଉପଭୋକ୍ତା ସଂସ୍ଥା ଏହି ପ୍ରକଳ୍ପ ସମ୍ବନ୍ଧୀୟ ବଳବତ୍ତର ଥିବା ସମସ୍ତ କାର୍ଯ୍ୟ, ନିୟମ, ନିୟମାବଳୀ, ଗାଇଲାଇନ୍, NGT କୋର୍ଟ ଅର୍ଡର ଏବଂ ମାନ୍ୟବର କୋର୍ଟ ଅର୍ଡର (ଗୁଡ଼ିକ) ପାଳନ କରିବେ ;

ଆପଣଙ୍କ ବିଶ୍ୱସ୍ତ
**(ପ୍ରୀତପାଲ ସିଂ)**
ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ଫରେଷ୍ଟ

cbc 48129/12/0103/2223

# ରାଜ୍ୟର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୩ ପାଳିତ



ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯାଁଆଳା ନିକଟସ୍ଥ ମିଶନ ଆଶ୍ରାରେ ରହିଥିବା ମାନସିକ ଅସୁସ୍ଥ ତଥା ନିରାଶ୍ରୟ ମହିଳାମାନଙ୍କୁ ଆବଶ୍ୟକ ଉପକରଣ ବଣ୍ଟନ କରାଯାଇଥିଲା।



ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଅନ୍ତର୍ଜାର୍ତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ୟାଙ୍କର ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ମହିଳା କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା।



ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଓଡ଼ିଶା ଏଫ୍‌ସି ପକ୍ଷରୁ ସ୍ଥାନୀୟ ଜେଡ୍ ୱାନ୍ ଆପାର୍ଟମେଣ୍ଟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଫୁଟ୍‌ସାଲ'ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଗ୍ରହୀ ମହିଳା କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ସହ ସମ୍ମାନିତ କରାଯାଇଛି।



ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ ଲିମିଟେଡ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଡିଜିଟାଲ, ଇନୋଭେଶନ ଆଣ୍ଡ ଟେକ୍ନୋଲୋଜି ଫର୍ ଜେଣ୍ଡର ଇକ୍ୱାଲିଟି' ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।



ଶିକ୍ଷା ଓ ଅନୁସନ୍ଧାନ(ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ବିଶ୍ୱବିଦ୍ୟାଳୟ କର୍ମଚାରୀମାନେ କେକ୍ କାଟି ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରୁଛନ୍ତି।




ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପିଏନ୍‌ବିର ନୂଆଦିଲ୍ଲୀସ୍ଥିତ ଦ୍ୱାରକାଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ବ୍ୟାଙ୍କର ଅଭିବୃଦ୍ଧିରେ ମହିଳା କର୍ମଚାରୀଙ୍କ ଭୂମିକା ଏବଂ କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମାନତା' ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

## କେୟାର ହସ୍ପିଟାଲ ପକ୍ଷରୁ ବିଶ୍ୱ କିଡ୍‌ନୀ ଦିବସ




ଭୁବନେଶ୍ୱର,୯।୩

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ କେୟାର ହସ୍ପିଟାଲ ଭୁବନେଶ୍ୱର ୟୁନିଟ୍ ପରିସରରେ ବିଶ୍ୱ କିଡ୍‌ନୀ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହସ୍ପିଟାଲ ପକ୍ଷରୁ ଏକ ସଚେତନତା ପଦଯାତ୍ରାର ଆୟୋଜନ କରାଯାଇଥିଲା।

ଏହି ଅବସରରେ ଓଡ଼ିଶା ଟେଲିଭିଜନର ବିଜ୍‌ନେସ୍ ହେଡ୍ ସୁଶ୍ରୀ ଲିତିଶା ମଙ୍ଗତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହସ୍ପିଟାଲର କିଡ୍‌ନୀ ବିଭାଗର ମୁଖ୍ୟ ଡା. ବିବେକାନନ୍ଦ ପଣ୍ଡା, ବରିଷ୍ଠ କିଡ୍‌ନୀ ରୋଗ ବିଶେଷଜ୍ଞ ଡା. ଅଶୋକ ପଣ୍ଡା, ଡା. ସୁଚରିତା ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ହସ୍ପିଟାଲର କର୍ମଚାରୀ କିଡ୍‌ନୀ ରୋଗ ସମ୍ପର୍କିତ ପ୍ଲାକ୍‌କାର୍ଡ ଧରି ପଦଯାତ୍ରା ଜରିଆରେ ଜନସଚେତନତା କରାଇଥିଲେ। ଏପରିକି ଉକ୍ତ ପଦପାତ୍ରାରେ ଶତାଧିକ ସାଧାରଣ ଜନତା ମଧ୍ୟ ଭାଗ ନେଇଥିଲେ।

## ଅରୁନ୍ଧତୀ ମୋଷ୍ଟ ପ୍ରିଫର୍ଡ ଜୁଏଲେରି ବ୍ରାଣ୍ଡ୍ ସମ୍ମାନରେ ସମ୍ମାନିତ

ଭୁବନେଶ୍ୱର,୯।୩

ଓଡ଼ିଶାର ସର୍ବବୃହତ୍ ଜୁଏଲେରି ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସଙ୍କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ଚଳିତ ବର୍ଷ ଷ୍ଟେଟ୍ ବିଜ୍‌ନେସ୍ ଲିଡରଶିପ ଆୱାର୍ଡ ଆଣ୍ଡ ସମିଟ୍ ଅବସରରେ ଅରୁନ୍ଧତୀକୁ ମୋଷ୍ଟ ପ୍ରିଫର୍ଡ ଜୁଏଲେରି ବ୍ରାଣ୍ଡ୍ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ଅର୍ଥ ବିଭାଗର ବିଭାଗୀୟ ସଚିବ ବିଶାଲ କୁମାର ଦେବ, ପଦ୍ମବିଭୂଷଣ ସୁଦର୍ଶନ ସାହୁ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ପ୍ରସନ୍ନ ପାଟଶାଣୀ ଓ ଚେୟାରମ୍ୟାନ, ଓପିଟିସିଏଲ୍ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ, ଅଳଙ୍କାର ବ୍ୟବସାୟ ଜଗତରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ଅରୁନ୍ଧତୀ ଜୁଏଲର୍ସଙ୍କୁ ପୂର୍ବ ଭାରତରେ ଏକ ଅଗ୍ରଣୀ ତଥା ବିଶ୍ୱସନୀୟ ଜୁଏଲେରି ବ୍ରାଣ୍ଡ୍ ଭାବେ ପ୍ରତିଷ୍ଠା କରାଇବା ପଛରେ ସର୍ବୋପରି ଗ୍ରାହକଙ୍କ ଅବଦାନ ଅତୁଳନୀୟ ରହିଛି। ଏପରିକି ଦୀର୍ଘ ୨୩ ବର୍ଷର ନିରନ୍ତର ଓ ନିଷ୍ଠାପର ଯାତ୍ରା ମଧ୍ୟରେ ପ୍ରତିଷ୍ଠାନକୁ ଅନେକ ସଫଳତା ମିଳିଛି। ଗ୍ରାହକଙ୍କ ଭରସା ଜିଣିପାରିବା ଓ ଓଡ଼ିଶାର ସର୍ବବୃହତ୍ ବ୍ରାଣ୍ଡର ମାନ୍ୟତା ପାଇବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଅରୁନ୍ଧତୀ ରାଜ୍ୟର ୧୦ ପ୍ରମୁଖ ସହରରେ ତା'ର ଉପସ୍ଥିତି ବୃଦ୍ଧି କରିବାକୁ ଯାଉଛି ବୋଲି ସେ ମତପ୍ରକାଶ କରିଛନ୍ତି।



ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେରଙ୍କୁ ଓପିଟିସିଏଲ୍‌ର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ଓ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ପ୍ରସନ୍ନ ପାଟଶାଣୀ ମିଳିତ ଭାବେ ସମ୍ମାନିତ କରୁଛନ୍ତି।

## ସିଡବ୍ଲ୍ୟୁସି ସହ ପିଏନ୍‌ବିର ବୁଝାମଣାପତ୍ର ସ୍ୱାକ୍ଷର




ନୂଆଦିଲ୍ଲୀ,୯।୩

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଏବଂ ସେଣ୍ଟ୍ରାଲ ୱେରହାଉସ କର୍ପୋରେଶନ (ସିଡବ୍ଲ୍ୟୁସି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ଉଭୟ ସଂସ୍ଥାର ବ୍ୟବସାୟିକ ଅଭିବୃଦ୍ଧି ସହ ଇ-ଏନ୍‌ଡବ୍ଲ୍ୟୁଆର୍ ଜରିଆରେ ନେଣଦେଣ କରିବା ପାଇଁ ଏମ୍‌ଓୟୁ ହୋଇଥିବା ଜଣାପଡ଼ିଛି। ଏପରିକି କୃଷକ ଏବଂ ଖାଦ୍ୟ ଉତ୍ପାଦନକାରୀଙ୍କୁ ସହଜ ଏବଂ ସୁବିଧାରେ ଅର୍ଥ କାରବାରରେ ସହାୟକ ହେବ। ଫଳରେ ଉଭୟ ସଂସ୍ଥାର କାରବାର ବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। ଏହି ପରିପ୍ରେକ୍ଷୀରେ ପିଏନ୍‌ବିର ଜିଏମ୍ କନୱାଲ ଜିତ୍ ସୌରେ ଏବଂ ସିଡବ୍ଲ୍ୟୁସିର ଜିଜିଏମ୍ (କମ୍) ରାଜୀବ କୁମାର ବଶଂଲଙ୍କ ମଧ୍ୟରେ ଉକ୍ତ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ପିଏନ୍‌ବିର ଡିଜିଏମ୍ କେ.ଏସ୍.ରଣା ଏବଂ ସିଏମ୍ ନୀରଜ ଜଖମଲାଙ୍କ ସମେତ ସିଡବ୍ଲ୍ୟୁସିର ଜିଜିଏମ୍(ଫା) ଆର୍.ଆର୍. ଅଗ୍ରୱାଲ, ଜିଏମ୍(ଫା) ଅମିତ ପୁରୀ ଓ ଏଜିଏମ୍ ଅଶ୍ୱିନୀ ପ୍ରମୁଖ ଉପସ୍ଥିତ ଥିଲେ।

## ନୀତାଙ୍କ ଦ୍ୱାରା 'ଦି ହର୍ ସର୍କଲ ଏଭ୍ରିବଡି' ପ୍ରକଳ୍ପ ଉନ୍ମୋଚିତ

ନୂଆଦିଲ୍ଲୀ,୯।୩

ଚଳିତ ବର୍ଷର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଏମ୍. ଅମ୍ବାନୀ 'ଦି ହର୍ ସର୍କଲ ଏଭ୍ରିବଡି' ପ୍ରକଳ୍ପର ଉନ୍ମୋଚନ କରିଛନ୍ତି। ବିଶେଷକରି ମହିଳମାନଙ୍କ ଲାଗି ଏକ ସୁରକ୍ଷିତ, ଅନ୍ତର୍ଭୁକ୍ତୀକରଣ, ଅଭିବୃଦ୍ଧି କୈନ୍ଦ୍ରିକ ଡିଜିଟାଲ ମଞ୍ଚ ସୃଷ୍ଟି କରିବା ଲାଗି ୨୦୨୧ରେ ନୀତା ହର୍ ସର୍କଲର ଶୁଭାରମ୍ଭ କରିଥିଲେ। ଏପରିକି ପ୍ରକଳ୍ପର ୨ୟ ବାର୍ଷିକୀ ମଧ୍ୟରେ ୩୧୦ ନିୟୁତରୁ ଅଧିକ ମହିଳାଙ୍କ ପାଖରେ ପହଞ୍ଚି ମହିଳାମାନଙ୍କ ଲାଗି ଭାରତର ସର୍ବବୃହତ୍ ଡିଜିଟାଲ ମଞ୍ଚରେ ପରିଣତ ହୋଇଛି। ଅନ୍ତର୍ଭୁକ୍ତୀକରଣର ପ୍ରମୁଖ ଲକ୍ଷ୍ୟକୁ ହାସଲ କରିବା ଲାଗି ଉକ୍ତ ଅଭିଯାନରେ ସାମିଲହେବାକୁ ନୀତା ସମସ୍ତ ମହିଳାଙ୍କୁ ଆହ୍ୱାନ ଦେଇଥିଲେ।

ଏ ସମ୍ପର୍କରେ ନୀତା କହିଛନ୍ତି, ହର୍ ସର୍କଲ୍ ହେଉଛି, ଭଗିନୀତ୍ୱ ଓ ଏକତାର ପ୍ରତୀକ। ଅନ୍ତର୍ଭୁକ୍ତୀକରଣ ଓ ସମସ୍ତଙ୍କ ପାଇଁ ସମ୍ମାନ ଉପରେ ଏହା ପର୍ଯ୍ୟବସିତ। ଏହା ହିଁ ଆମ ନୂଆ ପ୍ରକଳ୍ପର ଆଭିମୁଖ୍ୟ, ସୋସିଆଲ ମିଡିଆରେ ହେଉଥିବା ଟ୍ରୋଲିଂ ବିଷୟରେ ଆମେ ସମସ୍ତେ ଅବଗତ। ଲୋକମାନେ ଲଢୁଥିବା ଲଢ଼େଇ ବିଷୟରେ କିଛି ବି ନ ଜାଣି ସେମାନେ ମତାମତ ଦିଅନ୍ତି। ଲୋକମାନେ ମେଡିକାଲ ସମସ୍ୟା ଏବଂ ଜେନେଟିକ୍ ସମସ୍ୟା ଦେଇ ଗତି କରୁଥାଇପାରନ୍ତି। ତଥାପି ସେମାନଙ୍କୁ ଟ୍ରୋଲିଂ ଓ ଉପହାସର ଶିକାର ହେବାକୁ ପଡୁଛି। ଏହା ବିଶେଷକରି ଯୁବପିଢ଼ି ପାଇଁ ବେଶ୍ କ୍ଷତିକାରକ। ଆମେ ଆଶା କରୁଛୁ, ଆମର ଏହି ଅଭିଯାନ ବିଭିନ୍ନ ଉପାୟରେ ଏହାର ମୁକାବିଲା କରିବ ଏବଂ ଲୋକମାନେ ଯାହା ସେମାନେ ତାହା ହୋଇ ରହିବା ଲାଗି ସେମାନଙ୍କୁ ବିଶ୍ୱାସ ଓ ସ୍ୱାଧୀନତା ପ୍ରଦାନ କରିବ। ଅପରପକ୍ଷରେ ହର ସର୍କଲ୍‌ର ଦ୍ୱିତୀୟ ବାର୍ଷିକୀକୁ ପ୍ଲାଟ୍‌ଫର୍ମର ବାର୍ଷିକ ସ୍ୱତନ୍ତ୍ର ଡିଜିଟାଲ କଭରରେ ସ୍ଥାନିତ ଏବଂ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର ଦେଇ ପାଳନ କରିଥିଲେ। ସେହିପରି ନୀତା କହିଥିଲେ, ହର୍ ସର୍କଲକୁ ଗଠନ କରିଥିବା ସମଗ୍ର ଟିମ୍ ଓ ନିୟୁତାଧିକ ମହିଳାଙ୍କୁ ଅଭିନନ୍ଦନ ଜଣାଉଛି। ଏହା ଏକ ଚିନ୍ତାଧାରା ଭାବେ ଆରମ୍ଭ ହୋଇଥିଲା। ଆମେ ଏହାକୁ ସମସ୍ତ ମହିଳାଙ୍କ ଲାଗି ଏକ ଆନ୍ଦୋଳନରେ ପରିଣତ କରିବାକୁ ଚାହୁଁଛୁ। ହର୍ ସର୍କଲରେ ୨,୨୦,୦୦୦ ରୁ ଅଧିକ ମହିଳା ପଞ୍ଜୀକୃତ ହୋଇଛନ୍ତି ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମହିଳା ଉଦ୍ୟୋଗୀ, ଯେଉଁମାନେ ନିରନ୍ତର ଭାବେ ମହିଳାମାନଙ୍କୁ ପେସାଦାର ଓ ସାମାଜିକ ଭାବେ ଯୋଡ଼ିହେବା ଲାଗି ଉତ୍ସାହିତ କରୁଛନ୍ତି।



## ବେଦାନ୍ତ ପକ୍ଷରୁ 'ପ୍ରୋଜେକ୍ଟ ପଞ୍ଛି'ର ଶୁଭାରମ୍ଭ

ନୂଆଦିଲ୍ଲୀ,୯।୩

ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ୍ ଲାଞ୍ଜିଗଡ଼ ଆଲୁମିନା ରିଫାଇନେରିରେ ଏକ ଅଭିନବ ଯୋଜନା 'ପ୍ରୋଜେକ୍ଟ ପଞ୍ଛି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ପ୍ରକଳ୍ପ ଜରିଆରେ କର୍ପୋରେଟ ନିଯୁକ୍ତି ଡ୍ରାଇଭ ହେବ। ଏହା ଧାତୁ, ଖଣି, ତୈଳ ଓ ଗ୍ୟାସ୍ ଉଦ୍ୟୋଗର ବିଭିନ୍ନ ବ୍ୟବସାୟରେ ୧୦୦୦ରୁ ଅଧିକ ବାଳିକାଙ୍କୁ ନିଯୁକ୍ତି ଦେବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ବେଦାନ୍ତ ଆଲୁମିନିୟମର ଲାଞ୍ଜିଗଡ଼ଠାରେ ୪୦ଜଣ ବାଳିକାଙ୍କୁ ନିଯୁକ୍ତି ଦେଇଥିବା ଜଣାପଡ଼ିଛି। ବିଶେଷକରି କମ୍ପାନୀ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଜିଲାପାଳ ପି. ଅନ୍ୱେଶା ରେଡ୍ଡି, ଅତିରିକ୍ତ ଜିଲାପାଳ ଡ. ବିଶ୍ୱଜିତ ଦାସ, ବିଡିଓ ଜିତେନ୍ଦ୍ର ମିଶ୍ରଙ୍କ ସମେତ ବେଦାନ୍ତ ଲିଃ ଡେପୁଟି ସିଇଓ ଆଲୁମିନିୟମ ବିଜ୍‌ନେସ୍ ଜି.ଜି.ପାଲ ଏବଂ ସିଏଚ୍‌ଆର୍‌ଓ ଦିଲୀପ କୁମାର ସିହ୍ନା ଏବଂ ପଞ୍ଚାୟତିରାଜ ଅନୁଷ୍ଠାନ ରାୟଗଡ଼ା ଓ କଳାହାଣ୍ଡି ଜିଲାର ୧୦ ପଞ୍ଚାୟତର ସଦସ୍ୟଙ୍କ ଉପସ୍ଥିତିରେ ମନୋନୀତ ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଥିଲା।




ଏ ସମ୍ପର୍କରେ ବେଦାନ୍ତ ଲିଃର ଡେପୁଟି ସିଇଓ (ଆଲୁମିନା ବ୍ୟବସାୟ) ଜି.ଜି.ପାଲ କହିଛନ୍ତି, ଉକ୍ତ ପ୍ରକଳ୍ପ ହେଉଛି ଆମର ଚେୟାରମ୍ୟାନ ଅନୀଲ ଅଗ୍ରୱାଲଙ୍କ ଏକ ଦୂର ଦୃଷ୍ଟିସମ୍ପନ୍ନ ପଦକ୍ଷେପ, ଯାହା ଭାରତର ଦୂରବର୍ତ୍ତୀ ଅଞ୍ଚଳରେ ରହୁଥିବା ଆଶାୟୀ ଯୁବତୀମାନଙ୍କୁ ସଶକ୍ତୀକରଣ କରିବା ସହ ନିଯୁକ୍ତି ସୁଯୋଗ ପ୍ରଦାନ କରିବ। ଆମର ୪୦ଜଣ ବାଳିକା ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଛନ୍ତି। ସେମାନଙ୍କୁ ଆମେ ସ୍ୱାଗତ କରୁଛୁ ଓ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। ସେହିଭଳି ଲାଞ୍ଜିଗଡ଼ ବିଧାୟକ ଦିଶାରୀ କହିଛନ୍ତି, ଗୋଷ୍ଠୀର ବିକାଶ ପାଇଁ ବେଦାନ୍ତର ଅପାର ଅବଦାନ ରହିଛି। ଏଭଳି ଏକ ପଦକ୍ଷେପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଝିଅମାନେ ଉତ୍ସାହିତ ହେବେ।

ଏହି ପଦକ୍ଷେପ ଜୀବିକା ନିର୍ବାହ ପାଇଁ ସାମାଜିକ ସୀମା ଭାଙ୍ଗିବ ଓ ପିଲାମାନେ ନିଜକୁ ହେୟ ମନେ ନ କରି ବୃତ୍ତିଗତ କ୍ଷେତ୍ରରେ ସୁଦୃଢ଼ କରିବାକୁ ଆଗେଇ ଆସିବେ। ସେହିପରି ପି.ଅନ୍ୱେଶା ରେଡ୍ଡି କହିଥିଲେ, ଦେଶରେ ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ବେଦାନ୍ତର ଏହା ଏକ ନିଆରା କାର୍ଯ୍ୟକ୍ରମ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ବହୁ ଯୁବତୀ କର୍ମନିଯୁକ୍ତି ପାଇପାରିବା ସହ ସେମାନଙ୍କ ମନୋବଳ ବୃଦ୍ଧି ପାଇବ। ମୁଁ ନବ ନିଯୁକ୍ତି ପାଇଥିବା ପ୍ରାର୍ଥୀଙ୍କୁ ଧନ୍ୟବାଦ ଜଣାଉଛି।

ଉଲ୍ଲେଖଯୋଗ୍ୟ ଓଡ଼ିଶା, ଛତିଶଗଡ଼, ରାଜସ୍ଥାନ, ଝାଡ଼ଖଣ୍ଡ, କର୍ନାଟକ, ଗୋଆ ଭଳି ସ୍ଥାନରେ କମ୍ପାନୀର ଧାତୁ, ଖଣି ଏବଂ ତୈଳ ଓ ଗ୍ୟାସ୍ ବ୍ୟବସାୟିକ କାର୍ଯ୍ୟରେ ନବନିଯୁକ୍ତ ବାଳିକାମାନଙ୍କୁ ନିଯୁକ୍ତି ଦିଆଯିବ।



ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ରାଜ୍ୟ ବଜେଟ ଅଧିବେଶନ ଅବସରରେ ମୁମ୍ବାଇସ୍ଥିତ ବିଧାନ ଭବନକୁ ଯାଉଛନ୍ତି।

## ନବ ଦାସ ହତ୍ୟା ଘଟଣା | ସରକାରଙ୍କୁ ପୁଣି ବିରୋଧୀଙ୍କ ଟାର୍ଗେଟ

- **କାହାକୁ ସୁରକ୍ଷା ଦେବା ଲାଗି ଚାଲିଛି ଏକପାଖିଆ ତଦନ୍ତ: ବିଜୟ**
- **ଗୋପାଳ ଏତେ ବଡ଼ ଲୋକ ନୁହେଁ ଯେ ଡାଏରି ଲେଖିବ: ଜୟନାରାୟଣ**
- **କାହା ଉପରେ ସନ୍ଦେହ ହେଉଛି ସ୍ପଷ୍ଟ କରନ୍ତୁ: ନରସିଂହ**
- **କ୍ରାଇମବ୍ରାଞ୍ଚ ତଦନ୍ତ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲେ କହିବ: ପ୍ରମିଳା**

ଭୁବନେଶ୍ୱର, ୯।୩(ବ୍ୟୁରୋ)

ନବ ଦାସ ହତ୍ୟା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ସିଧାସଳଖ ଟାର୍ଗେଟ କରିଛନ୍ତି। ଘଟଣାର ସତ୍ୟାସତ୍ୟ ଆଣିବାକୁ କେତେଦିନ ଲାଗିବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଯେପର୍ଯ୍ୟନ୍ତ ସତ୍ୟାସତ୍ୟ ନ ଆସିଛି ସନ୍ଦେହ ନିଆଁ ଭିତରେ କ୍ରାଇମବ୍ରାଞ୍ଚ, ପୋଲିସ ବିଭାଗ, ପ୍ରଶାସନିକ କଳ ସମସ୍ତେ ରହିବେ। ବିଜୟ କହିଛନ୍ତି, ଏଥିରେ କିଛି ବଡ଼ବଡ଼ିଆ ଲୋକ ସମ୍ପୃକ୍ତ ଥିବା ନେଇ ସନ୍ଦେହ ହେଉଛି। କାହାକୁ ସୁରକ୍ଷା ଦେବା ଲାଗି ତଦନ୍ତ ପ୍ରକ୍ରିୟା ଏକପାଖିଆ ଭାବେ କରାଯାଉଛି। ଖାମଖିଆଲି ଭାବେ ଏହି ତଦନ୍ତକୁ ବନ୍ଦ କରିବା ଲାଗି ଚକ୍ରାନ୍ତ ମଧ ଚାଲିଛି। ଏହି ଘଟଣା ସମ୍ପର୍କରେ ନବଙ୍କ କେତେଜଣ ପାଖ ଲୋକ ଯେଉଁମାନଙ୍କୁ ପ୍ରାୟ ସମସ୍ତେ ଜାଣନ୍ତି ଏବଂ ସେମାନେ ଜିଲା ପରିଷଦ ସଭ୍ୟ ଅଛନ୍ତି ସେମାନଙ୍କୁ ଗଣମାଧ୍ୟମ ଆଗରେ କିଛି ନ କହିବାକୁ ଧମକ ଦିଆଯାଇଛି। ଏହି ଘଟଣାରେ ୧୨୦-ବି ଦଫା କାହିଁକି ଲଗାଯାଇ ନାହିଁ ବୋଲି ବିଜୟ ପ୍ରଶ୍ନ କରିଛନ୍ତି। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଗୋପାଳ କି ମଣିଷଟେ ଯେ ସିଏ ଡାଏରି ଲେଖିବ। ହୁଏତ ଏହି ଡାଏରିରେ ସେମାନେ ଏମିତି କିଛି ଲେଖିବେ ଯେଉଁଥିରେ ନବ ଦାସଙ୍କ ଚରିତ୍ର ଏବଂ ଘଟଣା ପଛରେ କାହାଣୀର ରୂପ ଦେଇ ତା'ର ବ୍ୟକ୍ତିଗତ ରାଗରୁ ମାରିଦେଲା ବୋଲି ଉଲ୍ଲେଖ କରିବାକୁ ଚାହିଁବେ। ସେଥିଲାଗି ସେମାନେ ଗୋପାଳ ଘରୁ ଡାଏରି ଜବତ ହୋଇଥିବା କଥା କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଦିନ ଦ୍ୱିପ୍ରହରରେ ଜଣେ ପୋଲିସ ଗୁଳିକରି ହତ୍ୟା କରୁଛି ଏହା କିଛି ଛୋଟ କଥା ନୁହେଁ। ତାଙ୍କୁ କାହିଁକି ହତ୍ୟା କରାଗଲା ବର୍ତ୍ତମାନ ସୁଦ୍ଧା ଜଣାପଡୁ ନାହିଁ। ଯଦି ଷଡ଼ଯନ୍ତ୍ର ବୋଲି ସ୍ୱୀକାର କରୁଛନ୍ତି ତେବେ କାହା ଉପରେ ସନ୍ଦେହ କରାଯାଉଛି ସେକଥା ଉଲ୍ଲେଖ କରନ୍ତୁ। ବିଜେଡି ନେତ୍ରୀ ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ତଦନ୍ତ ନ ସରିବା ପର୍ଯ୍ୟନ୍ତ କ'ଣ କୁହାଯିବ। ତଦନ୍ତ ସରିବା ପରେ ଗୋଟେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲେ ଯାଇ କ୍ରାଇମବ୍ରାଞ୍ଚ କିଛି କହିବ। କ୍ରାଇମବ୍ରାଞ୍ଚ କ'ଣ ପ୍ରତ୍ୟେକ ଦିନ କ'ଣ ସବୁ କଲା ତାହା କହିବ। ତଦନ୍ତ ଶେଷରେ କ୍ରାଇମବ୍ରାଞ୍ଚ ତାଙ୍କ ରିପୋର୍ଟ ଦେବେ ବୋଲି ସେ କହିଛନ୍ତି।

## ଫଡ଼ନବିସ୍‌ଙ୍କ ଶାସନ କାଳରେ ହୋଇଛି ୫୦୦ କୋଟିର ଦୁର୍ନୀତି: ଅଜିତ୍ ପାୱାର

ମୁମ୍ବାଇ, ୯।୩

ମହାରାଷ୍ଟ୍ର ବିଧାନସଭାରେ ବିରୋଧୀ ଦଳ ନେତା ଅଜିତ୍ ପାୱାର ଗୁରୁବାର ଏକ ବଡ଼ ଅଭିଯୋଗ ଆଣିଛନ୍ତି। ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ନେତୃତ୍ୱାଧୀନ ସରକାରଙ୍କ କାର୍ଯ୍ୟକାଳ(୨୦୧୪-୧୯)ରେ ରାଜ୍ୟରେ ସୂଚନା ଏବଂ ପ୍ରସାରଣ ବିଭାଗରେ ୫୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ସେ କହିଛନ୍ତି। ୨୦୧୯ରେ ସରକାରୀ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କ ବିନା ମଞ୍ଜୁରୀରେ ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମିଡିଆ ବିଜ୍ଞାପନକୁ ପ୍ରକାଶିତ କରିବାକୁ ମଞ୍ଜୁରୀ ଦେଇଥିଲେ। ତେଣୁ ସେହି ଅଧିକାରୀଙ୍କୁ ଏବେ ଦଣ୍ଡ ଦେବା ଲାଗି ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନିକଟରେ ପାୱାର ଦାବି କରିଛନ୍ତି। ବିଧାନସଭାରେ ସେ କହିଛନ୍ତି, ଅଧିକାରୀମାନେ ଫାଇଲରେ ଉଲ୍ଲେଖ କରିଛନ୍ତି ଯେ, ପ୍ରକୃତରେ ଫଡ଼ନବିସ୍‌ଙ୍କ ଅନୁମତି ନ ନେଇ ବିଜ୍ଞାପନ ପ୍ରକାଶନ ପାଇଁ ୫୦୦ କୋଟି ଟଙ୍କା ଖର୍ଚ୍ଚ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା।

## ଭାଜପା-ଏଆଇଏଡିଏମ୍‌କେ ମେଣ୍ଟ ଭାଙ୍ଗିବା ଚର୍ଚ୍ଚା

### ଖଣ୍ଡନକଲେ ଉଭୟ ଦଳ

ଚେନ୍ନାଇ, ୯।୩

୨୦୧୪ରୁ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ) ସରକାର କେନ୍ଦ୍ରରେ ଶାସନ ଚଳାଇ ଆସିଛି। କିନ୍ତୁ ବର୍ଷକୁ ବର୍ଷ ସହଯୋଗୀ ଦଳ ସଂଖ୍ୟା କମିବାରେ ଲାଗିଛି। ଏହି ପ୍ରକ୍ରିୟାରେ ଖୁବ୍ ଶୀଘ୍ର ଏଆଇଏଡିଏମ୍‌କେ ସାମିଲ ହୋଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ସହଯୋଗୀ ଦଳ ସହ କୌଣସି ବିବାଦ ନ ଥିବା ଭାଜପା କହିଛି। ୨୦୨୪ ଲୋକ ସଭା ନିର୍ବାଚନ ଭାଜପା ସହ ମିଶି ଲଢ଼ାଯିବ ବୋଲି ତାମିଲନାଡୁରେ ଏଆଇଏଡିଏମ୍‌କେ ଘୋଷଣା କରିଛି। ଉକ୍ତ ଘୋଷଣା ଅନୁଯାୟୀ ତାମିଲନାଡୁରେ ଏଆଇଏଡିଏମ୍‌କେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ନେତୃତ୍ୱ ନେବ। ଭାଜପା ଓ ଅନ୍ୟ ଦଳଗୁଡ଼ିକ ଏହା ଅଧୀନରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଦଳର ବରିଷ୍ଠ ନେତା ଡି. ଜୟକୁମାର କହିଛନ୍ତି।

ସୂଚନାଯୋଗ୍ୟ, ତାମିଲନାଡୁର ମୁଖ୍ୟ ବିରୋଧୀ ଦଳ ଏଆଇଏଡିଏମ୍‌କେ ଦୀର୍ଘବର୍ଷ ହେବ ଭାଜପାର ସହଯୋଗୀ ରହି ଆସିଥିବାବେଳେ ଏବେ ସମ୍ପର୍କ ତିକ୍ତ ହେବାରେ ଲାଗିଛି। ଗତ କିଛି ଦିନ ହେବ ରାଜ୍ୟର କେତେକ ଜିଲାରେ ସ୍ଥାନୀୟ ରାଜନୀତିକୁ ନେଇ ଭାଜପା ଏବଂ ଏଆଇଏଡିଏମକେ କର୍ମୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ତାମିଲନାଡୁ ବିଧାନସଭା ନିର୍ବାଚନ ପରେ ନେତୃତ୍ୱକୁ ନେଇ ଏଆଇଏଡିଏମ୍‌କେରେ ଏକ ବିଦ୍ରୋହ ହୋଇଥିଲା। ଅବଶ୍ୟ ଅଦାଲତ ନିର୍ଦ୍ଦେଶ ଅନୁଯାଇ ଇ. ପାଲାନିସାମୀ ଦଳର ମଙ୍ଗ ଧରିବାକୁ ସମର୍ଥ ହେଲେ। ତେବେ ନିକଟରେ ଶେଷ ହୋଇଥିବା ଏରୋଡ ପୂର୍ବ ଉପ-ନିର୍ବାଚନରେ ଏଆଇଏଡିଏମ୍‌କେ ପରାଜୟ ବରଣ କରିଛି । ଏହା ପରେ ପଲାନିସାମୀ ଏକ ନୂଆ ରଣନୀତି ଆଧାରରେ ରାଜ୍ୟ ଭାଜପା ଆଇଟି ସେଲ ମୁଖ୍ୟ ସି.ଟି. ରବିକୁମାରଙ୍କ ସମେତ କେତେଜଣ ନେତାଙ୍କୁ ଏଆଇଏଡିଏମ୍‌କେରେ ସାମିଲ କରାଇଥିଲେ। ଏଇଠୁ ଆରମ୍ଭ ହୋଇଥିଲା ବିବାଦ। ଭାଜପା ଏହାକୁ ମେଣ୍ଟ ଧର୍ମର ଉଲ୍ଲଂଘନ କହି ପାଲାନିସ୍ୱାମୀଙ୍କୁ ଟାର୍ଗେଟ କରିଥିଲା। ଭାଜପା କହିଥିଲା, ଦଳର ସମ୍ପ୍ରସାରଣକୁ ନେଇ ଏଆଇଏଡିଏମ୍‌କେ ଭୟଭୀତ ଅଛି। ତେବେ ଏହି ଘଟଣାକୁ ନେଇ ଭାଜପା ସମର୍ଥକମାନେ କୋଲିଭାପଟ୍ଟିରେ ପାଲାନିସାମୀଙ୍କ ପୋଷ୍ଟର ଚିରି ଦେଇଥିଲେ। ତେବେ ଉଭୟ ଦଳ ମଧ୍ୟରେ ଯେଉଁ ମତପାର୍ଥକ୍ୟ ଦେଖାଦେଇଛି, ତାହା ସମାଧାନ ହୋଇଯିବ ବୋଲି ଜୟକୁମାର କହିଛନ୍ତି। ସେହିପରି ଉପରୋକ୍ତ ପ୍ରସଙ୍ଗ ମେଣ୍ଟକୁ ପ୍ରଭାବିତ କରିବ ନାହିଁ ବୋଲି ଭାଜପା ରାଜ୍ୟ ସଭାପତି ଆନ୍ନାମଲାଇ କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛି ବର୍ଷ ମଧ୍ୟରେ ଭାଜପା ନେତୃତ୍ୱାଧୀନ ମେଣ୍ଟରୁ ଶିରୋମଣି ଅକାଳୀ ଦଳ, ଜେଡ଼ିୟୁ ଏବଂ ଆରଏଲ୍‌ପି ବାହାରିଯାଇଛନ୍ତି।

## ଜିଲାପାଳଙ୍କୁ ଭାଜପାର ଅଭିଯୋଗ | ବିଡିଓଙ୍କ ବିଜ୍ଞାପନରେ ଶଙ୍ଖ ଚିହ୍ନ



ଭାଜପା ନେତୃବୃନ୍ଦ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

ଅନୁଗୋଳ ଅଫିସ୍/ବଇଣ୍ଡା (ଡି.ଏନ୍.ଏ.), ୯।୩

ଅନୁଗୋଳ ଜିଲା କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା ଓଡ଼ିଶା ସରକାରୀ କର୍ମଚାରୀ ସର୍ଭିସ କୋଡ୍-୧୯୫୯ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ପଞ୍ଚାୟତିରାଜ ଦିବସରେ ସେ ବିଜେଡିର ଶଙ୍ଖ ଚିହ୍ନ ଥାଇ ଏକ ନିର୍ଦ୍ଦିଷ୍ଟ ଖବରକାଗଜକୁ ବିଜ୍ଞାପନ ଦେଇଥିବା ଜିଲା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ଦଳର ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ପଞ୍ଚାୟତିରାଜ ଦିବସ ଉପଲକ୍ଷେ ଗତ ମାର୍ଚ୍ଚ ୫ରେ ଏକ ଖବରକାଗଜରେ କିଶୋରନଗର ବିଡିଓଙ୍କ ସୌଜନ୍ୟରୁ ଏକ ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିରେ ଶଙ୍ଖ ଚିହ୍ନ ବ୍ୟବହାର କରାଯାଇଥିଲା। ଜଣେ ପ୍ରଶାସନିକ ଅଧିକାରୀ ହୋଇ ସେ ବିଜେଡି ପାଇଁ ଖୋଲାଖୋଲି ପ୍ରଚାର କରୁଛନ୍ତି, ଯାହା ଓଡ଼ିଶା ସରକାରୀ କର୍ମଚାରୀ ସର୍ଭିସ କୋଡ୍-୧୯୫୯ର ଉଲ୍ଲଂଘନ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଭାଜପା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଜିଲା ସଭାପତି ପ୍ରଧାନ ଚେତାବନୀ ଦେଇଛନ୍ତି। ଜିଲାପାଳଙ୍କ ସହ ଆଲୋଚନା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ବରିଷ୍ଠ ନେତା ଦିଲୀପ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ସମ୍ପାଦକ ପ୍ରଭାତ ପ୍ରଧାନ, କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗର ପ୍ରତିକ୍ରିୟାରେ ବିଡିଓ ବେହେରା କୁହନ୍ତି, ସେ କୌଣସି ଦଳର ପ୍ରଚାରକ ନୁହେଁ। ଯେଉଁ ଖବରକାଗଜ ସଂସ୍ଥା ଏହାକୁ ପ୍ରକାଶ କରିଛନ୍ତି, ଏହାକୁ ଭୁଲ୍‌ବଶତଃ ପ୍ରକାଶ କରିଛନ୍ତି। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଖବରକାଗଜରେ ଏ ସମ୍ପର୍କିତ ସ୍ପଷ୍ଟୀକରଣ ଦିଆଯାଇଛି।

## ଦିଲ୍ଲୀ ମନ୍ତ୍ରୀ ଭାବେ ଶପଥ ନେଲେ ଆତିଶି, ସୌରଭ



ଆତିଶି



ସୌରଭ ଭରଦ୍ୱାଜ

**ନୂଆଦିଲ୍ଲୀ, ୯।୩ :** ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତା ଆତିଶି ଏବଂ ସୌରଭ ଭରଦ୍ୱାଜ ଦିଲ୍ଲୀ ସରକାରରେ ମନ୍ତ୍ରୀ ଭାବେ ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ସୌରଭଙ୍କୁ ସ୍ୱାସ୍ଥ୍ୟ ବିଭାଗ ସହ ସହରାଞ୍ଚଳ ବିକାଶ, ଜଳ ଓ ଶିଳ୍ପ ବିଭାଗ ଦାୟିତ୍ୱ ମିଳିଥିବାବେଳେ ଆତିଶିଙ୍କୁ ଶିକ୍ଷା, ପିଡବ୍ଲ୍ୟୁଡି, ଶକ୍ତି ଏବଂ ପର୍ଯ୍ୟଟନ ବିଭାଗ ମିଳିଛି। ସୌରଭ ଦ୍ୱିତୀୟ ଥର ପାଇଁ ଦିଲ୍ଲୀ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ୨୦୧୩ରେ ଏଏପି ନେତୃତ୍ୱାଧୀନ ଦିଲ୍ଲୀ ସରକାରରେ ସେ ପରିବହନ ମନ୍ତ୍ରୀ ଥିଲେ। ଆତିଶି ପୂର୍ବରୁ ମନୀଷ ସିସୋଡିଆଙ୍କ ଅଧୀନରେ ଶିକ୍ଷା ବିଭାଗ ଉପଦେଷ୍ଟା ଭାବେ କାର୍ଯ୍ୟ କରୁଥିଲେ। ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ସିସୋଡିଆ ଏବଂ ସତ୍ୟେନ୍ଦ୍ର ଜୈନ ଗିରଫ ହୋଇ ତିହାର ଜେଲରେ ରହିଥିବାବେଳେ ସେମାନେ ନିକଟରେ ରାଜ୍ୟ କ୍ୟାବିନେଟ୍‌ରୁ ଇସ୍ତଫା ଦେଇଥିଲେ। କ୍ୟାବିନେଟ୍‌ରେ ଦୁଇଟି ମନ୍ତ୍ରୀ ପଦ ଖାଲିପଡ଼ିଥିବାରୁ ଉକ୍ତ ସ୍ଥାନରେ ଆତିଶି ଏବଂ ସୌରଭଙ୍କୁ ନିଆଯାଇଛି। ତେବେ କାହାକୁ ଉପମୁଖ୍ୟମନ୍ତ୍ରୀ ପଦ ଦିଆଯାଇ ନାହିଁ।

## କଂଗ୍ରେସକୁ ସୁଦୃଢ଼ କରିବାକୁ ସମସ୍ତଙ୍କ ସହଯୋଗ ଆବଶ୍ୟକ: ମୋକିମ୍



ଭୁବନେଶ୍ୱର, ୯।୩(ବ୍ୟୁରୋ)

ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ରାଜ୍ୟରେ ନିଜର ଅଣ୍ଟା ସଳଖିବା ପାଇଁ ଉଦ୍ୟମ କରୁଥିବାବେଳେ ଗୁରୁବାର ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍ କଂଗ୍ରେସର ରାଜ୍ୟ ନେତୃତ୍ୱଙ୍କୁ ସତର୍କ କରାଇଛନ୍ତି। ଜାନକୀ ବଲ୍ଲଭ ପଟ୍ଟନାୟକ, ବସନ୍ତ ବିଶ୍ୱାଳ ଓ ହେମାନନ୍ଦ ବିଶ୍ୱାଳଙ୍କ ଭଳି ନେତାଙ୍କ ପରେ ରାଜ୍ୟ କଂଗ୍ରେସ ଏ ପର୍ଯ୍ୟନ୍ତ ସେମାନଙ୍କ ଭଳି ଲୋକପ୍ରିୟ ନେତାଙ୍କୁ ଆଗକୁ ଆଣିବାରେ ସକ୍ଷମ ହୋଇ ନ ଥିବା ତଥା ବର୍ତ୍ତମାନର ନେତୃତ୍ୱ ଏହି ସମସ୍ୟା ପ୍ରତି ସଚେତନ ରହିବେ ବୋଲି ମୋକିମ୍ ଆଶାବ୍ୟକ୍ତ କରିଛନ୍ତି। ଗଣମାଧ୍ୟମକୁ ମୋକିମ୍ କହିଛନ୍ତି, ସେ କଂଗ୍ରେସରେ ହିଁ ଅଛନ୍ତି। ରାଜ୍ୟରେ ଦଳକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ବିଧାନସଭାରେ କଂଗ୍ରେସର ୯ ବିଧାୟକ ଥିବାବେଳେ ଉପନିର୍ବାଚନରେ ଦଳ ବିଶେଷ ପ୍ରଭାବ ପକାଇପାରିଲା ନାହିଁ। ତେଣୁ ବାସ୍ତବତାକୁ ଗ୍ରହଣକରି ପରିଶ୍ରମ ନ କଲେ ରାଜ୍ୟରେ କଂଗ୍ରେସର ସ୍ଥିତି ଆହୁରି ଖରାପ ହେବ ବୋଲି ସେ କହିଛନ୍ତି।

## ଫୁରସତ

## ୬୨ ବର୍ଷୀୟା କନିଆଙ୍କୁ ୨୫ ବର୍ଷୀୟ ବର





**ରୋମ୍:** କୁହାଯାଏ ପ୍ରେମ ଅନ୍ଧ। ସେ ଜାତି, ଧର୍ମ, ବର୍ଣ୍ଣ କିଛି ମାନି ନ ଥାଏ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ରୋମ୍‌ରେ। ଜଣେ ୬୨ ବର୍ଷୀୟା ବୃଦ୍ଧାଙ୍କୁ ନିଜ ହୃଦୟ ଦେଇ ବସିଛନ୍ତି ୨୫ ବର୍ଷୀୟ ଯୁବକ। ସେମାନଙ୍କ ଭଲ ପାଇବା ସଫଳ ହେବା ସହ ସେମାନେ ୨ ବର୍ଷ ହେବ ବିବାହ କରିଛନ୍ତି। ରିପୋର୍ଟ ମୁତାବକ, ଯୁବକ କୁରାନ ମେକ୍‌କେନ୍ ଏବଂ ଚେରିଲ୍ ମେକ୍‌ଗ୍ରେଗର୍ ଦୁହେଁ ପ୍ରଥମ ଥର ପାଇଁ ୨୦୧୨ରେ ଦେଖାହୋଇଥିଲେ। ସେମାନେ ଏକ ରେଷ୍ଟୁରାଣ୍ଟରେ ଏକାଠି କାମ କରୁଥିଲେ। ସେତେବେଳେ କୁରାନଙ୍କୁ ୧୫ ବର୍ଷ ବୟସ ହୋଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରେ ସେତେବେଳେ କିଛି ସମ୍ପର୍କ ନ ଥିଲା। ପରେ ଚେରିଲ୍‌ଙ୍କୁ କୁରାନ ଏକ ଷ୍ଟୋରରେ କ୍ୟାଶିୟର ଭାବେ କାମ କରୁଥିବା ୨୦୨୦ରେ ମିଳିଥିଲେ। ଏହା ମଧ୍ୟରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହାପରେ ସେମାନେ ୨୦୨୧ରେ ବିବାହ କରିଥିଲେ। ହେଲେ ପୂର୍ବରୁ ଚେରିଲ୍‌ଙ୍କ ୭ଟି ସନ୍ତାନ ଥିଲେ। ଚେରିଲ୍ ତାଙ୍କର ୮ମ ସନ୍ତାନ ଜନ୍ମ କରିବାକୁ ଚାହୁଁଥିଲେ। ସେମାନେ ଏଥିପାଇଁ ଚେଷ୍ଟା କରିଥିଲେ ମଧ ଚେରିଲ୍‌ଙ୍କ ବୟସ ଅଧିକ ଥିବାରୁ ତାହା ସମ୍ଭବ ହୋଇ ନ ଥିଲା। ଏବେ ସେମାନେ ସରୋଗେସି ମାଧ୍ୟମରେ ସନ୍ତାନ ଜନ୍ମ କରିବାକୁ ୩ ଜଣଙ୍କ ସହ କଥା ହୋଇଥିବା ଜଣାପଡ଼ିଛି।

## ଚିକିତ୍ସା ପାଇଁ ବିଦେଶରେ ପ୍ରଭାସ



ମୁମ୍ବାଇ: ସାଉଥ ସୁପରଷ୍ଟାର ପ୍ରଭାସଙ୍କ ୩ଟି ଫିଲ୍ମ 'ଆଦିପୁରୁଷ', 'ସାଲାର' ଏବଂ 'ପ୍ରୋଜେକ୍ଟ କେ' ଦର୍ଶକଙ୍କୁ ଆଗାମୀ ଦିନରେ ଭେଟି ଦେବାକୁ ଯାଉଛି। ହେଲେ ପ୍ରଶଂସକଙ୍କୁ ଆହୁରି ଅପେକ୍ଷା କରିବାକୁ ପଡ଼ିବ ବୋଲି ଜଣାପଡ଼ିଛି। ତାଙ୍କ ଶରୀରର ତାପମାତ୍ରା ବଢିବା ପରେ ସେ ତାଙ୍କ ଶୁଟିଂ ବାତିଲ କରିଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ସେ ବିଦେଶକୁ ଯିବା ସହ ଅଧିକ ସମୟ ଲାଗିବ ବୋଲି କୁହାଯାଉଛି। ସେ ଯେଉଁ ରୋଗରେ ପୀଡିତ ଅଛନ୍ତି, ସେ ବାବଦରେ କିଛି ତଥ୍ୟ ସାମ୍ନାକୁ ଆସିନାହିଁ। ସେ ଏକାଧିକ ପ୍ରୋଜେକ୍ଟରେ କାମ କରୁଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ସେ ଚିକିତ୍ସା ପାଇଁ ବିରତି ନେଇଛନ୍ତି। ତେବେ ଜୁନ୍ ୧୬ରେ ଫିଲ୍ମ 'ଆଦିପୁରୁଷ'ର ଟିଜର ରିଲିଜ୍ ହୋଇଥିବାବେଳେ ତାହା ବିବାଦକୁ ଆସିଥିଲା। ସେଥିରେ ପରିବର୍ତ୍ତନ କରି ଫିଲ୍ମ ରିଲିଜ୍ ହେବାକୁ ନିଷ୍ପତ୍ତି ହୋଇଥିଲା। ତେବେ ତାହା ବିଳମ୍ବ ହେବ ବୋଲି ଚର୍ଚ୍ଚା ହେଉଛି। 'ସାଲାର' ଏବଂ 'ପ୍ରୋଜେକ୍ଟ କେ'ର ଶୁଟିଂ ଚାଲୁ ରହିଥିବାବେଳେ ତା'ର ରିଲିଜ୍ ତାରିଖ ଘୁଞ୍ଚିବ ବୋଲି କୁହାଯାଉଛି।

## କେବଳ ପଇଡ଼ପାଣି ପିଇ ବଞ୍ଚୁଛନ୍ତି



**ଥିରୁଭାନନ୍ତପୁରମ୍:** ଅନେକ ଲୋକଙ୍କ ବିଭିନ୍ନ ସମସ୍ୟା ଦେଖିବାକୁ ମିଳିଥାଏ। ସେଥିପାଇଁ ସେମାନେ ଡାକ୍ତରଙ୍କଠାରୁ ପରାମର୍ଶ ନେଇ କିଛି ଖାଦ୍ୟ ଖାଇଥାନ୍ତି। ତେବେ କେରଳର ବାସିନ୍ଦା ୬୫ ବର୍ଷୀୟ ବାଲକ୍ରିଷ୍ଣନ୍ ପାଲାଇ ନାମକ ଜଣେ ବ୍ୟକ୍ତିଙ୍କ ଗ୍ୟାସ୍ ସମସ୍ୟା ଥିଲା। ସେଥିପାଇଁ ସେ ଡାଏଟ୍ ଯୋଜନା କରିଥିଲେ। ମାସେ କି ୨ ମାସ ପାଇଁ ନୁହେଁ, ସେ ୨୮ ବର୍ଷ ହେଲାଣି ସେହି ଡାଏଟ୍ ଆପଣାଉଛନ୍ତି। ବାଲକ୍ରିଷ୍ଣନ୍ ପ୍ରତିଦିନ ପଇଡ଼ ପିଇବା ଏବଂ ଖାଇବା ଆରମ୍ଭ କରିଥିଲେ। ଏଥିରୁ ତାଙ୍କୁ ବହୁତ ଉପଶମ ମିଳିଥିଲା। ସେ ଯୁବାବସ୍ଥାରେ ଜଣେ ଫୁଟବଲ୍ ଖେଳାଳି ଥିଲେ। ୩୫ ବର୍ଷ ବୟସରେ ତାଙ୍କର ଏପରି ସମସ୍ୟା ଯୋଗୁ କିଛି ଖାଇଲେ ତାଙ୍କର ବାନ୍ତି ହୋଇଯାଉଥିଲା। ସେ ଖାଇବା ନିୟନ୍ତ୍ରଣ କରିଥିଲେ ମଧ କେବଳ ପଇଡ଼ରୁ ହିଁ ତାଙ୍କୁ ଉପଶମ ମିଳିଥିଲା। ସେବେଠାରୁ ସେ କେବଳ ପଇଡ଼ ପିଉଛନ୍ତି।

## ୫ ଗୋଡ଼ ଥିବା ଦୁର୍ଲଭ ବେଙ୍ଗ ଠାବ



**କାନବେରା:** ଦୁନିଆରେ ବହୁତ ପ୍ରକାର ଜିନିଷ ରହିଛି, ଯାହାକି ସବୁବେଳେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଅଷ୍ଟ୍ରେଲିଆର କୁଇନ୍‌ସଲ୍ୟାଣ୍ଡରେ ୫ ଗୋଡ଼ ବିଶିଷ୍ଟ ବେଙ୍ଗ ଦେଖିବାକୁ ମିଳିଛି, ଯାହା ଦୁର୍ଲଭ ପ୍ରଜାତିର। ଏହାକୁ ମାଇକେଲ ମେସେଞ୍ଜର ନାମକ ଜଣେ ବ୍ୟକ୍ତି ତାଙ୍କ ଘର ଆଗରେ ଦେଖିଥିଲେ। ବିଶେଷଜ୍ଞଙ୍କ ଅନୁସାରେ, ଛୋଟ ବେଳେ ତାକୁ କୌଣସି ପ୍ରକାର ଚୋଟ ଲାଗିବା କାରଣରୁ ଏପରି ହୋଇଥିବା କହିଛନ୍ତି। ତେବେ ମରକ୍ୟୁରି ୟୁନିଭର୍ସିଟିର ପ୍ରଫେସର ରିକ୍ ସାଇନ୍ କହିଛନ୍ତି, ସେ ଆଗରୁ ଏପରି ୪/୫ଟି ବେଙ୍ଗ ଦେଖିଛନ୍ତି ଏବଂ ଏହି ବେଙ୍ଗ ଦୁର୍ଲଭ। ମାଇକେଲ ଏକ ସାକ୍ଷାତକାରରେ କହିଛନ୍ତି, ସେ ଯେତେବେଳେ ଏହି ବେଙ୍ଗଟିକୁ ଦେଖି ଧରିବାକୁ ଚେଷ୍ଟା କରିଥିଲେ, ସେତେବେଳେ ବେଙ୍ଗଟି ତା' ୫ମ ଗୋଡ଼ ବ୍ୟବହାର କରି ତାଙ୍କୁ ଲାତ ମାରିଥିଲା। ପରେ ୪ ଗୋଡ଼ ସାହାଯ୍ୟରେ ସେଠାରୁ ପଳାଇଥିଲା। ଏହା ପୂର୍ବରୁ ଅଷ୍ଟ୍ରେଲିଆର ଉତ୍ତର ଟେରିଟୋରିରେ ୫ ଗୋଡ଼ ଥିବା ବେଙ୍ଗ ଦେଖିବାକୁ ମିଳିଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୯।୦୩।୨୦୨୩

| | |
|---|---|
| ୩, ୬୩, ୨୯୫ ଟଙ୍କା | |
| ସୁନା | ୨.୭୮୦ ଗ୍ରାମ୍ |
| ରୁପା | ୫୦.୪୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ପ୍ରଫେସର ଶତ୍ରୁଘ୍ନନାଥଙ୍କ ୧୭ତମ ଶ୍ରାଦ୍ଧୋତ୍ସବ, ଶହୀଦନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ଓଡ଼ିଶା ସଦ୍‌ଭାବନା ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ବିଜନେସ୍ ଆଣ୍ଡ ଫ୍ୟାଶନ ମାଗାଜିନ୍ ପକ୍ଷରୁ ମିସେସ୍ ଆଣ୍ଡ ମିଷ୍ଟର ଇଣ୍ଡିଆ ୨୦୨୩, ଓପିଡି, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା କୃଷକ ସାଥି ସଂଘ ପକ୍ଷରୁ ଧାରଣା, ଗାନ୍ଧୀମାର୍ଗ, ମଧ୍ୟାହ୍ନ ୧୨ଟା।
- ନେତାଜୀ ସ୍କୁଲ ଆଣ୍ଡ କଲେଜ ଅଫ୍ ନର୍ସିଂର ବାର୍ଷିକ ଉତ୍ସବ, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମ୍, ଅପରାହ୍ନ ୪ଟା ୩୦।
- ୭ମ ମେଗା ହ୍ୟାଣ୍ଡଲୁମ୍ ଫେବ୍ ମେଳା, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୫ଟା।
- କୁମାର କୃଷ୍ଣଚନ୍ଦ୍ର ରାୟ ସ୍ମୃତି ବ୍ୟାଖ୍ୟାନମାଳା, ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ କ୍ୟାମ୍ପସ ଅଡିଟୋରିୟମ୍, ଅପରାହ୍ନ ୫ଟା।
- ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ହାର୍ପିକ୍ ୱାର୍ଲ୍ଡ ଟଏଲେଟ୍ କଲେଜ ଭୁବନେଶ୍ୱର ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, କଲେଜ ପରିସର, ନୟାପଲ୍ଲୀ, ମଧ୍ୟାହ୍ନ ୧୨ଟା।

**କଟକ**

- କନସଲ୍‌ଟେଟିଭ କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ମ୍ୟୁଜିୟମ ଅଫ୍ ଜଷ୍ଟିସ, କିଲା ଫର୍ଟ, ଅପରାହ୍ନ ୫ଟା।

**ବାଲିଅନ୍ତା**

- ଅଷ୍ଟପ୍ରହରୀ ନାମଯଜ୍ଞର ନାମ ସଂକୀର୍ତ୍ତନ, ଧମିଲୋ ଗ୍ରାମସ୍ଥିତ ଠାକୁରାଣୀ ପୀଠ, ସକାଳ ୮ଟା।
- ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ମା' ମହାଲକ୍ଷ୍ମୀଙ୍କ ପ୍ରାଣ ପ୍ରତିଷ୍ଠାର ଜଳଯାତ୍ରା, କୋଟକଣାସ୍ଥିତ ଜଗନ୍ନାଥ ମନ୍ଦିର, ସକାଳ ୮ଟା।

# ସଙ୍ଗୀତ ସମଗ୍ର ବିଶ୍ୱକୁ ଏକାଠି କରିଛି : ରାଜ୍ୟପାଳ

## ୮ମ ବୃନ୍ଦାବନ ମହୋତ୍ସବ




ବୃନ୍ଦାବନ ମହୋତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର,୯।୩(ବ୍ୟୁରୋ)**

ଆମର ଧର୍ମଶାସ୍ତ୍ର ସାମବେଦରେ ସୁନ୍ଦର ସଙ୍ଗୀତ ଗାନ କଥା କୁହାଯାଇଛି। ଯୁଗେ ଯୁଗେ ସଙ୍ଗୀତର ମାହାତ୍ମ୍ୟ ରହିଆସିଛି। ନୈସର୍ଗିକ ସ୍ତରରେ ସଙ୍ଗୀତ ଅହରହ ଗାନ ହୋଇ ଚାଲିଛି। ସଙ୍ଗୀତଜ୍ଞମାନେ ସଙ୍ଗୀତର ପରୀ ସଦୃଶ। ସଙ୍ଗୀତ ବ୍ୟକ୍ତି ଜୀବନରେ ଆଧ୍ୟାତ୍ମିକତା ଭରିଦେବା ସହ ଅତି ମାନବୀୟ ଗୁଣର ନିକଟତର କରାଇଥାଏ। ଯନ୍ତ୍ର ସଙ୍ଗୀତ ବା ସୁନ୍ଦର କଣ୍ଠ ସଙ୍ଗୀତ ପରିବେଷଣ କରୁଥିବା ପ୍ରତ୍ୟେକ କଳାକାର ହେଉଛନ୍ତି ସଙ୍ଗୀତର ରାଜଦୂତ। ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସଙ୍ଗୀତ ସମଗ୍ର ବିଶ୍ୱକୁ ଏକାଠି କରିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ବୁଧବାର ରବୀନ୍ଦ୍ର ମଣ୍ଡପରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ '୮ମ ବୃନ୍ଦାବନ ମହୋତ୍ସବ'କୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିବା ସହ ସଙ୍ଗୀତ ବିଶାରଦ ଓ ଯୁବ ସଙ୍ଗୀତ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସହଯୋଗରେ ବୃନ୍ଦାବନ ଗୁରୁକୁଳ ତରଫରୁ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ , ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକ ଚନ୍ଦ୍ର ଶେଖର ଶର୍ମା, ସଂଗୀତ ନାଟକ ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି ଏବଂ ସଚିବ ପ୍ରବୋଧ ରଥ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବୃନ୍ଦାବନ ଗୁରୁକୁଳ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ଯୋଗଦେଇଥିବା ବୃନ୍ଦାବନ ଗୁରୁକୁଳର ଶିକ୍ଷାନବିସ ଚିତ୍ତାକର୍ଷକ ବଂଶୀ ବାଦନ କରିଥିଲେ। ପରେ ପଦ୍ମବିଭୂଷଣ ଉସ୍ତାଦ ଅମ୍‌ଜାଦ ଅଲୀ ଖାନଙ୍କ ସରୋଦ ବାଦନ ଓ ପଦ୍ମଶ୍ରୀ ମାଳିନୀ ଅୱସ୍ଥିଙ୍କ ଦ୍ୱାରା ଭଗବାନ ଶ୍ରୀକୃଷ୍ଣଙ୍କ ଉପରେ ଆଧାରିତ ଓ ହୋଲି ଉତ୍ସବ ଉପରେ ପର୍ଯ୍ୟବସିତ ଭକ୍ତି ରସାତ୍ମକ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ପରିବେଷଣ ଶ୍ରୋତାଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଏଥିସହିତ ଶାସ୍ତ୍ରୀୟ ତବଲା ବାଦକ ପଣ୍ଡିତ ଅରବିନ୍ଦ କୁମାର ଆଜାଦ ଓ ଅନ୍ୟ ଶାସ୍ତ୍ରୀୟ ସଙ୍ଗୀତବାଦକଙ୍କ ଦ୍ୱାରା ଯନ୍ତ୍ରସଙ୍ଗୀତ ପରିବେଷଣ ଏକ ଦିବ୍ୟ ପରିବେଶ ସୃଷ୍ଟି କରିଥିଲା। ଗୁରୁକୁଳର ସଭାପତି ଅନିକେତ ମହାରଣା ଓ ସମ୍ପାଦକ ଦିଗ୍‌ବିଜୟ ସିଂ ଚୌହାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. ନାଜିଆ ଆଲାମ ସଂଯୋଜନା କରିଥିଲେ।






ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଆରମ୍ଭ ହୋଇଥିବା ସଙ୍ଗୀତ କାର୍ଯ୍ୟକ୍ରମ 'ସମର୍ପଣ'ରେ ସୁଫି ସଙ୍ଗୀତ ପରିବେଷଣ କରାଯାଉଛି।

# ସୁଫି ସଙ୍ଗୀତରେ ସମର୍ପିତ ହେଲା ସମର୍ପଣର ପ୍ରଥମ ସନ୍ଧ୍ୟା

**ଭୁବନେଶ୍ୱର,୯।୩(ବ୍ୟୁରୋ)**

ଓଡ଼ିଶା ପର୍ଯ୍ୟଟନ ବିଭାଗ ସହାୟତାରେ ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ୧୧ତମ ସୁଫିୟାନା ଓ ଆଧ୍ୟାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ 'ସମର୍ପଣ' ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ଅତିଥି ଭାବେ ମ୍ୟୁଜିକ ସର୍କଲ ସଭାପତି ଅରବିନ୍ଦ ବେହେରା, ଉପସଭାପତି ବିଦ୍ୟୁଭୂଷଣ ଦାସ, କୋଷାଧ୍ୟକ୍ଷ ଗିରିଜା ପ୍ରସାଦ ପାଣିଗ୍ରାହୀ ଓ ସଚିବ କ୍ଷୀରୋଦ କୁମାର ପଟ୍ଟନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସୁଫି ସଙ୍ଗୀତରେ ପ୍ରଥମ ସନ୍ଧ୍ୟା ସମର୍ପିତ ହୋଇଥିଲା। ସନ୍ଧ୍ୟାର ପ୍ରଥମ ପରିବେଷଣ ଥିଲା ପାରମ୍ପରିକ ସୁଫିୟାନା ଭକ୍ତି ରସାତ୍ମକ ସଙ୍ଗୀତ। ଏହାକୁ ପରିବେଷଣ କରିଥିଲେ ଭୁବନେଶ୍ୱରର ଆକାଶ ବିଶ୍ୱାଳ ଓ ଲକ୍ଷ୍ମୀପ୍ରିୟା ନାୟକ। ସେମାନଙ୍କ ପ୍ରସ୍ତୁତିରେ ଥିଲା ଗୁରୁ ନାନକ, ଗୋସ୍ୱାମୀ ତୁଲସୀ ଦାସ, ସନ୍ଥ ସୁର ଦାସ, ସନ୍ଥ କବୀର ଏବଂ ମୀରାବାଈଙ୍କ ଦ୍ୱାରା ରଚିତ ଆଧ୍ୟାତ୍ମିକ ତଥା ପାରମ୍ପରିକ ସୁଫିୟାନା ସଙ୍ଗୀତ। ତବଲାରେ ନତ୍ୟାନନ୍ଦ ଗୁରୁ, ଢୋଲକରେ ରାଜେଶ କୁମାର ଜେନା, କିବୋର୍ଡ଼ରେ ରତିକାନ୍ତ ତ୍ରିପାଠୀ ଓ ମଞ୍ଜିରାରେ ସନ୍ତୋଷ ପାଇକରାୟ ସହାୟତା କରିଥିଲେ। ଦ୍ୱିତୀୟ ତଥା ଅନ୍ତିମ ପରିବେଷଣରେ ପାରମ୍ପରିକ ରାଜସ୍ଥାନୀ ସଙ୍ଗୀତ ଶୁଣିବାକୁ ମିଳିଥିଲା। ରାଜସ୍ଥାନରୁ ଆସିଥିବା ରାଜସ୍ଥାନ ପାରମ୍ପରିକ ତଥା ଗ୍ରାମୀଣ ସଂସ୍କୃତି ସମିତି (ଷ୍ଟାର୍କ) ଅନୁଷ୍ଠାନର କଳାକାରମାନେ ଏହାକୁ ଚମତ୍କାର ଢଙ୍ଗରେ ଭେଟି ଦେଇଥିଲେ। ପ୍ରଥମ ସଙ୍ଗୀତ ଭଗବାନ ଶ୍ରୀକୃଷ୍ଣଙ୍କୁ ଉତ୍ସର୍ଗ କରାଯାଇଥିବାବେଳେ ପରେ ଦୀପାବଳି ଓ ହୋଲିକୁ ନେଇ ବିଭିନ୍ନ ସଙ୍ଗୀତ ଗାନ କରାଯାଇଥିଲା। ଅନୁଷ୍ଠାନର ସୁନାମଧନ୍ୟ ଗାୟକ ଓ ସଙ୍ଗୀତଜ୍ଞ ଦୀନ ମହମ୍ମଦ, ସଲିମ ଖାନ୍, ଉମର ଖାନ୍, ଭୁଟ୍ଟା ଖାନ୍, ଦେବୁ ଖାନ୍ ଓ ହୁସେନ ଖାନ୍ ପ୍ରମୁଖ ଏହି ସଙ୍ଗୀତ ପରିବେଷଣ କରିଥିଲେ। ଡ. ସଙ୍ଗୀତା ଗୋସାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଏହା ୩ଦିନ ଧରି ଚାଲିବ।

# ଲିଫ୍ଟ ଦେବା ଆଳରେ ଯୁବତୀଙ୍କୁ ବଳାତ୍କାର

## ଅଭିଯୁକ୍ତ ଯୁବକ ଗିରଫ

**ଭୁବନେଶ୍ୱର,୯।୩(ବ୍ୟୁରୋ):** ଲିଫ୍ଟ ଦେବା ଆଳରେ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱରର ମୈତ୍ରୀବିହାର ଥାନା ଅଞ୍ଚଳରେ ମଙ୍ଗଳବାର ରାତିରେ ଏହି ଘଟଣା ଘଟିଥିବାବେଳେ ବୁଧବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣ ଅଞ୍ଚଳରେ ରହୁଥିବା ସତ୍ୟନାରାୟଣ ସାହୁ (୩୧)। ଅଭିଯୁକ୍ତ ସତ୍ୟନାରାୟଣଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତା ଯୁବତୀ ଜଣକ ଗଜପତି ନଗର ଅଞ୍ଚଳରେ ଥିବା ଏକ ରେଷ୍ଟୁରାଣ୍ଟରେ କାମ କରୁଥିବାବେଳେ ନିକଟସ୍ଥ ଏକ ମେସ୍‌ରେ ରୁହନ୍ତି। ମଙ୍ଗଳବାର ରାତି ପ୍ରାୟ ୮ଟାରେ ସେ ଉକ୍ତ ରେଷ୍ଟୁରାଣ୍ଟରୁ କାମ ସାରି ମେସ୍‌କୁ ଫେରୁଥିଲେ। ତେବେ ରୁମ୍‌ର ଚାବି ଭୁଲିଯାଇଥିବା ଉକ୍ତ ରେଷ୍ଟୁରାଣ୍ଟରେ କାମ କରୁଥିବା ତାଙ୍କ ସାଙ୍ଗଙ୍କୁ ଜଣାଇଥିଲେ। ସାଙ୍ଗ ଜଣକ ଚାବି ଆଣି ଦେବେ ବୋଲି କହିବାରୁ ପୀଡିତା ଯୁବତୀ ସୈନିକ ସ୍କୁଲ୍ ଛକରେ ତାଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତ ସତ୍ୟନାରାୟଣ ସେଠାରେ ବାଇକ୍‌ରେ ପହଞ୍ଚି ଲିଫ୍ଟ ଦେଇ ମେସ୍ ନିକଟରେ ଛାଡ଼ିଦେବାକୁ କହିବାରୁ ଯୁବତୀ ଜଣକ ତାଙ୍କ ସାଙ୍ଗରେ ଯାଇଥିଲେ। ବାଟରେ ଉକ୍ତ ଯୁବତୀଙ୍କୁ ସତ୍ୟନାରାୟଣ ସୈନିକ ସ୍କୁଲ ନିକଟ ଏକ ଶୂନ୍‌ଶାନ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଯୁବତୀଙ୍କ ଚିତ୍କାର ଶୁଣି ୧୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ସତ୍ୟନାରାୟଣଙ୍କୁ କାବୁ ନିସ୍ତୁକ ମାଡ଼ ମାରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିବା ସହ ଆହତ ସତ୍ୟନାରାୟଣଙ୍କୁ ଥାନାକୁ ନେଇଥିଲା। ପୀଡିତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୭୩/୨୦୨୩) ରୁଜୁ କରି ସତ୍ୟନାରାୟଣଙ୍କୁ ଗିରଫ କରିଛି। ସେହିପରି ପୀଡିତା ଡାକ୍ତରୀ ପରୀକ୍ଷା ସହ ବୟାନ ରେକର୍ଡ କରାଯାଇଛି।

# ଉଦ୍ଧାର ହିମାଳୟ ଶାଗୁଣା ନନ୍ଦନକାନନ ଆସିଲା

**ବାରଙ୍ଗ,୯।୩(ଡି.ଏନ୍.ଏ.)**– ବାଲିଗୁଡ଼ା ଡିଭିଜନରୁ ଉଦ୍ଧାର ହୋଇଥିବା ଏକ ୬ବର୍ଷର ହିମାଳୟ ଶାଗୁଣା ଗୁରୁବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଆସିଛି। ଶାଗୁଣା ଦେହରେ ଶକ୍ତ ଆଘାତ ଲାଗି ଅସୁସ୍ଥ ଥିବାରୁ କର୍ତ୍ତୃପକ୍ଷ ପ୍ରଥମେ ଚିକିତ୍ସାଳୟରେ ଚିକିତ୍ସକମାନଙ୍କ ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟପରୀକ୍ଷା କରିବାପରେ ଆଣ୍ଟିବାୟୋଟିକ ଔଷଧ ଦେଇ ବନ୍ୟପ୍ରାଣୀ ଚିକିତ୍ସାଳୟର କ୍ୱାରେଣ୍ଟାଇନର ପୃଥକୀକରଣ ଏନ୍‌କ୍ଲୋଜରରେ ରଖିଛନ୍ତି। ସାଧାରଣତଃ ଏହି ବିରଳ ପ୍ରଜାତିର ଶାଗୁଣା ରଙ୍ଗ ଧଳା ହିମାଳୟ ଓ ମଧ୍ୟ ଏସିଆ ପାର୍ବତ୍ୟ ଅଞ୍ଚଳରେ ଏମାନେ ବହୁଳ ଭାବରେ ଦେଖାଯାଆନ୍ତି।

# ପ୍ରଶିକ୍ଷଣ ବେଳେ ଗୁଳିଫୁଟି ଯବାନ ଆହତ

**ବାରଙ୍ଗ,୯।୩(ଡି.ଏନ୍.ଏ.)**

ଚନ୍ଦକା ଏସ୍‌ଓଜି କ୍ୟାମ୍ପରେ ଗୁଳିଫୁଟି ଜଣେ ଯବାନ ଆହତ ହୋଇଛନ୍ତି। ଗୁରୁବାର ଅପରାହ୍ନ ସମୟରେ କ୍ୟାମ୍ପରେ କେତେଜଣ ଯବାନଙ୍କୁ ନେଇ ପ୍ରଶିକ୍ଷଣ ଦିଆଯାଉଥିଲା। ଏହି ସମୟରେ ଜଣେ ଯବାନଙ୍କ ବନ୍ଧୁକରୁ ଅସାବଧାନତାବଶତଃ ଗୁଳି ଫୁଟିଯାଇଥିଲା। ଫଳରେ ଏହି ଗୁଳି ଯାଇ ନିକଟରେ ଥିବା ଅନ୍ୟ ଜଣେ ଯବାନଙ୍କ ଗୋଡ଼ରେ ବାଜିଥିଲା। ଫଳରେ ଯବାନ ଜଣଙ୍କ ଆହତ ହୋଇପଡିଥିଲେ। ଏହାଦେଖି ପାଖରେ ଥିବା ଅନ୍ୟ ଯବାନମାନଙ୍କ ସହ ପ୍ରଶିକ୍ଷକ ଗୁଳିମାଡ଼ର ଶିକାର ହୋଇ ଆହତ ହୋଇଥିବା ଯବାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଭୁବନେଶ୍ୱର ହସ୍ପିଟାଲ ନିଆଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କ୍ଷିତିପ୍ରକାଶ



@ କାର୍ତ୍ତିକ




@ ରୋଜାଲିନ



@ କୁନାଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଅଜିତ ମହାନ୍ତିଙ୍କ ନିରବଚ୍ଛିନ୍ନ ସାଧନା ଯୁବ ସାମ୍ବାଦିକଙ୍କ ପାଇଁ ଅନୁକରଣୀୟ



**ଭୁବନେଶ୍ୱର, ୯।୩ (ବ୍ୟୁରୋ)**

ସାମ୍ବାଦିକତା ସହ ସାହିତ୍ୟ, ସଂସ୍କୃତି, ସେବା, ସାମାଜିକ ମୂଲ୍ୟବୋଧ ଓ ଆଧ୍ୟାତ୍ମିକତା ଯୋଡିହୋଇ ଗଲେ ଗଣମାଧ୍ୟମର ଚତୁର୍ଥ ସ୍ତମ୍ଭ ସୁଦୃଢ ହୁଏ। ନିରପେକ୍ଷ ସାମ୍ବାଦିକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ନେଇ ସମସ୍ୟାର ଠିକ ଉପସ୍ଥାପନା କରିଥାଏ। ଏଥିସହ ଏହାର ସମାଧାନ ପାଇଁ ସରକାର ଓ ସମାଜକୁ ମାର୍ଗଦର୍ଶନ ଦେଇଥାଏ ବୋଲି ସମବାୟ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ଗୁରୁବାର ୟୁନିଟ୍–୩ସ୍ଥିତ ରାମ ମନ୍ଦିର ପରିସରରେ ସାମ୍ବାଦିକ ଅଜିତ୍ ମହାନ୍ତିଙ୍କ ସ୍ମୃତିସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ସ୍ୱର୍ଗତ ମହାନ୍ତି ଗତାନୁଗତିକ ଧାରାରେ ନିଜକୁ ବ୍ୟତିକ୍ରମ ଭାବେ ପ୍ରମାଣିତ କରିଥିଲେ। ସେ ସାମ୍ବାଦିକତା, ସାହିତ୍ୟ ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ପ୍ରାୟ ପାଞ୍ଚ ଦଶନ୍ଧି ଧରି ଯେଭଳି ନିରବଚ୍ଛିନ୍ନ ସାଧନା କରିଆସିଛନ୍ତି ତାହା ଯୁବ ସାମ୍ବାଦିକଙ୍କ ପାଇଁ ଅନୁକରଣୀୟ ବୋଲି କହିଥିଲେ। ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସହ ବୃତ୍ତିଗତ ଓ ପାରିବାରିକ ଜୀବନରେ ତାଙ୍କ ସମ୍ପର୍କର ଅବତାରଣା କରିଥିଲେ। ନିଷ୍ଠାର ସହ ନିରପେକ୍ଷ ଖବର ପରିବେଷଣ ପେସାଦାର ସାମ୍ବାଦିକଙ୍କ କ୍ଷେତ୍ରରେ କ୍ୱଚିତ୍ ଦେଖାଯାଏ ବୋଲି କହିଥିଲେ। ସ୍ତମ୍ଭକାର ପ୍ରହଲ୍ଲାଦ ସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଗୋପାଳକୃଷ୍ଣ ମହାପାତ୍ର, ଲଳିତ ପାଟଯୋଶୀ, ପ୍ରଭୁକଲ୍ୟାଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ସନତ୍ ମିଶ୍ର ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ଆନନ୍ଦ ଅମୃତାୟନଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# ଆକାଶବାଣୀ କଟକ କେନ୍ଦ୍ରରେ ଅନ୍ତର୍ଜାତୀୟ ମହିଳା ସପ୍ତାହ

**କଟକ, ୯।୩ (ବ୍ୟୁରୋ)**

ଆକାଶବାଣୀ କଟକ କେନ୍ଦ୍ରରେ ଅନ୍ତର୍ଜାତୀୟ ମହିଳା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ମହିଳା କର୍ମଚାରୀଙ୍କ ଦ୍ୱାରା ମୁରୁଜ ପ୍ରତିଯୋଗିତା, ଏକକ ଅଭିନୟ, ସ୍ୱରଚିତ କବିତା ଆବୃତ୍ତି, ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆକାଶବାଣୀ କଟକ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ତରୁଣକାନ୍ତି ରାଉତ ଉଦ୍‌ଘାଟନ କରି ଚଳିତ ବର୍ଷର ଥିମ୍ 'ଲିଙ୍ଗଗତ ସମାନତା' ସହିତ ଡିଜିଟାଲ ସାକ୍ଷରତାକୁ ଆପଣାଇବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିବିଧ ଭାରତୀ ବିଜ୍ଞାପନ ପ୍ରସାରଣ ସେବା କଟକର ମୁଖ୍ୟ ଚିରଞ୍ଜୀବୀ ରାଉତରାୟ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଥିଲେ। ସେହିପରି ଆଚାର୍ଯ୍ୟ ହରିହର କ୍ୟାନ୍‌ସର ଗବେଷଣା କେନ୍ଦ୍ର କଟକର ଆସୋସିଏଟ୍ ପ୍ରଫେସର ଡା. ସଂଯୁକ୍ତା ପାଢୀ ଯୋଗଦେଇ କ୍ୟାନସର ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ମହିଳା ଆୟୋଗର ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ଅଶାଳୀନ ଆଚରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଆକାଶବାଣୀ କଟକ କେନ୍ଦ୍ରର ଗ୍ରନ୍ଥାଗାର ଏବଂ ସୂଚନା ସହାୟକ ଜୟଶ୍ରୀ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗ ଶିବିର ପରିଚାଳନା କରାଯାଇଥିଲା। ହୋଲି ଉତ୍ସବ ପାଳନ ସହିତ ଆନ୍ତର୍ଜାତିକ ମହିଳା ସପ୍ତାହ ଶେଷ ହୋଇଥିଲା।




ଆକାଶବାଣୀ କଟକ କେନ୍ଦ୍ରରେ ଅନ୍ତର୍ଜାତୀୟ ମହିଳା ସପ୍ତାହ ପାଳନ ଅବସରରେ ଉପସ୍ଥିତ ମହିଳା କର୍ମଚାରୀମାନେ।

# ଶତାୟୁ ସଂଗ୍ରାମୀ ବ୍ରଜକିଶୋର ମହାପାତ୍ରଙ୍କ ଦେହାନ୍ତ

**ଢେଙ୍କାନାଳ ଅଫିସ, ୯।୩**



ଶତାୟୁ ସ୍ୱାଧୀନତା ସଂଗ୍ରାମୀ ତଥା ଢେଙ୍କାନାଳ ମାଟିର ଗୌରବ ବ୍ରଜକିଶୋର ମହାପାତ୍ରଙ୍କ ମଙ୍ଗଳବାର ସନ୍ଧ୍ୟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୧ ବର୍ଷ ହୋଇଥିଲା। ସେ ଅସୁସ୍ଥ ହୋଇ ପ୍ରାୟ ୧୭ ଦିନ ହେଲା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ୮ ତାରିଖ ସକାଳେ ସଦର ବ୍ଲକ ବଳଭଦ୍ରପୁର ଶାସନସ୍ଥିତ ତାଙ୍କ ବାସଭବନରୁ ମରଶରୀରକୁ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯିବା ପରେ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ପୁତ୍ର ଧର୍ମାନନ୍ଦ ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ସମଗ୍ର ଜିଲାରେ ଶୋକର ଛାୟା ଖେଳିଯାଇଛି।

୧୯୨୨ ମାର୍ଚ୍ଚ ୨୪ରେ ଜନ୍ମଗ୍ରହଣ କରିଥିବା ସଂଗ୍ରାମୀ ବ୍ରଜକିଶୋର ଥିଲେ ପ୍ରଜାମଣ୍ଡଳ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର। ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ବୈଷ୍ଣବ ପଟ୍ଟନାୟକଙ୍କ ସହ ମିଶି ସେ ପ୍ରଜା ମଣ୍ଡଳ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିଲେ। ଜଣେ ନିର୍ଭୀକ, ସ୍ପଷ୍ଟବାଦୀ ଓ ସାଲିସବିହୀନ ବ୍ୟକ୍ତି ଭାବେ ତାଙ୍କର ପରିଚୟ ଥିଲା। ତାଙ୍କୁ ୨୦୧୫ ମେ ୮ରେ ଢେଙ୍କାନାଳ ଜିଲା ମହୋତ୍ସବରେ 'ରାଜ୍ୟସ୍ତରୀୟ କପିଳାସ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ତାଙ୍କର ପରଲୋକରେ ବିଧାୟକ ସୁଧୀର କୁମାର ସାମଲ ଗଭୀର ଶୋକପ୍ରକଟ କରିଛନ୍ତି। ନିଜ ଶୋକବାର୍ତ୍ତାରେ ସେ କହିଛନ୍ତି, କେବଳ ଢେଙ୍କାନାଳ ଜିଲା ନୁହେଁ ସମଗ୍ର ଓଡ଼ିଶା ଜଣେ ବରପୁତ୍ରକୁ ହରାଇଲା। ତାଙ୍କର କର୍ମମୟ ଜୀବନ ଭିତରେ ସେ ନିଜ ସ୍ୱାର୍ଥକୁ ଭୁଲି ସ୍ୱାଧୀନତା ପାଇଁ ଯେଉଁ ଲଢ଼େଇ କରିଥିଲେ, ତାହା ଚିରସ୍ମରଣୀୟ ହୋଇ ରହିବ ବୋଲି ବିଧାୟକ କହିଥିଲେ। ଏମ୍‌ପି ମହେଶ ସାହୁ ମଧ୍ୟ ବାସଭବନରେ ଶୋକସନ୍ତପ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

ବ୍ରଜକିଶୋରଙ୍କ ଦେହାନ୍ତ ସୂଚନା ପାଇ ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ପୂର୍ବତନମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଆଇନଜୀବୀ ଶିବସାଇ ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମେଡିକାଲରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମରଶରୀର ନଗର ପରିକ୍ରମା କରିବା ବେଳେ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ପ୍ରଶାସନିକ ଅଧିକାରୀ, ସହରବାସୀ ଏଥିରେ ସାମିଲ ହୋଇଥିଲେ। ଗୋପବନ୍ଧୁ ଟାଉନ ହଲଠାରେ ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ନଗର ସଭାପତି ଇନ୍ଦ୍ରମଣି ବେହେରାଙ୍କ ପରିଚାଳନାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

# କଥାକାର ବଂଶୀଧର ରାଉତଙ୍କ ପରଲୋକ

**ଭୁବନେଶ୍ୱର,୯।୩(ବ୍ୟୁରୋ)**



ବିଶିଷ୍ଟ କଥାକାର, ଔପନ୍ୟାସିକ, ସମ୍ପାଦକ ତଥା ସଂଗଠକ ବଂଶୀଧର ରାଉତଙ୍କର ମଙ୍ଗଳବାର ଦୋଳପୂର୍ଣ୍ଣିମାରେ ପରଲୋକ ଘଟିଛି। ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ଫୁସ୍‌ଫୁସ୍ କର୍କଟ ରୋଗରେ ଆକ୍ରାନ୍ତ ହୋଇ ସେ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ଦୁଇ ପୁଅ, ଦୁଇ ଝିଅ ଓ ନାତି ଉପସ୍ଥିତ ଥିଲେ । ତାଙ୍କ ମରଶରୀରକୁ କର୍ମଭୂମି ଖୋର୍ଦ୍ଧାକୁ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ବିଶ୍ୱଜିତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଖୋର୍ଦ୍ଧା ସାହିତ୍ୟ ସଂସଦ ଓ ଭୁବନେଶ୍ୱର ସାହିତ୍ୟ ସମାଜ ସମେତ ସାହିତ୍ୟିକ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ବଂଶୀଧର ୧୯୪୯ ସେପ୍ଟେମ୍ବର ୧୭ରେ ରଣପୁର ନିକଟ ଗଡ଼ବାଣିକିଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଶିକ୍ଷାସମାପ୍ତି ପରେ ସେ ସରକାରୀ ଚାକିରି ଜୀବନ ଆରମ୍ଭ କରିବା ସହ ଖୋର୍ଦ୍ଧା ସହରରେ ରହୁଥିଲେ। ଜଣେ ଗାଳ୍ପିକ, ଔପନ୍ୟାସିକ ଓ ନାଟ୍ୟ ନିର୍ଦ୍ଦେଶକ ଭାବରେ ସେ ବିଶେଷ ସୁନାମ ଅର୍ଜନ କରିଥିଲେ। ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ନାଟ୍ୟ ନିର୍ଦ୍ଦେଶକ ଭାବେ ସେ ବେତାର ଓ ଦୂରଦର୍ଶନ ନିମନ୍ତେ ଏକାଧିକ କାର୍ଯ୍ୟକ୍ରମର ନିର୍ଦ୍ଦେଶନା ଦେଇଥିଲେ। ନୂଆ ସକାଳ, ପ୍ରତିଦାନ, ନୂଆ ଦିଗନ୍ତ, ବିକାଶଧାରା, ଜୀବନରଙ୍ଗ ଓ ସନ୍ତାନ ଆଦି କେତେକ ଲୋକପ୍ରିୟ ଟେଲିନାଟକ ଓ ଧାରାବାହିକର ସେ ନିର୍ଦ୍ଦେଶନା ଦେଇଥିଲେ। ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ ରହିଛି ଗୋପନୀୟ କାହାଣୀ, ଲକ୍ଷ୍ମଣ ରେଖା, ପଶାଖେଳ, ହଜିଲା ଚାନ୍ଦର ମାୟା, ମନସମୁଦ୍ର, ବଣଫୁଲର ସୁରଭି, ଖେଳଘର,ଅନ୍ଧରାତିର ମୁହଁ, ମୁଁ ଆଶ୍ରୟ ଚାହେଁ, ଫୁଲବନ, ନିଦ୍ରିତ ଈଶ୍ୱର,ଜଣେ ମନ୍ତ୍ରୀ ଥିଲେ, ସଂପର୍କ, ହେ ଈଶ୍ୱର ମତେ ମୃତ୍ୟୁ ଦିଅ,ଜଙ୍ଗଲ ଯନ୍ତ୍ରଣା ପ୍ରମୁଖ। 'ମହଲ' ନାମରେ ଏକ ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା ଓ ସମ୍ପାଦକ ଥିଲେ। ସାରସ୍ୱତ କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ନିମନ୍ତେ ସେ ଉତ୍କଳ ସାହିତ୍ୟ ସମାଜ, ପ୍ରଜାତନ୍ତ୍ର ପ୍ରଚାର ସମିତି ସମେତ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ।

# ସୀମାନ୍ତରେ ମାଓବାଦୀ ବର୍ବରତା, ୩ଜଣଙ୍କ ମୃତ୍ୟୁ

**ମାଲକାନଗିରି,୯।୩(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମନ୍ତ ଛତିଶଗଡ଼ରେ ମାଓବାଦୀମାନେ ହୋଲି ପୂର୍ବଦିନ ୩ଟି ସ୍ଥାନରେ ଅଘଟଣ ଘଟାଇଛନ୍ତି। ଫଳରେ ୩ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ସରପଞ୍ଚ ରହିଛନ୍ତି। ତାଙ୍କ ନାମ ପୁଣେମ ସନ୍ନା। ମାଓବାଦୀମାନେ ସୁକ୍‌ମା ଜିଲା କେରଲପାଲ ଥାନା ଅନ୍ତର୍ଗତ ପୋଗାବେଜି ଗ୍ରାମର ସରପଞ୍ଚ ସନ୍ନାଙ୍କୁ ଦିନ ଦ୍ୱିପ୍ରହରରେ ରାବିଡ଼ିପାରା ଗ୍ରାମ ନିକଟରେ ଗୁଳିକରି ହତ୍ୟା କରିଛନ୍ତି। ସନ୍ନା ସୁକ୍‌ମାରୁ ନିଜ ଗ୍ରାମ ପୋଗାବେଜିକୁ ଯାଉଥିବା ସମୟରେ ମାଓବାଦୀମାନେ ତାଙ୍କୁ ରାବିଡ଼ିପାରା ଜଙ୍ଗଲ ରାସ୍ତାରେ ଅଟକାଇ ଗୁଳିକରି ହତ୍ୟା କରିଥିଲେ। ସେହିପରି ୭ ତାରିଖ ରାତିରେ ଧମତରି ଜିଲା କଲାଡ ଥାନା ଅନ୍ତର୍ଗତ ଚାମିଣ୍ଡା ଗ୍ରାମର ନାରଦ ମାର୍କମ ନିଜ ଘରେ ଶୋଇଥିବା ବେଳେ ମାଓବାଦୀମାନେ ତାଙ୍କ ଗଳା କାଟି ହତ୍ୟା କରିଛନ୍ତି। ଅନ୍ୟ ଏକ ଘଟଣାରେ ମାଓବାଦୀମାନେ କାଙ୍କେର ଜିଲା କାନ୍ନା ଗ୍ରାମର ବୀରେଶ ମାଣ୍ଡାମଙ୍କୁ ହତ୍ୟା କରିଛନ୍ତି। ଯବାନଙ୍କୁ ଟାର୍ଗେଟ୍‌କରି ମାଓବାଦୀମାନେ ଏହି ରାସ୍ତାରେ ଲ୍ୟାଣ୍ଡମାଇନ ବିଛାଇଥିଲେ। ତେବେ ବୀରେଶ ବାଇକ୍‌ରେ ଯାଉଥିବା ବେଳେ ତାଙ୍କୁ ପରିସ୍ରା ଲାଗିବାରୁ ସେ ରାସ୍ତାକଡ଼ରେ ବାଇକ୍ ରଖି ପରିସ୍ରା କରିବାକୁ ଯାଉଥିଲେ। ଏହି ସମୟରେ ପୋତାଯାଇଥିବା ଲ୍ୟାଣ୍ଡମାଇନରେ ତାଙ୍କ ପାଦ ପଡ଼ିଯିବାରୁ ଏହା ବିସ୍ଫୋରଣ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି କାଙ୍କେର ଏସ୍‌ପି ସୌରଭ ସିହ୍ନା କହିଛନ୍ତି। ଏହି ତିନୋଟି ଘଟଣାର ତଦନ୍ତ ଜାରି ରହିଛି। ପୋଲିସ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରିଥିବା ସିହ୍ନା ସୂଚନା ଦେଇଛନ୍ତି।

# ଗୁଳିମାଡ଼ରେ ଯୁବକ ଗୁରୁତର

**ବରଗଡ଼ ଅଫିସ୍,୯।୩**

ବରଗଡ଼ ସହର ସରକାରୀ ବସ୍‌ଷ୍ଟାଣ୍ଡ ନିକଟରେ ଗୁରୁବାର ରାତି ପ୍ରାୟ ୯ଟାରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଗୁଳି ଓ ଭୁଜାଲି ମାଡ଼ରେ ବରଗଡ଼ ହାଟପଦାର ଯୁବକ ଜଗନ୍ନାଥ କର୍ଣ୍ଣ ଗୁରୁତର ହୋଇଛନ୍ତି। ତାଙ୍କ ଗୋଡ଼ରେ ଗୁଳି ବାଜିଥିବା ବେଳେ ଭୁଜାଲି ମାଡ଼ରେ ହାତ ସମେତ ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଚିକିତ୍ସା ପାଇଁ ସହରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସେହିପରି ଘଟଣାସ୍ଥଳରୁ ଗୋଟିଏ ଫୁଟା ଗୁଳି ଓ ଖୋକା ଜବତ କରାଯାଇଛି। ସୂଚନା ଅନୁସାରେ, ଜଗନ୍ନାଥ ସରକାରୀ ବସ୍‌ଷ୍ଟାଣ୍ଡରୁ ନିଶାମଣି ସ୍କୁଲ ପଡ଼ିଆକୁ ଯାଇଥିବା ରାସ୍ତାକଡ଼ ଠେଲା ନିକଟକୁ ଆସିଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ରହିଥିବା କିଛି ଯୁବକ ତାଙ୍କ ଉପରକୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଗୁଳି ଓ ଭୁଜାଲି ମାଡ଼ରେ ଜଗନ୍ନାଥ ଗୁରୁତର ହୋଇ ତଳେ ପଡିଯିବାରୁ ଅଭିଯୁକ୍ତମାନେ ବାଇକ୍ ଯୋଗେ ଖସି ପଳାଇଥିଲେ। ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର ବୋଲି ଚର୍ଚ୍ଚା ହେଉଛି।

## ମହିଳାଙ୍କୁ ନିଆଳି ବିଧାୟକଙ୍କ ଦୁର୍ବ୍ୟବହାର ଘଟଣା | ଏନ୍‌ଏଚ୍‌ଆର୍‌ସିରେ ମାମଲା

**କଟକ ଅଫିସ,୯।୩**

ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକ ଅନୁସୂଚିତ ଜାତିର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଘଟଣାକୁ ନେଇ ଜାତୀୟ ମାନବ ଅଧିକାର କମିଶନ୍ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଗୁରୁବାର ମାମଲା ରୁଜୁ ହୋଇଛି। ନ୍ୟାୟ ପାଇଁ ଲଢ଼େଇ ପରିବାର ଅନୁଷ୍ଠାନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶଙ୍କ ଦ୍ୱାରା ରୁଜୁ ମାମଲା (ନଂ.୪୦୪୫/ଇନ୍/୨୦୨୩) ବିଚାର ପାଇଁ ଗ୍ରହଣ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ, ବିଧାୟକ ମଲ୍ଲିକ ଗତ ୫ ତାରିଖରେ ନିଆଳି ନିର୍ବାଚନ ମଣ୍ଡଳୀର ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ ଶତବାର୍ଷିକ ସଭାରେ ଯୋଗ ଦେଇଥିଲେ। ସ୍ଥାନୀୟ ଗରପଦା ଗ୍ରାମର ମହିଳା ସୋନୁଲତା ମଲ୍ଲିକ ନିଜକୁ ସାଧାରଣ ନାଗରିକ କହି ବିଧାୟକଙ୍କୁ ପ୍ରଶ୍ନ ପଚାରିଥିଲେ। ପରେ ବିଧାୟକ ସମ୍ପୃକ୍ତ ମହିଳାଙ୍କୁ ଅପାଠୁଆ କହି ଦୁର୍ବ୍ୟବହାର କରିଥିବା ଘଟଣା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଜଣେ ମହିଳାଙ୍କୁ ଅପାଠୁଆ କହି ଦୁର୍ବ୍ୟବହାର କରିବା ସମଗ୍ର ନାରୀ ସମାଜ ପାଇଁ ନିନ୍ଦନୀୟ ଘଟଣା। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ବିଧାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପିଟିଶନ୍‌ରେ ଦର୍ଶାଯାଇଛି। ଏନେଇ ବିଧାୟକ ମଲ୍ଲିକ କହିଛନ୍ତି, ସେ ଆମ ଜାତିର ଝିଅ। ତାଙ୍କର ମାନହାନୀ କିମ୍ବା ତାଙ୍କୁ ବାଧିଲା ଭଳି କୌଣସି କଥା କହିନାହିଁ।

## କର୍ଲାପାଟ ଅଭୟାରଣ୍ୟରେ ପୁଣି ଏକ ଦନ୍ତା ମୃତ

**ଭବାନୀପାଟଣା,୯।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅଧୀନ କର୍ଲାପାଟ ଅଭୟାରଣ୍ୟରେ ପୁଣି ଏକ ହାତୀର ମୃତ୍ୟୁ ଘଟିଥିବା ଘଟଣା ସାମ୍ନା ଆସିଛି। ଯାକମରୁ ୧୦୦ ମିଟର କୁକୁରଘାଟିର ସେମିଝରନଠାରେ ହାତୀର ମୃତ୍ୟୁ ଘଟିଛି। ଏହି ଘଟଣା ଗତ ୪ ତାରିଖରେ ଘଟିଥିବା ଜଣାଯାଇଛି। ଦୁର୍ଗନ୍ଧ ଦେବା ପରେ ବନ ବିଭାଗ ସୂଚନା ପାଇ ରାତାରାତି ବ୍ୟବଚ୍ଛେଦ କରି ପୋତି ଦେଇ ଘଟଣାକୁ ଘଣ୍ଟଘଡ଼ଉବାରେ ବ୍ୟସ୍ତ ରହିଛି। ଏହି ଘଟଣା ବନ ବିଭାଗ ଚାପି ଦେଉଥିବା ପାଇଁ ଚେଷ୍ଟା କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଯଦି କୌଣସି କାରଣରୁ ହାତୀର ମୃତ୍ୟୁ ହେଲା ତାହା ଏଯାଏଁ କୌଣସି ଗଣମାଧମରେ ସୂଚନା ନ ଥିବା ଓ ବନ ବିଭାଗ ସୂଚନା ଗଣମାଧମକୁ ଦେଇ ନ ଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ ପରେ ହାତୀ ମୃତ୍ୟୁ ହୋଇଥିବା ସେ କହିଛନ୍ତି। ହାତୀର କିଭଳି ମୃତ୍ୟୁ ଘଟିଲା, କେଉଁ କାରଣରୁ ମୃତ୍ୟୁ ଘଟିଲା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ଦୋଷ ଲୁଚାଇବା ପାଇଁ କାହିଁକି ରାତିରାତି ପୋତି ଦେଲେ ତାହା ତଦନ୍ତ ସାପେକ୍ଷ। ସୂଚନାଯୋଗ୍ୟ, ଗତବର୍ଷ କର୍ଲାପାଟ ଅଭୟାରଣ୍ୟରେ ୭ଟି ହାତୀର ମୃତ୍ୟୁ ହୋଇଥିଲା। ଏଥିରେ ମାଈ ଓ ଗୋଟିଏ ଛୋଟ ଛୁଆ ହାତୀ ରହିଥିଲା। ଏହାକୁ ନେଇ ସେତେବେଳେ ରାଜ୍ୟ ବ୍ୟାପି ଚର୍ଚ୍ଚା ହୋଇଥିଲା।


**OFFICE OF THE PRINCIPAL CHIEF CONSERVATOR OF FORESTS, KENDU LEAVES, ODISHA, BHUBANESWAR**
Plot No.GD 2/12, 5th Floor, Aranya Bhawan, Chandrasekharpur, Bhubaneswar, Odisha, Pin-751023, Phone No.0674-2300915/2300916, E-mail ID: pccfkldak@gmail.com

**ABRIDGED TENDER CALL NOTICE**
No.31/ Dated 09th March, 2023

**PROCUREMENT OF HESSIAN CLOTH (SUPERIOR) AND HESSIAN TWINE**

Sealed Tenders in prescribed format are invited from Companies/Firms/ Manufacturers/Traders of Hessian material for supply about **520 Bales of Hessian Cloth (Superior) and 12.50 MT of Hessian Twine** for 2023 KL Crop Year. The Tender Document along with terms & conditions can be obtained from the O/o- the PCCF (KL), Odisha on submitting the proof of payment of Rs.10,000/- towards cost of Tender Paper (Non-refundable) in the **(Account No. 32269698772 (State Bank of India, Fortune Towers Branch, IFSC Code. SBIN0004414**. The tender document can also be downloaded from Kendu Leaf Organization Web Portal:- **http://iklmsodisha.in.**

**SCHEDULE OF TENDER**

| | |
|---|---|
| Sale of Tender Documents | On all working days from 09.03.2023 to 22.03.2023 |
| Cost of Tender Documents (Non-refundable) | Rs.10,000/- |
| Last Date of Submission of Tender | 23.03.2023 (5.00 P.M.) |
| Opening of Technical Bid and Evaluation | 24.03.2023 (11.00 A.M.) |
| Opening of Financial Bid | 24.03.2023 (4.00 P.M.) |

Sd./- Assistant Chief Conservator of Forests
Kendu Leaves, Odisha

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-5073 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.1241/OSIC/MKT Dt.09.03.2023
OSIC invites sealed bids from experienced Manufacturers / Suppliers/MSMEs/Dealers/Distributor for supply of Laboratory equipment to Fakir Mohan Autonomous College, Balasore, Odisha. The detail specification and quantity of the Laboratory equipment along with terms and conditions of supply is available in the website of OSIC i.e. www.osicltd.in. Any corrigendum /changes/ modifications will appear in OSIC website: www.osicltd.in only and all the bidders are further advised to keep referring OSIC website for any updates with reference to this advertisement.

By order of MD
Sd/-Manager (Mktg)
OIPR-14073/11/0166/2223

**ZILLA SWASTHYA SAMITI, GANJAM**
(Contractual Appointment of Different Post under NHM Programme)
Adv. No. 3541 Date: 06.03.2023

**CONTRACTUAL APPOINTMENT**

No. E-961: Zilla Swasthya Samiti (ZSS), Ganjam invites the applications from the eligible candidates for different posts under NHM Programme and also requested to eligible cnadidates to attend the Walk-in-Interview for some post under NHM Ganjam.
The eligibility criteria, vacancy, monthly remuneration, selection procedure, date of Walk-in-Interview, date of submission application and application from can be downloaded from district website. Interested candidates may log on to **https://ganjam.nic.in** for details. The candidates fulfilling the eligibility criteria for the post **(Sl. No. 7 to 11)** are to apply in the prescribed application form to the undersigned by Regd. Post/Speed Post on or before **31.03.2023 by 5.00 P.M.** with all relevant documents to the Chief District Medical & Public Health Officer, Ganjam, Near City Hospital, Berhampur, PIN - 760001. The eligibility candidates for the post **(Sl. No. 1 to 6)** are requested to attend the Walk-in-Interview on prescribed date at 10.30 A.M. in the Office Chamber of CDM & PHO, Ganjam with all relevant documents. The undersigned is not responsible for any postal delay or in-conveyance. Application received after due date will be rejected for the posts from **Sl. No. 7 to 11**.
Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be web hoisted in district website. The undersigned reserves the right to cancel/reject any or all the applications without assigning any reason thereof.

Sd./- CDM&PHO-cum-DMD, Ganjam
OIPR-10041/11/0020/2223

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**
No.1213/Date:-03.03.2023
No.O-1060: **"e" Procurement Notice for Road Works**

| | | |
|---|---|---|
| 1 | Name of the Work | Roadworks |
| 2 | Total No. of works: | 01 No. of Road Work under CMRL for the year 2022-23 |
| 3 | Estimated Cost of the work: | Rs.104.26 lakhs |
| 4 | Class of Contractor | |
| | a)Estimated cost more than Rs. 20.00 lakhs up to Rs. 3.00 Crores | B Class (of Odisha PWD) or relevant class of other licensing authorities |
| | b)Estimated cost more than Rs. 1.00 Crores up to Rs. 20.00 Crores | A Class (of Odisha PWD) or relevant class of other licensing authorities |
| 5 | Period of completion | As mentioned in Column-7 of Annexure |
| 6 | Offered rates by bidder | The offered rate by the contractor shall be excluding GST. |
| 7 | Other details | |

| Procurement Officer | Bid Identification No. | Availability of Tender Online for bidding | | Date & Time of Opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender- On-line-C.C.11 of 2023 | 10.03.2023 at 11.00 A.M. | 24.03.2023 upto 5.00 P.M. | 27.03.2023 at 11.00 A.M. | To be intimated later on |

Further details can be seen from the website www.tendersodisha.gov.in.
Sd./- Chief Construction Engineer
Central Rural Works Circle, Bhubaneswar
OIPR-25082/11/0047/2223

**THE ODISHA STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
JANAPATH, BHOINAGAR, BHUBANESWAR - 22
Ph: 0674-2541545, 2542921 , Fax 0674-2541543
E-mail: ophwc.od@nic.in, Website: www.ophwc.nic.in
No.CAD-5063 **e-procurement notice No.- 58/OPHWC/2022-23**

**INVITATION FOR BIDS (IFB)**

The Chief Engineer (OSPH&WC), Odisha. Bhubaneswar invites Percentage rate bid in Single Cover system in ONLINE MODE only, for the works as detailed below:

| Sl. No. | Name of the work | Approx. estimated cost | EMD (to be paid on line) | Class of contractor |
|---|---|---|---|---|
| 1 | Cluster of 1. Construction of 1 No, E type Qtr. at Banarpal F.S., Angul, 2. Construction of Boundary Wall at Tumudibandha Banarpal F.S., Angul and 3.Construction of Approach Road at Banarpal F.S. Angul | Rs. 48,57,472.00 | Rs. 48,600.00 | B Class |
| 2 | Cluster of 1. Construction of 1 No. E type Qtr. at Tumudibandh, F.S., Kandhamal and 2. Construction of Boundary Wall at Tumudibandha F.S., Kandhamal | Rs.43,84,880.00 | Rs.43.800.00 | B Class |
| 3 | Cluster of 1. Construction of 1 No. E type Qtr. at Govindapur F.S., Sambalpur, 2. Construction of Boundary Wall at Govindapur F.S. Sambalpur and 3. Construction of Approach Road at Govindapur F.S., Sambalpur | Rs.43,64,830.00 | Rs.43,600.00 | B Class |
| 4 | Cluster of 1. Construction of 1 No. E type Qtr. at Gandia F.S. Dhenkanal, 2. Construction of Boundary Wall at Gandia F.S., Dhenkanal and 3. Construction of Approach Road at Gandia F.S., Dhenkanal | Rs.42,28,591.00 | Rs.42,300.00 | B Class |
| 5 | Cluster of 1. Construction of 1 No, E type Qtr, at Phiringia F.S., Kandhamal and 2. Construction of Boundary wall at Phiringia F.S., Kandhamal | Rs. 40,00,786.00 | Rs.40,000.00 | B Class |
| 6 | Cluster of 1. Construction of 1 No, E type Qtr. at Paikamal F.S., Bargarh and 2. Construction of Boundary Wall at Paikamal F.S., Bargarh | Rs. 37,47,604.00 | Rs.37,500.00 | C Class & B Class |
| 7 | Construction of Boundary Wall at Binika F.S., Sonepur | Rs. 33,83,169.00 | Rs.33,800.00 | C Class & B Class |
| 8 | Cluster of 1. Construction of Boundary Wall at Parjanga F.S., Dhenkanal and 2. Construction of Approach Road at Parjanga F.S., Dhenkanal | Rs. 29,29,355.00 | Rs.29.300.00 | C Class & B Class |
| 9 | Construction of 1 No. E type Qtr. at Maneswar F.S. Sambalpur | Rs. 28,72,384.00 | Rs. 28,700.00 | C Class & B Class |
| 10 | Cluster of 1. Construction of Boundary Wall at Hindol F.S., Dhenkanal and 2. Construction of Approach Road at Hindol Road F.S., Dhenkanal | Rs. 28,63,363.00 | Rs. 28,600.00 | C Class & B Class |
| 11 | Construction of 1. No.E type Qtr. at Nuagaon F.S., Sundargarh | Rs. 27,43,819.00 | Rs. 27,400.00 | C Class & B Class |
| 12 | Cluster of 1. Construction of 1 No. E type Qtr. at Bangamunda F.S., Bolangir and 2.Construction of Approach Road at Bangamunda F.S., Bolangir | Rs. 26,03,806.00 | Rs. 26,000.00 | C Class & B Class |
| 13 | Construction of 1 No.E type Qtr. at Sanakhemundi F.S., Ganjam | Rs. 25,59,967.00 | Rs. 25,600.00 | C Class & B Class |
| 14 | Construction of 1 No.E type Qtr. at Jharabandha F.S., Bargarh | Rs. 25,30,383.00 | Rs. 25,300.00 | C Class & B Class |
| 15 | Construction of 1 No. E type Qtr. at Loisingha F.S., Bolangir | Rs. 23,29,982.00 | Rs. 23,300.00 | C Class & B Class |
| 16 | Construction of 1 No.E type Qtr. at Kabisuryanagar F.S., Ganjam | Rs. 23,17,841.00 | Rs. 23,200.00 | C Class & B Class |
| 17 | Construction of Boundary Wall at Jharsuguda F.S., Jharsuguda | Rs. 21,19,726.00 | Rs. 21,200.00 | C Class & B Class |
| 18 | Construction of 1 No. E type Qtr. at Sarangagada F.S., Kandhamal | Rs. 20,37,648.00 | Rs. 20,400.00 | C Class & B Class |
| 19 | Construction of 1 No. E type Qtr, at Banspal F.S., Keonjhar | Rs. 20,37,105.00 | Rs.20,400.00 | C Class & B Class |
| 20 | Construction of Boundary Wall at Kolabira F.S., Jharsuguda | Rs. 20,16,122.00 | Rs. 20.200.00 | C Class & B Class |
| 21 | Cluster of 1. Construction of Boundary Wall at Bamur F.S., Angul and 2.Construction of Approach Road at Bamur F.S., Angul | Rs. 19,34,016,00 | Rs. 19,300.00 | D Class & C Class |
| 22 | Construction of Boundary Wall at Agalpur F.S., Bolangir | Rs. 12,86,150.00 | Rs. 12,900.00 | D Class & C Class |
| 23 | Cost of Bid document | Rs. 7,080.00 | (To be paid online) | |
| 24 | Availability of Bid Documents in the website | Dt.09.03.2023 to Dt. 18.03.2023 upto 5.00 P.M | | |
| 25 | Last date /time of Receipt of Bids in the Portal | Dt. 18.03.2023 upto 5.00 P.M. | | |
| 26 | Date of Opening Bid | Dt. 20.03.2023 at 11.00 A.M. | | |
| 27 | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | | |

Sd./- Chief Engineer (OSPH & WC)
N.B.:- The quoted rate should be all inclusive but excluding G.S.T. as applicable under works contract.
OIPR-12118/11/0041/2223

**INTEGRATED TRIBAL DEVELOPMENT AGENCY, MALKANGIRI**
No.590/XIX-I/2022 (Accounts)
Date: 06.03.2023

**QUOTATION CALL NOTICE**

Sealed quotations are invited from authorized dealer of Mahindra & Mahindra Ltd. quoting both Ex-Showroom & on road price for supply of 02 (two) Nos. of Mahindra Bolero Pick-up FB 1.7 T BS6 PS latest by 13.03.2023 by 5.30 P.M. (during office hour).
The date of opening of quotation is on 14.03.2023 at 11.00 A.M. in the office of the undersigned.

Sd./- Project Administrator
ITDA, Malkangiri

**ଜାତୀୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଅନୁଷ୍ଠାନ**
**ବାବା ଗଙ୍ଗନାଥ ମାର୍ଗ, ମୁନିର୍କା**
**ନୂଆଦିଲ୍ଲୀ - ୧୧୦୦୬୭**
आरोग्यं सुखसम्पदा

ଏନ୍‌ଆଇଏଚ୍‌ଏଫ୍‌ଡବ୍ଲ୍ୟୁ/ଡବ୍ଲ୍ୟୁଏସ୍/୩୭-୭/୨୦୨୨

**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**

ନିର୍ଦ୍ଦେଶକ, ଏନ୍‌ଆଇଏଚ୍‌ଏଫ୍‌ଡବ୍ଲ୍ୟୁଙ୍କ ତରଫରୁ ''ଏନ୍‌ଆଇଏଚ୍‌ଏଫ୍‌ଡବ୍ଲ୍ୟୁରେ ନବନିର୍ମିତ ଅନ୍ତର୍ଜାତୀୟ ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା, ପରିଚାଳନା ଓ ରକ୍ଷଣାବେକ୍ଷଣ ତଥା ବିଦ୍ୟମାନ ପୁରୁଣା ହଷ୍ଟେଲର ପରିଚାଳନା ଓ ରକ୍ଷଣାବେକ୍ଷଣ'' ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଉଛି । ଏଥିପାଇଁ ପ୍ରାକ୍-ବିଡିଂ ବୈଠକ ତା୧୫।୦୩।୨୦୨୩ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ଅନୁଷ୍ଠିତ ହେବ ଏବଂ ବିଡ୍ ପ୍ରାପ୍ତିର ଶେଷ ତାରିଖ ଓ ସମୟ ହେଉଛି ତା୨୭।୩।୨୦୨୩, ଅପରାହ୍ନ ୩ ଘଟିକା । ଅଧିକ ବିବରଣୀ ତଥା ହିନ୍ଦୀ ସଂସ୍କରଣ ପାଇଁ ଅନୁଷ୍ଠାନର ୱେବ୍‌ସାଇଟ୍ www.nihfw.org ଏବଂ https://eprocure.gov.in ପରିଦର୍ଶନ କରାଯାଇପାରିବ ।
CBC 17153/12/0014/2223 ନିର୍ଦ୍ଦେଶକ (ଅତିରିକ୍ତ ଦାୟିତ୍ୱ)

**TENDER NOTICE**
**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, GANJAM**
Tender Adv. No. 3528 Date: 06.03.2023
No. E-960: Sealed tenders are invited from registered Company, Firm, Society or Trust for selection of most suitable agency for the below mentioned services under NIRMAL for Ganjam District.
- **To undertake Security Services at Govt. Health Institutions of Ganjam District.**
- **To unertake Mechanized Laundry Services with suply of Bed Sheets at Govt. Health Institutions of Ganjam District.**

The details terms & conditions, eligibility and selection criteria may be downloaded from the District website: **https://ganjam.nic.in**. The sealed proposals should reach at O/o. CDM&PHO, Ganjam, Berhampur on any working day by **3rd April 2023 on or before 12 Noon** by Registered Post/Speed Post/Courier only. The pre bid discussion will be held on **10th March at 4.30 P.M.** & the Technical Bids will be opened on **3rd April 2023 at 4.00 P.M.** at O/o. CDM&PHO, Ganjam, Berhampur in presence of the bidders/their authorised representatives.
The undersigned reserved the rights to accept or reject any or all bids without assigning any reason thereof.

Sd./- Chief District Medical & Public Health Officer, Ganjam
OIPR-10041/11/0021/2223

**DISTRICT PROJECT MANAGEMENT UNIT**
**PRADHAN MANTRI POSHAN SHAKTI NIRMAN (PM POSHAN)**
**DISTRICT EDUCATION OFFICE, JAJPUR**
Email: deojajpurtown13@gmail.com, dnojajpurmdm@gmail.com
No. 2031/DPMU Date: 06.03.2023

**TENDER CALL NOTICE FOR APPOINTMENT OF TRANSPORTING AGENT FOR TRANSPORTATION OF FOODSTUFF UNDER PM POSHAN PROGRAMME**

Sealed tenders in the prescribed form are invited from the intending firms/individuals/companies/corporations/ transporting agencies having valid transporting agent licence under Odisha motor vehicle (licensing of agent) rules, 1990 for transportation of foodstuff (Rice) under PM POSHAN Programmes of School & Mass Education Deptt. in Jajpur district during the year 2023-24. The tender paper along with details of terms and conditions of tender EMD, Solvency Certificate or Capability Certificate and Statutory Requirements can be obtained by downloading from the district website i.e. **http://www.jajpur.nic.in**. The cost of tender paper is Rs.10,500/- (Rupees ten thousand five hundred) only which is non-refundable and should be submitted with the tender form in shape of Demand Draft made in favour of **DISTRICT EDUCATION OFFICER, DPMU, MDM JAJPUR** payable at **Punjab National Bank, Jajpur Town Branch**. The tender paper complete in all respect alongwith other required documents may be sent in sealed cover superscripted as **"SEALED TENDER FOR UNDERTAKING TRANSPORTATION WORK OF FOODGRAINS (RICE) UNDER PM POSHAN PROGRAMME"** addressed to the "District Education Officer, Jajpur, District Project Management Unit (MDM), District Education Office, Jajpur, by Registered Post/Speed Post only so as to reach before 1 P.M. of 28.03.2023. The tender shall be opened at 11 A.M. on 29.03.2023 by the Collector, Jajpur or by any other officer authorized by him in presence of tenderers or their authorized representatives and tender committee memebs. The undersigned reserves the right to reject/ cancel any or all the tendes without assigning any reason thereof.

Sd./- Collector & District Magistrate, Jajpur

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୦ ମାର୍ଚ୍ଚ, ୨୦୨୩

**ପଦ୍ମଶ୍ରୀ ପ୍ରଫୁଲ୍ଲ ଜେନାଙ୍କ ଶେଷକୃତ୍ୟ ସମ୍ପନ୍ନ**

ପୁରୀ ଅଫିସ: ବିଶିଷ୍ଟ ବୈଜ୍ଞାନିକ ପଦ୍ମଶ୍ରୀ ପ୍ରଫେସର ପ୍ରଫୁଲ୍ଲ କୁମାର ଜେନାଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି। ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୋଲିସ ପକ୍ଷରୁ ମଧ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ ଚନ୍ଦ୍ର ବଡ଼ଜେନା, ସମୁଦ୍ରକୂଳ ଥାନା ଆଇଆଇସି ଚିନ୍ମୟ ରାଉତ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଅପହୃତ ନାବାଳକ ଉଦ୍ଧାର, ମହିଳା ଗିରଫ

■ ଭିକ୍ଷାବୃତ୍ତିରେ ଲଗାଇବାକୁ ଚୋରି କରିଥିଲେ

**ଭୁବନେଶ୍ୱର,୯।୩(ବ୍ୟୁରୋ):** ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରୁ ନାବାଳକଙ୍କୁ ଚୋରି କରିବା ଅଭିଯୋଗରେ ସମ୍ପୃକ୍ତ ମହିଳାଙ୍କୁ ଇନ୍‌ଫୋସିଟି ଥାନା ପୋଲିସ ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ଧାମନଗର ଥାନା ଅନ୍ତର୍ଗତ ମଜୁରିଗଡ଼ିଆ ଗ୍ରାମର ଜୁଲି ସବର(୨୦)। ଜୁଲିଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଉକ୍ତ ମହିଳାଙ୍କଠାରୁ ଅପହୃତ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ନାବାଳକ ଜଣଙ୍କ ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତେବେ ମଙ୍ଗଳବାର ଅପରାହ୍ନ ସମୟରେ ତାଙ୍କ ଦାୟିତ୍ୱରେ ଥିବା ଆଟେଣ୍ଡାଣ୍ଟ ଜଣଙ୍କ ଡାକ୍ତରଙ୍କ ପରାମର୍ଶ ନେବାକୁ ଯାଇଥିଲେ। ଏହି ସମୟରେ ପୂର୍ବରୁ ଲୁଚି ରହିଥିବା ଅଭିଯୁକ୍ତା ଜୁଲି ସେଠାରେ ପହଞ୍ଚି ନାବାଳକଙ୍କୁ ଚୋରି କରି ଭଦ୍ରକ ନେଇଯାଇଥିଲେ। ଏ ନେଇ ଆଟେଣ୍ଡାଣ୍ଟଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୯୧/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଭଦ୍ରକ ଟାଉନ୍ ଥାନା ପୋଲିସ ସହଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ନାବାଳକଙ୍କୁ ଉଦ୍ଧାର କରିବା ସହ ଜୁଲିଙ୍କୁ କାବୁ କରିଥିଲା। ତେବେ ଅଭିଯୁକ୍ତା ଜୁଲି ଭିକ୍ଷା ବୃତ୍ତିରେ ଲଗାଇବା ପାଇଁ ଉକ୍ତ ନାବାଳକଙ୍କୁ ଚୋରି କରିଥିଲେ ବୋଲି ସ୍ୱୀକାର କରିଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ଆନ୍ଦୋଳନ

**ଭୁବନେଶ୍ୱର,୯।୩(ବ୍ୟୁରୋ):** ରାଜ୍ୟ ବିଦ୍ୟୁତ୍ ବିଭାଗ ଅଧୀନରେ କାର୍ଯ୍ୟରତ ଠିକା ବିଦ୍ୟୁତ୍ କର୍ମଚାରୀମାନେ ୪ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପାୱାର ହାଉସ୍ କଲୋନୀସ୍ଥିତ ଟିପିସିଓଡିଏଲ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ସେମାନେ ଧାରଣାରେ ବସିଛନ୍ତି। ବିଭାଗର ପୁନଃ ଘରୋଇକରଣ ପରେ ଟାଟା ପାୱାର ସେସୁକୁ ଅଧିଗ୍ରହଣ କରିବା ସମୟରେ ଠିକା କର୍ମଚାରୀ ସ୍ଥାୟୀ ଦାୟିତ୍ୱ ଗ୍ରହଣ କରିବେ ବୋଲି ଯେଉଁ ପ୍ରତିଶ୍ରୁତି ମିଳିଥିଲା ତାହା ପୂରଣ ହୋଇ ନ ଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ସମସ୍ତ ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ସମାପ୍ତ ନ ହେବା ଯାଏ ଟାଟା ପାୱାର ପକ୍ଷରୁ ସିଧାସଳଖ ଦରମା ପ୍ରଦାନ, ଗ୍ରୁପ୍ ସ୍ୱାସ୍ଥ୍ୟ ବୀମା ଓ ଗ୍ରୁପ୍ ଟର୍ମ ବୀମା, ସମାନ କାମକୁ ସମାନ ଦରମା, ଠିକା କର୍ମଚାରୀଙ୍କ ପାଇଁ ଚାକିରି ସର୍ତ୍ତାବଳୀ ଲାଗୁ କରିବା ଆଦି ଦାବିରେ ମହାସଂଘର ୫ ହଜାରରୁ ଊର୍ଦ୍ଧ୍ୱ ସଦସ୍ୟ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରତିଶ୍ରୁତିକୁ ୩ବର୍ଷ ବିତିଥିଲେ ମଧ ମୂଳ ଦରମା ବୃଦ୍ଧି ବଢ଼ି ନ ଥିବା ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡ଼ା କହିଛନ୍ତି। ତୁରନ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ବରିଷ୍ଠ ଶ୍ରମିକ ନେତା ମନୋରଞ୍ଜନ ପାତ୍ର, ମହାସଂଘର ରାଜ୍ୟ ସଂଗଠନ ସମ୍ପାଦକ ଗିରିଶ ଚନ୍ଦ୍ର ମହନ୍ତ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଦୁବାଇ ମାଷ୍ଟରମାଇଣ୍ଡ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର

ଭୁବନେଶ୍ୱର,୯।୩(ବ୍ୟୁରୋ)

**ଫୁଟ୍‌ବଲ ବେଟିଂ ଆପ୍ ଠକେଇ ମାମଲା**

■ ୨ ସପ୍ତାହ ତଳେ ପଶ୍ଚିମବଙ୍ଗରୁ ଗିରଫ ହୋଇଥିଲେ ୨ ସହଯୋଗୀ

■ ଚାଇନାରେ ଥିବା ମୁଖ୍ୟ ମାଷ୍ଟରମାଇଣ୍ଡଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ

■ ସୂଚନା ଦେବାକୁ ଫୋନ୍‌ନଂ. ଜାରି ସହ ପୁରସ୍କାର ଘୋଷଣାକଲା ଇଓଡବ୍ଲ୍ୟୁ

ଫୁଟବଲ୍ ବେଟିଂ/ଗେମିଙ୍ଗ୍ ଆପ୍ (18football.com)ରେ ଦେଶବ୍ୟାପୀ ୧ହଜାର କୋଟିରୁ ଊର୍ଦ୍ଧ୍ୱ ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଜାରି ରଖିଛି। ଏହି ମାମଲାରେ ମାଷ୍ଟରମାଇଣ୍ଡଙ୍କ ୨ ସହଯୋଗୀଙ୍କୁ ଇଓଡବ୍ଲ୍ୟୁ ୨ ସପ୍ତାହ ତଳେ ପଶ୍ଚିମବଙ୍ଗରୁ ଗିରଫ କରିଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି। ଏଥିରେ ସମ୍ପୃକ୍ତ ଏକାଧିକ ମାଷ୍ଟରମାଇଣ୍ଡଙ୍କ ମଧ୍ୟରୁ ଦୁବାଇରେ ରହି ର୍‍ୟାକେଟ୍ ଚଳାଉଥିବା ଜଣଙ୍କୁ ଇଓଡବ୍ଲ୍ୟୁ ଚିହ୍ନଟ କରିଛି। ସେ ହେଲେ ବିହାର ପଶ୍ଚିମ ଚମ୍ପାରନ୍ ଜିଲାର ମହମ୍ମଦ ସୈଫ୍। ଇଓଡବ୍ଲ୍ୟୁର ଅନୁରୋଧକ୍ରମେ କେନ୍ଦ୍ର ସରକାରଙ୍କ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ (ବିଓଆଇ) ତାଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର ଜାରିକରି ଦେଶର ସମସ୍ତ ଏୟାରପୋର୍ଟ ଓ ସି ବିଚ୍ ସମେତ ଅନ୍ୟାନ୍ୟ ଚେକ୍ ପୋଷ୍ଟରେ ଆଲର୍ଟ କରିଛି। ଏଥିସହ ଅଭିଯୁକ୍ତ ମନୋଜଙ୍କ ଉପରେ ନଜର ରଖିବାକୁ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଓ ପୋଲିସ ସହ ମଧ ଯୋଗାଯୋଗ କରାଯାଉଛି। ଅନ୍ୟପକ୍ଷରେ ଅଭିଯୁକ୍ତ ସୈଫଙ୍କ ବିଷୟରେ ସୂଚନା ଦେବାକୁ ଇଓଡବ୍ଲ୍ୟୁ ଏକ ମୋବାଇଲ ନଂ. ୮୨୪୯୬୦୦୪୯୫ ଜାରି କରିବା


ମହମ୍ମଦ ସୈଫ୍

ସହ ପୁରସ୍କାର ଘୋଷଣା କରିଛି। ସୂଚନାଦାତାଙ୍କ ପରିଚୟ ଗୋପନ ରଖାଯିବ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଚାଇନା ହଂକଂରେ ଥିବା ର୍‍ୟାକେଟର ମୁଖ୍ୟ ମାଷ୍ଟରମାଇଣ୍ଡଙ୍କୁ ଚିହ୍ନଟ କରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଜାରି ରଖିଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ର୍‍ୟାକେଟ୍‌ର ଏଜେଣ୍ଟମାନେ ଭାରତ, ଚାଇନା, ଦୁବାଇ ସମେତ ବିଭିନ୍ନ ଦେଶରେ ରହି ଠକେଇ କରନ୍ତି। ସେମାନେ ପ୍ରାୟତଃ ଯୁବକମାନଙ୍କୁ ଟାର୍ଗେଟ କରିବା ସହ କମ୍ ସମୟରେ ଅଧିକ ଟଙ୍କା ରୋଜଗାର କରିବାର ଲୋଭ ଦେଖାଇ ଜାଲରେ ଫସାଇଥାନ୍ତି। 18football.com ଆପ୍‌ର ଲିଙ୍କ୍‌କୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ ମାଧ୍ୟମରେ ସେମାନେ ଲୋକଙ୍କୁ ପଠାଇବା ପରେ ଏକ ଆକାଉଣ୍ଟ ଖୋଲିବାକୁ କହିଥାନ୍ତି। ପରେ ଉକ୍ତ ଆପ୍‌ରେ ହେଉଥିବା ଫୁଟ୍‌ବଲ୍ ମ୍ୟାଚ୍‌ରେ ଟଙ୍କା ଜମା କରିବାକୁ କୁହାଯାଇଥାଏ। ଆପ୍ ଦ୍ୱାରା ଟଙ୍କା ନିବେଶ କରିବା ପରେ ଦିନକୁ ୩ ଶତକଡ଼ା ରିଟର୍ନ ସହ ବିଭିନ୍ନ ବୋନସ୍ ଆଦି ମିଳିବାର ଲୋଭ ଦେଖାଯାଇଥାଏ। ପୁଣି ରେଫରାଲ୍ ବୋନସ୍ ପାଇବା ପାଇଁ ଅନ୍ୟ ଲୋକଙ୍କୁ ମଧ ଏଥିରେ ସାମିଲ କରିବାକୁ କୁହାଯାଇଥାଏ। ଏଭଳି ଭାବରେ ୨୦୨୧ରେ ଗଞ୍ଜାମର ୮୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଠକେଇର ଶିକାର ହୋଇ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହରାଇଥିଲେ। ଏନେଇ ଅଭିଯୋଗକ୍ରମେ ଇଓଡବ୍ଲ୍ୟୁ ଗତ ଫେବୃୟାରୀ ୧୭ରେ ମାମଲା (ନଂ.୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।


ବିଶିଷ୍ଟ ସରୋଦ ବାଦକ ପଦ୍ମବିଭୂଷଣ ଉସ୍ତାଦ ଅମ୍‌ଜାଦ ଅଲୀ ଖାନ୍ ଗୁରୁବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## ଭୋକେଶନାଲ ଟ୍ରେନର୍ସଙ୍କ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା

ଭୁବନେଶ୍ୱର,୯।୩(ବ୍ୟୁରୋ)

ସ୍ଥାୟୀ ନିଯୁକ୍ତି ସର୍ତ୍ତାବଳୀ ଲାଗୁ ଓ ପୂର୍ଣ୍ଣ ଶିକ୍ଷକତା ମାନ୍ୟତା ଦାବି ନେଇ ଭୋକେଶନାଲ ଟ୍ରେନର୍ସ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି। ଏଥିସହ ସମାନ କାମକୁ ସମାନ ଦରମା ଅନ୍ୟ ଏକ ଦାବି ରହିଛି। ଉଭୟ ଦାବି ନେଇ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲେ ମଧ ଦାବି ପୂରଣ ନ ହେବାରୁ ସଂଘ ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାକୁ ଓହ୍ଲାଇଛି। ରାଜ୍ୟରେ ୨୦୧୬ରୁ ଭୋକେଶନାଲ ଶିକ୍ଷା ଆରମ୍ଭ ହୋଇ ୬ବର୍ଷ ଅତିକ୍ରମ କରିଥିଲେ ମଧ କାର୍ଯ୍ୟରତ ୨୧୨୨ ଭୋକେଶନାଲ ପ୍ରଶିକ୍ଷକ ଅନେକ ସମସ୍ୟା ଭିତରେ ରହିଥିବା ସଂଘ ସମ୍ପାଦକ ଶେଖ ବେଲାଲ ଉଦ୍ଦିନ କହିଛନ୍ତି। ସଂଘ ସଭାପତି ସୁନୀଲ କୁମାର ଦେବତା ପ୍ରମୁଖଙ୍କ ନେତୃତ୍ୱରେ ଭୋକେଶନାଲ ପ୍ରଶିକ୍ଷକମାନେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି।



ଭୁବନେଶ୍ୱର ଡୁମୁଡୁମାଠାରେ ସାମୂହିକ ହୋଲି ମହୋତ୍ସବରେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

# ରଙ୍ଗଖେଳ ସହ ନାଚ, ଗୀତ, ପାରମ୍ପରିକ ଖାଦ୍ୟର ମଜା

ଭୁବନେଶ୍ୱର, ୯।୩(ବ୍ୟୁରୋ)

**ଡୁମୁଡୁମାରେ ସାମୂହିକ ହୋଲି ମହୋତ୍ସବ**

ଡୁମୁଡୁମାର ଡିଜି କମ୍ୟୁନିଟି ସଦସ୍ୟ ଏବଂ ୱେଭ୍ ମିଡିଆ ଓଡ଼ିଆ କନେକ୍ଟର ମିଳିତ ଉଦ୍ୟମରେ ଡୁମୁଡୁମାସ୍ଥିତ ନୟନଦେବୀ ପଡ଼ିଆରେ ସାମୂହିକ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଚଳିତବର୍ଷ ପ୍ରଥମଥର ଡୁମୁଡୁମା ବାସିନ୍ଦା ଏକତ୍ରିତ ହୋଇ ରଙ୍ଗର ପର୍ବ ହୋଲିକୁ ଧୁମ୍‌ଧାମ୍‌ରେ ପାଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଭଳି ଏକ ପ୍ରୟାସ ପାଇଁ ମନ୍ତ୍ରୀ ଆୟୋଜକଙ୍କୁ ପ୍ରଶଂସା କରି ଏକତ୍ର ଉତ୍ସବ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଠାରେ ପ୍ରବେଶ ସମ୍ପୂର୍ଣ୍ଣ ମାଗଣା ଥିବାବେଳେ ଆୟୋଜକଙ୍କ ଦ୍ୱାରା ମାଗଣାରେ ଖାଦ୍ୟ ଏବଂ ପାନୀୟର ବ୍ୟବସ୍ଥା କରାଯାଇଥିଲା। ପ୍ରାୟ ୧ହଜାର ଲୋକ ଅଂଶ ଗ୍ରହଣ କରି ୱାଟର ସ୍ଲାସ୍, ବେଲୁନ୍ ଖେଳ, ପାଣି ସିଞ୍ଚନ, ଡିଜେ ମ୍ୟୁଜିକ୍, ରଙ୍ଗଖେଳ ସହ ପାରମ୍ପରିକ ଖାଦ୍ୟକୁ ଉପଭୋଗ କରିଥିଲେ। ଆସନ୍ତା ବର୍ଷ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ଓ ରୋମାଞ୍ଚକର କରାଯିବ ବୋଲି ସୂଚନା ଦିଆଯାଇଛି।

## କଳାକାରଙ୍କ ସହ ହୋଲି ଖେଳିଲେ କିସ୍ ଛାତ୍ରୀଛାତ୍ର

ଭୁବନେଶ୍ୱର,୯।୩(ବ୍ୟୁରୋ)

ଶିକ୍ଷାନୁଷ୍ଠାନ କିସ୍‌ରେ ହୋଲି ପର୍ବ ପାଳିତ ହୋଇଯାଇଛି। ବିଶିଷ୍ଟ ସିନେ ତାରକା, ସାହିତ୍ୟିକ, କଳାକାର, ବ୍ୟଙ୍ଗକାର, ବୁଦ୍ଧିଜୀବୀ, ସମାଲୋଚକ, ଚିତ୍ରାଭିନେତା, ନିର୍ଦ୍ଦେଶକଙ୍କ ସହ କିସ୍ ଛାତ୍ରୀଛାତ୍ରମାନେ ହୋଲି ପାଳିଥିଲେ। ପାରମ୍ପରିକ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇ ଦୋଳିରେ ଝୁଲୁଥିବା ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଅଭିନେତା, କଳାକାରମାନେ ରଙ୍ଗ ବୋଳି ହୋଲିର ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ ପିଲାମାନଙ୍କ ସହ ଅବିର ଖେଳିବା ସହ ନୃତ୍ୟ, ସଙ୍ଗୀତ, ସଂଳାପ ଓ ହାସ୍ୟରସରେ ପିଲାଙ୍କ ମନୋରଞ୍ଜନ କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ, କୋଲକାତାସ୍ଥିତ ସତ୍ୟଜିତ ରାୟ ଇନଷ୍ଟିଚ୍ୟୁଟ ଅଫ୍ ଫିଲ୍ମ ଆଣ୍ଡ ଟେଲିଭିଜନ ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ସିନେ ସମୀକ୍ଷକ ଦିଲୀପ ହାଲି, ବ୍ୟଙ୍ଗ କବି ଜ୍ଞାନ ହୋତା, ବରିଷ୍ଠ ଅଭିନେତ୍ରୀ ଅନୁ ଚୌଧୁରୀ, ଉଷଶୀ ମିଶ୍ର, ହାସ୍ୟ ଅଭିନେତା ଭକ୍ତ ପ୍ରହ୍ଲାଦ ଚରଣ ପଟ୍ଟନାୟକ (ହାଡୁ), ଦେବୁ ବ୍ରହ୍ମା, ଜୀବନ ପଣ୍ଡା, ହର ରଥ, ଗୀତିକାର ଲକ୍ଷ୍ମୀକାନ୍ତ ପାଳିତ, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟମ୍ ପ୍ରକାଶ ପାଢ଼ୀ, ପ୍ରୀତିନନ୍ଦା ରାଉତରାୟ, ଅଭିନେତା ଆକାଶ ଆଚାର୍ଯ୍ୟ, ପ୍ରିୟବ୍ରତ ପଣ୍ଡା, ଅଭିନେତ୍ରୀ ଲିପ୍ସା ମିଶ୍ର, ବିଦୁସ୍ମିତା ମନ୍ତ୍ରୀ ,ଐଶ୍ୱର୍ଯ୍ୟା ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆକାଂକ୍ଷା କବି ଓ ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଚଳିତବର୍ଷ ପରଲୋକ ହୋଇଥିବା ସିନେ କଳାକାର, ବୁଦ୍ଧିଜୀବୀ ଓ ଖବରଦାତାଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।



ଓଲିଉଡ୍ ଅଭିନେତ୍ରୀ ବିଦୁସ୍ମିତା ମନ୍ତ୍ରୀ କିସ୍‌ର ଛାତ୍ରୀଙ୍କ ସହ ହୋଲି ଖେଳୁଛନ୍ତି।


ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ହୋଲି ଉତ୍ସବ।


କଂଗ୍ରେସ ଭବନରେ ନେତା ଓ କର୍ମୀଙ୍କ ସହ ବିଧାୟକ ସୁରେଶ କୁମାର ରାଉତରାୟ ହୋଲି ଖେଳୁଛନ୍ତି।


ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ମହିଳାମାନେ ପରସ୍ପରକୁ ରଙ୍ଗ ବୋଳି ହୋଲି ଶୁଭେଚ୍ଛା ଜଣାଉଛନ୍ତି।


ଜଗନ୍ନାଥ ନଗରରେ ପିଲାମାନେ ରଙ୍ଗ ଖେଳୁଛନ୍ତି।


ଝାରପଡ଼ା ଜେଲ୍ ରୋଡ୍‌ସ୍ଥିତ ମଧୁରମୟୀ ଆଦର୍ଶ ଶିକ୍ଷା ନିକେତନରେ ଜେଲ୍ ଅନ୍ତେବାସୀଙ୍କ ପିଲାମାନେ ହୋଲି ଉତ୍ସବ ପାଳନ କରୁଛନ୍ତି।


ୱାର୍ଡ ନଂ.୫୪ରେ ହୋଲି ଉତ୍ସବ ପାଳନ ସମୟରେ ସ୍ଥାନୀୟ ବାସିନ୍ଦା ଦହିହାଣ୍ଡି ଭାଙ୍ଗିବା ସହ ରେନ୍ ଡ୍ୟାନ୍ସର ମଜା ନେଉଛନ୍ତି।

**ବେଆଇନ ବାଣି କାରଖାନାରେ ଚଢ଼ାଉ, ଜଣେ ଗିରଫ**

ନିଶ୍ଚିନ୍ତକୋଇଲି, (ସ୍ୱ.ପ୍ର): ନିଶ୍ଚିନ୍ତକୋଇଲି ଥାନା ପୋଲିସ ଅସୁରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଅଣସରପୁର ଗ୍ରାମରେ ଚାଲିଥିବା ବେଆଇନ ବାଣ କାରଖାନା ଉପରେ ପୋଲିସ ଚଢ଼ାଉ କରି ବାଣ ଓ ବିସ୍ଫୋରକ ଦ୍ରବ୍ୟ ଜବତ କରିଛି। ଏହି ଘଟଣାରେ ପୋଲିସ ମାମଲା ନଂ. ୪୩/୨୩ ରୁଜୁ କରିଛି। ବାଣ କାରଖାନାର ମାଲିକ ରବିନ୍ଦ୍ର କୁମାର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ନଅବେଢ଼ା ରାଜଦୋଳ ଯାତ୍ରା ସରିଲା

ଖୁଣ୍ଟୁଣୀ,୯।୩(ଡି.ଏନ୍.ଏ.) : ଆଠଗଡ଼ ବ୍ଲକ ଅଧୀନ ନଅବେଢ଼ାର ପ୍ରସିଦ୍ଧ ରାଜଦୋଳ ଯାତ୍ରା ଏକାଦଶୀରୁ ଆରମ୍ଭ ହୋଇ ଦୋଳ ପୂର୍ଣ୍ଣିମାରେ ଶେଷ ହୋଇଛି। ଖମାରନୂଆଗାଁର ଗୋପୀନାଥଜୀଉଙ୍କ ପୀଠରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ମଙ୍ଗଳବାର ଗୁରୁଡିଝାଟିଆସ୍ଥିତ ମଦନମୋହନ ଦେବଙ୍କ ପୀଠରେ ଶେଷ ହୋଇଛି। କୁମାରପୁର ଯାତ୍ରାରେ ବଡ଼ପଦାଗାଁର ରାଧାଗୋବିନ୍ଦ ଦେବ ଓ ଗୁରୁଡିଝାଟିଆ ଦୋଳ ଯାତ୍ରାରେ ପିଠାଖିଆ ଗ୍ରାମର ରାଧାଗୋବିନ୍ଦଜୀଉ ଅତିଥି ଠାକୁର ଭାବେ ଯୋଗ ଦେଇଥିଲେ। ମଙ୍ଗଳବାର ମଦନମୋହନଙ୍କ ପୀଠରେ ସମସ୍ତ ଠାକୁର ଏକତ୍ରିତ ହେବା ପରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ମଦନମୋହନଜୀଉ ମନ୍ଦିର ପରିଚାଳନା କମିଟି ଓ କୋଉର ଗ୍ରାମବାସୀଙ୍କ ସହଯୋଗରେ ଠାକୁରମାନେ ଗ୍ରାମ ପରିକ୍ରମା କରି ଯାତ୍ରା ଶେଷ କରିଥିଲେ। ଫେରିବାବେଳେ ଗୋବରା ଓ ଗୋବରା ଶାସନ, ବାଲି ଓ ବାଲି ଶାସନ, କୁମାରପୁର ଓ କୁମାରପୁର ଶାସନର ଠାକୁର ଛଅଗାଁସ୍ଥିତ ସିଂହନାଥ ମହାଦେବଙ୍କ ପୀଠରେ ପହଞ୍ଚିଥିଲେ। ସେଠାରେ ହରିହର ଭେଟ ନୀତି ସମ୍ପନ୍ନ ହୋଇଥିଲା। ନଅବେଢ଼ା ଆଞ୍ଚଳିକ ରାଜଦୋଳ ସମନ୍ୱୟ କମିଟି ଏହି ଦୋଳ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲା।

### କଣ୍ଟେନର ଧକ୍କାରେ ଯୁବକ ଗୁରୁତର, ଉତ୍ତେଜନା

ଖୁଣ୍ଟୁଣୀ,୯।୩(ଡି.ଏନ୍.ଏ.)- ଖୁଣ୍ଟୁଣୀ ଥାନା ଅଧୀନ ପୁରୁଷୋତ୍ତମପୁର ଗ୍ରାମ ୫୫ ନମ୍ବର ଜାତୀୟ ରାଜପଥରେ ବୁଧବାର ସନ୍ଧ୍ୟାରେ ଏକ କଣ୍ଟେନର ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଥାନା ଖମାରନୂଆଗାଁ କମାର ସାହିର ଗନ୍ଧନ ନାଏକ। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଦୁର୍ଘଟଣାସ୍ଥଳରେ ହୋହାଲ୍ଲା କରିବା ସହ ଦୁର୍ଘଟଣା ଘଟାଇଥିବା କଣ୍ଟେନରର କାଚ ଭଙ୍ଗାରୁଜା କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଗନ୍ଧନ ଜଣେ ଦିନ ମଜୁରିଆ। ସେ କାମ ସାରି ସନ୍ଧ୍ୟାରେ ସାଇକେଲରେ ଘରକୁ ଫେରୁଥିବାବେଳେ ଖୁଣ୍ଟୁଣୀ ପଟୁ ଦ୍ରୁତଗତିରେ କଟକ ଅଭିମୁଖେ ଯାଉଥିବା କଣ୍ଟେନର(ନଂ.ଓଆର ୧୫କ୍ୟୁ-୧୭୬୬) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ପଡିଯାଇ କଣ୍ଟେନର ତଳେ ଚାପି ହୋଇ ରହିଥିଲେ। ପୋଲିସ ପହଞ୍ଚି ସ୍ଥାନୀୟ ଲୋକମାନଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରିଥିଲା।

### ଯୌତୁକ ପାଇଁ ବିବାହର ୧୧ ଦିନରେ ବଧୂ ହତ୍ୟା ଅଭିଯୋଗ: ୪ ଗିରଫ

ନରସିଂହପୁର,୯।୩(ସ୍ୱ.ପ୍ର.) ବିବାହର ମାତ୍ର ୧୧ ଦିନରେ ଜଣେ ନବବଧୂଙ୍କୁ ଶାଶୁ ଘର ଲୋକେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ନରସିଂହପୁର ଥାନା ଅନ୍ତର୍ଗତ ନିମସାହି ଗ୍ରାମରେ ଏହି ଘଟଣା ଘଟିଛି। ଏନେଇ ମୃତକଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୃତକ ହେଲେ ତିଗିରିଆ ଥାନା ଅଧୀନ କରଡ଼ାପଲ୍ଲୀ ଗ୍ରାମର ଶ୍ୟାମ ନାଏକଙ୍କ ଝିଅ ମିନାକ୍ଷୀ(୧୯)। ଅଭିଯୋଗ ଅନୁଯାୟୀ, ମିନାକ୍ଷୀ ଫେବୃୟାରୀ ୨୪ରେ ବୈଦିକ ରୀତିନୀତି ଅନୁସାରେ ନିମସାହି ଗ୍ରାମର ଲୋକନାଥ ନାଏକଙ୍କ ପୁଅ ପ୍ରମୋଦ ନାୟକଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର ଦାବୀ ମୁତାବକ ଜାନି ଯୌତୁକ ଦିଆଯାଇଥିଲା। ମାତ୍ର ଶାଶୁ ଘର ଲୋକେ ଅଧିକ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଦାବି କରି ବିବାହର ଚତୁର୍ଥ ଦିନରୁ ଶାରୀରିକ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଗତ ୬ ତାରିଖରେ ମିନାକ୍ଷୀ ଶାଶୁଘର ସଦସ୍ୟଙ୍କ ସହ ନରସିଂହପୁର ଟାଉନ୍ ଥାନାରେ ହେଉଥିବା ଅଷ୍ଟଶମ୍ଭୁ ଯାତ୍ରା ଦେଖିଥିଲେ। ରାତିରେ ତାଙ୍କ ମୃତ୍ୟୁ ହୋଇଥିବା ନେଇ ଶାଶୁ ଘର ଲୋକେ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ବାପଘର ଲୋକେ ଘଟଣାସ୍ଥଳରେ ପହଞ୍ଚି ଝିଅର ମୃତଦେହ ଦେଖିବା ପରେ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ଏହାପରେ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ସ୍ୱାମୀ ପ୍ରମୋଦ, ଶାଶୁ ସାବିତ୍ରୀ ନାଏକ, ଶ୍ୱଶୁର ଲୋକନାଥ ଓ ନଣନଦେଇ କୁନା ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିବା ସହ ଥାନାରେ ଅପମୃତ୍ୟୁ ମାମଲା (ନଂ. ୩୬/୨୩) ରୁଜୁ ହୋଇଛି । ଅପରପକ୍ଷେ ଅଭିଯୁକ୍ତ ନଣନ୍ଦ ସୁନିତା ନାଏକ ଫେରାର ଥିବା ଥାନା ଅଧିକାରୀ ଅଭୟ ବେହେରା ସୂଚନା ଦେଇଛନ୍ତି।

## ଖୁଣ୍ଟୁଣୀ ବନାଞ୍ଚଳରେ ହାତୀ ଉପଦ୍ରବ
# ଘର ଭାଙ୍ଗି ଧାନ ଖାଇଲା

ଖୁଣ୍ଟୁଣୀ,୯।୩(ଡି.ଏନ୍.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କେତେକ ଗ୍ରାମରେ କିଛିଦିନ ହେବ ହାତୀ ଉପଦ୍ରବ ଜାରି ରହିଛି। ଏହାକୁ ନେଇ ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ହାତୀଙ୍କ କବଳରୁ ଘର ଓ ଫସଲ ରକ୍ଷା କରିବା ପାଇଁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଫଳରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବନ ବିଭାଗ ତୁରନ୍ତ ଏଥିପ୍ରତି ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ବୁଧବାର ରାତିରେ ଦଳଛଡା ଏକ ଦନ୍ତାହାତୀ ଗୁରୁଡିଝାଟିଆ ପଞ୍ଚାୟତର ସାଉରିଆ ଗ୍ରାମରେ ପ୍ରବେଶ କରି ରବୀନ୍ଦ୍ର ଦେହୁରୀଙ୍କ ଚାଳଘର ଭାଙ୍ଗି ଦେଇଛି। ଏଥିସହ ଘର ଭିତରେ ଥିବା ଧାନ ଖାଇ ନଷ୍ଟ କରିଛି। ହାତୀ ଘର ଭାଙ୍ଗୁଥିବାବେଳେ ରବୀନ୍ଦ୍ର ପରିବାର ସହ ଭିତରେ ଥିଲେ।


ହାତୀ ଭାଙ୍ଗିଦେଇଥିବା ଘର ।

ଖବରପାଇ ସ୍ଥାନୀୟ ଲୋକେ ଓ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡାଇବା ସହିତ ରବୀନ୍ଦ୍ରଙ୍କ ପରିବାର ଲୋକଙ୍କୁ ଘର ଭିତରୁ ଉଦ୍ଧାର କରିଥିଲେ।

ସୂଚନାଯୋଗ୍ୟ, କିଛିମାସ ହେଲା କପିଳାସ ସଂରକ୍ଷିତ ଜଙ୍ଗଲରୁ ହାତୀପଲ ଆସି ଖୁଣ୍ଟୁଣୀ ବନାଞ୍ଚଳର ଶଙ୍ଖପୋଇ ସଂରକ୍ଷିତ ଜଙ୍ଗଲରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଦଳଛଡା ଏକ ଦନ୍ତାହାତୀ ରାତିହେଲେ ଡେରା, ଜପାଦପଥର, ମତ୍ସ୍ୟପୁର, ଡବାଗାଡ଼ିଆ, ସାଉରିଆ, ମୁଷୁଳିଆ, ରାଜବଲ୍ଲଭପୁର ଆଦି ଗ୍ରାମରେ ପଶି ଲୋକଙ୍କ ବାରିରେ ଥିବା ବିଭିନ୍ନ ଗଛ ଓ ଫସଲ ନଷ୍ଟ କରିବା ସହ ଧାନ ଖାଇଯାଉଛି। ସୋମବାର ରାତିରେ ରାଜବଲ୍ଲଭପୁର ଗ୍ରାମର ନରେନ୍ଦ୍ର ଦେହୁରୀଙ୍କ ଘରକୁ ହାତୀ ଭାଙ୍ଗିଦେଇଥିଲା। ସେହିପରି ଗତ ୩ ତାରିଖ ରାତିରେ ସୁଆଁପଶି ଗ୍ରାମର ରବୀନ୍ଦ୍ର ସାମଲଙ୍କ ଘର ଭାଙ୍ଗିଦେବା ସହ ବାରଣ୍ଡାରେ ଥିବା ଧାନ ଖାଇଥିଲା। ବିଶେଷକରି ବନ ବିଭାଗ ଉପଯୁକ୍ତ ପଦକ୍ଷେପ ନେଉ ନ ଥିବାରୁ ହାତୀ ଗ୍ରାମାଭିମୁଖୀ ହେଉଛନ୍ତି। କେତେବେଳେ ଲୋକଙ୍କ ଜୀବନହାନି ଘଟିବ ତାହା କହିହେବ ନାହିଁ। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି, ଦଳଛଡା ହାତୀକୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରହିଛି। ଏଥିସହ ଲୋକଙ୍କ ସୁରକ୍ଷା ପାଇଁ ଆମେ ସବୁବେଳେ ସତର୍କ ଦୃଷ୍ଟି ରଖିଛୁ ବୋଲି ସେ କହିଛନ୍ତି।

## ପୂର୍ବ ଶତ୍ରୁତାରୁ ଆକ୍ରମଣ: ବାପା ମୃତ
### ମା', ଝିଅ ଗୁରୁତର

ତିଗିରିଆ,୯।୩(ଡି.ଏନ.ଏ )

ତିଗିରିଆ ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋଟିଏ ପରିବାର ଉପରେ ବୁଧବାର ସଂଘବଦ୍ଧ ଆକ୍ରମଣ ହୋଇଛି। ଏଥିରେ ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ମା'ଓ ଝିଅ କଟକ ବଡ ଡାକ୍ତରଖାନାରେ ଚିକିତ୍ସା ହେଉଛନ୍ତି। ଏହାପରେ ଅଭିଯୁକ୍ତ ମାନେ ଫେରାର ହୋଇଯାଇଛନ୍ତି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ନୂଆପାଟଣା ପଞ୍ଚାୟତ ସୁରେନ୍ଦ୍ରପଟଣା ମୁଣ୍ଡିଆ ସାହିର ଚିନ୍ତାମଣି ବେହେରା। ଗୁରୁତରମାନେ ହେଲେ ସ୍ତ୍ରୀ ରଶ୍ମିତା ଓ ଝିଅ ମିନତୀ ବେହେରା। ଚିନ୍ତାମଣିଙ୍କ ଭାଇଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୪୫/୨୩) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ସାହିର ପ୍ରମୋଦ ବେହେରା, ପ୍ରଭାତ ବେହେରା ଓ ପ୍ରଶାନ୍ତ ବେହେରା ବୁଧବାର ସକାଳେ ଚିନ୍ତାମଣିଙ୍କ ଘରେ ପଶି ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସ୍ତ୍ରୀ ଓ ଝିଅ ଏହାକୁ ବିରୋଧ କରିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରି ସେଠାରୁ ଚାଲିଯାଇଥିଲେ। ପାଟିଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ନେଇ ଆଠଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିନ୍ତାମଣିଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଗୁରୁତର ଥିବା ରଶ୍ମିତା ଓ ମିନତୀଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ୩ ବର୍ଷ ହେବ ଅଭିଯୁକ୍ତମାନଙ୍କ ସହ ଚିନ୍ତାମଣିଙ୍କ ପୂର୍ବଶତ୍ରୁତା ଲାଗି ରହିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।


ଦୋଳ ପୂର୍ଣ୍ଣିମାରେ କଟକ ବକ୍ସିବଜାର ବଢେଇସାହିସ୍ଥିତ ବାସ୍ତରୀ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ଦୋଳ ମେଳଣ।

## ଅଂଶୁଘାତଜନିତ ମୃତ୍ୟୁ ନ ହେବାକୁ ଗୁରୁତ୍ୱ
### ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପ୍ରଶାସନିକସ୍ତରୀୟ ପ୍ରସ୍ତୁତି

ବାଙ୍କୀ,୯।୩(ସ୍ୱ.ପ୍ର.)

ଅଂଶୁଘାତ ମୁକାବିଲା ପାଇଁ ବାଙ୍କୀ ଉପଖଣ୍ଡସ୍ତରୀୟ ପ୍ରଶାସନିକ ପ୍ରସ୍ତୁତି ବୈଠକ ଗୁରୁବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା । ବିଭାଗୀୟ କର୍ମଚାରୀ ଦୁର୍ଯ୍ୟୋଧନ ବେହେରା ଅଂଶୁଘାତ ବିଷୟରେ ସମସ୍ତ ବିବରଣୀ ଦେଇଥିଲେ। ଚଳିତବର୍ଷ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ହେବା ସମ୍ଭାବନା ରହିଛି । ତେଣୁ କୌଣସି ବ୍ୟକ୍ତିଙ୍କର ଯେପରି ମୃତ୍ୟୁ ନ ଘଟେ ସେଥିପାଇଁ ପ୍ରଶାସନିକ ପ୍ରସ୍ତୁତିର ଆବଶ୍ୟକତା ଅଛି ବୋଲି ଉପଜିଲାପାଳ କହିଛନ୍ତି। ଆସନ୍ତା ୧୫ରୁ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜରୁରିକାଳୀନ କଣ୍ଟ୍ରୋଲ ରୁମ୍ ସକାଳ ୮ରୁ ରାତି ୮ପର୍ଯ୍ୟନ୍ତ ଖୋଲାଯାଇ ସମସ୍ତ ତଥ୍ୟ ସଂଗ୍ରହ କରାଯିବ। ଉପଖଣ୍ଡ ଚିକିତ୍ସାଳୟ ଓ ଡମପଡ଼ା ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତରେ ଆକ୍ରାନ୍ତ ବ୍ୟକ୍ତିଙ୍କ ସ୍ୱତନ୍ତ୍ର ଚିକିତ୍ସା ପାଇଁ ଏସି, ପଙ୍ଖା ଓ ଜେନେରେଟର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଆବଶ୍ୟକ ଓଆର୍ଏସ୍ ପାଉଡ଼ର, ସାଲାଇନ, ବରଫ ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି। ବିଡିଓ ଏବଂ ତହସିଲଦାରମାନେ ଉପଖଣ୍ଡର ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନ କରି ସମସ୍ତ


ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

ବ୍ୟବସ୍ଥାର ତଦାରଖ କରିବେ। ଆମ୍ବୁଲାନ୍ସ ଗାଡ଼ିଗୁଡ଼ିକୁ କାର୍ଯ୍ୟକ୍ଷମ କରି ମହଜୁଦ ରଖାଯିବା ସହ ଉପଖଣ୍ଡ ଚିକିତ୍ସାଳୟରେ ଆବଶ୍ୟକ ଔଷଧ, ପାନୀୟ ଜଳ ମହଜୁଦ ରଖିବା ପାଇଁ କୁହାଯାଇଛି। ବିଭିନ୍ନ ଛକଜାଗା ଏବଂ ଗାଁମାନଙ୍କରେ ଜଳଛତ୍ର ଖୋଲାଯିବା ସହ ଏନ୍ଏସି ଅଞ୍ଚଳରେ ନୃସିଂହ ଛକ, କଚେରି ଛକ, ମେଡିକାଲ ଛକ ଓ ନୂତନ ଆର୍ଏମ୍ସି ହାଟରେ ସ୍ୱତନ୍ତ୍ର ଭାବେ ଏନେଇ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ବିଭିନ୍ନ ଅଞ୍ଚଳରେ ଅଚଳ ହୋଇଥିବା ନଳକୂପଗୁଡ଼ିକୁ ତୁରନ୍ତ ମରାମତି କରାଯିବ। ଘରୋଇ ବସ୍ ମାଲିକ ସଂଘ ଓ ଦୁର୍ଗା ସିନେମା ମାଲିକ ସେମାନଙ୍କ ତତ୍ତ୍ୱାବଧାନରେ ଜଳଛତ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରମିକମାନେ ଗ୍ରୀଷ୍ମପ୍ରବାହ ସମୟରେ ୧୧ଟାରୁ ୩ଟା ପର୍ଯ୍ୟନ୍ତ କାମ କରିବେ ନାହିଁ। କାମ ସମୟରେ ପାଣିର ବ୍ୟବସ୍ଥା ଯେପରି କରାଯାଏ ବିଭାଗୀୟ ଅଧିକାରୀମାନେ ଦୃଷ୍ଟିଦେବାକୁ କୁହାଯାଇଛି। ଯଦି ଅଂଶୁଘାତରେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁଘଟେ ସେଥିପାଇଁ ତହସିଲଦାର, ଥାନା ଅଧିକାରୀ ଓ ସ୍ୱାସ୍ଥ୍ୟ ଅଧିକାରୀ ତଦନ୍ତ କରି ସାହାଯ୍ୟର ବ୍ୟବସ୍ଥା କରିବେ। ପ୍ରାଣୀଙ୍କ ପାଇଁ ଉପଖଣ୍ଡ ପ୍ରାଣୀଚିକିତ୍ସାଳୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ କଣ୍ଟ୍ରୋଲ ରମ୍ ଖୋଲାଯାଇ ପ୍ରାଣୀଙ୍କ ଚିକିତ୍ସା ବ୍ୟବସ୍ଥା କରାଯିବ। ଅଂଶୁଘାତ ସମୟରେ ଉପଖଣ୍ଡର ସମସ୍ତ ଅଧିକାରୀ ସତର୍କତାର ସହ କାର୍ଯ୍ୟକରିବା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଉପଖଣ୍ଡ ଚିକିତ୍ସାଳୟର ବରିଷ୍ଠ ଡା.ପଦ୍ମଲୋଚନ ପଣ୍ଡା, ତହସିଲଦାର ପ୍ରଜ୍ଞାପାରମିତା ପୃଷ୍ଟି, ଅତିରିକ୍ତ ଜିଲାପାଳ ତନୁଶ୍ରୀ ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାଳୀଚରଣ ତ୍ରିପାଠୀ, ଖବରଦାତା ପ୍ରତିନିଧିଙ୍କ ସମେତ ଉପଖଣ୍ଡର ବିଭିନ୍ନ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଭାଗୀୟ କର୍ମଚାରୀ ଦୁର୍ଯ୍ୟୋଧନ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ନିଶ୍ଚିନ୍ତକୋଇଲି ୯।୩(ସ୍ୱ.ପ୍ର)

ଶୋଇବା ଘର ପଙ୍ଖାରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ନିଶ୍ଚିନ୍ତକୋଇଲି ଥାନା ଅଧୀନ ମହାଜନପୁର ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ସରୋଜ ବେହେରାଙ୍କ ସ୍ତ୍ରୀ ସୁଭଦ୍ରା। ସେ ହେଲେ ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଧୀନ ଅଟିମଟି ଗ୍ରାମର ମହେନ୍ଦ୍ର ଗୋଛୟତଙ୍କ ଝିଅ ।୨୦୧୪ ଜୁନରେ ବୈଦିକରୀତିରେ ସରୋଜଙ୍କ ସହ ସୁଭଦ୍ରାଙ୍କ ବିବାହ ହୋଇଥିଲା। ଗତ କିଛି ଦିନ ହେବ ତାଙ୍କ ପରିବାରରେ କଳହ ଲାଗି ରହିଥିଲା। ଏହାପରେ ସୁଭଦ୍ରା ବାପ ଘରକୁ ଫେରି ଆସିଥିଲେ। ଏନେଇ ଥାନାରେ ମାମଲା (ନଂ. ୪୮୫/୨୦୨୨)ରେ ରୁଜୁ ହୋଇଥିଲା। ପରେ ଘଟଣାର ଆପୋଷ ସମାଧାନ କରାଯାଇ ଫେବୃୟାରୀ ୮ରେ ସୁଭଦ୍ରା ଶାଶୁଘରକୁ ଚାଲିଆସିଥିଲେ। ଅପରାହ୍ନରେ ଶୋଇବା ଘର ପଙ୍ଖାରୁ ତାଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ଖବରପାଇ ନିଶ୍ଚିନ୍ତକୋଇଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ବାପଘର ଲୋକେ ଆସି ନଥିବାରୁ ଥାନାରେ କୌଣସି ମାମଲା ରୁଜୁ କରାଯାଇନାହିଁ ବୋଲି ଆଇଆଇସି ଚିନ୍ମୟୀ ସାହୁ ପ୍ରକାଶ କରିଛନ୍ତି।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ହୋଲି ଉତ୍ସବ

କଟକ ଅଫିସ, ୯।୩:

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ହୋଲି ଉତ୍ସବ ବୁଧବାର ପାଳିତ ହୋଇଯାଇଛି। କଟକ ବକ୍ସିବଜାରଠାରେ ସଂଘର ସମସ୍ତ ସଭ୍ୟ ପରସ୍ପରକୁ ଅବିର ବୋଳି ଉତ୍ସବ ପାଳନ କରିଥିଲେ। ଏଥିରେ ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, କମିଟି ସଭ୍ୟ ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ଅଶୋକ ସାହୁ, ହେମନ୍ତ ପଟ୍ଟନାୟକ, ବଂଶୀଧର ବେହେରା, ଦୁଃଖିଶ୍ୟାମ ମହାପାତ୍ର, ଉମେଶ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ହୋଲି ଖେଳବେଳେ ଆକ୍ରମଣ
### ୨ ଗୁରୁତର, ୩ ଅଟକ

ମଙ୍ଗୁଳି–ଜଗତପୁର,୯।୩ (ଡି.ଏନ୍.ଏ.)

ଜଗତପୁର ଥାନା ଅଧୀନ ନାନକା ଗ୍ରାମରେ ହୋଲି ଖେଳବେଳେ ୪ ଯୁବକଙ୍କ ଆକ୍ରମଣରେ ଗୋଟିଏ ପରିବାରର ୨ଜଣ ଗୁରୁତର ଥିବା ବେଳେ ୩ଜଣ ଆହତ ହୋଇଛନ୍ତି। ଗୁରୁତର ମଧ୍ୟରେ ନାନକା ଗ୍ରାମର ବଦ୍ରି ପ୍ରସାଦ (୬୦) ଓ ଉମେଶ ଗୁପ୍ତା (୩୭) ରହିଥିବା ବେଳେ ପରିବାରର ୨ଜଣ ସଦସ୍ୟ ଓ ଜଣେ ପଡୋଶୀ ଆହତ ହୋଇଛନ୍ତି। ଏ ନେଇ ବଦ୍ରିଙ୍କ ପୁଅ ଉମେଶ ଗୁପ୍ତା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ୧୧୬/୨୩)ରୁଜୁ କରି ୩ଜଣଙ୍କୁ ଥାନାରେ ଅଟକ ରଖିଛି। ଅନ୍ୟ ଜଣେ ଫେରାର ରହିଛି। ଅଟକ ୩ଜଣଙ୍କ ମଧ୍ୟରେ ଜଣେ ପୋଲିସ ବୋଲି ଜଣାପଡିଛି। ସୂଚନା ମୁତାବକ, ବଦ୍ରିଙ୍କ ଘର ବାରଣ୍ଡାରେ ପାଖ ପଡ଼ୋଶୀ ମହିଳାଙ୍କ ସହ ତାଙ୍କ ପରିବାର ମହିଳା ମିଶି ହୋଲି ଖେଳୁଥିଲେ। ସେହି ସମୟରେ ଉକ୍ତ ଗ୍ରାମର ଜଣେ ଯୁବକ ସେଠାରେ ପହଞ୍ଚି ହଠାତ୍ ମହିଳାମାନଙ୍କୁ ଟଣା ଓଟରା କରିବା ସହ ଅଶ୍ଳୀଳ ଭାଷାରେ ଗାଳି କରିଥିଲା। ଉପସ୍ଥିତ ଲୋକ ତାଙ୍କୁ ପାଟି କରିବାରୁ ସେ ପଳାଇଥିଲା। ପ୍ରାୟ ଅଧଘଣ୍ଟା ପରେ ଉକ୍ତ ଯୁବକ ସାଥୀରେ ୩ଜଣ ସାଙ୍ଗ ନେଇ ଆସି ପାଟି କରିଥିବା ଲୋକକୁ ମାରିବା ପାଇଁ ଖୋଜି ମହିଳାମାନଙ୍କୁ ପୁଣି ଗାଳି କରିଥିଲେ। ପାଟି ଶୁଣି ବଦ୍ରି ଆସି ସେମାନଙ୍କୁ ପ୍ରତିରୋଧ କରିବାରୁ ୪ଜଣ ଯୁବକ ମିଶି ଏକ ରଡ୍‌ରେ ପିଟିବାରୁ ବଦ୍ରି ଚେତାଶୂନ୍ୟ ହୋଇପଡିଥିଲେ। ପରେ ବଦ୍ରିଙ୍କ ବଡ଼ ପୁଅ ଆସିବାରୁ ସେମାନେ ତାଙ୍କୁ ମଧ ମାଡ଼ ମାରିଥିଲେ। ଏପରିକି ବଦ୍ରିଙ୍କ ସାନ ପୁଅ ଏବଂ ପଡ଼ୋଶୀ ଦୁଇଜଣ ବଞ୍ଚାଇବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲକୁ ନେଇଥିଲେ। ବଦ୍ରିଙ୍କ ବଡ଼ ପୁଅଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପରେ ପୋଲିସ ତଦନ୍ତ କରି ୩ଜଣଙ୍କୁ ଅଟକ ରଖିଛି।

## ତହସିଲଦାରଙ୍କୁ ବାଲି ଚାଲାଣକାରୀଙ୍କ ଆକ୍ରମଣ

ନିଶ୍ଚିନ୍ତକୋଇଲି,୯।୩(ସ୍ୱ.ପ୍ର.)



ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ପରିସରରେ ବାଲି ଚାଲାଣକାରୀ ଓ ତହସିଲ କର୍ମଚାରୀଙ୍କ ମଧ୍ୟରେ ହାତାହାତି ହେବା ଘଟଣାଟି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ହାଇୱା ଗାଡି ଚାଳକକୁ ଥାନାରେ ଅଟକ ରଖିଛି। ଦୀର୍ଘଦିନ ହେଲା ନିଶ୍ଚିନ୍ତକୋଇଲି ତହସିଲ ଅଧୀନରେ ଥିବା ଲୁଣା ,ଚିତ୍ରୋତ୍ପଳା ନଦୀରୁ ବାଲି ଚାଲାଣକାରୀମାନେ ବେଆଇନ ଭାବେ ବାଲି ଚାଲାଣ କରି ଆସୁଥିଲେ। ତହସିଲଦାର ଦୀଲିପ କୁମାର ନାୟକ ଗୁରୁବାର ଏକ ବେଆଇନ ବାଲି ବୋଝେଇ ଗାଡିକୁ ପିଛା କରିଥିଲେ। ଫଳରେ ଗାଡି ଚାଳକ ତହସିଲର ଅନତି ଦୂରରେ କଟକ ଚାନ୍ଦବାଲି ରାସ୍ତା କଡରେ ତରବରିଆ ଭାବେ ବାଲି ଅନ୍‌ଲୋଡ କରି ଦ୍ରୁତ ଗତିରେ ପଳାଇ ଯାଇଥିଲା। ପରେ ତହସିଲଦାର ଉକ୍ତ ଗାଡିକୁ କାବୁ କରି ନିଶ୍ଚିନ୍ତକୋଇଲି ଥାନାରେ ଜିମା ଦେଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ଗାଡ଼ିର ଗାଡି ମାଲିକ ଓ ଚାଳକ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏପରିକି ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଖବରପାଇ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଗାଡି ଚାଳକକୁ ଧରି ଥାନାରେ ଅଟକ ରଖିଛି। ତହସିଲଦାର ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ କୌଣସି ଅଭିଯୋଗ ଦିଆଯାଇ ନଥିବାରୁ ଥାନାରେ ମାମଲା ହୋଇନଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ପ୍ରକାଶ କରିଛନ୍ତି।

## ଆଇନଜୀବୀ ବିଧୁଭୂଷଣ ଶତପଥୀଙ୍କ ସ୍ମୃତିସଭା



କଟକ ଅଫିସ, ୯।୩

କଟକ କ୍ରିମିନାଲ ବାର୍ ଆସୋସିଏଶନର ପୂର୍ବତନ ଉପସଭାପତି ତଥା ଆଇନଜୀବୀ ବିଧୁଭୂଷଣ ଶତପଥୀଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିସଭା ବାଦାମବାଡ଼ିସ୍ଥିତ ଦୁର୍ଗା କଲ୍ୟାଣ ମଣ୍ଡପରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଜିଲା ଦୌରାଜଜ୍ ବୈଶମ୍ପାୟନ କର, ବିଚାରପତି ପବିତ୍ର ମୋହନ ସାମଲ, 'ଡ୍ରିମ୍ସ' ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ବିଧୁଭୂଷଣଙ୍କ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ 'ସ୍ମୃତି ଶ୍ରଦ୍ଧାଞ୍ଜଳି' ପତ୍ରିକା ଉନ୍ମୋଚିତ ହୋଇଥିଲା। ଏଥିରେ ନିର୍ଦ୍ଦେଶକ ବଳରାମ କର, ପ୍ରଦୀପ୍ତ ଚନ୍ଦ୍ର ରଥ, ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ଅସୀମ ଅମିତାଭ ଦାସ, ଅକ୍ଷୟ ନାୟକ, ରୁଦ୍ର ପ୍ରସାଦ କର, ରାମକୃଷ୍ଣ ରଥ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ଇଂ. ଦୁର୍ଗାପ୍ରସାଦ ରଥ, ମନୋଜ ରଥ, ବ୍ରଜ କିଶୋର ମହାନ୍ତି, କର୍ପୋରେଟର ସତ୍ୟ ସାହୁ ଓ ତାପସ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶଶୀଭୂଷଣ ଶତପଥୀ, ଇନ୍ଦୁଭୂଷଣ ଶତପଥୀ, ସଂଘମିତ୍ରା ଦାଶ, ଅକ୍ଷୟ କୁମାର ତ୍ରିପାଠୀ, ଇଂ. ଭବାନୀ ଶଙ୍କର ତ୍ରିପାଠୀ, ବାଗ୍ମୀ ବିଶ୍ୱେଶ୍ୱରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉପଭୋକ୍ତାଙ୍କ ହିତରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କର

କଟକ ଅଫିସ, ୯।୩

୧୫ତମ କେନ୍ଦ୍ରୀୟ ବିତ୍ତୀୟ ଆୟୁକ୍ତଙ୍କ ପାଣ୍ଠିରୁ ୧୧କୋଟି ଟଙ୍କା ଏବଂ ଜିଲା ପରିଷଦ ପାଣ୍ଠିରୁ ୩କୋଟି ୯୦ଲକ୍ଷ ଟଙ୍କା ଗ୍ରାମପଞ୍ଚାୟତଗୁଡିକୁ ବିଦ୍ୟୁତୀକରଣ ନିମନ୍ତେ ଯୋଗାଇ ଦିଆଯାଇଛି। ଏଣୁ ଉପଭୋକ୍ତାମାନଙ୍କ ହିତକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ବିତରଣ କମ୍ପାନୀ ଏହାର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଦିଗରେ ସମୁଚିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ବିଦ୍ୟୁତ୍ ଉପଭୋକ୍ତାଙ୍କ ଅବଗତି ଓ ସମସ୍ୟାର ତ୍ୱରିତ ସମାଧାନ ନିମନ୍ତେ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିସିଓଡିଏଲ୍) ବ୍ଲକଗୁଡିକରେ କ୍ୟାମ୍ପ କରିବା, ବକେୟା ରାଶି ପଇଠ କରିବା ଦିଗରେ ସଚେତନ କରାଇବା, ଏକକାଳୀନ ବକେୟାରାଶି ପଇଠ କଲେ ମିଳୁଥିବା ରିହାତି ସମ୍ବନ୍ଧରେ ଅବଗତ କରାଇବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବାକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଏତଦ୍‌ବ୍ୟତୀତ ପ୍ରତି ୩ ମାସରେ ପଞ୍ଚାୟତ ସମିତି ବୈଠକରେ ବିଦ୍ୟୁତ୍ ବିତରଣ କମ୍ପାନୀର ଅଧିକାରୀମାନେ ଯୋଗଦେଇ କାର୍ଯ୍ୟର ଅଗ୍ରଗତି ଦିଗରେ ଅବଗତ କରାଇବା ପାଇଁ ସେ ପରାମର୍ଶ ଦେଇଛନ୍ତି।


ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

### ଜିଲା ବିଦ୍ୟୁତୀକରଣ ବୈଠକ

କଟକ ଜିଲାର ବିଦ୍ୟୁତୀକରଣ ସମ୍ବନ୍ଧୀୟ ଏକ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ବୈଠକରେ ଏମ୍‌ପି ଭର୍ତ୍ତୃହରି ମହତାବ ଅଧ୍ୟକ୍ଷତା କରି କହିଥିଲେ, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଓ ବିଜୁ ଗ୍ରାମଜ୍ୟୋତି ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କୁ ବିଦ୍ୟୁତ୍ ସଂଯୋଗୀକରଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ। ବିଦ୍ୟୁତ୍ ଉପଭୋକ୍ତା ସରକାରଙ୍କ ଯୋଜନା ମାଧ୍ୟମରେ ବିଦ୍ୟୁତ୍ ସେବା ପ୍ରାପ୍ତ ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ଦିଗରେ ଧ୍ୟାନ ଦେବାକୁ ଅଧିକାରୀମାନଙ୍କୁ କହିଥିଲେ। ଏଥିରେ ବିଧାୟକ ପ୍ରମୋଦ କୁମାର ମଲ୍ଲିକ, ଦେବୀ ପ୍ରସାଦ ମିଶ୍ର, ପ୍ରଶାନ୍ତ କୁମାର ବେହେରା, ଦେବୀ ରଞ୍ଜନ ତ୍ରିପାଠୀ, ଜିଲାପାଳ ଭବାନୀ ଶଙ୍କର ଚୟନୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସରକାରଙ୍କର କ୍ୟାପେକ୍ସ ଯୋଜନା ମାଧ୍ୟମରେ ବିଦ୍ୟୁତୀକରଣ ଏବଂ ବିଦ୍ୟୁତ୍ ସେବା ସହ ଭିତ୍ତିଭୂମି ନିର୍ମାଣ ଏବଂ ମରାମତି କାର୍ଯ୍ୟ କରାଯାଉଥିବା ସମ୍ପର୍କରେ ଟିପିସିଓଡିଏଲ୍ ଅଧୀକ୍ଷଣ ଯନ୍ତ୍ରୀ ଇଂ. ମନୋଜ କୁମାର ଦାସ ସୂଚନା ଦେଇଥିଲେ। ଏଥିରେ ଏପିଡି ପ୍ରଶାନ୍ତ କୁମାର ନାୟକ ଏବଂ ଟିପିସିଓଡିଏଲର ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏକାଠି ହୋଇ ମିଠା ଖୁଆଇ ଶୁଭେଚ୍ଛା ଜଣାଇଲେ

ଖୋର୍ଦ୍ଧା ଅଫିସ,୯।୩: ରଙ୍ଗର ପର୍ବ ହୋଲି। ଏହି ଅବସରରେ ସବୁଠି ରହିଥିଲା ଉତ୍ସାହ। ଜମିଥିଲା ରଙ୍ଗର ଆସର। ପରସ୍ପରକୁ ରଙ୍ଗ ବୋଳି, ମିଠା ଖୁଆଇ ଶୁଭେଚ୍ଛା ଜଣାଇଥିଲେ। ଗାଁ ଠୁ ସହର ସବୁଠି ରହିଥିଲା ରଙ୍ଗର ମାହୋଲ। ରଙ୍ଗରେ ସଭିଏ ହୋଇଥିଲେ ସମଗୁଲ। ବିଭିନ୍ନ ରାଜନେତାଙ୍କ ଘରେ ସମର୍ଥକଙ୍କ ଭିଡ ଜମିଥିବା ବେଳେ ଯୁବଗୋଷ୍ଠୀ ଏକାଠି ହୋଇ ହୋଲିର ମଜା ଉଠାଇଥିଲେ। ଖୋର୍ଦ୍ଧାର ଖବରଦାତା ଓ ଆଇନଜୀବୀମାନେ କୋର୍ଟ ଛକରେ ଏକାଠି ହୋଇ ହୋଲି ଖେଳିଥିଲେ। କରୋନ କଟକଣାର ଦୁଇବର୍ଷ ପରେ ଏକାଠି ହୋଇ ପରସ୍ପରକୁ ରଙ୍ଗ ବୋଳି ଶୁଭେଚ୍ଛା ଜଣାଇବା ସହ ପୁରୁଣା ସ୍ମୃତି ସାଉଁଟିଥିଲେ। ସମୟ ଗଡିବା ସହ ହୋଲିର ମାହୋଲ ସହରର ଗଳିକନ୍ଦିରେ ଜମିଥିଲା। ପିଲାଠୁ ବୁଢା ସମସ୍ତଙ୍କ ହାତରେ ରହିଥିଲା ରଙ୍ଗ। ତେବେ ଚଳିତବର୍ଷ ହର୍ବାଲ ଫଗୁ ଖେଳ ଲୋକଙ୍କ ଚାହିଦା ରହିଥିଲା। ବିଭିନ୍ନ କଲୋନୀରେ ପରିବାର, ସାଙ୍ଗସାଥି ଏକାଠି ହୋଇ ଗୀତର ତାଳେତାଳେ ନାଚି ମଜା ଉଠାଇଥିଲେ। ବୁଧବାରରେ ହୋଲି ପଡ଼ିଥିବାରୁ ମାଛ, ମାଂସ ଦୋକାନରେ ଭିଡ଼ ହୋଇଥିଲା। ଯୁବ ଗୋଷ୍ଠୀ କ୍ଲବ ଏବଂ ଗୋଷ୍ଠୀଗୃହରେ ନିଜର ସହପାଠୀ ଓ ସହଯୋଗୀ ସହିତ ହୋଲି ମନାଇଥିବା ବେଳେ ଅଧିକାଂଶ ନିଜ ଗୁରୁଜନଙ୍କୁ ପାଦରେ ଏବଂ ମୁଣ୍ଡରେ ଫଗୁ ଦେଇ ତାଙ୍କର ଆଶୀର୍ବାଦ କାମନା କରିଥିଲେ। କାଁ ଭାଁ ଗଣ୍ଡଗୋଳକୁ ବାଦ୍ ଦେଲେ ହୋଲି ଉତ୍ସବ ଆଡ଼ମ୍ବରରେ ପାଳନ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ବିଭିନ୍ନ ଛକରେ ପୋଲିସ ମୁତୟନ ରହିବା ସହ ପାଟ୍ରୋଲିଂ ଗାଡି ପଇଁତାରା ମାରିଥିଲା।

### ପୂର୍ବତନ ସରପଞ୍ଚ ସୁଶୀଳଙ୍କ ପରଲୋକ

ଗମ୍ଭାରୀମୁଣ୍ଡା,୯।୩(ଡି.ଏନ୍.ଏ.): ବାଣପୁର ବ୍ଲକ ଦେଓଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟ ସୁଶିଳ କୁମାର ବିଶୋଇଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୫ବର୍ଷ ହୋଇଥିଲା। ସେ କିଛିଦିନ ହେବ ଅସୁସ୍ଥ ଥିବା ବେଳେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଶୋଇ ଭାଜପାର ସୁସଙ୍ଗଠକ ନେତା ଥିଲେ। ତାଙ୍କ ଛାତ୍ର ଜୀବନରୁ ରାଜନୀତି କ୍ୟାରିୟର ଆରମ୍ଭ କରିବା ସହ ବହୁ ବିକାଶମୂଳକ କାମ କରିଛନ୍ତି। ଦେଉଗାଁ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଉଦିତ୍ ମୁଖାଗ୍ନି ଦେଇଥିଲେ।

# ୨ ମେଳଣରେ ୩୦ ବିମାନ


ଦୋଳ ମେଳଣ ପଡ଼ିଆରେ ବିଜେ କରିଥିବା ବିମାନ।

ବୋଲଗଡ,୯।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଗେଡିଆପଲି ଓ ନିକଟ ରାଜସୁନାଖଳାଠାରେ ଫୁଲଦୋଳ ମେଳଣ ଉତ୍ସବ ଆଡମ୍ବରରେ ପାଳିତ ହୋଇଯାଇଛି। ଗେଡିଆପଲ୍ଲୀସ୍ଥିତ ଶ୍ରୀଜଳେଶ୍ୱର ଦେବଙ୍କ ମନ୍ଦିର ପରିସରରେ ସ୍ଥାନୀୟ ଅଞ୍ଚଳରୁ ସାଲତରାସ୍ଥିତ ବାଲୁଙ୍କେଶ୍ୱର ଦେବ, ଶାମୁକା ପାଟଣାର ରାଧାକାନ୍ତ ଦେବ, ଗେଡିଆପଲ୍ଲୀ ପାଟଣା ରାଧାକାନ୍ତ ଦେବ, ନୂଆଗାଁସ୍ଥିତ ରାଶିକବିହାରୀ ମଦନ ମୋହନ, କୋଲୁହାପାଟଣା ରାଧାକାନ୍ତଦେବ ସ୍ୱପ୍ନେଶ୍ୱର ଦେବ ପ୍ରମୁଖ ନିମନ୍ତ୍ରିତ ଠାକୁର ସାତୋଟି ଦୋଳ ବିମାନରେ ପଟୁଆରରେ ଦୋଳ ପଡିଆକୁ ବିଜେ କରିଥିଲେ। ସେହିପରି ରାଜସୁନାଖଳାଠାରେ ରାଜ ଠାକୁରାଣୀ ମା'କାଉଁରୀ ଠାକୁରାଣୀଙ୍କ ସମେତ ୨୩ଟି ଦୋଳ ବିମାନରେ ନିମନ୍ତ୍ରିତ ଦେବଦେବୀମାନେ ଫୁଲ ଦୋଳ ପଡିଆକୁ ଆସିଥିଲେ। ମା 'କାଉଁରୀ ଠାକୁରାଣୀଙ୍କ ସମେତ ନିମନ୍ତ୍ରିତ ଦେବଦେବୀମାନେ ଦୋଳ ପଡିଆକୁ ପାଟୁଆରରେ ବିଜେ କରିଥିଲେ। ଉଭୟ ସ୍ଥାନରେ ମେଳଣ ପଡିଆକୁ ଫୁଲଦୋଳ ପଡିଆରେ ଦୋଳବିମାନରେ ବିଜେ କରିଥିବା ଦେବଦେବୀମାନଙ୍କୁ ପ୍ରାତଃ, ମଧ୍ୟାହ୍ନ ଏବଂ ସନ୍ଧ୍ୟା ସମୟରେ ତିନି ଧୂପ ଲାଗି କରାଯାଇଥିଲା। ଗୁରୁବାର ଅପରାହ୍ନରେ ଉଭୟ ସ୍ଥାନରେ ମେଳଣ ଅବସରରେ ଦେବଦେବୀମାନେ ଦୋଳ ବିମାନରେ ଫଗୁ ଖେଳିବା ପରେ ପ୍ରତ୍ୟାବର୍ତ୍ତନ କରିଥିଲେ।

## ଉମାମହେଶ୍ୱର ଦେବଙ୍କ ଦଧିଯାତ୍ରା ଉତ୍ସବ

ବାଲୁଗାଁ,୯।୩(ଡି.ଏନ୍.ଏ.)

ବାଲୁଗାଁ ଅଞ୍ଚଳର ଆରାଧ୍ୟ ଦେବ ଶ୍ରୀ ଉମାମହେଶ୍ୱରଙ୍କ ଦଧିଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ଦୋଳ ବିମାନରେ ଉମାମହେଶ୍ୱର ଦେବ ମନ୍ଦିରରୁ ବାହାରିଥିଲେ। ପରମ୍ପରା ଅନୁଯାୟୀ ପ୍ରଥମେ ଗୋପାଳଜୀଉ ଦେବ ପାଟଣାସାହି ଓ ରାଧାଗୋବିନ୍ଦ ଦେବ କୁଲାକୁଣ୍ଢେଇ ନୂଆଗାଁ ପୂର୍ବ ନିର୍ଦ୍ଧାରିତ ସ୍ଥଳରେ ପହଞ୍ଚି ଦୋଳ ଠାକୁରଙ୍କୁ ପାଛୋଟି ନେଇଥିଲେ। ପାଟପଟୁଆର ସହ ଆତସବାଜି ପ୍ରଦର୍ଶନ କରାଯାଇ ତିନି ଠାକୁର ଗ୍ରାମ ପରିଭ୍ରମଣ କରାଯାଇଥିଲା। ପରେ ଗୋପାଳଜୀଉ ଓ ଉମାମହେଶ୍ୱର ଦେବ ପାଟଣାସାହି ପରିକ୍ରମା କରିଥିଲେ। ନିର୍ଦ୍ଧାରିତ ସମୟରେ ଉମାମହେଶ୍ୱର ଦେବଙ୍କୁ ଗୁଣ୍ଡୁରପୁର ରଘୁନାଥଦେବ ପାଛୋଟି ନେଇ ଗ୍ରାମ ପରିକ୍ରମା କରିଥିଲେ। ସାମନ୍ତରାପୁର ଦଧିବାମନ ଦେବ ପଟୁଆର ସହ ଆସି ଉମାମହେଶ୍ୱର ଦେବଙ୍କୁ ପାଛୋଟି ନେଇଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ଗ୍ରାମ ପକ୍ଷରୁ ପାଟପଟୁଆର ପ୍ରଦର୍ଶନ କରାଯାଇଥିଲା। ଠାକୁରଙ୍କ ଏହି ଦଧିଯାତ୍ରା ଉତ୍ସବ ଦେଖିବା ପାଇଁ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ପାଇଁ ବାଲୁଗାଁ ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ନିୟୋଜିତ କରାଯାଇଥିଲା। ଗୁରୁବାର ସକାଳେ ୪ ଗ୍ରାମର ଦୋଳ ଠାକୁରଙ୍କ ସହ ପୃଥକଭାବେ ଦଧିଯାତ୍ରା ଭୋଗ ଖାଇ ମନ୍ଦିରକୁ ବିଳମ୍ବିତ ରାତ୍ରିରେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଥିବା ଉମାମହେଶ୍ୱର ଦେବ ଟ୍ରଷ୍ଟ ବୋର୍ଡର କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ବରାଳ ସୂଚନା ଦେଇଛନ୍ତି।



## କୃଷ୍ଣପ୍ରସାଦରେ ଦୋଳ ମହୋତ୍ସବ

କୃଷ୍ଣପ୍ରସାଦ,୯।୩(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ଗଡ଼ଠାରେ ପାଞ୍ଚ ମୌଜା ପରିଚାଳନା କମିଟି ପକ୍ଷରୁ ଦୋଳ ମହୋତ୍ସବ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପାରିକୁଦଗଡ଼ର ମୁଖ୍ୟ ପୀଠାଧିଶ ନୀଳକଣ୍ଠେଶ୍ୱର ଦେବ, ଦଧିବାମନଙ୍କ ନେତୃତ୍ୱରେ ୩୫ ମୌଜା ଏବଂ ବ୍ଲକର ବିଭିନ୍ନ ସ୍ଥାନରୁ ୨୪ ଠାକୁର ସୁସଜ୍ଜିତ ବିମାନରେ ଆସି ଗଡ଼ଚନ୍ଦନ ପଡ଼ିଆରେ ଏକତ୍ରିତ ହୋଇଥିଲେ। ପାରିକୁଦ ରାଜା ସାହେବଙ୍କ ଦ୍ୱାରା ଦେବାର୍ଚ୍ଚନ କାର୍ଯ୍ୟ ସମାପନ ପରେ ରାଜାଙ୍କ ପକ୍ଷରୁ ଭୋଗ ଲାଗି ହୋଇଥିଲା। ପାଞ୍ଚ ମୌଜା ପକ୍ଷରୁ ହୋମ ଆଦି କାର୍ଯ୍ୟ ସମାପନ ପରେ ମେଳଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆତସବାଜି, ସମରକଳା ପାଇକଆଖଡା ଆଦି ପଦର୍ଶନ ହୋଇଥିବା ବେଳେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଡମ୍ବରୁଧର ଖୁଣ୍ଟିଆ, ସମ୍ପାଦକ ସୁରଥ ବେହେରା, ଅଶୋକ ପଣ୍ଡା, ହରମୋହନ ମାନସିଂହ, ଲକ୍ଷ୍ମୀକାନ୍ତ ସିଂହ, ସୁବାସ ଚନ୍ଦ୍ର ସିଂହ ସାମନ୍ତ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ କୃଷ୍ଣପ୍ରସାଦ ଆଇଆଇସି ଶରତ କୁମାର ନାୟକଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।


ଖୋର୍ଦ୍ଧା: କେରଙ୍ଗ ଅହମଦୀୟା ମୁସଲିମ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟର ଏକ ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

**ଅହମଦୀୟା ଫୁଟ୍‌ବଲ**

## ଏସ୍ଏସ୍ଏ ଶରଧାପୁର ବିଜୟୀ

ଖୋର୍ଦ୍ଧା ଅଫିସ,୯।୩

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦୀୟା ମୁସଲିମ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଅହମଦୀୟା ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ ଦିନରେ ଖୋର୍ଦ୍ଧା ଏସ୍ଏସ୍ଏ ଶରଧାପୁର ବିଜୟୀ ହୋଇଛି। ସ୍ଥାନୀୟ ଖେଳପଡିଆରେ ଶରଧାପୁର ଏବଂ ପଙ୍କାଳ ଯୁବଜ୍ୟୋତି କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇପାରିନଥିଲେ। ଟାଇବ୍ରେକରରେ ଶରଧାପୁର ୫-୪ ଗୋଲରେ ବିଜୟୀ ହୋଇଥିଲା। ପଙ୍କାଳ ଯୁବଜ୍ୟୋତି କ୍ଲବର ପିଣ୍ଟୁ ଖାଁ ବେଷ୍ଟ ପ୍ଲେୟାର ଭାବେ ପୁରସ୍କୃତ ହୋଇଛନ୍ତି। ଏହି ମ୍ୟାଚକୁ ଅଶୋକ କୁମାର କଅଁର ପରିଚାଳନା କରୁଥିବା ବେଳେ ଲାଇନ୍ସମ୍ୟାନଭାବେ ସାଗିର ଅହମ୍ମଦ ଏବଂ ଟୁଟୁ ବାହାନପତି ସହାୟତା କରିଥିଲେ। ଅମଜଦ ଏହେସାନ ଖାଁ ଏବଂ ମ୍ୟାଚ କମିଶନରଭାବେ ଶୁକଦେବ ନାଏକ ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ ଯୋଗଦେଇଥିବା ବେଳେ ଲକ୍ଷ୍ମୀଧର ବଡ଼ଜେନା, ବୁଲୁ ଖାଁ, ସ୍ଥାନୀୟ ସରପଞ୍ଚ ମବରୁର ହୁସେନ ଏବଂ ସମିତି ସଭ୍ୟ ଶାହିଦ ମୁହମ୍ମଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚତୁର୍ଥ ମ୍ୟାଚ୍ ଅରଗୁଳ ଗୋଲ୍ଡେନ କ୍ଲବ ଓ କେରଙ୍ଗ ଅହମଦୀୟା କ୍ଲବ ମଧ୍ୟରେ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

## ଚ୍ୟାଲେଞ୍ଜ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ: କ୍ୱାର୍ଟରଫାଇନାଲରେ ଭୁବନେଶ୍ୱର ସ୍ପୋର୍ଟ୍ସ କ୍ଲବ

ଖୋର୍ଦ୍ଧା ଅଫିସ,୯।୩

ଖୋର୍ଦ୍ଧା ବ୍ଲକ ମଲ୍ଲୀପୁର ପଞ୍ଚାୟତର ଝିଂକୁଡିଆଠାରେ ଚାଲିଥିବା ପ୍ରଥମ ରାଜ୍ୟସ୍ତରୀୟ ବାବା ବାଲୁଙ୍କେଶ୍ୱର-ମୁକ୍ତେଶ୍ୱର ଓ ସିଦ୍ଧେଶ୍ୱର ଚ୍ୟାଲେଞ୍ଜ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଗୁରୁବାର ଭୁବନେଶ୍ୱର ସ୍ପୋର୍ଟ୍ସ କ୍ଲବ ଟିମ୍ ବିଜୟୀ ହେବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ହୋଇଛି। ସ୍ଥାନୀୟ ଖେଳପଡିଆରେ କଟକ ବାଙ୍କୀ କ୍ରୀଡା ସଂଘ ଓ ଭୁବନେଶ୍ୱର ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଆରମ୍ଭରୁ ଭୁବନେଶ୍ୱର ଟିମ୍ କ୍ରମାଗତ ୪ଟି ଗୋଲ ଦେଇଥିଲା। ସ୍ଥାନୀୟ ସରପଞ୍ଚ ସୁଦାମ ସେଠୀ, ବିଜୁ ଛୋଟରାୟ, ରାମଚନ୍ଦ୍ର ସାମନ୍ତରାୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମାନସ କୁମାର ମହାପାତ୍ର, ବିକ୍ରମ ରଣା, ପ୍ରଫୁଲ୍ଲ କୁମାର ବେହେରା, ବିଦେଶୀ ନାୟକ, ଗିରୀଶ ଚନ୍ଦ୍ର ଜାନୀ, ଯୁଧିଷ୍ଠିର ବେହେରା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଶୁକ୍ରବାର ଟାଙ୍ଗୀ ଓ ନୟାଗଡ ଇଟାମାଟିର ଯଦୁମଣି ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

## ଟିକାତାଳରେ ଶିକ୍ଷକ ଶହୀଦ ଦିବସ

ବୋଲଗଡ଼,୯।୩(ଡି.ଏନ୍.ଏ.)

ବୋଲଗଡ ବ୍ଲକ୍ ଅନ୍ତର୍ଗତ ଟିକାତାଳ ଜାତୀୟ ରାଜପଥ ପାର୍ଶ୍ୱରେ ସ୍ଥାପିତ ଶିକ୍ଷକ ଶହୀଦ ସ୍ମୃତିପୀଠରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ବୋଲଗଡ ବ୍ଲକ ସୌଜନ୍ୟରେ ପ୍ରତିବର୍ଷ ଭଳି ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ୧୯୭୮ ମାର୍ଚ୍ଚ ୯ ରେ ଭୁବନେଶ୍ୱର ଶିକ୍ଷକ ସମାବେଶକୁ ଯାଉଥିବା ୬ଜଣ ଶିକ୍ଷକ ଶିକ୍ଷୟିତ୍ରୀ କାହ୍ନୁ ଚରଣ ପଟ୍ଟନାୟକ, ବ୍ରଜବନ୍ଧୁ ସୁବୁଦ୍ଧି, ବାନାମ୍ବର ସାହୁ, ବିଳାସିନୀ ପଟ୍ଟନାୟକ, ତରୁଲତା ପଟ୍ଟନାୟକ ଓ ଶାନ୍ତିଲତା ମହାରଣାଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଗୁରୁବାର ସେମାନଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷାବିତ୍ ଦିବାକର ପରମଗୁରୁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଶହୀଦ ସ୍ମୃତି ସ୍ତମ୍ଭ ଏବଂ ଦିବଂଗତ ୬ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଫୋଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷାବତ୍ ବୈକୁଣ୍ଠ ମହାରଣା ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷକ ନେତା ଅମୀୟ ମହାନ୍ତ, ଓଷ୍ଟାର ଯୁଗ୍ମ ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ବିଶ୍ୱନାଥ ମହାପାତ୍ର, ଗଣେଶ୍ୱର ସ୍ୱାଇଁ, ଯୁଧିଷ୍ଠିର ପ୍ରଧାନ, ମଧୁସୂଦନ ଦେ, ହରି ଶରଣ ମହାରାଜ, ସୁରେଶ ବିଶ୍ୱାଳ,ବାଲ୍ମୀକି ବଳିୟାରସିଂହ, ନୀଳାଦ୍ରି ସୁବୁଦ୍ଧି, ଲଛମନ ପରିଡା, ବସନ୍ତ ଖୁଣ୍ଟିଆ, ରାଜକିଶୋର ବ୍ରହ୍ମା, ସେବତୀ ପରିଡା, ଗୀତାଞ୍ଜଳି ମହାପାତ୍ର, ଗଙ୍ଗାଧର ଜେନା, ବାନାମ୍ବର ମହାରଣା, ନୀଳକଣ୍ଠ ମହାନ୍ତି, ସୁବଳ ଛୁଆଳସିଂହ, ବିରଞ୍ଚି ସାମନ୍ତରାୟ, ବିରଞ୍ଚି ନାୟକ, ପତିତପାବନ ବଳବନ୍ତରାୟ, ବାସୁଦେବ ବରଡ଼ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ଶିକ୍ଷକ ମନୋଜ ଗୁମାନସିଂହ ଧନ୍ୟବାଦ ଦେଇଥିଲେ।



କ୍ରାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## କ୍ଲଷ୍ଟରସ୍ତରୀୟ ଖେଳଣା ତିଆରି କର୍ମଶାଳା



ବେଗୁନିଆ,୯।୩(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧୀନରେ ଗୁରୁବାର କ୍ଲଷ୍ଟରସ୍ତରୀୟ ଖେଳଣା ତିଆରି ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଣ୍ଟାବାଡ, ଡାଲତୋଳା, ସାରୁଅ କ୍ଲଷ୍ଟର ଏବଂ ତଳଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମରେ ମାଟିରେ ତିଆରି କଣ୍ଢେଇ ଭଳିକି ଭଳି ପାତ୍ର, ନଡ଼ିଆ କତାରେ ତିଆରି ଘର କରଣା ସାମଗ୍ରୀ, ତାଳ ଓ ଖଜୁରୀ ପତ୍ରରେ ହାତ ତିଆରି ପଟି ଆଦି ବିଭିନ୍ନ ପ୍ରକାରର ଖୋଦେଇ ବସ୍ତୁ ଉପରେ ପ୍ରଶିକ୍ଷଣ ଦିଆଯାଇଛି। ଆୟୋଜିତ କର୍ମଶାଳାରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସେମାନେ ନିଜ ବିଦ୍ୟାଳୟରେ ପିଲାମାନଙ୍କୁ ବିଭିନ୍ନ ପ୍ରକାର ଶୈଳୀରେ ଶିକ୍ଷା ଦାନ କରିବେ ବୋଲି ପରାମର୍ଶ ଦିଆଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗଣେଶ କୁମାର ସାହୁ, ବିଶ୍ୱ ରଞ୍ଜନ ବେହେରା, ରଞ୍ଜନ କୁମାର ସିଂହ, ହେମନ୍ତ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ପ୍ରଶିକ୍ଷକଭାବେ ରାଜ କିଶୋର ପାଣିଗ୍ରାହୀ, ସୁବାଷ ଚନ୍ଦ୍ର ମହାପାତ୍ର, ପାଣ୍ଡବ ମଲ୍ଲିକ, ବିଭୁଦତ୍ତ ଦାସ, କିଶୋର ଚନ୍ଦ୍ର ବେହେରା, ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେଶ କୁମାର ସେଠୀ, ଦାଶରଥି ପ୍ରଧାନ, ନଳିନୀ ପ୍ରଭା ଦେବୀ, ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ସାନ୍ତସିଂହାର ଓ ଗଣେଶ୍ୱର ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର, ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶ ବିକାଶରେ ମହିଳାଙ୍କ ଭୂମିକା ଅତୁଳନୀୟ

ଖୋର୍ଦ୍ଧା ଅଫିସ,୯।୩

ଖୋର୍ଦ୍ଧା ତାଲୁକା ଆଇନ ସେବା କମିଟି ଓ ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ମହିଳାଙ୍କ ସୁରକ୍ଷା' ଶୀର୍ଷକ ଆଲୋଚନାଚକ୍ର ଗୁରୁବାର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୋଶାଲ ଜୁଡିସିଆଲ ମାଜିଷ୍ଟ୍ରେଟ(ଏସଜେଏମ) ସୁରେନ୍ଦ୍ର ନାଥ ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର ମୁଖ୍ୟ ଅତିଥି, ବରିଷ୍ଠ ଆଇନଜୀବୀ ରଜନୀକାନ୍ତ ପଟ୍ଟନାୟକ, ଶିଶିର ପରିଡା, ଶିକ୍ଷାବିତ୍ ଡ.ବୃନ୍ଦାବନ ପଣ୍ଡା, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ପ୍ରମୁଖ ସମ୍ମାନିତ ଅତିଥିଯୋଗ ଦେଇଥିଲେ। ସଭାପତିତ୍ୱ ଭାଷଣରେ ଏସଜେଏମ ପାଢୀ କହିଥିଲେ, ଶୃଙ୍ଖଳିତ ଜୀବନଶୈଳୀ ସଫଳତା ଆଣିଥାଏ। ପରିବାର ଓ ସମାଜ ଗଠନ ଦିଗରେ ମହିଳାଙ୍କ ପ୍ରମୁଖ ଭୂମିକା ରହିଛି। ମହିଳାମାନଙ୍କୁ କିପରି ଦେଶର ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କ ସାମାଜିକ, ଆର୍ଥନୀତିକ, ଆଇନଗତ ଅଧିକାରକୁ ସୁଦୃଢ କରାଯାଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଓକିଲ ସଂଘ ସଭାପତି ସାମନ୍ତସିଂହାର କହିଥିଲେ, ମହିଳାମାନେ ହେଉଛନ୍ତି ସମାଜର ଅନ୍ୟତମ କର୍ଣ୍ଣଧାର। ମହିଳାଙ୍କ ପ୍ରଗତିରେ ଦେଶର ସମୃଦ୍ଧି ନିର୍ଭର କରେ। ଆଇନଜୀବୀ ପରିଡା କହିଥିଲେ, ସମ୍ବିଧାନରେ ମହିଳାଙ୍କୁ ଅଗ୍ରାଧିକାର ଦିଆଯାଇଛି। ଏ ଦେଶ ସର୍ବଦା ମହୀୟସୀ ନାରୀଙ୍କ ପାଇଁ ଗର୍ବିତ। ସମାଜର ଅଗ୍ରଗତିରେ ମହିଳାଙ୍କ ପ୍ରମୁଖ ଭୂମିକା ରହିଛି। ଶିକ୍ଷାବିତ ପଣ୍ଡା କହିଥିଲେ, ମହିଳାଙ୍କ ବିକାଶରେ ଦେଶର ବିକାଶ। ସ୍ତମ୍ଭକାର ଉମାଶଙ୍କର ପ୍ରସାଦ କହିଥିଲେ, ଯେଉଁଠାରେ ନାରୀକୁ ପୂଜା କରାଯାଏ ସେଠାରେ ଦେବତା ମାନେ ବିହାର କରନ୍ତି ବୋଲି କହିଥିଲେ। ଖବରାଦାତା ପ୍ରଭାତ ପାଣିଗ୍ରାହୀ ଇତିହାସର ବିଭିନ୍ନ ମହିୟସୀ ମହିଳାଙ୍କ ଦୃଷ୍ଟାନ୍ତ ଦେଇ ସମାଜରେ କିପରି ସେମାନେ ପ୍ରତିଷ୍ଠା ଅର୍ଜନ କରିପାରିଥିଲେ ସେ ସମ୍ପର୍କରେ କହିଥିଲେ। ଆଇନଜୀବୀ ନୃସିଂହ ମିଶ୍ର, ଅଶୋକ ମୋହାପାତ୍ର, ମୋନାଲିସା ମିଶ୍ର, କୃଷ୍ଣ ଦଳବେହେରା, ନନ୍ଦିନୀ ପ୍ରଧାନ, ସୁହାନୀ ଶୁଭଦର୍ଶିନୀ, ଶିପ୍ରାରାଣୀ ପାଢୀ, ମନସ୍ୱିନୀ ଦାସ, ପୁଷ୍ପାଞ୍ଜଳି ମହାପାତ୍ର, ଅନପୂର୍ଣ୍ଣା ପ୍ରଧାନ, ଆଇନ କଲେଜର ସମ୍ପାଦକ ସୁଧିର ମାନସିଂହ, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ, ଇତିଶ୍ରୀ ସାହୁ, ସୁଷମା ପ୍ରଧାନ, ଶିକ୍ଷୟିତ୍ରୀ ଡ.ଚପଳା ପଣ୍ଡା ପ୍ରମୁଖ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରରେ ସଞ୍ଜୁକ୍ତା ପ୍ରସାଦ, ପଦ୍ମିନି ଆଚାର୍ଯ୍ୟ, ଖବରଦାତା ଶୁଭଲକ୍ଷ୍ମୀ, ମମତା ରାଣୀ, ପ୍ରଦୀପ ବେହେରାଙ୍କ ସମେତ ବହୁ ଶିକ୍ଷାବିତ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଉପସ୍ଥିତ ଥିଲେ। ଉତ୍କଳ ସାମ୍ବାଦିକ ସଂଘର ସଭାପତି ପ୍ରଭାତ ମିଶ୍ର ସଂଯୋଜନା କରିଥିବା ବେଳେ ତାଲୁକ ଆଇନ ସମିତିର ସମ୍ପାଦକ ବସନ୍ତ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବାଲୁଗାଁ,(ଡି.ଏନ୍.ଏ.)**

ବାଲୁଗାଁସ୍ଥିତ ଡିଏଭି ଗୁରୁକୁଳ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ବାଲୁଗାଁ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନର ପୂର୍ବତନ ଅଧାପିକା ମିନାକ୍ଷୀ ମହାପାତ୍ର ଯୋଗଦେଇ ସମାଜରେ ମହିଳାମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ମହିଳାଙ୍କୁ ସମଗ୍ର ବିଶ୍ୱରେ ସର୍ବୋଚ୍ଚ ସ୍ଥାନରେ ରଖିବା ସହ ସେମାନଙ୍କୁ ସମ୍ମାନ ଦେବା ସମସ୍ତଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ବୋଲି ସେ କହିଥିଲେ। ମହିଳା ସଶକ୍ତୀକରଣ ଦେଶରେ ଉନ୍ନତି ଆଣିବାରେ ସହାୟକ ହୋଇଥାଏ। ତେଣୁ ନାରୀଙ୍କୁ ସମ୍ମାନ ଆମ ଜାତିକୁ ସମ୍ମାନ ଦେବା ସହ ସମାନ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ତ୍ରିପାଠୀ, ଭାରପ୍ରାପ୍ତ ଅଧ୍ୟକ୍ଷ ରାମ ଚନ୍ଦ୍ର ଦାଶ, ପ୍ରଶାନ୍ତ ମହାପାତ୍ର, ମିତା ମହାପାତ୍ର, ସ୍ୱପ୍ନାରାଣୀ ରଥଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

**କୃଷ୍ଣପ୍ରସାଦ,(ଡି.ଏନ୍.ଏ.):**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ୩୫ ମୌଜା ସଭାଗୃହରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଚିଲିକା ନୂଆପଡ଼ା ସରପଞ୍ଚ କବିତା ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୩୫ ମୌଜା ପରିଚାଳନା କମିଟି ସମ୍ପାଦକ ମନୋଜ ସାହୁ, ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ବନ୍ଦନା ପଟ୍ଟନାୟକ,ସମ୍ପାଦିକା ସୁବାସୀନି ପଲେଇ, ବିଜୟ ତରେଇ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ପ୍ରାଧାପକ ଗଙ୍ଗାଧର ଦାଶ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ବନରକ୍ଷୀ ସୁନୀଲ ଲେଙ୍କା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ଅଶୋକ ନାୟକ ଅନ୍ତର୍ଜାତୀୟ ମହିଳା ଦିବସ ଏବଂ ଏକ୍ରିକ ପ୍ରକଳ୍ପ ମାଧ୍ୟମରେ ମହିଳା ସଶକ୍ତୀକରଣ ଉପରେ ଆଲୋଚନା କରିଥିଲେ। ୩ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁରସ୍କୃତ କରାଯାଇଥିଲା। ଏଥିରେ ପଞ୍ଚାୟତସ୍ତରୀୟ ମହାସଂଘ, ଏମବିକେମାନେ ଅଂଶଗ୍ରହଣ କରିଥିଲେ। ଏକ୍ରିକ ପ୍ରକଳ୍ପର ଆଞ୍ଚଳିକ ସଂଯୋଜକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହମାରା ବଚପନ ଟ୍ରଷ୍ଟର କ୍ଲଷ୍ଟର ଅଧିକାରୀ ନଳିନୀ କାନ୍ତ ବଡ଼ଜେନା, ପ୍ରତାପ ସେଠୀ, ସୁନୀଲ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ବୋଲଗଡ଼,(ଡି.ଏନ୍.ଏ.)**

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବୋଲଗଡ଼ ନନ୍ଦିଘୋଷ ଭବନରେ ପଞ୍ଚାୟତସ୍ତରୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବୋଲଗଡ଼ ବ୍ଲକ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଭାପତି ଶୈଳବାଳା ବାହିନୀପତିଙ୍କ ନେତୃତ୍ୱରେ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିରଠାରୁ ବାହାରି ବଜାର ପରିକ୍ରମା କରିଥିଲା। ପରେ ନନ୍ଦିଘୋଷ ଭବନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ୫୦୦ରୁ ଉର୍ଦ୍ଧ୍ୱ ମହିଳା ସଦସ୍ୟ ଯୋଗଦେଇଥିବା ବେଳେ ବହୁ ନିର୍ବାଚିତ ମହିଳା ସରପଞ୍ଚ ଓ ସମିତିସଭ୍ୟା ଉପସ୍ଥିତ ଥିଲେ। ମିଶନଶକ୍ତି ଟ୍ରେନର ପୂର୍ଣ୍ଣଚନ୍ଦ୍ର ବେହେରା ସଭା ପରିଚାଳନା କରିଥିବା ବେଳେ ପିକକ୍ ଅନୁଷ୍ଠାନର ବ୍ଲକ ସଂଯୋଜକ ବାମଦେବ ଜେନା ସହଯୋଗ କରିଥିଲେ।

## ସଂକ୍ଷେପରେ

### ବାଇକ୍ ଡିକି ଭାଙ୍ଗି ୨.୬୦ଲକ୍ଷ ଚୋରି

**କଣାସ,୯ା୩(ସ୍ୱ.ପ୍ର.):** କଣାସରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ନିକଟରୁ ଗତ ୬ତାରିଖି ଦିନ ବାଇକ୍ ଡିକି ଭାଙ୍ଗି ୨ଲକ୍ଷ ୬୦ହଜାର ଟଙ୍କା ଚୋରି କରି ନେଇଥିବା ନେଇ କଣାସ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ଯାମଳଗୋଦା ଗ୍ରାମର ରାମଚନ୍ଦ୍ର ବରାଳ ୬ତାରିଖି ଦିନ ମଧାହ୍ନରେ କଣାସ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ୩ ଲକ୍ଷ ଟଙ୍କା ଉଠାଇ ତଳକୁ ଆସି ତାଙ୍କ ସାନଭାଇଙ୍କୁ ସେଥିରୁ ୪୦ହଜାର ଟଙ୍କା ଦେଇଥିଲେ। ଅବଶିଷ୍ଟ ୨ଲକ୍ଷ ୬୦ହଜାର ଟଙ୍କା ବାଇକ୍ ଡିକିରେ ରଖି ନିକଟସ୍ଥ ପାନ ଦୋକାନକୁ ଯାଇଥିଲେ। ଦୋକାନରୁ ଫେରିବା ବେଳେ ବାଇକ୍ ଡିକି ଭଙ୍ଗାଯାଇଥିବା ବେଳେ ସମସ୍ତ ଟଙ୍କା, ପାସ୍‌ବୁକ୍, ପୋଷ୍ଟାଲ ପାସ୍‌ବୁକ୍, ଚେକ୍‌ବୁକ୍ କେହି ଦୁର୍ବୃତ୍ତ ନେଇଯାଇଛନ୍ତି। ଏ ନେଇ ସେ ଥାନାରେ ଏତଲା ଦେବାପରେ କଣାସ ଥାନାଧିକାରୀ ସୁଜିତ୍ ଦାସ ଏକ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛନ୍ତି।

### ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ
#### ଇଟାପଥର ମାଡ଼ରେ ୧୨ ଗାଡ଼ି ଭାଙ୍ଗିଲେ

**ନିମାପଡ଼ା,୯ା୩(ଡି.ଏନ୍.ଏ.):** ନିମାପଡ଼ା ଥାନା ଅନ୍ତର୍ଗତ ଧୀରପୁର ଛକଠାରେ ଜଣେ ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ ବୁଧବାର ସନ୍ଧ୍ୟାରେ ବେଶ୍ ଆଲୋଡନ ସୃଷ୍ଟି କରିଛି। ଉକ୍ତ ବ୍ୟକ୍ତିଙ୍କୁ କାବୁ କରିବାକୁ ଯାଇ ପୋଲିସ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡିଛି। ଏଥିସହ ଯୁବକ ଜଣକ କ୍ରୋଧାନ୍ୱିତ ହୋଇ କାମୁଡି ଦେବାରୁ ଜଣେ ପୋଲିସ କର୍ମଚାରୀଙ୍କ ସମେତ ୪ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଯୁବକ ଜଣକ ଉନ୍ମତ୍ତ ହୋଇ ଇଟାପଥର ମାଡ଼ କରୁଥିବାବେଳେ ସେଥିରେ ୫/୬ ଜଣ ବ୍ୟକ୍ତିଙ୍କ ମୁଣ୍ଡ ଫାଟି ଆହତ ହୋଇଛନ୍ତି। ସେଥିରେ ରାସ୍ତାରେ ଯାତାୟାତ କରୁଥିବା କାର୍, ବାଇକ୍ ଆଦି ୧୨ଟି ଗାଡ଼ି କାଚ ଭାଙ୍ଗିରୁଜି କ୍ଷତିଗ୍ରସ୍ତ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉକ୍ତ ବ୍ୟକ୍ତିଙ୍କୁ କାବୁ କରିବାବେଳେ ସେ ସେଠାରୁ ଖସି ପଳାଇଥିଲେ। ସନ୍ଧ୍ୟା ୬ରୁ ସାଢେ ୭ଟା ପର୍ଯ୍ୟନ୍ତ ସେହି ଛକରେ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ଯୁବକ ଜଣଙ୍କ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଧୀରପୁର ଗ୍ରାମର ପିଣ୍ଟୁ ଭୋଇ (୨୩) ବୋଲି ଜଣାପଡ଼ିଛି। ଯୁବକଙ୍କ ଏଭଳି ଅମାନୁଷିକ କାର୍ଯ୍ୟ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ପୋଲିସ ନିକଟରେ ଦାବି କରିଛନ୍ତି। ଖୁବଶୀଘ୍ର ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

### ମଠରୁ ମୂର୍ତ୍ତି ଚୋରି ଘଟଣା: ୨ ଗିରଫ

**ନିମାପଡ଼ା,୯ା୩(ଡି.ଏନ୍.ଏ.):** ଚାରିଛକ ଥାନା ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତର ଉଇଁଚିଗୋରଡ଼ ଗ୍ରାମର ପ୍ରସିଦ୍ଧ ଅନନ୍ତ ବାସୁଦେବଙ୍କ ମଠରୁ ବହୁ ପ୍ରାଚୀନ ଲକ୍ଷ୍ମୀ ନାରାୟଣଙ୍କ ମୂର୍ତ୍ତି ଚୋରି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କାଞ୍ଚିଗରପାଟଣା ଗ୍ରାମର ମନୋରଞ୍ଜନ ଦେଉରିଆ (୩୦) ଏବଂ କାକଟପୁର ଥାନା ଅନ୍ତର୍ଗତ କୁଣ୍ଡେଶ୍ୱର ଗ୍ରାମର ପ୍ରକାଶ ପାତ୍ର। ଏନେଇ ପୋଲିସ ଏକ ମାମଲା (ନଂ. ୩୦/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୨ ଜଣଙ୍କଠାରୁ ପୋଲିସ ମଠର ଅଷ୍ଟଧାତୁର ଲକ୍ଷ୍ମୀନାରାୟଣଙ୍କ ମୂର୍ତ୍ତି ଓ ପିତଳ ଖଟୁଲି ଉଦ୍ଧାର କରିଛି। ସୂଚନା ମୁତାବକ, ବୁଧବାର ସନ୍ଧ୍ୟାରେ ପୂଜକ ପୂଜା କରିବାକୁ ଆସିବାବେଳେ ଠାକୁରଙ୍କ ମୂର୍ତ୍ତି ଓ ପିତଳ ଖଟୁଲି ନ ଥିବା ଦେଖି ମଠ ଟ୍ରଷ୍ଟ ସଦସ୍ୟ ବଟକୃଷ୍ଣ ମଲ୍ଲିକଙ୍କୁ ଏନେଇ ଅବଗତ କରିଥିଲେ। ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ମାମଲା ରୁଜୁ ପରେ ଗ୍ରାମବାସୀ ଓ ମଠ କମିଟି ସଦସ୍ୟ ମନୋରଞ୍ଜନଙ୍କୁ ସନ୍ଦେହରେ ଅଟକ ରଖି ଥାନାକୁ ଜଣାଇଥିଲେ। ମନୋରଞ୍ଜନ ଉକ୍ତ ଚୋରି ମୂର୍ତ୍ତି ଓ ଖଟୁଲି ପ୍ରକାଶଙ୍କୁ ବିକ୍ରି କରିଥିବା ପୋଲିସ ନିକଟରେ ପ୍ରକାଶ କରିଥିଲେ।

### ଫର୍ଣ୍ଣିଚର ଦୋକାନରୁ ସାମଗ୍ରୀ ଚୋରି

**ବଳଙ୍ଗା,୯ା୩(ଡି.ଏନ୍.ଏ.):** ବଳଙ୍ଗା ବଜାରର ଚନ୍ଦନପୁର ଶାଖା କେନାଲ ବନ୍ଧ ପାଖରେ ଥିବା ଏକ ଫର୍ଣ୍ଣିଚର ଦୋକାନରୁ ବୁଧବାର ରାତିରେ ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଦୋକାନୀ ନିରଞ୍ଜନ ମହାରଣା ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଘଟଣାସ୍ଥଳରୁ ମିଳିଥିବା ଏକ ସାଇକେଲକୁ ପୋଲିସ ଜିମା ଦିଆଯାଇଛି। ଚୋରି ଯାଇଥିବା ଜିନିଷର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ନିରଞ୍ଜନ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ବଳଙ୍ଗା ଥାନା ପୋଲିସ ନଂ.୪୦/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ନେଇ ଜନ ଅସନ୍ତୋଷ

**କଣାସ,୯ା୩ (ସ୍ୱ.ପ୍ର.)**

ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥାପିତ ଉପ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଉଦ୍ୟମ ହୋଇଥିବାରୁ ତ୍ରିଲୋଚନପୁର ଗ୍ରାମବାସୀ ତଥା ଆଖପାଖ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ରଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ତ୍ରିଲୋଚନପୁର ଗ୍ରାମ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ୮କି.ମି. ଦୂରତାରେ ଅବସ୍ଥାପିତ ହୋଇଥିବା ବେଳେ ତ୍ରିଲୋଚନପୁର ଆଖପାଖର ପ୍ରାୟ ୫ଟି ଗ୍ରାମର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଦୀର୍ଘ ୫୦ବର୍ଷ ପୂର୍ବେ ଏହି ଗ୍ରାମରେ ଏକ ଏଏନ୍‌ଏମ୍ କେନ୍ଦ୍ର ସ୍ଥାପନ କରାଯାଇଥିଲା। ଅଞ୍ଚଳର ୧୦ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ରାଜ୍ୟ ସରକାର ନିକଟରେ ଏଏନ୍‌ଏମ୍ କେନ୍ଦ୍ରକୁ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିଥିଲେ। ହେଲେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସରକାରୀ ଅଧିକାରୀ ସହାୟତାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଆବଶ୍ୟକ ଜମି ନ ଥିବାର ଆଳ ଦେଖାଇ ଏଠାରୁ ୫କିମି ଦୂରରେ ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ଉଦ୍ୟମ କରି ଏଥିନିମନ୍ତେ ଟେଣ୍ଡର ପ୍ରକ୍ରିୟା କରୁଛନ୍ତି। ଏହି କଥା ତ୍ରିଲଚୋନପୁର ଗ୍ରାମବାସୀ ଜାଣିବା ପରେ ଅସନ୍ତୋଷ ପ୍ରକାଶ ସୃଷ୍ଟି ହୋଇଛି। ତ୍ରିଲୋଚନପୁର ପଞ୍ଚାୟତ କାର୍ଯ୍ୟାଳୟ ୫ଟି ଉଚ୍ଚ ବିଦ୍ୟାଳୟ, ପୋଷ୍ଟଅଫିସ୍ ଆଦି ସରକାରୀ ଅନୁଷ୍ଠାନଗୁଡିକ ଥିବାବେଳେ ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ କିପରି ଜାଗାର ଅଭାବ ହେଲା ବୋଲି ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ତ୍ରିଲୋଚନପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ଉଦ୍ୟମ ନିୟମର ଉଲ୍ଲଂଘନ କରାଯାଉଥିବା ନେଇ କଣାସ ତହସିଲଦାର, ବିଡିଓ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ, ବିଧାୟକ ଓ ସିଡିଏମ୍‌ଓଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଧାୟକ ଓ ତହସିଲଦାର ଗ୍ରାମବାସୀଙ୍କ ଅଭିଯୋଗକୁ ଶୁଣିବା ସହ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀଙ୍କ ସହ ଦୋଳବେଦିକୁ ଝୁଲଣ ପାଇଁ ଯାଉଛନ୍ତି।

## ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ପୁରୀ ଅଫିସ, ୯ା୩**

ପବିତ୍ର ଦୋଳପୂର୍ଣ୍ଣମୀରେ ବୁଧବାର ମହାପ୍ରଭୁଙ୍କ ଦୋଳ ଉତ୍ସବ ଓ ସୁନାବେଶ (ରାଜରାଜେଶ୍ୱର) ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିରରୁ ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ମଣିବିମାନରେ ଆସି ଦୋଳବେଦିରେ ହୋଲି ଖେଳିଥିଲେ। ସେହିପରି ଭକ୍ତମାନେ ଝିମିରି ଫଗୁ ଓ ଅବିର ଖେଳିବା ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ସୁନାବେଶ ଦର୍ଶନ କରିଥିଲେ। ମଙ୍ଗଳବାର ଦୋଳପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହଙ୍କ ରୋଷ ହୋମ ନୀତି ସରିବା ପରେ ଠାକୁରମାନଙ୍କୁ ନୂଆ ବୋଇରାଣୀ ଶାଢ଼ି ଖଣ୍ଡୁଆ ଓ ମସ୍ତକ ତ୍ରୟରେ ଗଭା ଲାଗି ହୋଇଥିଲେ। ଖଇ, କୋରା, ଶୀତଳ ଭୋଗ ସରିବା ପରେ ଦୋଳଗୋବିନ୍ଦ ମହାଜନଙ୍କ ହସ୍ତରେ ରତ୍ନସିଂହାସନକୁ ବିଜେ କରି ପୂଜାପଣ୍ଡାଙ୍କଦ୍ୱାରା ପଞ୍ଚ ଉପଚାର ବିଧିରେ ଭୋଗ ହୋଇଥିଲା। ତପୂରେ ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ମହାପ୍ରଭୁ ଶ୍ରୀଜଗନ୍ନାଥ ଆଜ୍ଞାମାଳ ପାଇ ରତ୍ନସିଂହାସନ ଚତୁଃପାର୍ଶ୍ୱରେ ୭ଥର ପ୍ରଦକ୍ଷିଣ କରି ମାଜଣା ମଣ୍ଡପରେ ମହାସ୍ନାନ, ମାଜଣା ଓ ବନକଲାଗି ପରେ ତିନି ବିଗ୍ରହଙ୍କୁ ବେଶ କରାଯାଇଥିଲା। ପ୍ରସାଦ ଲାଗି, ବନ୍ଦାପନା ନୀତି ହୋଇ ବିମାନରେ ଠାକୁର ବିଜେ ହୋଇଥିଲେ। ଶ୍ରୀମନ୍ଦିର ବେଢ଼ାରେ ବିମାନକୁ ୭ଥର ପରିକ୍ରମା କରିବା ପରେ ସିଂହଦ୍ୱାର ଦେଇ ଦୋଳବେଦିକୁ ବିଜେ କରାଯାଇଥିଲା। ଦୋଳିରେ ଠାକୁର ଥିବାବେଳେ ତିନିଧୂପ ହୋଇଥିଲା। ଏହି ଅବସରରେ ଖଇ, ଶାକର, ଚଣା, ନାଡ଼ି, ବଡ଼ା, ହଂସକେଳି, ଆରିସା, ଓରିଆ, କ୍ଷୀର ଇତ୍ୟାଦି ଭୋଗ ଷୋଡଶ ଉପଚାରରେ ହୋଇଥିଲା। ରାତ୍ରିରେ ବାହୁଡ଼ା ବିଜେ ସମୟରେ ପୂର୍ବପରି ୭ଥର ପ୍ରଦକ୍ଷିଣ କରିବା ପରେ ଦିଅଁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

## କତା କ୍ଲଷ୍ଟର ପ୍ରତିଷ୍ଠା ନେଇ ବିଧାୟକଙ୍କ ପ୍ରତିଶ୍ରୁତି



କାର୍ଯ୍ୟକ୍ରମରେ ବିଧାୟକ ଉମାକାନ୍ତ ସାମନ୍ତରାୟ ଏବଂ ଅନ୍ୟ ଅତିଥିମାନେ।

**ସାକ୍ଷୀଗୋପାଳ, ୯ା୩(ଡି.ଏନ୍.ଏ./ସ୍ୱ.ପ୍ର.)**

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ସତ୍ୟବାଦୀ ବ୍ଲକ ବିଜେଡି ପକ୍ଷରୁ ଗୁରୁବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମହିଳା ସଭାନେତ୍ରୀ ପୁଷ୍ପାଞ୍ଜଳିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ପଞ୍ଚାୟତରେ ମିଶନ ଶକ୍ତି କାର୍ଯ୍ୟାଳୟ ଓ ମିଶନ ଶକ୍ତି ଗୋଦାମ ଗୃହ ନିର୍ମାଣ କରାଯିବ ବୋଲି ସଭାରେ ଘୋଷଣା କରିଥିଲେ। ସତ୍ୟବାଦୀରେ ଏକ କତା କ୍ଲଷ୍ଟର ପ୍ରତିଷ୍ଠା କରାଯିବା ନେଇ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ପ୍ରତ୍ୟେକ ପଞ୍ଚାୟତରେ ଆଉ ଏକ ମିଶନ ଶକ୍ତି ଗୃହ ନିର୍ମାଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ମହିଳା ପାର୍ଲାମେଣ୍ଟାରୀ କମିଟି ସଭ୍ୟା ଅଗ୍ରୀମା ଗୁପ୍ତା, ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ଜିଲା ମହିଳା ସମ୍ପାଦିକା କନକଲତା ପଣ୍ଡା, କଣାସ ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ଶାନ୍ତିଲତା ସାହୁ, ମିଶନଶକ୍ତି ସଭାପତି ଲକ୍ଷ୍ମୀପ୍ରିୟା ମହାପାତ୍ର, ପ୍ରଭାସିନୀ ମିଶ୍ର, ବବିତା ପରିଡା, ମନୋରମା ବେହେରା, ହରପ୍ରିୟା ବେହେରା, ମାମିନା ସାହୁ, ଦୀପା ବେହେରା, କଣାସ ବ୍ଲକ ମିଶନ ଶକ୍ତି ସମ୍ପାଦିକା ଉଲ୍ଲାସ ସାମନ୍ତରାୟ ପ୍ରମୁଖ ସାମିଲ ଥିଲେ। ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ ସଭାପତି ପ୍ରମୋଦ ରାଉତରାୟ ପରିଚାଳନା କରିଥିଲେ।

## ବିସ୍ଫୋରକ ସାମଗ୍ରୀ ଜବତ, ଜଣେ ଗିରଫ

**ବଳଙ୍ଗା,୯ା୩ (ଡି.ଏନ୍.ଏ.)**

ବଳଙ୍ଗା ଥାନା ତରଫରୁ ବେରୋଇ ଗ୍ରାମରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର କାଳନ୍ଦୀଚରଣ ଦାସ। ପ୍ରକାଶ ଯେ, ଆଗକୁ ବଳଙ୍ଗା ପଞ୍ଚୁଦୋଳ ମେଳଣ ଥିବାରୁ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଣ ବ୍ୟବସାୟ ହେଉଛି। ବିଭିନ୍ନ ସ୍ଥାନରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ରହିଥିବା ନେଇ ବଳଙ୍ଗା ଥାନାକୁ ସୂଚନା ମିଳିଥିଲା। ଏଏସ୍‌ଆଇ ପ୍ରହଲ୍ଲାଦ ବରାଳଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବଳଙ୍ଗାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି କାଳନ୍ଦୀଙ୍କୁ ଧରିବା ସହ ବିସ୍ଫୋରକ ସାମଗ୍ରୀ ଜବତ କରିଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି।

## କାକଟପୁର, ବଳଙ୍ଗାକୁ ସ୍ୱଚ୍ଛ ପଞ୍ଚାୟତ ପୁରସ୍କାର

**କାକଟପୁର/ବଳଙ୍ଗା,୯ା୩ (ଡି.ଏନ୍.ଏ.)**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଓ ଲୋକସେବା ଦିବସ ଅବସରରେ କାକଟପୁର ପଞ୍ଚାୟତକୁ ୨୦୨୧/୨୨ବର୍ଷ ପାଇଁ ସ୍ୱଚ୍ଛ ପଞ୍ଚାୟତ ସମ୍ମାନରେ ସମ୍ମାନିତ କରାଯାଇଛି। ଏ ନେଇ ପଞ୍ଚାୟତ ଅଧିକାରୀ ବାସୁଦେବ ବରାଳଙ୍କୁ ଉତ୍ତରୀୟ ଦେଇ ଜିଲା ପକ୍ଷରୁ ସମ୍ମାନିତ କରାଯାଇଛି। ସେହିପରି ସରପଞ୍ଚ ଅଭୟ କୁମାର ସେଠୀଙ୍କୁ ଏକ ଲକ୍ଷ ଟଙ୍କାର ଚେକ୍ ପଞ୍ଚାୟତ ଉଦ୍ଦେଶ୍ୟରେ ପୁରସ୍କୃତ କରାଯାଇଛି। ଏହି ଟଙ୍କାରେ ଆଗାମୀ ମା' ମଙ୍ଗଳାଙ୍କ ଚୈତ୍ର ପର୍ବ (ଝାମୁଯାତ୍ରା)ରେ ମନ୍ଦିର ପରିସର ଐତିହାସିକ ପ୍ରାଚୀ ନଦୀର ଘଣ୍ଟତୋଳା ତୁଠ ଓ କାକଟପୁର ବଜାରକୁ ଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପରିଷ୍କାର ରଖାଯିବ ବୋଲି ସରପଞ୍ଚ ସେଠୀ ପ୍ରକାଶ କରିଛନ୍ତି। ସେହିଭଳି ଜିଲାରୁ ବଳଙ୍ଗାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା ପୂର୍ବକ ବିଜୁ ପଟ୍ଟନାୟକ ପଞ୍ଚାୟତ ସଶକ୍ତୀକରଣ ଆଧାରରେ ୩ଲକ୍ଷ ଟଙ୍କା ପୁରସ୍କାର ପାଇଛି। ଜିଲାସ୍ତରୀୟ ପଞ୍ଚାୟତିରାଜ ଲୋକସେବା ଦିବସ ସମାରୋହରେ ସରପଞ୍ଚ ଅଞ୍ଜଳି ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ରଙ୍କଠାରୁ ପୁରସ୍କାର ପ୍ରମାଣପତ୍ର ଗ୍ରହଣ କରିଛନ୍ତି।

## ଶ୍ରୀମନ୍ଦିରରେ ଚନ୍ଦନ ଅନୁକୂଳ ନୀତି

**ପୁରୀ ଅଫିସ, ୯ା୩**

ଶ୍ରୀମନ୍ଦିରରେ ବୁଧବାର ହୋଲି ଉତ୍ସବ ଓ ଚନ୍ଦନ ଅନୁକୂଳ ନୀତି ସମ୍ପନ୍ନ ହୋଇଛି। ମଧ୍ୟାହ୍ନ ଧୂପ ପରେ ଏହି ନୀତି ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ଧୂପ ବେଶରେ ତିନିଖଣ୍ଡ ଆଜ୍ଞାମାଳ ମହାପ୍ରଭୁଙ୍କଠାରେ ଲାଗି ହୋଇଥିଲା। ଦକ୍ଷିଣୀଘର ଭୋଗ ସରିବା ପରେ ମହାଜନ ସେବକମାନେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଏବଂ ଭୂଦେବୀଙ୍କୁ ରତ୍ନସିଂହାସନ ନିକଟକୁ ବିଜେ କରାଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଏବଂ ଭୂଦେବୀଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମାଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକମାନେ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ଠାକୁର ଠାକୁରଣୀଙ୍କୁ ବିଜେ କରାଇ ରୁନ୍ଧ କାର୍ଯ୍ୟ ସାରିଥିଲେ। ଠାକୁର ଠାକୁରାଣୀଙ୍କୁ ଫୁଲମାଳ ଲାଗି କରାଯାଇଥିଲା। ପରେ ଘଣ୍ଟ, ଛତା, କାହାଳୀ ଓ ପଟୁଆରରେ ବିମାନ ବଡୁମାନଙ୍କ ଦ୍ୱାରା ସିଂହଦ୍ୱାର ଦେଇ ବଡ଼ଦାଣ୍ଡ ରାସ୍ତାରେ ନରେନ୍ଦ୍ର ଚକଡ଼ାକୁ ଠାକୁର ଠାକୁରାଣୀଙ୍କୁ ନିଆଯାଇଥିଲା। ସେଠାରେ ଜଳଲାଗି କରାଯାଇଥିଲା। ମୁଦିରସ୍ତ ହଳଦୀ ପାଣିରେ ଠାକୁର ଠାକୁରାଣୀଙ୍କୁ ପିଚିକାରିଓ ପ୍ରସାଦ ଲାଗି କରିଥିଲେ। ପୂଜାପଣ୍ଡା ସାମନ୍ତ ଶୀତଳ ଭୋଗ ମଣୋହୀ କରିଥିଲେ। ଭୋଗ ପରେ ମୁଦିରସ୍ତ ବନ୍ଦାପନା କରି ଚାମର ଆଲଟ କରିଥିଲେ। ସେଠାରେ ସମସ୍ତ ନୀତି ସରିବା ପରେ ବେଶ୍ଟ ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ଠାକୁର, ଠାକୁରାଣୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢିଥିଲା।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ
### ହତ୍ୟା ଅଭିଯୋଗ ଆଣିଲେ ବାପଘର, ୩ ଅଟକ

**ସାକ୍ଷୀଗୋପାଳ, ୯ା୩ (ଡି.ଏନ୍.ଏ./ସ୍ୱ.ପ୍ର.)**

ସତ୍ୟବାଦୀ ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଭୋଇସାହିରେ ଗୁରୁବାର ଜଣେ ମହିଳାଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ସେ ହେଲେ ନମିତା ଭୋଇ। ହେଲେ ଯୌତୁକ ପାଇଁ ଝିଅକୁ ହତ୍ୟା କରି ଝୁଲାଇ ଦେଇଥିବା ତାଙ୍କ ବାପା ନକୁଳ ଭୋଇ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୮୪/୨୩) ରୁଜୁ ଶ୍ୱଶୁର, ଶାଶୁ ଓ ଦିଅରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏଥିସହ ମୃତ ମହିଳାଙ୍କ ଶବ ଜବତକରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

ସୂଚନା ଅନୁଯାୟୀ, ଗତ ୪ ବର୍ଷ ତଳେ ମୁନା ଭୋଇଙ୍କୁ ନମିତା ବିବାହ କରିଥିଲେ। ହେଲେ ବିବାହର କିଛିମାସ ପରେ ଶାଶୁଘର ପକ୍ଷରୁ ଅଧିକ ଯୌତୁକ ଆଣିବା ପାଇଁ ନମିତାଙ୍କୁ କହିଥିଲେ। କିନ୍ତୁ ନମିତା ନ ଶୁଣିବାରୁ ତାଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦିଆଯାଉଥିଲା ବୋଲି ସେ ଫୋନ କରି ବାପଘରୁ ଜଣାଉଥିଲେ ବୋଲି ନକୁଳ ଅଭିଯୋଗ କରିଛନ୍ତି। ତେବେ ଗୁରୁବାର ନମିତା ଦୀର୍ଘ ସମୟ ପର୍ଯ୍ୟନ୍ତ ଶୋଇବା ଘରୁ ଉଠି ନ ଥିଲେ। ଡାକିବା ସତ୍ତ୍ୱେ ନ ଶୁଣିବାରୁ ଝରକା ପଟେ ଦେଖିବା ବେଳେ ସେ ବେକରେ ଶାଢ଼ି ଲଗାଇ ଝୁଲୁଥିଲେ। ଏ ନେଇ ଶାଶୁଘର ପକ୍ଷରୁ ପୋଲିସ ଓ ନମିତାଙ୍କ ବାପଘରୁ ଝିଅ ଆତ୍ମହତ୍ୟା କରିଥିବା ନେଇ ଜଣାଇଥିଲେ।

## ଘଣ୍ଟ ଘଣ୍ଟାରେ କମ୍ପିଲା ମେଳଣ ଜମାଣ ରାତ୍ର

**ଡେଲାଙ୍ଗ,୯ା୩ (ଡି.ଏନ୍.ଏ.)**

ଡେଲାଙ୍ଗ ହାଟ ମେଳଣ ଜମାଣ ହୋଲିରାତ୍ରିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଗ୍ରାମରୁ ଘଣ୍ଟ, ଘଣ୍ଟା, କଳଘୋଡା, ଢୋଲ, ସମ୍ବଲପୁରୀ ବାଜା ପ୍ରଭୃତି ଧ୍ୱନିରେ ଜମାଣ ଉତ୍ସବ ପ୍ରକମ୍ପିତ ହୋଇଥିଲା। ଥାନପତି ପୁରୁଣା ଡେଲାଙ୍ଗ ଗ୍ରାମର ନୀଳକଣ୍ଠେଶ୍ୱର ଦେବଙ୍କ ସୁସଜ୍ଜିତ ବିମାନ ସହିତ କାଲୁପଡ଼ାର ଶ୍ରୀପାହାଡ଼ ବିଶ୍ୱନାଥ ଦେବ, ଜଗଦଳପୁର ଗ୍ରାମର ତଳ ବିଶ୍ୱନାଥ ଦେବ, ଚାଇଁପୁରର ଓଗରନାଥ ଦେବ, ବଳରାମେଶ୍ୱର ଦେବ, ସାତ୍ତ୍ୱିକପୁରର ବାଙ୍କନାଥ ଦେବ, ପଟଣପୁରର ରାଧାମୋହନ ଦେବ, ଗୋପୀନାଥ ଦେବ, ହାଟ ଡେଲାଙ୍ଗ ଲକ୍ଷ୍ମୀନାରାୟଣ ଦେବ, ବାଲୁଙ୍କେଶ୍ୱର ଦେବ, ପତିତପାବନ ଦେବ, ଖେଲାଉର ଖେଳେଶ୍ୱର ଦେବ ପ୍ରଭୃତି ଦୋଳ ବିମାନରେ ଚଳନ୍ତି ପ୍ରତିମା ମେଳଣ ପଡ଼ିଆରେ ଖୁଣ୍ଟି ଲାଗି ହୋଇଛନ୍ତି। ବିଭିନ୍ନ ଗ୍ରାମର ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ କରିଛନ୍ତି। ଶୁକ୍ରବାର ବାଣମରା(ଆତସବାଜି ପ୍ରଦର୍ଶନ) ଅନୁଷ୍ଠିତ ହେବା ସହ ଗୋଧୂଳି ଲଗ୍ନରେ ହରିହର ଭେଟ କରାଯାଇ ମେଳଣ ସମାପନ ହେବ।

## ବଳଙ୍ଗା ପଞ୍ଚଦୋଳ ମେଳଣରେ ଡିଜେ ମନା

**ବଳଙ୍ଗା,୯ା୩ (ଡି.ଏନ୍.ଏ.)**

ବଳଙ୍ଗା ପଞ୍ଚଦୋଳ ମେଳଣ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳଣ ୧୨ ତାରିଖରେ ଛମାଣ, ୧୩ରେ ମେଳଣ ଓ ୧୪ ତାରିଖରେ ହରିହର ଭେଟ ଅନୁଷ୍ଠିତ ହେବ। ମେଳଣକୁ ଶୃଙ୍ଖଳିତ ଓ ସୂଚାରୁରୂପେ ସମ୍ପାଦନା କରିବା ନିମନ୍ତେ ଅଞ୍ଚଳର ମୁରବୀ, ମେଳଣ କମିଟିର ସଦସ୍ୟ ଓ ପୋଲିସ ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ଗଠନ କରାଯାଇଥିଲା। ମେଳଣ କମିଟିର ସଭାପତି ପ୍ରଭାକର ଦଳାଇ, ସମ୍ପାଦକ ବଳଭଦ୍ର ଜେନା, ଉପଦେଷ୍ଟା ଆଇନଜୀବୀ ସୁବାସ ଚନ୍ଦ୍ର ପତି, ଉପସଭାପତି ବୈଦେଶ୍ୱର ପ୍ରଧାନ, ସରପଞ୍ଚଙ୍କ ପ୍ରତିନିଧି ସୁକାନ୍ତ କୁମାର ବରାଳ, ସମିତିସଭ୍ୟ ପ୍ରକାଶ କୁମାର ସାହୁ, ସାମାଜିକ କର୍ମୀ କୃପାସିନ୍ଧୁ ଦତ୍ତ, ବରିଷ୍ଠ ଖବରଦାତା ରାଜକିଶୋର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ମେଳଣରେ ପାରମ୍ପରିକ ବାଦ୍ୟ ବ୍ୟତୀତ ଡିଜେ ବାଦ୍ୟକୁ ସମ୍ପୂର୍ଣ୍ଣ ରୂପେ ବାରଣ କରାଯାଇଛି।

## ମନ୍ତ୍ରୀଙ୍କ ଦ୍ୱାରା ନୂତନ ଥାନା ଗୃହ ଉଦ୍‌ଘାଟିତ

**କାକଟପୁର,୯ା୩ (ଡି.ଏନ୍.ଏ.)**

କାକଟପୁର ଥାନାର ନବ ନିର୍ମିତ ଥାନା ଗୃହକୁ ଗୁରୁବାର ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ଅତିଥି ଭାବେ ମନ୍ତ୍ରୀ ବେହେରା, ଏଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ପୂର୍ବତନ ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ ପ୍ରମୁଖ ଥାନା ସମ୍ମୁଖରେ ପହଞ୍ଚିଥିଲେ। ଏହାପରେ ପୋଲିସ କର୍ମଚାରୀମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ମନ୍ତ୍ରୀ ବେହେରା ଓ ଅତିଥିମାନେ ନଡ଼ିଆ ବାଡ଼େଇ ଫଳକ ଉନ୍ମୋଚନ କରିଥିଲେ। ପରେ ମନ୍ତ୍ରୀ ଥାନାର ନବନିର୍ମିତ ଗୃହର ବିଭିନ୍ନ କକ୍ଷ ବୁଲି ଦେଖିଥିଲେ ଓ ଥାନାର ନୂତନ ରେଜିଷ୍ଟରରେ ଦସ୍ତଖତ ଦେଇଥିଲେ। ପରେ ଥାନା ସମ୍ମୁଖରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ କାକଟପୁର ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବ୍ୟବସାୟୀ ସଙ୍ଘ କର୍ମକର୍ତ୍ତା, ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କାକଟପୁର ଥାନାର ଆଇଆଇସି ପ୍ରିୟରଞ୍ଜନ ନାୟକ, ଏସ୍‌ଆଇ ପ୍ରିୟା ପ୍ରଧାନ, ଏଏସ୍‌ଆଇ ରବୀନ୍ଦ୍ର କୁମାର ନାୟକ, ପ୍ରମୋଦ କୁମାର ସେଠୀ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ।



ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ନୂତନ ଥାନା ଉଦ୍‌ଘାଟନ କରୁଛନ୍ତି।

# ବିଦ୍ୟାଳୟ ଆଗରେ ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା
### ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦାବି

**ବଳଙ୍ଗା,୯ା୩ (ଡି.ଏନ୍.ଏ.)**

ବଳଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର ପଞ୍ଚାୟତ ଅଧୀନ ଗଡ଼ଚାନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ସ୍ଥାୟୀ ଶିକ୍ଷକ ନାହାନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଛାତୀଛାତ୍ରଙ୍କ ଅଭିଭାବକ, ଗ୍ରାମବାସୀ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ତେଣୁ ଅଭିଭାବକ ଓ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଗୁରୁବାର ଛାତ୍ରୀଛାତ୍ରଙ୍କ ସହ ଅଭିଭାବକମାନେ ଉକ୍ତ ବିଦ୍ୟାଳୟ ଆଗରେ ସ୍ଥାୟୀ ନିଯୁକ୍ତି ଦାବି ନେଇ ଧାରଣାରେ ବସିଛନ୍ତି। ଅନ୍ୟପଟେ ନିକଟସ୍ଥ କୋଟକୁସାଙ୍ଗ ବାପୁଜୀ ୟୁପି ସ୍କୁଲର ଜଣେ ଶିକ୍ଷକଙ୍କୁ ଡେପୁଟେଶନରେ ପଠାଇବା ପାଇଁ ଆସିଥିବା କ୍ଲଷ୍ଟର ସଂଯୋଜକଙ୍କୁ ବିଦ୍ୟାଳୟର କମିଟି ସଦସ୍ୟ ଓ ଗ୍ରାମବାସୀ ଅଟକ ରଖିଥିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ସାଜିଛି।



ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ବିଦ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

ପ୍ରକାଶ ଯେ, ଗଡଚାନ୍ଦପୁର ସରକାରୀ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୫୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ଶିକ୍ଷା ପ୍ରଦାନ ପାଇଁ ୩ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିୟୋଜିତ ଅଛନ୍ତି। ବର୍ତ୍ତମାନ ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀ ପ୍ରସୂତି କାଳୀନ ଛୁଟିରେ ରହୁଥିବାରୁ ଆଗକୁ ପରୀକ୍ଷା ଥିବାବେଳେ ବିଦ୍ୟାଳୟରେ ପରିଚାଳନା କରିବା ଅସୁବିଧା ହେବ। ତେଣୁ ୩ଜଣ ସ୍ଥାୟୀ ଶିକ୍ଷକ ନିଯୁକ୍ତି କରିବାକୁ ବିଦ୍ୟାଳୟ ପରିଚାଳନା କମିଟି ସହ ଅଭିଭାବକଙ୍କ ତରଫରୁ ନିମାପଡ଼ା ଶିକ୍ଷା ଜିଲା ଅଧିକାରୀ ଓ ରାଜ୍ୟ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଦାବି ପୂରଣ ନ ହେବାରୁ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକମାନେ ଗୁରୁବାର ପୂର୍ବାହ୍ନ ୧୦ଟାରେ ବିଦ୍ୟାଳୟ ମୁଖ୍ୟ ଗେଟକୁ ତାଲା ପକାଇ ଧାରଣାରେ ବସିଥିଲେ। ଖବରପାଇ ମଣ୍ଡଳ ଶିକ୍ଷା ଅଧିକାରୀ ନିକଟସ୍ଥ କୋଟକୁସାଙ୍ଗ ବାପୁଜୀ ସ୍କୁଲରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଗୌରିମଣି ବେହେରାଙ୍କୁ ଡେପୁଟେଶନରେ ଗଡଚାନ୍ଦପୁର ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସପ୍ତାହକୁ ୩ ଦିନ ଶିକ୍ଷା ଦାନ ପାଇଁ ନିଯୁକ୍ତ କରିଥିଲେ। କ୍ଲଷ୍ଟର ସଂଯୋଜକ ଜ୍ଞାନରଞ୍ଜନ ଦାଶ ଉକ୍ତ ଅର୍ଡର ନେଇ ଘଟଣାସ୍ଥଳରେ ପହଞ୍ଚିବା ପରେ ଖବରପାଇ ଅଭିଭାବକମାନେ ଡେପୁଟେଶନକୁ ବରଖାସ୍ତ ଦାବି କରି କ୍ଲଷ୍ଟର ସଂଯୋଜକଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ଖବର ଲେଖା ପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାରିପାରି ନାହିଁ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ମିହୁଲ୍ ପରିବାରବର୍ଗ


ତନ୍ମୟ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଖ୍ୱାଜାଙ୍କ ଶତକରେ ଅଷ୍ଟ୍ରେଲିଆ ସୁଦୃଢ଼

**ଅହମଦାବାଦ,୯।୩(ପି.ଟି.)**

ବର୍ଡର-ଗାଭାସ୍କର ଟ୍ରଫିର ଅନ୍ତିମ ଟେଷ୍ଟ ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଗୁରୁବାର ଆରମ୍ଭ ହୋଇଛି। ଓପନର ଉସ୍‌ମାନ ଖ୍ୱାଜାଙ୍କ ଅପରାଜିତ ଶତକ ବଳରେ ଅଷ୍ଟ୍ରେଲିଆ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୪ ଉଇକେଟରେ ୨୫୫ ରନ୍ ସଂଗ୍ରହ କରିଛି। ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନେଜ୍ ଏହି ମ୍ୟାଚ୍ ଦେଖିବା ପାଇଁ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ଉଭୟ ପ୍ରଧାନମନ୍ତ୍ରୀ ଖେଳାଳିଙ୍କ ସହିତ ପରିଚୟ ପରେ ଏକ ବ୍ୟାଟେରିଚାଳିତ ଗାଡିରେ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପକ୍ଷରୁ ଉସ୍‌ମାନ ଖ୍ୱାଜା ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୧୦୪ ରନରେ ଅପରାଜିତ ରହିଛନ୍ତି। ପ୍ରଥମ ୩ ମ୍ୟାଚରେ ଆଧିପତ୍ୟ ବିସ୍ତାର କରିଥିବା ଭାରତୀୟ ସ୍ପିନର ମୋଟେରା ଟ୍ରାକ୍‌ରେ ପ୍ରଭାବହୀନ ମନେହୋଇଥିବା ବେଳେ ବ୍ୟାଟ ଓ ବଲ୍ ମଧ୍ୟରେ କଡା ସଂଘର୍ଷ ଦେଖିବାକୁ ମିଳିଥିଲା। ୬ ଘଣ୍ଟା ଧରି ଖ୍ୱାଜା ବ୍ୟାଟିଂ କରିଥିବା ବେଳେ ୨୫୧ ବଲ୍ ଖେଳି ୧୫ ଚୌକା ମାରିଥିଲେ। ଏହି ଇନିଂସରେ ଖ୍ୱାଜା ଦୃଢ ଡିଫେନ୍ସ ଦେଖାଇଥିଲେ। ଓପନିଂ ଯୋଡିରେ ଟ୍ରାଭିସ୍ ହେଡ୍(୩୨)ଙ୍କ ସହିତ ସେ ୬୧ ରନ୍ ଯୋଡିଥିଲେ। ଅଶ୍ୱିନ ଏହି ଭାଗୀଦାରି ସମାପ୍ତ କରିଥିବା ବେଳେ ମାର୍ନସ ଲାବୁଶେନ୍(୩)ଙ୍କୁ ଆଉଟ୍ କରିଥିଲେ ମହମ୍ମଦ ଶାମି। ୧୧ ରନ୍ ମଧ୍ୟରେ ଦୁଇଟି ଉଇକେଟ ପଡିଥିବା ବେଳେ ଷ୍ଟାଣ୍ଡଇନ୍ କ୍ୟାପ୍ଟେନ୍ ଷ୍ଟିଭ୍ ସ୍ମିଥ୍(୩୮) କ୍ରିଜରେ ଯୋଗ ଦେଇଥିଲେ। ଖ୍ୱାଜାଙ୍କ ସହିତ ସେ ୭୯ ରନ୍ ଯୋଡି ଅଷ୍ଟ୍ରେଲିଆକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଦଳୀୟ ସ୍କୋର ୧୫୧ରେ ସ୍ମିଥ୍‌ଙ୍କୁ ଆଉଟ କରି ଜାଡେଜା ଏହି ଭାଗୀଦାରି ସମାପ୍ତ କରିଥିଲେ। ପିଟର ହ୍ୟାଣ୍ଡସ୍କମ୍ବ (୧୭)ଙ୍କୁ ଆଉଟ କରି ଶାମି ଭାରତକୁ ଚତୁର୍ଥ ସଫଳତା ପ୍ରଦାନ କରିଥିଲେ। ତେବେ ଅବିଭାଜିତ ୫ମ


ଶତକ ହାସଲ ପରେ ଉସ୍‌ମାନ ଖ୍ୱାଜା।

**ବର୍ଡର-ଗାଭାସ୍କର ଟ୍ରଫି**

ଉଇକେଟରେ ୮୫ ରନ୍ ଯୋଗ କରିଛନ୍ତି କାମେରୁନ୍ ଗ୍ରୀନ୍ ଓ ଉସ୍‌ମାନ ଖ୍ୱାଜା। ଉଭୟ ୧୯.୨ ଓଭର ଧରି ଭାରତୀୟ ବୋଲରଙ୍କ ମୁକାବିଲା କରିଥିଲେ। ପ୍ରଥମ ୩ ଟେଷ୍ଟ ପର ମୋଟେରାର ଟ୍ରାକ୍ ବୋଲିଂ ସହାୟକ ରହି ନ ଥିଲା। ମୋଟେରା ଟ୍ରାକରେ ରନ୍ ସଂଗ୍ରହ ଏତେଟା ସହଜ ନ ଥିବା ବେଳେ ବୋଲିଂ ମଧ୍ୟ ବେଶ୍ କଷ୍ଟସାଧ୍ୟ ରହିଥିଲା। ମହମ୍ମଦ ଶାମିଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବୋଲର ପ୍ରଭାବ ପକାଇବାରେ ଅସମର୍ଥ ରହିଥିଲେ। ପିଚ୍‌ରୁ ଶାମି ଚମତ୍କାର ରିଭର୍ସ ସୁଇଙ୍ଗ ହାସଲ କରିବା ସହିତ ହ୍ୟାଣ୍ଡସ୍କମ୍ବଙ୍କ ଉଇକେଟ ଅକ୍ତିଆର କରିଥିଲେ। ସଫଳ ବୋଲର ଭାବରେ ସେ ଦୁଇଟି ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର. ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ସେହିପରି ଗୁରୁବାର ଭାରତୀୟ ଫିଲ୍ଡର ଏକାଧିକ କ୍ୟାଚ ହାତଛଡା କରିଥିଲେ। ୭ ରନ୍ କରିଥିବା ବେଳେ ଉମେଶ ଯାଦବଙ୍କ ବଲରେ ଟ୍ରାଭିସ୍ ହେଡ୍‌ଙ୍କ ଏକ କ୍ୟାଚ୍ ହାତଛଡା କରିଥିଲେ ଉଇକେଟକିପର କେ. ଏସ୍. ଭରତ। ସେହିପରି ଖ୍ୱାଜାଙ୍କର ଏକ କଷ୍ଟସାଧ୍ୟ କ୍ୟାଚ୍ ହାତଛଡା କରିଥିଲେ ରବୀନ୍ଦ୍ର ଜାଡେଜା। ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଖ୍ୱାଜା ଓ କାମେରନ୍ ଗ୍ରୀନ୍(୪୯) ବ୍ୟାଟିଂ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୯୦ ଓଭରରେ ୨୫୫/୪ (ଉସ୍‌ମାନ ଖ୍ୱାଜା-୧୦୪*, କାମେରୁନ୍ ଗ୍ରୀନ୍-୪୯*, ଷ୍ଟିଭ୍ ସ୍ମିଥ୍-୩୮, ମହମ୍ମଦ ଶାମି-୨/୬୫, ଆର. ଅଶ୍ୱିନ-୧/୫୭, ରବୀନ୍ଦ୍ର ଜାଡେଜା-୧/୪୯)।

# ମୁମ୍ବାଇର ତୃତୀୟ ବିଜୟ

**ମୁମ୍ବାଇ,୯।୩**

ଗୁରୁବାର ଓମେନ୍ସ ପ୍ରିମିୟର୍ ଲିଗ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସର ସହଜ ବିଜୟ। ସାଇକା ଇସାକ୍, ଇସି ୱଙ୍ଗ ଓ ହିଲି ମାଥ୍ୟୁସ ୩ଟି ଲେଖାଏ ଉଇକେଟ ନେବାରୁ କ୍ୟାପିଟାଲ୍ସ ମାତ୍ର ୧୦୫ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ୨ ଉଇକେଟ ହରାଇ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି ମୁମ୍ବାଇ। ଦିଲ୍ଲୀ ୩୧ ରନ୍‌ରେ ୩ ଉଇକେଟ ହରାଇଥିଲା। ଅଧିନାୟିକା ମେଗ୍ ଲାନିଙ୍ଗ(୪୩) ଓ ଜେମିମା ରୋଡ୍ରିଗୁଏଜ୍(୨୫) ଚତୁର୍ଥ ଉଇକେଟରେ ୩୪ ବଲ୍‌ରୁ ୫୦ ରନ୍ ଯୋଡିଥିଲେ। ଲାନିଙ୍ଗ ୪୧ ବଲ୍ ଖେଳି ୫ ଚୌକା ମାରିଥିବା ବେଳେ ଜେମିମା ୧୮ ବଲ୍ ଖେଳି ୩ ଚୌକା ମାରିଥିଲେ। ୮୧ ରନରେ ୩ ଉଇକେଟ ହରାଇଥିବା କ୍ୟାପିଟାଲ୍ସ ୨୪ ରନରେ ୭ ଉଇକେଟ ହରାଇବା ସହିତ ୧୮ ଓଭରରେ ୧୦୫ ରନ୍‌ରେ ଅଲଆଉଟ ହୋଇଥିଲା। ଇସି ୱଙ୍ଗ ୧୦ ରନ୍‌ରେ ୩ ଉଇକେଟ ନେଇଥିବା ବେଳେ ସାଇକା ୧୩ ଓ ହିଲି ମାଥ୍ୟୁସ୍ ୧୯ ରନ୍‌ରେ ୩ ଉଇକେଟ ନେଇଥିଲେ। ୧୦୬ ରନ୍ ଜବାବରେ ୟାସ୍ତିକା ଭାଟିଆ ୪୧ ଓ ହିଲି ମାଥ୍ୟୁସ ୩୨ ପ୍ରଥମ ଉଇକେଟରେ ୬୫ ରନ୍ ଯୋଡିଥିଲେ। ଟାରା ନୋରିସ୍ ଓ ଆଲିସ୍ କାପ୍‌ସି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ଓମେନ୍ସ ପ୍ରିମିୟର୍ ଲିଗ୍**

**ଆଜିର ମ୍ୟାଚ୍**

**ଆର୍‌ସିବି ବନାମ ୟୁପି ୱାରିୟର୍ଜ**
**ବ୍ରାବୋର୍ନ ଷ୍ଟାଡିୟମ, ମୁମ୍ବାଇ**
**ସମୟ- ରାତି ୭.୩୦**

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୧୮ ଓଭରରେ ୧୦୫/୧୦ (ମେଗ୍ ଲାନିଙ୍ଗ-୪୩, ଜେମିମା ରୋଡ୍ରିଗୁଏଜ୍-୨୫, ରାଧା ଯାଦବ-୧୦, ଇସି ୱଙ୍ଗ-୩/୧୦, ସାଇକା ଇସାକ୍-୩/୧୩, ହିଲି ମାଥ୍ୟୁସ୍-୩/୧୯)। ମୁମ୍ବାଇ ଇଣ୍ଡିଆନ୍ସ ୧୫ ଓଭରରେ ୧୦୯/୨ (ୟାସ୍ତିକା ଭାଟିଆ-୪୧,ହିଲି ମାଥ୍ୟୁସ୍-୩୨, ନାଟାଲି ସ୍କିଭର ବ୍ରଣ୍ଟ-୨୩*, ଟାରା ନୋରିସ୍-୧/୪, ଆଲିସ୍ କାପ୍‌ସି-୧/୧୪।

**୧୧ତମ ବିବାହ ବାର୍ଷିକୀ ଶୁଭେଚ୍ଛା**



**ପ୍ରଶାନ୍ତ ଓ ମଞ୍ଜୁ**
ଲୋଧାଚୂଆ, ରଣପୁର, ନୟାଗଡ଼
ଆଜି ଏହି ୧୧ତମ ବିବାହ ବାର୍ଷିକୀ ଶୁଭ ଅବସରରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୁମ ଜୀବନ ସଦାସର୍ବଦା ସୁଖମୟ ଓ ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବାପା, ବୋଉ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୭୪୬୫୫

# ଶ୍ରେଷ୍ଠ ପ୍ରଦର୍ଶନ ଭାରତର ଲକ୍ଷ୍ୟ

**ରାଉରକେଲା ଅଫିସ,୯।୩**

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଶୁକ୍ରବାରଠାରୁ ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍ ହକି ମ୍ୟାଚ ଆରମ୍ଭ ହେବ। ଏଥିରେ ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରିବ ବୋଲି ଅଧିନାୟକ ହରମନପ୍ରୀତ ସିଂ ଓ ଉପ-ଅଧିନାୟକ ହାର୍ଦ୍ଦିକ ସିଂ ଦୃଢୋକ୍ତି ପ୍ରକାଶ କରିଛନ୍ତି। ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ସମ୍ମିଳନୀ ଗୃହରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉଭୟ ଖେଳାଳି ସୂଚନା ଦେଇଥିଲେ, ନୂଆ କୋଚ୍ କ୍ରେଗ୍ ଫଲଟନଙ୍କ ତତ୍ତ୍ୱାବଧାନରେ ଭାରତ ଦଳରେ ଦୁଇ ଯୁବ ଖେଳାଳିଙ୍କୁ ପ୍ରୋ ଲିଗ୍ ଖେଳିବାର ସୁଯୋଗ ମିଳିଛି। ଭାରତୀୟ ହକି ଦଳ ନୂତନ ରଣନୀତି ସହ ପଡିଆକୁ ଓହ୍ଲାଇବ। ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବା ନେଇ ଆକ୍ରମଣାତ୍ମକ କୌଶଳ ଅବଲମ୍ବନ କରାଯିବ। କିଛିଦିନ ହେଲା ଦଳ ବେଙ୍ଗାଲୁରୁରେ ପ୍ରୋ ଲିଗ୍ ନିମନ୍ତେ ଆବଶ୍ୟକ ରଣନୀତି ମୁତାବକ ଅଭ୍ୟାସ କରିଛି। ଦଳର କେବଳ ଜଣେ ଖେଳାଳି ମାଧ୍ୟମରେ ବିଜୟ ହୋଇ ନ ଥାଏ, ସମୁଦାୟ ଦଳର ପ୍ରଦର୍ଶନ ଉପରେ ଜୟ କିମ୍ବା ପରାଜୟ ମିଳିଥାଏ। ବିଶ୍ୱବିଜୟୀ ଜର୍ମାନୀ ଓ ଅଷ୍ଟ୍ରେଲିଆ ଦଳ ସହିତ ୪ଟି ମ୍ୟାଚ୍ ଖେଳିବାକୁ ରହିଥିବା ବେଳେ ଭାରତୀୟ ଦଳ ନୂଆ ଷ୍ଟ୍ରାଟେଜି ଏବଂ ଆକ୍ରମଣାତ୍ମକ କୌଶଳ ପ୍ରଦର୍ଶନ କରି ଖେଳିବ। ରାଉରକେଲାର ହକି ଫିଭର ଆମ ଲକ୍ଷ୍ୟ ପୂରଣ କରିବ ବୋଲି ବୋଲି ହରମନପ୍ରୀତ ଓ ହାର୍ଦ୍ଦିକ କହିଥିଲେ।

**ପ୍ରୋ ଲିଗ୍ ହକି**

## ବିଜୟ ଆଶାରେ ଜର୍ମାନୀ, ଅଷ୍ଟ୍ରେଲିଆ

ଜର୍ମାନୀ ଓ ଅଷ୍ଟ୍ରେଲିଆ ପୁରୁଷ ହକି ଦଳ ପ୍ରୋ ଲିଗ୍ ହାତେଇବା ପାଇଁ ଆଶାବାଦୀ ଅଛନ୍ତି। ଅଷ୍ଟ୍ରେଲିଆ ଦଳର କୋଚ୍ ଓ ଅଧିନାୟକ ଆରନ୍ ଜେଲସ୍କି ଗୁରୁବାର ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ହକି ବିଶ୍ୱକପ୍‌ରେ ଦଳର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ଅତୀତକୁ ଭୁଲି ଦଳ ପ୍ରୋ ଲିଗ୍ ମ୍ୟାଚ୍‌ରେ ଅଭିଳାଷକୁ ପୂର୍ଣ୍ଣ କରିବ। ସେହିପରି ଜର୍ମାନୀ ଦଳର କୋଚ୍ ମାଟ୍ସ ଗାମ୍ସୁଣ୍ଟ ଓ ଅଧିନାୟକ ଆଣ୍ଡ୍ରେ ହେନିଙ୍ଗ କହିଛନ୍ତି, ଜର୍ମାନୀ ବିଜୟଧାରା ବଳବତ୍ତର ରଖିବ। ଆମେ ଭାରତ ଦଳକୁ ଅଧିକ ଗୁରୁତ୍ୱ ଦେଉ। ଭାରତୀୟ ଦଳ ସମର୍ଥକଙ୍କ ଉପସ୍ଥିତିରେ ପ୍ରଭାବୀ ପ୍ରଦର୍ଶନ କରିପାରେ।

# ଜାତୀୟ ଆନ୍ତଃ ବିଭାଗୀୟ ହକିରେ ଓଡ଼ିଆଙ୍କ କୃତିତ୍ୱ


ଜାତୀୟ ଆନ୍ତଃ ବିଭାଗୀୟ ହକି ଟୁର୍ନାମେଣ୍ଟରେ ପଦକ ବିଜୟୀ ଓଡ଼ିଆ ଖେଳାଳି।

**ଭୁବନେଶ୍ୱର, ୯।୩ (କ୍ରୀଡ଼ା ପ୍ରତିନିଧି)**

ହକି ଇଣ୍ଡିଆ ଆନୁକୂଲ୍ୟରେ ବେଙ୍ଗାଲୁରୁଠାରେ ବୁଧବାର ଜାତୀୟ ଆନ୍ତଃ ବିଭାଗୀୟ ହକି ଟୁର୍ନାମେଣ୍ଟ ଶେଷ ହୋଇଛି। ଏହାର ଫାଇନାଲରେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ଶୁଟ୍ ଆଉଟ ୩-୧ ଗୋଲରେ ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆର୍‌ଏସ୍‌ପିବି)କୁ ହରାଇ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟ ଖେଳ ୨-୨ ଗୋଲରେ ଡ୍ର ରହିବାପରେ ଫଳାଫଳ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ସେହିପରି ତୃତୀୟ ସ୍ଥାନପାଇଁ ଅନୁଷ୍ଠିତ ମ୍ୟାଚରେ ସର୍ଭିସେସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସଏସସିବି)୭-୨ ଗୋଲରେ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସକୁ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କରିଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ଅନେକ ଖେଳାଳି ବିଭିନ୍ନ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେମାନଙ୍କ ମଧ୍ୟରୁ ଇଗ୍ନେସ ତିର୍କୀ, ଅମିତ ରୋହିଦାସ, ଦୀପସାନ ତିର୍କୀ, ରୋଶନ ମିଞ୍ଜ, ସୁମନ୍ ବେକ୍, ସଞ୍ଜୀବ ଟପ୍ପୋ ଆଦି ଖେଳାଳିମାନେ ପଦକ ହାସଲ କରିବାରେ ସକ୍ଷମ ହୋଇଛନ୍ତି।

## ଇଂଲଣ୍ଡକୁ ହରାଇଲା ବାଂଲାଦେଶ

**ଚଟ୍ଟୋଗ୍ରାମ୍, ୯।୩ (ପି.ଟି.):** ନାଜମୁଲ ହୋସେନଙ୍କ ୩୦ ବଲ୍‌ର ୫୧ ରନକୁ ପାଥେୟ କରି ବାଂଲାଦେଶ ଏଠାରେ ଗୁରୁବାର ଅନୁଷ୍ଠିତ ପ୍ରଥମ ଟି୨୦ରେ ବିଶ୍ୱ ଚାମ୍ପିୟନ ଇଂଲଣ୍ଡକୁ ଦୁଇ ଓଭର ବାକି ଥାଇ ୬ ଉଇକେଟରେ ପରାସ୍ତ କରିଛି। ନାଜମୁଲ ଚତୁର୍ଥ ଓଭରରୁ ୧୩ତମ ଓଭର ପର୍ଯ୍ୟନ୍ତ ବ୍ୟାଟିଂ କରିଥିଲେ। ଶକିବ ଅଲ ହସନ ଡିପ୍ ବ୍ୟାକ୍‌ୱାର୍ଡ ପଏଣ୍ଟକୁ ବିଜୟ ସୂଚକ ଚୌକା ମାରି ଦଳକୁ ଜିତାଇଥିଲେ। ସେ ୨୪ ବଲ୍‌ରୁ ୩୪ ରନ କରି ଅପରାଜିତ ରହିଥିଲେ। ମ୍ୟାଚରେ ବାଂଲାଦେଶ ପ୍ରଥମେ ଇଂଲଣ୍ଡକୁ ୧୫୬/୬ରେ ସୀମିତ କରିଦେବା ପରେ ୪ ଉଇକେଟ ବିନିମୟରେ ୧୫୮ ରନ କରି ମ୍ୟାଚ ଜିତିନେଇଥିଲା। ଏହି ବିଜୟ ସହ ଘରୋଇ ବାଂଲାଦେଶ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ବାଂଲାଦେଶର ହସମ ମେହେମୁଦ ତାଙ୍କ ୪ ଓଭର ବୋଲିଂରେ ୨୬ ରନ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ଟି୨୦ ରବିବାର ଢାକାଠାରେ ଖେଳାଯିବ।

CLASSIFIED DISPLAY ALL EDITION - B/W (Everyday)
MORE SPACE * SAME PRICE
For Booking Contact: 0674-2580385, 9178722970, 8018240892, 7894447167, 9338226625

SS 10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
0674-2580101, 2549949


REAL ESTATE

SALE

ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434. D-74824

Bhubaneswar-Khurda ମଧ୍ୟରେ Pitapali Chhakaରେ stithiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

New Cancer Hospital ନାଇକର, କଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73691

କେଶୁରାରେ immediate ଘରକରି ରହିବା ପାଇଁ ଘରବାରି ପଟ୍ଟା ଥିବା ପ୍ଲଟ୍ ମିଳୁଛି। 9692213354. D-74654

ପୁରୀ ଶ୍ରୀମନ୍ଦିର ପାଖରେ Furnished One Bedroom new flat with Kitchen & Bathroom ମାତ୍ର 25 ଲକ୍ଷ (negotiable). Only genuine buyer. Contact: 9438220432, 8144658008. D-2958

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74523

Duplex sale at Bhubaneswar @ 50 lakhs only. Contact: 9777433701. D-74828

ଭୁବନେଶ୍ୱର-ପୁରୀ Bypass ସାଇ ମନ୍ଦିର NH side, ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। 6372894441. D-74829

Mega Duplex at project Retang Medical, Station, near CV Raman Tamando, Bhubaneswar. 7008459987. D-74825

Residential with commercial corner plot sale measuring (35'×40') 1400sqft. In Front of 60' Govt black top road near Panchayat Office, BANKUAL, Bhubaneswar, cost@30,80,000/-. Contact-9938867397. D-2947

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପାଖରୁ 7K.M. ଦୂର ରଙ୍ଗବଜାର ପାଖରେ finance ସହିତ ପ୍ଲଟ୍ ମିଳୁଛି। 8093465134, 9668194157. D-74827

Gharabari boundary wall plot sale for Ragabazar (Tankapani road). 7008492511. D-2900

Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195. D-74814

Residential gharabari plot at Brahmanjharilo Cuttack with boundary wall, Electripole insideTemple on Bank Loan facilities near English Medium High School. 6 k.m. from Phulnakhara, 11 k.m. from Bhubaneswar. 7809525452. D-74653

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


CONSTRUCTION

Construct your Dream Home/Building with compititive rate contact Besco Developers, Satyanagar, Bhubaneswar. 7735330028, 9778855101. D-2706




Newly open health benefits SPA special offer@999 Nayapalli. 7846814019. D-73693

Asribadda Panchakarma herbal SPA Kesharimall, Bhubaneswar. Contact: 8926173473. D-74652

Relax, Refresh your Body, Mind at Saikrupa Spa with best therapies. 8984068077. D-2932




To-let Two Rooms, Kitchen, Bath near Kalpana Square at Goutam Nagar, 2nd Floor, for Office-Cum-Residential, rent-12,000. Please call- 9438033691. D-70300

**AFFIDAVIT**

I, Shri Ashish Mohapatra, aged about 49 years, S/o- Late Shasanka Sekhar Mohapatra, residing at E/2, Judicial Quarter at Boudh, working as Head Clerk, C.J.M. Court, Boudh. I have rectified my minor daughter's name from Priti Sudha Mahapatra to Priti Sudha Mohapatra, her father's name from Asish Mahapatra to Ashish Mohapatra and her mother's name from Sushree Sangita Mahapatra to Sushri Sangita Mohapatra vide affidavit, dated: 06.03.2023 sworn before the Executive Magistrate, Boudh.
Ashish Mohapatra. D-2957

By virtue an affidavit before Executive Magistrate, Dhenkanal I have changed my name from Subarna Dhall to Sima Dhal, W/o- Niranjan Dhal, At/ P.O.- Chandrasekhar Prasad, P.S.- Sadar, Dist.- Dhenkanal for LIC Policy-589760792 and all purposes. D-74051




ଘରେ ବାସ୍ତୁଦୋଷ ଥିବାପରି ମନେ ହେଉଛି କି? ବିଳମ୍ବ ନ କରି ତୁରନ୍ତ ଯୋଗାଯୋଗ "ବାସ୍ତୁ ସମାଧାନ" Odisha. 7978736177. D-74305

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ସଫଳତମ ଅଧିନାୟିକା ମେଗ୍ ଲାନିଙ୍ଗ୍


୨୦୨୩ ମହିଳା ଟି୨୦ ବିଶ୍ୱକପ ଟ୍ରଫି ସହ ମେଗ୍ ଲାନିଙ୍ଗ୍



**ମେଗ୍ ଲାନିଙ୍ଗ୍‌ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୫ ଥର ବିଶ୍ୱ ଚାମ୍ପିୟନ ହୋଇଛି। ଟି୨୦ରେ ୪ ଥର ଏବଂ ଦିନିକିଆରେ ଥରେ ଲାନିଙ୍ଗ୍‌ଙ୍କ ନେତୃତ୍ୱରେ ଟ୍ରଫି ହାସଲ କରିଛି ଦଳ। ଓଭରଅଲ୍ ତାଙ୍କ ଉପସ୍ଥିତିରେ ଅଷ୍ଟ୍ରେଲିଆ ସମୁଦାୟ ୭ଥର ବିଶ୍ୱକପ୍ ବିଜୟୀ ହୋଇଛି। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଥମ ଥର ମହିଳା କ୍ରିକେଟ୍ ସାମିଲ ହୋଇଥିବା ବେଳେ ଲାନିଙ୍ଗ୍‌ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ସ୍ୱର୍ଣ୍ଣ ପଦକ ଜିତିଥିଲା...**

ଯେକୌଣସି ଦଳଗତ କ୍ରୀଡ଼ାରେ ଅଧିନାୟକ/ଅଧିନାୟିକାଙ୍କୁ ଦଳର ମେରୁଦଣ୍ଡ ଭାବରେ ବିବେଚନା କରାଯାଏ। କ୍ରିକେଟର ସଫଳତମ ଅଧିନାୟକ କିଏ ଏ ନେଇ ଯେତେବେଳେ ବି ଆଲୋଚନା ହୁଏ, ପ୍ରଥମେ ପୁରୁଷ ଖେଳାଳିଙ୍କ ନାମ ଆସିଥାଏ। ଅଷ୍ଟ୍ରେଲିଆର ବିଶ୍ୱକପ୍ ବିଜୟୀ ଅଧିନାୟକ ରିକି ପଣ୍ଟିଂଙ୍କ ସହିତ ମହେନ୍ଦ୍ର ସିଂ ଧୋନୀ, ସୌରଭ ଗାଙ୍ଗୁଲି ଓ ନାସିର ହୁସେନ୍‌ଙ୍କ ପରି ଖେଳାଳିଙ୍କୁ ବିଶ୍ୱର ଶ୍ରେଷ୍ଠ ଅଧିନାୟକ ଭାବରେ ବିବେଚନା କରାଯାଏ। ଗାଙ୍ଗୁଲି ଓ ନାସିର ହୁସେନ୍ ଆଇସିସି ଟ୍ରଫି ଜିତି ନ ଥିବା ବେଳେ ପଣ୍ଟିଂ ଅଧିନାୟକ ଭାବରେ ୪ ଓ ଧୋନୀ ୩ ଥର ଏହି ସଫଳତା ପାଇଛନ୍ତି। ପଣ୍ଟିଂ ନିଜ କ୍ୟାରିୟରରେ ୨ଟି ବିଶ୍ୱକପ୍ ଓ ଦୁଇଟି ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିଥିବା ବେଳେ ଧୋନୀ ଏକମାତ୍ର ଅଧିନାୟକ ଭାବରେ ସମସ୍ତ ଆଇସିସି ଟ୍ରଫି (ଟି୨୦ ବିଶ୍ୱକପ୍, ଦିନିକିଆ ବିଶ୍ୱକପ୍ ଓ ଚାମ୍ପିୟନ୍ସ ଟ୍ରଫି) ଜିତିବାର ଗୌରବ ହାସଲ କରିଛନ୍ତି। ତେବେ ଏହି ଦୁଇ ଖେଳାଳିଙ୍କୁ ପଛରେ ପକାଇଥିବା ଏମିତି ଜଣେ ଖେଳାଳି ଅଛନ୍ତି, ଯାହାଙ୍କୁ ସମପରିମାଣର ଆଦୃତି ମିଳିନାହିଁ। ଏହି ଖେଳାଳି ଜଣଙ୍କ ହେଉଛନ୍ତି ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ଅଧିନାୟିକା ମେଗ୍ ଲାନିଙ୍ଗ। ତାଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୫ ଥର ବିଶ୍ୱ ଚାମ୍ପିୟନ ହୋଇଛି। ଟି୨୦ରେ ୪ ଥର ଏବଂ ଦିନିକିଆରେ ଥରେ ଲାନିଙ୍ଗଙ୍କ ନେତୃତ୍ୱରେ ଟ୍ରଫି ହାସଲ କରିଛି ଦଳ। ତେବେ ଲାନିଙ୍ଗଙ୍କ ଉପସ୍ଥିତିରେ ଅଷ୍ଟ୍ରେଲିଆ ସମୁଦାୟ ୭ଥର ବିଶ୍ୱକପ୍ ବିଜୟୀ ହୋଇଛି। ଏହା ସହିତ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଥମ ଥର ମହିଳା କ୍ରିକେଟ୍ ସାମିଲ ହୋଇଥିବା ବେଳେ ତାଙ୍କ ନେତୃତ୍ୱରେ ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା।

ସିଙ୍ଗାପୁରରେ ଜନ୍ମିତ ଲାନିଙ୍ଗ ଆରମ୍ଭରୁ ବିଭିନ୍ନ କ୍ରୀଡ଼ା ପ୍ରତି ଆଗ୍ରହୀ ଥିଲେ। ଆରମ୍ଭରୁ ହକି ଓ ଫୁଟବଲ୍ ପ୍ରତି ରୁଚି ରଖୁଥିବା ଲାନିଙ୍ଗ ଭିକ୍ଟୋରିଆ ପକ୍ଷରୁ ଖେଳିଥିଲେ। ତେବେ ଧୀରେ ଧୀରେ କ୍ରିକେଟ୍ ଆଡ଼କୁ ଢଳିବା ସହିତ ବିଶ୍ୱ କ୍ରିକେଟ୍‌ର ଅନ୍ୟତମ ପ୍ରଭାବଶାଳୀ ଅଧିନାୟିକା ପାଲଟି ଯାଇଥିଲେ। କ୍ରିକେଟ୍ ନୁହେଁ, ବରଂ କ୍ରୀଡ଼ା ଇତିହାସର ସବୁଠୁ ସଫଳତମ ଅଧିନାୟିକା ଭାବରେ ସୃଷ୍ଟି କରିଥିଲେ ସ୍ୱତନ୍ତ୍ର ପରିଚୟ। ୫ ଜାନୁୟାରୀ ୨୦୧୧ରେ ଇଂଲଣ୍ଡ ବିପକ୍ଷରେ ପଦାର୍ପଣ କରିବା ପରଠୁ ସେ ପଛକୁ ଚାହିଁ ନାହାନ୍ତି। ନିୟମିତ ଭାବରେ ଭଲ ପ୍ରଦର୍ଶନ କରିବା ସହିତ ୨୦୧୪ରେ ଅଷ୍ଟ୍ରେଲିଆ ଦଳର ଅଧିନାୟିକା ହୁଅନ୍ତି। ମହେନ୍ଦ୍ର ସିଂ ଧୋନୀଙ୍କୁ ନିଜର ଆଦର୍ଶ ମାନୁଥିବା ଲାନିଙ୍ଗଙ୍କ ସ୍ୱଭାବ ମଧ୍ୟ ଠିକ୍ ତାଙ୍କରି ଭଳି। ପରିସ୍ଥିତି ଯେଉଁ ଭଳି ବି ଥାଉ ନା କାହିଁକି କୌଣସି ବି ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତି ନାହିଁ ଲାନିଙ୍ଗ। ଲାନିଙ୍ଗ ଦିନିକିଆରେ ୧୫ ଶତକ ହାସଲ କରିଥିବା ବେଳେ ମହିଳା ଖେଳାଳିଙ୍କ ମଧ୍ୟରେ ଏହା ସର୍ବାଧିକ। ଅନ୍ୟ କୌଣସି ମହିଳା ଖେଳାଳି ୧୦ ଶତକ ମଧ୍ୟ ହାସଲ କରିବାରେ ସମର୍ଥ ହୋଇ ନାହାନ୍ତି। ଲାନିଙ୍ଗ ୨୦୧୩ ଓ ୨୦୨୨ ଦିନିକିଆ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ରହିଥିବା ବେଳେ ୨୦୧୨, ୨୦୧୪, ୨୦୧୮, ୨୦୨୦ ଓ ୨୦୨୩ରେ ଟି୨୦ ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ରହିଛନ୍ତି। ଲାନିଙ୍ଗଙ୍କ ବିଶ୍ୱକପ୍ ବିଜୟ ଉପରେ ଏକ ନଜର....

**ଦିନିକିଆ ବିଶ୍ୱକପ୍:** (୨୦୧୩ ଓ ୨୦୨୨)

**୨୦୧୩ (ଭାରତ):** ୨୦୧୩ରେ ଭାରତରେ ଆୟୋଜିତ ଦିନିକିଆ ବିଶ୍ୱକପ୍ ବିଜେତା ଅଷ୍ଟ୍ରେଲିଆ ଦଳର ସଦସ୍ୟ ଥିଲେ ଲାନିଙ୍ଗ। ମୁମ୍ବାଇ ଓ କଟକରେ ଖେଳାଯାଇଥିବା ଏହି ସଂସ୍କରଣର ଫାଇନାଲରେ ୱେଷ୍ଟଇଣ୍ଡିଜକୁ ୧୧୪ ରନ୍‌ରେ ହରାଇ ଚାମ୍ପିୟନ ହୋଇଥିଲା ଅଷ୍ଟ୍ରେଲିଆ। ଫାଇନାଲ ମ୍ୟାଚରେ ଲାନିଙ୍ଗ ସ୍କୋର କରିଥିଲେ ୩୧ ରନ୍।

**୨୦୨୨ (ନ୍ୟୁଜିଲାଣ୍ଡ):** ୨୦୨୨ରେ ନ୍ୟୁଜିଲାଣ୍ଡରେ ଆୟୋଜିତ ଦିନିକିଆ ମହିଳା ବିଶ୍ୱକପକୁ ଲାନିଙ୍ଗଙ୍କ ନେତୃତ୍ୱରେ ଜିତିଥିଲା ଅଷ୍ଟ୍ରେଲିଆ। ଫାଇନାଲରେ ଇଂଲଣ୍ଡକୁ ୭୧ ରନରେ ପରାସ୍ତ କରିଥିଲା ଅଷ୍ଟ୍ରେଲିଆ। ଏଲିସା ହିଲି ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ହୋଇଥିବା ବେଳେ ଲାନିଙ୍ଗ ୯ ମ୍ୟାଚରୁ ସ୍କୋର କରିଥିଲେ ୩୯୪ ରନ୍। ଏହା ମଧ୍ୟରେ ଗୋଟିଏ ଶତକ ଓ ୩ ଅର୍ଦ୍ଧଶତକ ସାମିଲ ଥିଲା।

**ଟି୨୦ ବିଶ୍ୱକପ୍:** (୨୦୧୨, ୨୦୧୪, ୨୦୧୮, ୨୦୨୦, ୨୦୨୩)

**୨୦୧୨ (ଶ୍ରୀଲଙ୍କା):** ଶ୍ରୀଲଙ୍କାରେ ଖେଳାଯାଇଥିବା ବିଶ୍ୱକପ୍‌କୁ ଜିତିବାରେ ସଫଳ ହୋଇଥିଲା ଅଷ୍ଟ୍ରେଲିଆ। ଫାଇନାଲରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୪ ଉଇକେଟରେ ୧୪୨ ରନ କରିଥିବା ବେଳେ ଇଂଲଣ୍ଡ ୪ ରନ୍ ଦୂରରେ ରହିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ମେଗ୍ ଲାନିଙ୍ଗ ଉକ୍ତ ସଂସ୍କରଣରେ ୧୩୮ ରନ୍ କରିବା ସହିତ ହାଇଏଷ୍ଟ ରନ୍ ସ୍କୋରରଙ୍କ ତାଲିକାର ତୃତୀୟ ସ୍ଥାନରେ ରହିଥିଲେ।

୨୦୧୪ (ବାଂଲାଦେଶ): ଅଧିନାୟିକା ଭାବରେ ଲାନିଙ୍ଗ ବାଂଲାଦେଶରେ ନିଜର ପ୍ରଥମ ବିଶ୍ୱକପ୍ ଖେଳିଥିଲେ। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଇଂଲଣ୍ଡକୁ ପରାସ୍ତ କରି ଟାଇଟଲ ହାସଲ କରିଥିଲା ଅଷ୍ଟ୍ରେଲିଆ। ଫାଇନାଲ ମ୍ୟାଚରେ ଲାନିଙ୍ଗ ୪୪ ରନ୍ ସ୍କୋର କରିଥିଲେ। ଉକ୍ତ ସଂସ୍କରଣର ସର୍ବାଧିକ ରନ୍ ହାସଲକାରୀ ରହିଥିବା ମେଗ୍ ଲାନିଂ ସ୍କୋର କରିଥିଲେ ୨୫୭ ରନ୍। ଏହା ମଧ୍ୟରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ ଥିଲା।

**୨୦୧୮ (ୱେଷ୍ଟଇଣ୍ଡିଜ୍):** କ୍ରମାଗତ ତୃତୀୟ ସଂସ୍କରଣରେ ଇଂଲଣ୍ଡକୁ ହରାଇ ଅଷ୍ଟ୍ରେଲିଆ ଦଳ ହ୍ୟାଟ୍ରିକ୍ ଅର୍ଜନ କରିଥିଲା। ଲାନିଙ୍ଗଙ୍କ ନେତୃତ୍ୱରେ ଏହା ଦଳର ଦ୍ୱିତୀୟ ଟାଇଟଲ୍ ଥିଲା। ଆଲିସା ହିଲି ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

**୨୦୨୦ (ଅଷ୍ଟ୍ରେଲିଆ):** ୨୦୨୦ ସଂସ୍କରଣର ଟୁର୍ନାମେଣ୍ଟ ପାଇଁ ଘରୋଇ ଦଳ ଅଷ୍ଟ୍ରେଲିଆ ଫେବରିଟ୍ ଥିଲା। ମେଗ୍ ଲାନିଙ୍ଗଙ୍କ ଦଳ ଫାଇନାରେ ଭାରତକୁ ୮୫ ରନରେ ପରାସ୍ତ କରିଥିଲା। ଲାନିଙ୍ଗଙ୍କୁ ଟିମ୍ ଅଫ୍ ଦ ଟୁର୍ନାମେଣ୍ଟର ଅଧିନାୟିକା ମନୋନୀତ କରାଯାଇଥିଲା।

**୨୦୨୩ (ଦକ୍ଷିଣ ଆଫ୍ରିକା):** ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା ଅଷ୍ଟ୍ରେଲିଆ। ଅଧିନାୟିକା ଭାବରେ ଏହା ଲାନିଙ୍ଗଙ୍କର କ୍ରମାଗତ ୪ର୍ଥ ବିଶ୍ୱକପ୍ ଟାଇଟଲ ଥିଲା। ଟିମ୍ ଅଫ୍ ଦ ଟୁର୍ନାମେଣ୍ଟରେ ସ୍ଥାନ ପାଇଥିବା ଲାନିଙ୍ଗ ୬ ମ୍ୟାଚରୁ ସେ ୪୯ ଆଭରେଜ ଓ ୧୧୩ ଷ୍ଟ୍ରାଇକରେଟ୍‌ରେ ୧୪୯ ରନ୍ ସ୍କୋର କରିଥିଲେ।

–ସରୋଜ କୁମାର ଜେନା

### ସଂକ୍ଷେପରେ ଲାନିଙ୍ଗ୍

ଜନ୍ମ: ୨୫ ମାର୍ଚ୍ଚ ୧୯୯୨, ସିଙ୍ଗାପୁର
ଟେଷ୍ଟ– ୬ (୩୯୪ ରନ୍)
ଦିନିକିଆ–୧୦୦ (୪୪୬୩ ରନ୍, ୧ ଉଇକେଟ)
ଟି୨୦–୧୧୫(୩୦୦୭ ରନ୍, ୪ ଉଇକେଟ)
୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା– ସ୍ୱର୍ଣ୍ଣ ପଦକ
ଦିନିକିଆ ବିଶ୍ୱକପ୍– ୨୦୧୩, ୨୦୨୨
ଟି୨୦ ବିଶ୍ୱକପ୍– ୨୦୧୨, ୨୦୧୪, ୨୦୧୮, ୨୦୨୦, ୨୦୨୩।

# ବ୍ୟସ୍ତବହୁଳ କାର୍ଯ୍ୟସୂଚୀ


ନିର୍ମଳ କୁମାର ମିଶ୍ର

**ଆଗକୁ ଟିମ୍ ଇଣ୍ଡିଆ ପାଇଁ ଅନେକ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଛି। ଅକ୍ଟୋବର ଏବଂ ନଭେମ୍ବରରେ ଏକଦିବସୀୟ ଆଇସିସି ବିଶ୍ୱକପ୍ ଭାରତରେ ଖେଳାଯିବ। ଚଳିତ ବର୍ଡର–ଗାଭାସ୍କର ସିରିଜ୍ ପରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୩ଟି ଏକଦିବସୀୟ ମ୍ୟାଚ ଖେଳାଯିବ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କଲେ ଜୁନ୍‌ରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଅବତୀର୍ଣ୍ଣ ହେବ। ଜୁଲାଇ ଏବଂ ଅଗଷ୍ଟରେ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇ ୩ଟି ଦିନିକିଆ ଖେଳିବ ଏବଂ ସେପ୍ଟେମ୍ବରରେ ଏସିଆ କପ୍‌ରେ ଅବତୀର୍ଣ୍ଣ ହେବ।**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପାଇଁ ତାରିଖ ଇତିମଧ୍ୟରେ ଘୋଷଣା ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ମାନଜନକ ଚାମ୍ପିୟନଶିପ୍ ଫାଇନାଲର ଦ୍ୱିତୀୟ ସଂସ୍କରଣ ଲଣ୍ଡନସ୍ଥିତ ଦି ଓଭାଲରେ ଖେଳାଯିବ। ଆସନ୍ତା ଜୁନ୍ ୭ ରୁ ୧୧ ପର୍ଯ୍ୟନ୍ତ ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ। ଜୁନ୍ ୧୨କୁ ରିଜର୍ଭ ଡେ' ରଖାଯାଇଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ଉଦ୍‌ଘାଟନୀ ସଂସ୍କରଣରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା ନ୍ୟୁଜିଲାଣ୍ଡ। ସାଉଥାମ୍ପଟନରେ ଖେଳା ଯାଇଥିବା ଫାଇନାଲରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆକୁ ୮ ଉଇକେଟରେ ପରାସ୍ତ କରିଥିଲା କିୱି ଟିମ୍। ଦ୍ୱିତୀୟ ସଂସ୍କରଣରେ ଅଷ୍ଟ୍ରେଲିଆ ଦଳ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ବର୍ତ୍ତମାନ ଅଷ୍ଟ୍ରେଲିଆ ଦଳ ଭାରତ ସହ ବର୍ଡର–ଗାଭାସ୍କର ଟ୍ରଫିର ୪ ଟିକିଆ ଟେଷ୍ଟ ସିରିଜ୍ ଖେଳୁଛି। ତୃତୀୟ ଟେଷ୍ଟରେ ଯଦିଓ ଭାରତ ହାରିଯାଇଛି, ତେବେ ସାମ୍ପ୍ରତିକ ସ୍ଥିତି ଅନୁସାରେ ଅଷ୍ଟ୍ରେଲିଆ ବିପକ୍ଷରେ ଫାଇନାଲ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ବିଶ୍ୱଟେଷ୍ଟ ଚାମ୍ପିୟନଶିପ ଟେବୁଲରେ ଅଷ୍ଟ୍ରେଲିଆ, ଭାରତ ପଛକୁ ଶ୍ରୀଲଙ୍କା ଏବଂ ଦକ୍ଷିଣ ଆଫ୍ରିକା ଦଳ ରହିଛି। ଚଳିତ ବର୍ଡର–ଗାଭାସ୍କର ସିରିଜ୍‌ର ପ୍ରଥମ ୨ଟି ଟେଷ୍ଟ ଜିତିଥିବାରୁ ଭାରତ ସମ୍ପ୍ରତି ଅଷ୍ଟ୍ରେଲିଆ ବିପକ୍ଷରେ ୨–୧ ସିରିଜ୍‌ରେ ଆଗୁଆ ରହିଛି। ଫାଇନାଲ ଖେଳିବା ପାଇଁ ପରବର୍ତ୍ତୀ ଟେଷ୍ଟରେ ବିଜୟ ଆବଶ୍ୟକ କରୁଛି।

ପ୍ରଥମ ଟେଷ୍ଟରେ ଟିମ୍ ଇଣ୍ଡିଆ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ଏକ ଇନିଂସ ଓ ୧୩୨ରନ୍‌ରେ ଏବଂ ଦ୍ୱିତୀୟ ଟେଷ୍ଟରେ ୬ ଉଇକେଟରେ ପରାସ୍ତ କରିଥିଲା। ତୃତୀୟ ଟେଷ୍ଟରେ କିନ୍ତୁ ଦଳ ୯ ଉଇକେଟରେ ହାରି ଯାଇଥିଲା। ପ୍ରଥମ ଦୁଇ ଟେଷ୍ଟରେ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଫର୍ମରେ ଥିବାର ସୂଚନା ଦେଇଥିଲେ। ବିଶ୍ୱର ଶ୍ରେଷ୍ଠ ସ୍ପିନର ଯୋଡ଼ି ରବିଚନ୍ଦ୍ରନ ଅଶ୍ୱିନ ଏବଂ ରବୀନ୍ଦ୍ର ଜାଡେଜା ଏପର୍ଯ୍ୟନ୍ତ ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ବିରାଟ କୋହଲି କ୍ରିକେଟର ୩ଟି ଫର୍ମାଟ୍‌ରେ ୨୫ ହଜାର ରନ୍ ପୂରଣ କରିବା ସହିତ ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ବିଶ୍ୱର ୬ଷ୍ଠ ତଥା ଭାରତର ଦ୍ୱିତୀୟ ଖେଳାଳି ରୂପେ ଏହି ସଫଳତା ପାଇବା ତାଙ୍କର ପ୍ରଶଂସକମାନଙ୍କୁ ଉତ୍ସାହିତ କରିଛି। ୩ଟି ଟେଷ୍ଟରେ ଅଶ୍ୱିନୀ ଏବଂ ଜାଡେଜାଙ୍କ ଯୋଡ଼ି ୩୯ଟି ଉଇକେଟ ନେଇ ଅଷ୍ଟ୍ରେଲିଆ ପରି ଶକ୍ତିଶାଳୀ ଟେଷ୍ଟ ଦଳକୁ ଅସୁବିଧାରେ ପକାଇଛନ୍ତି। ଅଶ୍ୱିନୀ ମଧ୍ୟ ଆଉ ଏକ କୀର୍ତ୍ତିମାନ ହାସଲ କରିଛନ୍ତି, ସେ ଅଷ୍ଟ୍ରେଲିଆ ବିପକ୍ଷରେ ୧୦୦ତମ ଉଇକେଟ ନେବା ସହ ଭ୍ରମଣକାରୀ ଦଳର ମିଡିଲ ଅର୍ଡରକୁ ଧୂଳିସାତ୍ କରିବାରେ ଡାଡେଜାଙ୍କୁ ବେଶ୍ ସହାୟତା କରିଛନ୍ତି। ଉପଅଧିନାୟକ ଲୋକେଶ ରାହୁଲ, ସୁଯୋଗ ପାଇଥିବା ସୂର୍ଯ୍ୟକୁମାର ଯାଦବ ଓ ଶ୍ରେୟସ ଆୟର ନିଜର ଆଶାନୁରୂପ ଖେଳିବାରେ ବିଫଳ ହୋଇଛନ୍ତି। ଚେତେଶ୍ୱର ପୂଜାରା ଯଦିଓ କିଛି ମାତ୍ରାରେ ସଫଳତା ପାଇଛନ୍ତି, ତେବେ ଦକ୍ଷତାଠାରୁ ତାହା ବହୁ ଦୂରରେ। ଭେଟେରାନ ପେସ୍ ବୋଲର ମହମ୍ମଦ ଶାମି ଏବଂ ମହମ୍ମଦ ସିରାଜ ଟର୍ନିଂ ଉଇକେଟରେ ପ୍ରାରମ୍ଭରୁ ଚମତ୍କାର ବୋଲିଂ କରିଛନ୍ତି।



ନାଗପୁର ଏବଂ ଦିଲ୍ଲୀ ପରେ ଇନ୍ଦୋର ପିଚ୍‌କୁ ନେଇ ଅନେକ ସମାଲୋଚନା ହୋଇଛି। ୩ଟିଯାକ ଟେଷ୍ଟ ଅଢ଼େଇ ଦିନରୁ କମ୍ ସମୟ ମଧ୍ୟରେ ଶେଷ ହୋଇଛି। ପ୍ରଥମ ୨ ଟେଷ୍ଟରେ ଭାରତ ଏବଂ ତୃତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ବୋଲର ପ୍ରଭାବୀ ରହିଥିଲେ। ସ୍ପିନିଂ ଟ୍ରାକ୍‌ରେ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ୧ନଂ. ବ୍ୟାଟର ମାର୍ନସ ଲାବୁସେନ ଏବଂ ଭାରତ ବିପକ୍ଷରେ ସର୍ବଦା ସଫଳ ହୋଇ ଆସୁଥିବା ଷ୍ଟିଭ ସ୍ମିଥ ଏଥର ସେମିତି କିଛି କରିଷ୍ମା ଦେଖାଇ ପାରି ନାହାନ୍ତି। ଇନ୍ଦୋରରେ ଅନୁଷ୍ଠିତ ୩ୟ ଟେଷ୍ଟ ଅଷ୍ଟ୍ରେଲିଆ ସପକ୍ଷରେ ଯାଇଛି। ଫଳରେ ୨୦୦୪ ପରେ ଅଷ୍ଟ୍ରେଲିଆ ଦଳ ଭାରତରେ ଘରୋଇ ଟିମ୍‌କୁ ପରାସ୍ତ କରିବାରେ ସକ୍ଷମ ହୋଇଛି। ବର୍ଡର ଗାଭାସ୍କର ଟ୍ରଫିର ୨୭ ବର୍ଷ ଇତିହାସରେ ଏହା ପୂର୍ବରୁ ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ମୋଟ ୧୫ଟି ସିରିଜ୍ ମଧ୍ୟରୁ ଭାରତ ୯ଟି ଏବଂ ଅଷ୍ଟ୍ରେଲିଆ ଦଳ ମୋଟ ୫ଟି ସିରିଜ୍‌ରେ ବିଜୟୀ ହୋଇଛି ଏବଂ ଗୋଟିଏ ସିରିଜ୍ ଡ୍ର ରହିଛି। ୨୦୧୭ରୁ ଏପର୍ଯ୍ୟନ୍ତ ୪ଟି ସିରିଜ୍ ବିଜୟ ସହ ଭାରତ କ୍ରମାଗତ ଭାବେ ୪ର୍ଥ ଥର ପାଇଁ ଟ୍ରଫି ନିଜ ପାଖରେ ରଖିପାରିଛି। ଶେଷ ୩ଟି ସିରିଜ୍ ମଧ୍ୟରୁ ୨ଟି ସିରିଜ୍ ଅଷ୍ଟ୍ରେଲିଆରେ ଏବଂ ଗୋଟିଏ ଘରୋଇ ମାଟିରେ ଜିତିଛି। ଅଷ୍ଟ୍ରେଲିଆ ପାଇଁ ଆଶେସ ସିରିଜ୍ ବର୍ତ୍ତମାନ ଯେତେ ଗୁରୁତ୍ୱ ବହନ କରୁନାହିଁ, ବର୍ଡର ଗାଭାସ୍କର ଟ୍ରଫି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

ଆଗକୁ ଟିମ୍ ଇଣ୍ଡିଆ ପାଇଁ ଅନେକ ବ୍ୟସ୍ତବହୁଳ ସିରିଜ୍ ଖେଳିବାକୁ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅକ୍ଟୋବର ଏବଂ ନଭେମ୍ବରରେ ଏକଦିବସୀୟ ଆଇସିସି ବିଶ୍ୱକପ୍ ଭାରତରେ ଖେଳାଯିବାକୁ ରହିଛି। ଅଷ୍ଟ୍ରେଲିଆ ସହିତ ଟେଷ୍ଟ ସିରିଜ୍ ପରେ ଟିମ ଇଣ୍ଡିଆ ୩ଟି ଏକଦିବସୀୟ ମ୍ୟାଚ ଖେଳିବ। ଯଦି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରେ, ତେବେ ଜୁନରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଅବତୀର୍ଣ୍ଣ ହେବ। ଜୁଲାଇ ଏବଂ ଅଗଷ୍ଟ ମାସରେ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇ ୩ଟି ଦିନିକିଆ ମ୍ୟାଚ ଖେଳିବା ସହ ସେପ୍ଟେମ୍ବର ମାସରେ ଏସିଆ କପରେ ଅତିକମରେ ୫ଟି ଏକଦିବସୀୟ ମ୍ୟାଚ ଖେଳିବ। ଏସିଆ କପ୍ ଆୟୋଜନକୁ ନେଇ ବିବାଦ ଥମିବାର ନାଁ ଧରୁ ନ ଥିବା ବେଳେ ଏସିସି (ଏସିଆନ୍ କ୍ରିକେଟ କାଉନ୍‌ସିଲ) ଏବେ ମଧ୍ୟ ଏହାକୁ ପାକିସ୍ତାନରେ ନା ୟୁଏଇରେ ଆୟୋଜନ କରିବ ତାହା ଜଣାପଡ଼ିନାହିଁ। ପୁନର୍ବାର ସେପ୍ଟେମ୍ବର ମାସରେ ଅଷ୍ଟ୍ରେଲିଆ ଟିମ୍ ୩ଟି ଏକଦିବସୀୟ ମ୍ୟାଚ ଖେଳିବା ପାଇଁ ଭାରତ ଗସ୍ତରେ ଆସିବ। ପରିଶେଷରେ ଅକ୍ଟୋବର ଏବଂ ନଭେମ୍ବରରେ ଆଇସିସି ଏକଦିବସୀୟ ଚାମ୍ପିୟନ ଟ୍ରଫି ଖେଳିବ ଟିମ୍ ଇଣ୍ଡିଆ। ଏହି ବ୍ୟସ୍ତବହୁଳ ସିରିଜ୍ ମଧ୍ୟରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟି୨୦ ପ୍ରିମିୟର ଲିଗ୍ ଆଇପିଏଲ୍ ମାର୍ଚ୍ଚ ୩୧ରୁ ଆରମ୍ଭ ହୋଇ ମେ ୨୮ରେ ଶେଷ ହେବ। ଏହି ଲିଗ୍‌ରେ ଭାରତୀୟ ଜାତୀୟ ଦଳର ସମସ୍ତ ଖେଳାଳି ବିଭିନ୍ନ ଦଳ ପକ୍ଷରୁ ଖେଳିବେ। ମୋଟ ୧୨ଟି ଭେନ୍ୟୁରେ ୭୪ଟି ମ୍ୟାଚ ଖେଳାଯିବ। ଏଥର ସମସ୍ତ ମ୍ୟାଚ ଭାରତ ମାଟିରେ ଖେଳାଯିବ। ୨୦୨୨ରେ ୧୫ତମ ସଂସ୍କରଣ ମଧ୍ୟ ସଂପୂର୍ଣ୍ଣ ରୂପେ ଭାରତରେ ଖେଳାଯାଇଥିଲା। କ୍ରମାଗତ ମ୍ୟାଚ ଖେଳିବାର ଥିବାରୁ ଖେଳାଳିମାନଙ୍କ ଫିଟ୍‌ନେସ୍, ଆଘାତଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ବିଭିନ୍ନ ଟୁର୍ନାମେଣ୍ଟ ପାଇଁ ଖେଳାଳିମାନଙ୍କୁ ରୋଟେଶନ୍ ମାଧ୍ୟମରେ ସୁଯୋଗ ଦେବା ବିସିସିଆଇ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ।

## କୀର୍ତ୍ତି

ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ
୨ୟ ଭାରତୀୟ ହୋଇ
ଲିଜେଣ୍ଡ ଖେଳାଳି କପିଳ ଦେବଙ୍କ
ରେକର୍ଡକୁ ଦେଲା ଖାଇ
ନାଚୁଅଛି ଥେଇ ଥେଇ
ଛଅ ଶହ ଅଣାନବେ ଉଇକେଟ
ସବୁ ଫର୍ମାଟରେ ନେଇ।

କଙ୍ଗାରୁ ପୁରୁଖା ସ୍ପିନର ନାଥନ
ଲାୟନ ବାଘକୁ ଝୁଣି
ଆଠ ଉଇକେଟ ପ୍ରଥମ ପାଳିରେ
ଟିମ୍ ପାରିଲାନି ଜାଣି
ମୁରଲୀ, କୁମ୍ବଲେଙ୍କୁ ଟାଣି
ବର୍ଡର–ଗାଭାସ୍କର ଟ୍ରଫିରେ ଏ କୀର୍ତ୍ତି
ଲାୟନ ରଚିଅଛି ପୁଣି।

ଇରାନୀ କପ୍‌ର ପ୍ରଥମ ଦ୍ୱିତୀୟ
ପାଳିରେ ଚମକ ଖେଳି
ଦ୍ୱିଶତକ ପରେ ଶତକ ମାରି ସେ
ଧାଓ୍ୱନଙ୍କୁ ଦେଇ ଟାଳି
ଜୟସ୍ୱାଲ ଗଲା ଜଳି
ଦେଶ କୀର୍ତ୍ତି ପାଇଁ ଏନ୍‌କରେଜ କର
ଆର୍ଟିଷ୍ଟ ମାର ତାଳି।

–ସୁବାସ ଚନ୍ଦ୍ର ପ୍ରଧାନ


ଯଶସ୍ୱୀ ଜୟସ୍ୱାଲ

## ସ୍କୁଲ ଚେସ୍‌ରେ ପ୍ରିୟାଂଶ ଚାମ୍ପିୟନ

**ଭୁବନେଶ୍ୱର, ୯।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଦ୍ୱମଶ୍ରିତା ଫାଉଣ୍ଡେଶନ୍ ଏବଂ ଏସ୍‌ଡିଏମ୍ ସଫ୍ଟୱେର ସଲ୍ୟୁଶନ୍ ପକ୍ଷରୁ ମିଳିତ ଭାବରେ ଆୟୋଜିତ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତାରେ ଷ୍ଟିୱାର୍ଟ ସ୍କୁଲ(କଟକ)ର ପ୍ରିୟାଂଶ ଦାସ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ପ୍ରିୟାଂଶ ୭ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭୁବନେଶ୍ୱର ସେଣ୍ଟ ଜାଭିୟର୍ସର କୌସ୍ତୁଭ ଦାସ ୬ ଓ ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲର ବିକାଶ କୁମାର ଲେଙ୍କା ୫ ପଏଣ୍ଟ ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ୭ ବର୍ଷରୁ କମ୍ ବାଳକ ବର୍ଗରେ ଅଦ୍‌ଭିକ୍ ଆଦିତ୍ୟ ସ୍ୱାଇଁ ଓ ବାଳିକା ବର୍ଗରେ ଅଦିତି ମହାରଣା, ୯ ବର୍ଷରୁ କମ୍ ବାଳକ ବର୍ଗରେ ପି. ପରଂବ୍ରହ୍ମ ରାଉତ ଓ ବାଳିକା ବର୍ଗରେ ଆର୍ଶିଆ ସାହୁ, ୧୧ ବର୍ଷରୁ କମ୍ ବାଳକ ବର୍ଗରେ ସାର୍ଥକ ମହାନ୍ତି ଓ ବାଳିକା ବର୍ଗରେ ଶୁଭସ୍ମିତା ପ୍ରିୟଦର୍ଶିନୀ, ୧୩ ବର୍ଷରୁ କମ୍ ବାଳକ ବର୍ଗରେ ଆଦିତ୍ୟ ବିକ୍ରମ ମିଶ୍ର ଓ ବାଳିକା ବର୍ଗରେ ସାଇ ସଂପ୍ରଦା ମହାନ୍ତି ଓ ୧୫ ବର୍ଷରୁ କମ୍ ବାଳକ ବର୍ଗରେ ସାଇ ଇଶାନ ଜେନା ଓ ବାଳିକା ବର୍ଗରେ ସାହାନା ଲେଙ୍କା ପ୍ରଥମ ସ୍ଥାନ ହାସଲ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ରବୀନ୍ଦ୍ର କୁମାର ଓଝା ତାଙ୍କୁ ସହଯୋଗ କରିଥିଲେ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ସମ୍ପାଦକ ଇଂ. ଦେବବ୍ରତ ଭଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ମନସ୍ୱିତା ଜେନା, ଜେ. ଏମ୍. ସ୍ପୋର୍ଟ୍ସ ମୁଖ୍ୟ ମୀରାରାଣୀ ଦାସ, ଦ୍ୱମଶ୍ରିତା ଫାଉଣ୍ଡେଶନର ଦୀପରେଖା ଦେ ଓ ସୁରେନ୍ଦ୍ର ଲେଙ୍କା କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।












1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ